ଧରିତ୍ରୀ
DHARITRI
ବୁଧବାର, ମେ ୨୦/୨୦୨୦ (୨୦ ପୃଷ୍ଠା) | Wednesday, May 20/2020
୪୬ଶ ଭାଗ ୧୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-



**କରୋନା ଯୋଦ୍ଧାଙ୍କୁ ଆଲିଆଙ୍କ ସରପ୍ରାଇଜ ଗିଫ୍ଟ**

ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ କରୋନା ଯୋଦ୍ଧାଙ୍କୁ ଏକ ସରପ୍ରାଇଜ୍ ଗିଫ୍ଟ ଦେଇଛନ୍ତି। ଗିଫ୍ଟରେ ଏକ ଚକୋଲେଟ୍ ବାର, ସ୍ୱିଟ୍ ବନ୍, ଡ୍ରିଙ୍କ୍ ସହ କିଛି ସ୍ନାକ୍ସ ରହିଛି।

୧୦ | ୨୦

**ଅବସର ପର୍ଯ୍ୟନ୍ତ ବିଶ୍ୱ ଚାମ୍ପିୟନ ରହିବାକୁ ଫ୍ୟୁରିଙ୍କ ଇଚ୍ଛା**

ଜଣେ ବ୍ରିଟିଶ ବକ୍ସର ହିସାବରେ ପ୍ରାଧାନ୍ୟ ବିସ୍ତାର କରି ଅବସର ପର୍ଯ୍ୟନ୍ତ ବିଶ୍ୱ ଚାମ୍ପିୟନ ହୋଇ ରହିବାକୁ ଚାହାନ୍ତି ଟାଇସନ ଫ୍ୟୁରି।



# ଆଜି ସ୍ଥଳଭାଗ ଛୁଇଁବ 'ଅମ୍ଫାନ୍'

## ସୁନ୍ଦରବନରେ ମାଡ଼ ହେବ





ଭୁବନେଶ୍ୱର,୧୯।୫(ବ୍ୟୁରୋ)

- ଦୁର୍ବଳ ହେଉଛି ମହାବାତ୍ୟା
- ୧୬ କି.ମି. ବେଗରେ ଉପକୂଳକୁ ମାଡ଼ି ଆସୁଛି
- ମଧ୍ୟାହ୍ନରେ ବାଲେଶ୍ୱରରୁ ୧୭୦, ପାରାଦୀପରୁ ୧୨୦ କି.ମି ଦୂରରୁ ଅତିକ୍ରମ କରିବ
- ୧୨ ଜିଲାକୁ ହାଇଆଲର୍ଟ
- ପ୍ରବଳରୁ ଅତି ପ୍ରବଳ ବର୍ଷା

ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ମହାବାତ୍ୟା 'ଅମ୍ଫାନ୍' ଦୁର୍ବଳ ହୋଇ ଅତି ଭୟଙ୍କର ସାମୁଦ୍ରିକ ଝଡ଼(ଭେରି ସିଭିୟର ସାଇକ୍ଲୋନିକ ଷ୍ଟର୍ମ)ରେ ପରିଣତ ହୋଇଛି। ସମୁଦ୍ରରେ ଥିବାବେଳେ ଏହା ମହାବାତ୍ୟା ରୂପ ନେଇଥିଲା। ମଙ୍ଗଳବାର ଏହାର ପ୍ରକୋପ ହ୍ରାସ ପାଇଛି। ପବନର ବେଗ ଘଣ୍ଟା ପ୍ରତି ୨୫୦ରୁ ୨୦୦ କି.ମି.କୁ ଖସିଆସିଛି। ଆସନ୍ତା ୧୨ଘଣ୍ଟା ମଧ୍ୟରେ ଏହାର ଉଗ୍ରରୂପ ଆହୁରି କମିବ। ମଙ୍ଗଳବାର ଏହା ପାରାଦୀପଠାରୁ ଦକ୍ଷିଣରେ ୪୦୦କି.ମି., ପଶ୍ଚିମବଙ୍ଗର ଦୀଘାଠାରୁ ଦକ୍ଷିଣ-ଦକ୍ଷିଣ ପଶ୍ଚିମ ଦିଗରେ ୫୨୦କି.ମି. ଏବଂ ବାଂଲାଦେଶର ଖେପୁରାଠାରୁ ୬୮୦କି.ମି. ଦୂରରେ କେନ୍ଦ୍ରୀଭୂତ ହୋଇଛି। ସାମୁଦ୍ରିକ ଝଡ଼ ଅମ୍ଫାନ୍ ଘଣ୍ଟାକୁ ୧୬ କି.ମି. ବେଗରେ ସ୍ଥଳଭାଗ ଆଡକୁ ମାଡ଼ିଆସୁଛି। ବୁଧବାର ଅପରାହ୍ନ କିମ୍ବା ସନ୍ଧ୍ୟା ସୁଦ୍ଧା ବାତ୍ୟା ପଶ୍ଚିମବଙ୍ଗର ଦୀଘା, ବାଂଲାଦେଶର ହାତିଆ ଦ୍ୱୀପ ମଧ୍ୟବର୍ତ୍ତୀ ଅଞ୍ଚଳ ତଥା ସୁନ୍ଦରବନ ନିକଟରେ ସ୍ଥଳଭାଗରେ ମାଡ଼ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସ୍ଥଳଭାଗ ଛୁଇଁବା ସମୟରେ ପବନର ବେଗ ଘଣ୍ଟା ପ୍ରତି ୧୬୫ରୁ ୧୮୫କି.ମି. ରହିବ। ଏହାପରେ ଧୀରେ ଧୀରେ ଦୁର୍ବଳ ହୋଇଯିବ। କିନ୍ତୁ ବୁଧବାର ପୂର୍ବାହ୍ନରେ ଓଡ଼ିଶା ଉପକୂଳ ଦେଇ ବାତ୍ୟା ଆଗକୁ ବଢ଼ିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ମଧ୍ୟାହ୍ନ ୧୨ଟାରୁ ୨ଟା ମଧ୍ୟରେ ଅମ୍ଫାନ୍ ଗୋପାଳପୁରଠାରୁ ୨୧୦ କି.ମି., ପାରାଦୀପଠାରୁ ୧୨୦ ଏବଂ ବାଲେଶ୍ୱରରୁ ୧୭୦.କି.ମି. ଦୂର ଦେଇ ଗତି କରିବ। ଉପକୂଳ ନିକଟ ଦେଇ ☞ପୃଷ୍ଠା-୪

# ଆଗକୁ ମିଳିବନି ପର୍ଯ୍ୟାପ୍ତ ଅର୍ଥ

## ରାଜ୍ୟଗୁଡ଼ିକୁ କେନ୍ଦ୍ରର ସଙ୍କେତ

**କରୋନା ଭାଇରସ୍‌ର ମୁକାବିଲା ପାଇଁ ଜାରି ଲକ୍‌ଡାଉନ୍ ଯୋଗୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ଉପରେ ଆର୍ଥିକ ଚାପ ବଢ଼ିବାରେ ଲାଗିଛି । ଏଥିଲାଗି କେନ୍ଦ୍ର ସରକାର କେତେକ ମନ୍ତ୍ରଣାଳୟ ଓ ବିଭାଗର ଖର୍ଚ୍ଚକାଟ୍ ପାଇଁ ବିଭିନ୍ନ ଉପାୟ ଉପରେ ବିଚାର କରୁଛନ୍ତି । ଏହା ବ୍ୟତୀତ ରାଜ୍ୟଗୁଡ଼ିକ ମଧ୍ୟ ନିଜ ନିଜ ବିକାଶମୂଳକ ଯୋଜନାଗୁଡ଼ିକ ଉପରେ ସତର୍କ ହୋଇ ଖର୍ଚ୍ଚ କରନ୍ତୁ ବୋଲି ସଙ୍କେତ ଦେଇଛନ୍ତି । ଏମିତି ହୋଇପାରେ ଯେ, ସେମାନଙ୍କୁ ପୂର୍ବ ତୁଳନାରେ ଟଙ୍କା ମିଳି ନ ପାରେ । ବ୍ୟୟ ସଚିବ ଟି.ଭି. ସୋମନାଥନ୍‌ଙ୍କ ସଦ୍ୟ ମନ୍ତବ୍ୟରୁ ଏହା ଜଣାପଡ଼ିଛି ।**

**ସଂଗୃହୀତ ଟିକସର ୧୧୦% ଏପ୍ରିଲରେ ରାଜ୍ୟଗୁଡ଼ିକୁ ଦିଆଯାଇଛି: ବ୍ୟୟ ସଚିବ**



ଟି.ଭି. ସୋମନାଥନ୍

ନୂଆଦିଲ୍ଲୀ,୧୯।୫

କେନ୍ଦ୍ର ସରକାର ଟ୍ୟାକ୍ସ ଓ ଅନ୍ୟ ଦେୟଗୁଡ଼ିକ ଏଯାଏ ଦେଇନାହାନ୍ତି ବୋଲି ରାଜ୍ୟ ସରକାରମାନେ ଅଭିଯୋଗ ଆଣୁଥିବାବେଳେ ସଂଗୃହୀତ ଟିକସର ୧୧୦% ଗତ ଏପ୍ରିଲରେ ରାଜ୍ୟଗୁଡ଼ିକୁ ପ୍ରଦାନ କରାଯାଇଥିବା ବ୍ୟୟ ସଚିବ ଟି.ଭି. ସୋମନାଥନ୍ କହିଛନ୍ତି। ସୋମନାଥନ୍‌ଙ୍କ ମତରେ ୪୧% ଅର୍ଥ ଦେବା ପାଇଁ ପଞ୍ଚଦଶ ଅର୍ଥ କମିଶନଙ୍କ ନିର୍ଦ୍ଦେଶ ରହିଥିବାବେଳେ ତା'ଠୁ ୬୯% ଅଧିକ ଅର୍ଥ କେନ୍ଦ୍ର ସରକାର ଦେଇଛନ୍ତି। ରାଜ୍ୟଗୁଡ଼ିକୁ ଗତମାସରେ ୪୬,୦୩୮ କୋଟି ଟଙ୍କା ପ୍ରଦାନ କରାଯାଇଥିବା ନେଇ ରବିବାର ସରକାରଙ୍କ ପକ୍ଷରୁ କୁହାଯାଇଛି। ଚଳିତବର୍ଷ ବଜେଟ ଆକଳନରେ କିଛି ପରିବର୍ତ୍ତନ ନ କରି ଏପରି କରାଯାଇଥିବା ସୋମନାଥନ୍ ପ୍ରକାଶ କରିଛନ୍ତି। ବ୍ୟୟ ସଚିବଙ୍କ ମତରେ ବାସ୍ତବରେ ରାଜ୍ୟଗୁଡ଼ିକର ୧୭,୧୫୯ କୋଟି ଟଙ୍କା ବକେୟା ଥିଲା। ସେହିପରି ଗତ ଏପ୍ରିଲରେ କେନ୍ଦ୍ର ସରକାର ସଂଗ୍ରହ କରିଥିବା ଟିକସ ପରିମାଣ ହେଉଛି ୪୧,୮୫୩ କୋଟି ଟଙ୍କା। ୨୦୧୯ ଏପ୍ରିଲରେ ସରକାର ମୋଟ ୧.୨୧ ଲକ୍ଷ କୋଟି ଟଙ୍କା ଟିକସ ଆକାରରେ ସଂଗ୍ରହ କରିଥିବାବେଳେ ଚଳିତବର୍ଷ ଏହି ପରିମାଣ ଏତେ କମିଯାଇଛି ବୋଲି କଣ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟସ୍‌ଙ୍କ ୱେବ୍‌ସାଇଟ୍‌ରେ ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରାଯାଇଛି। ସୋମନାଥନ୍ କହିଛନ୍ତି, ସାଧାରଣତଃ ତିନୋଟି ତ୍ରୈମାସିକ ପାଇଁ ବଜେଟ ଆକଳନକୁ ଭିତ୍ତିକରି ଅର୍ଥ ହସ୍ତାନ୍ତର କରାଯାଇଥାଏ ଏବଂ ଶେଷ ତ୍ରୈମାସିକରେ ସମାଯୋଜନ (ଆଡ୍‌ଜଷ୍ଟମେଣ୍ଟସ) କରାଯାଇଥାଏ। କାରଣ ସେତେବେଳ ଯାଏ ଟିକସ କେତେ ହ୍ରାସ ହେଉଛି ତାହାର ଆକଳନ କରାଯାଇ ପାରି ନ ଥାଏ। ଅର୍ଥ ହସ୍ତାନ୍ତରଣରେ ପରିବର୍ତ୍ତନ କରାଯାଇ ନ ଥିବା ଏବଂ ଆମେ ଆୟ କରିଥିବା ଟିକସର ୧୧୦% ଅର୍ଥ ପଇଠ କରିଥିବା ସତ୍ତ୍ୱେ ରାଜସ୍ୱ ହ୍ରାସ ପାଇବାକୁ ଯାଉଛି ବୋଲି ଏବେ ଆମେ ଜାଣିବାକୁ ପାଇଛୁ ବୋଲି ସେ ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଅର୍ଥ ହସ୍ତାନ୍ତରଣରେ କାଟଛାଣ୍ଟ ☞ପୃଷ୍ଠା-୪

# ପୋଲିସ କର୍ମଚାରୀ କରୋନା ସଂକ୍ରମିତ

ଭୁବନେଶ୍ୱର, ୧୯।୫(ବ୍ୟୁରୋ)

- ୨୪ଘଣ୍ଟାରେ ସର୍ବାଧିକ ୧୦୨ ଆକ୍ରାନ୍ତ ଚିହ୍ନଟ
- କ୍ୱାରାଣ୍ଟାଇନ୍ ସେଣ୍ଟରରୁ ୯୭, ସ୍ଥାନୀୟ ସଂକ୍ରମଣ ୫
- ଭୁବନେଶ୍ୱରକୁ ପୁଣି ଲେଉଟିଲା ସଂକ୍ରମଣ

ରାଜ୍ୟରେ ପ୍ରଥମ କରି ଜଣେ ପୋଲିସ କର୍ମଚାରୀ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ଭୁବନେଶ୍ୱରରେ ଜଣେ ପୋଲିସ କର୍ମଚାରୀଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା କମିଶନରେଟ ପୋଲିସ ମଙ୍ଗଳବାର ଟୁଇଟ୍ କରି ସୂଚନା ଦେଇଛି। ସଂକ୍ରମଣ ଚିହ୍ନଟ ହୋଇଥିବା ପୋଲିସ କର୍ମଚାରୀ ଜଣଙ୍କ ଛୁଟିରେ ଯାଇଥିଲେ। ଛୁଟିରୁ ଫେରିବା ପରେ ତାଙ୍କର କରୋନା ଟେଷ୍ଟ କରାଯିବାରୁ ତାଙ୍କ ଠାରେ ପଜିଟିଭ୍ ଦେଖାଦେଇଥିଲା। ୩୬ବର୍ଷୀୟ ଏହି ପୋଲିସ କର୍ମଚାରୀଙ୍କ ପାଖରେ କୌଣସି ଲକ୍ଷଣ ଦେଖାଯାଇ ନ ଥିଲା। ବାହାର ରାଜ୍ୟର ଶ୍ରମିକଙ୍କ ସଂସ୍ପର୍ଶରେ ଆସି ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ତେବେ ଏହାପରେ ଭୁବନେଶ୍ୱର ଓ କଟକ ଦ୍ୱୈତନଗରୀର ସମସ୍ତ ପୋଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଉଛି ବୋଲି କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।

ରାଜ୍ୟରେ ଗୋଟିଏ ଦିନରେ ସର୍ବାଧିକ ୧୦୨ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୯୭ଜଣ ସଙ୍ଗରୋଧ କେନ୍ଦ୍ର ବା କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଚିହ୍ନଟ ହୋଇଥିବାବେଳେ ୫ଜଣ ସ୍ଥାନୀୟ ସଂକ୍ରମଣର ଶିକାର ହୋଇଛନ୍ତି। ଚିହ୍ନଟ ନୂଆ ୧୦୨ଜଣଙ୍କ ମଧ୍ୟରେ ଯାଜପୁରରେ ସର୍ବାଧିକ ୩୧ଜଣ ଥିବାବେଳେ ଜଗତ୍‌ସିଂହପୁରରେ ୨୩, ଭଦ୍ରକରେ ୨୧, କେନ୍ଦ୍ରାପଡ଼ା ୮, ଖୋର୍ଦ୍ଧା ୪, କଟକ ୪, ପୁରୀ ୪, ଅନୁଗୋଳ ୨, ବାଲେଶ୍ୱର ୨, ସମ୍ବଲପୁର ୨ ଓ ନୟାଗଡ଼ରେ ଜଣେ ଚିହ୍ନଟ ହୋଇଛନ୍ତି। ଫଳରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ନେପାଳ ଗଳା

**ଆଜିର ମନ୍ତବ୍ୟ**

"କୋଭିଡ୍ ମାଡ଼ରେ ଉଜୁଡ଼ିଯାଇଥିବା ଅର୍ଥନୀତିକୁ ସଜାଡ଼ିବା ପାଇଁ ବାଟ ପାଉନାହାନ୍ତି ମୋଦି ସରକାର।

- ପି. ଚିଦାମ୍ବରମ୍, ପୂର୍ବତନ ଅର୍ଥମନ୍ତ୍ରୀ

ଜୁନ୍‌ରୁ ଗଡ଼ିବ ୨୦୦ ଅଣଏସି ଟ୍ରେନ
୪

ନକଲି ଭେଣ୍ଟିଲେଟରରେ ଅଣନିଃଶ୍ୱାସୀ ଗୁଜରାଟ ମଡେଲ
୩

# ନେପାଳ ମାନଚିତ୍ରରେ ଭାରତୀୟ ଅଞ୍ଚଳ

ନୂଆଦିଲ୍ଲୀ,୧୯।୫

- ଲିପୁଲେଖ, କାଲାପାଣି, ଲିମ୍ପିୟାଧୁରା ସାମିଲ
- ନେପାଳ କ୍ୟାବିନେଟ୍‌ର ଅନୁମୋଦନ ପରେ ବିବାଦ ତେଜିଲା

ଭାରତ ସହ ନେପାଳର ସୀମା ବିବାଦ ଲାଗି ରହିଥିବା ବେଳେ ନେପାଳ କ୍ୟାବିନେଟ ପକ୍ଷରୁ ଏକ ନୂଆ ରାଜନୈତିକ ମାନଚିତ୍ରକୁ ଅନୁମୋଦନ କରାଯାଇଛି। ଏହି ମାନଚିତ୍ରରେ ଭାରତୀୟ ଅଞ୍ଚଳ ଲିପୁଲେଖ, କାଲାପାଣି, ଲିମ୍ପିୟାଧୁରାକୁ ନେପାଳ ନିଜ ଅଞ୍ଚଳ ବୋଲି ଦର୍ଶାଇଛି। ନେପାଳରେ କ୍ଷମତାସୀନ କମ୍ୟୁନିଷ୍ଟ ପାର୍ଟିର ସାଂସଦମାନେ ଏହି ତିନି ଅଞ୍ଚଳକୁ ନେପାଳରେ ସାମିଲ କରିବା ଲାଗି ଦାବିକରି ସଂସଦରେ ସ୍ୱତନ୍ତ୍ର ପ୍ରସ୍ତାବ ଆଣିଥିଲେ। ପ୍ରକାଶଥାଉ କି, ଏହି ଅଞ୍ଚଳଗୁଡ଼ିକୁ ଉଭୟ ଭାରତ ଓ ନେପାଳ ନିଜର ବୋଲି ଦାବି କରିଆସୁଥିବା ବେଳେ ଏଗୁଡ଼ିକୁ ନେଇ ବିବାଦ ମୁଣ୍ଡ ଟେକିଛି। ଭାରତ ପକ୍ଷରୁ ଏହି ଅଞ୍ଚଳ ଉତ୍ତରାଖଣ୍ଡର ପିଥୋରାଗଡ଼ ଜିଲାର ଅଂଶବିଶେଷ ବୋଲି କୁହାଯାଇଛି। ଅପରପକ୍ଷରେ ନେପାଳ ମଧ୍ୟ ଏହାକୁ ଧାରଚୁଲା ଜିଲାର ଅଂଶ ବୋଲି କହିଆସୁଛି। ନୂଆ ମାନଚିତ୍ର ପଦାକୁ ଆସିବା ପରେ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ସୀମା ବିବାଦ ଭୟଙ୍କର ସ୍ଥିତିକୁ ଟାଣି ହୋଇଯାଇଛି। ☞ପୃଷ୍ଠା-୪







# ପ୍ରଦୂଷଣ ପାଇଁ ନୋଟିସ, ପରିଚାଳନା ଲାଗି ଅନୁମତି

ଯାଜପୁର ଅଫିସ,୧୯।୫

- ଭିସା ଷ୍ଟିଲ୍‌କୁ ଏସ୍‌ପିସିବିର ଅନୁକମ୍ପା ଅଭିଯୋଗ
- ଆପତ୍ତି ଉଠାଇଲା କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି
- ବର୍ଜ୍ୟଜଳ ନମୁନା ପରୀକ୍ଷା ପାଇଁ ଯାଇଛି: ଆଞ୍ଚଳିକ ଅଧିକାରୀ



କାରଖାନା ବାହାରକୁ ବର୍ଜ୍ୟଜଳ ନିର୍ଗତ ହେଉଥିବା ଏବଂ ଏହାର ପ୍ରତିକାର ହେଉ ନ ଥିବାରୁ ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥିତ ଭିସା ଷ୍ଟିଲ୍‌କୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ପକ୍ଷରୁ ୨୩।୯।୨୦୧୯ରେ କାରଣ ଦର୍ଶାଅ ନୋଟିସ ହୋଇଥିଲା। ଏହାସହିତ ବିଭିନ୍ନ ପଦକ୍ଷେପ ନେବାକୁ ସେଥିରେ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ସେହି ନିର୍ଦ୍ଦେଶ ପାଳନ ହେବା ଯାଏ ଏସ୍‌ପିସିବି ଅପେକ୍ଷା ନ କରି ଭିସା ଷ୍ଟିଲ୍‌କୁ ଅନୁକମ୍ପା ଦେଖାଇଥିଲା ବୋଲି କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ଅଭିଯୋଗ କରାଯାଇଛି। କାରଣ ଦର୍ଶାଅ ନୋଟିସର ୭ ଦିନ ପରେ ଅର୍ଥାତ୍ ୩୦।୯।୧୯ରେ ଭିସା ଷ୍ଟିଲର ପରିଚାଳନା ଅନୁମତି ଅବଧିକୁ ଏସ୍‌ପିସିବି ପକ୍ଷରୁ ସମ୍ପ୍ରସାରଣ କରାଯାଇଥିଲା ବୋଲି ସମିତି ଏବେ ଜାଣିବାକୁ ପାଇଛି। ଏନେଇ ସମିତି ପକ୍ଷରୁ ଆପତ୍ତି ଉଠାଯାଇ ୧୪।୫।୨୦୨୦ରେ ଏସ୍‌ପିସିବିର ସଦସ୍ୟ ସଚିବଙ୍କୁ ସ୍ମାରକପତ୍ର ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରାଯାଇଛି।

ସ୍ମାରକପତ୍ରରେ ସମିତି ସଭାପତି ଅଶ୍ୱିନୀ ଧଳ ଓ ମାନବ ଅଧିକାର ସୁରକ୍ଷା କର୍ମୀ ସୁଶାନ୍ତ କୁମାର ଦାସ ଦର୍ଶାଇଛନ୍ତି ଯେ, ଏସ୍‌ପିସିବି ପକ୍ଷରୁ ଭିସା ଷ୍ଟିଲ୍‌କୁ ଜବାବ ତଲବ କରିବା ସାଙ୍ଗକୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କେତେକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେଥିମଧ୍ୟରେ ଡ୍ରେନେଜ ସିଷ୍ଟମ୍‌ର ଉନ୍ନତୀକରଣ, କାରଖାନା ପରିସରସ୍ଥ ବର୍ଜ୍ୟଜଳ ପୋଖରୀ ପୂରିଯାଇଥିବାରୁ ଉଛୁଳା ପାଣି ବାହାରକୁ ନ ଯିବା ପାଇଁ ହିଡ଼କୁ ଅଧିକ ଉଚ୍ଚତା କରିବା, ବ୍ଲାଷ୍ଟ ଫର୍ନେସ ଅଞ୍ଚଳର ଡ୍ରେନେଜ ନିର୍ମାଣ, କଞ୍ଚାମାଲ ଫାଟକଠାରୁ କ୍ୟାଣ୍ଟିନ ବିଲ୍ଡିଂ ପର୍ଯ୍ୟନ୍ତ ରାସ୍ତା ମରାମତି, ସର୍ଫେସ ରନ୍‌ଅଫ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ(ଏସ୍‌ଆର୍‌ଟିପି)ସ୍ଥାପନ ପାଇଁ କୁହାଯାଇଥିଲା। ଏଯାଏ କାରଖାନା କର୍ତ୍ତୃପକ୍ଷ କୌଣସି ନିର୍ଦ୍ଦେଶ ମାନି ନ ଥିବା ସମିତି ଅଭିଯୋଗ କରିବା ସହ କିପରି ଭାବେ କମ୍ପାନୀର ପରିଚାଳନା ଅନୁମତି ଅବଧିକୁ ସମ୍ପ୍ରସାରଣ କରାଗଲା ବୋଲି ପ୍ରଶ୍ନ କରିଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମିତି ପକ୍ଷରୁ ☞ପୃଷ୍ଠା-୪

**ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ**

ଜମ୍ମୁ-କଶ୍ମୀରର ନୱାକଡଲଠାରେ ଏନ୍‌କାଉଣ୍ଟରରେ ୨ ହିଜ୍‌ବୁଲ ଆତଙ୍କବାଦୀ ନିହତ ହୋଇଛନ୍ତି। ଏଥିସହ ଜଣେ ସିଆରପିଏଫ୍ ଯବାନ ଓ ଜମ୍ମୁ-କଶ୍ମୀରର ଜଣେ ପୋଲିସ କର୍ମୀ ଆହତ ହୋଇଛନ୍ତି। ନିହତ ଆତଙ୍କବାଦୀଙ୍କ ମଧ୍ୟରେ ଜଣେ ହିଜ୍‌ବୁଲ ଆତଙ୍କବାଦୀ ସଙ୍ଗଠନର ଟପ୍ କମାଣ୍ଡର ଥିବା ପୋଲିସ କହିଛି। ଅନ୍ୟ ଜଣେ ବିଦେଶୀ ଆତଙ୍କବାଦୀ ହୋଇଥିବା ସନ୍ଦେହ କରାଯାଉଛି।





ସାମୁଦ୍ରିକ ଝଡ଼ ଅମ୍ଫାନ୍ ଆସିବା ପୂର୍ବରୁ ପଶ୍ଚିମବଙ୍ଗର ନଦିଆ ଜିଲା ଶାନ୍ତିପୁର ଦେଇ ପ୍ରବାହିତ ହୁଗୁଳି ନଦୀକୂଳରେ ନୌକା ବାନ୍ଧୁଛନ୍ତି ମତ୍ସ୍ୟଜୀବୀ।

# ଦାଦନଙ୍କୁ ନେଇ ତେଜିଲା ରାଜନୀତି



- ଫସିଥିବା ଶ୍ରମିକଙ୍କୁ ଆଣିବା ଲାଗି ବସ୍‌କୁ ଅନୁମତି ମିଳୁ: ପ୍ରିୟଙ୍କା
- ଦିଆଯାଇଥିବା ବସ୍‌ରେ ଅଟୋ ଓ ସ୍କୁଟର ନମ୍ବର ଅଛି: ୟୁପି ସରକାର



**ଲକ୍ଷ୍ନୌ/ନୂଆଦିଲ୍ଲୀ,୧୯।୫**

ଦାଦନ ଶ୍ରମିକ ପ୍ରସଙ୍ଗକୁ ନେଇ ଉତ୍ତରପ୍ରଦେଶ(ୟୁପି)ରେ ରାଜନୀତି ଜୋର୍ ଧରିବାରେ ଲାଗିଛି। କରୋନା ସଂକ୍ରମଣ ସମୟରେ ଲକ୍‌ଡାଉନ୍ ଯୋଗୁ ବାହାରେ କାମଧନ୍ଦା ହରାଇ ଭୋକ ଉପାସରେ ରହିଥିବା ଦାଦନ ଶ୍ରମିକମାନେ ଘରକୁ ଫେରିବା ଲାଗି ବ୍ୟାକୁଳ ହେଉଛନ୍ତି। ସେମାନଙ୍କୁ ତୁରନ୍ତ ଘରକୁ ଫେରାଇ ଅଣାଯିବା ଦରକାର ବୋଲି କଂଗ୍ରେସ କହିବା ସହ ୧୦୦୦ ବସ୍‌ରେ ସେମାନଙ୍କୁ ଅଣାଯିବା ଲାଗି ସୀମାରେ ଉତ୍ତରପ୍ରଦେଶ ସରକାରଙ୍କ ଅନୁମତି ଲୋଡ଼ିଥିଲା। ହେଲେ ଯୋଗୀ ସରକାର ଅନୁମତି ଦେବାରେ ବିଳମ୍ବ କରିବାରୁ କଂଗ୍ରେସର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ପ୍ରତିପକ୍ଷ ଯୋଗୀ ସରକାରଙ୍କ ଉପରେ ବର୍ଷିଛନ୍ତି। ସେପଟେ କଂଗ୍ରେସ ଦେଇଥିବା ବସ୍‌ର ନାମ ସହ ନମ୍ବର ମେଳ ଖାଉନାହିଁ ଓ ଅନେକ ନମ୍ବର ଅଟୋ ଏବଂ ସ୍କୁଟର ଭଳି ଦୁଇଚକିଆ ଯାନର ବୋଲି ଯୋଗୀ ସରକାର ଅଭିଯୋଗ କରିଛନ୍ତି। କଂଗ୍ରେସ ଜାଣିଶୁଣି ଛଳନାତ୍ମକ ରାଜନୀତି କରୁଛି ବୋଲି ୟୁପି ସରକାର କହିଛନ୍ତି। କଂଗ୍ରେସ ଅନୁରୋଧକ୍ରମେ ଦାଦନ ଶ୍ରମିକଙ୍କ ଲାଗି ବସ୍ ଅନୁମତି ଦିଆଯାଇଥିବା ବେଳେ ଏଭଳି ବିବାଦ ଦେଖାଦେଇଛି। ବସ୍‌ଗୁଡ଼ିକର ପୂର୍ଣ୍ଣ ତଥ୍ୟ ଦେବାକୁ ସରକାର କଂଗ୍ରେସ ନେତାଙ୍କ କାର୍ଯ୍ୟାଳୟକୁ କହିଛନ୍ତି। ନୋଏଡା ଓ ଗାଜିଆବାଦ (ଦିଲ୍ଲୀ ସୀମା) ୫୦୦ ଲେଖାଏ ବସ ରଖାଯାଇ ଜିଲା ମାଜିଷ୍ଟ୍ରେଟଙ୍କ ଯାଞ୍ଚ ପରେ ଛଡ଼ାଯିବ ବୋଲି ସରକାର କହିବା ପରେ ପୁଣି ବିବାଦ ମୁଣ୍ଡ ଟେକିଛି। ପ୍ରିୟଙ୍କା କିନ୍ତୁ ତୁରନ୍ତ ବସ୍‌ଗୁଡ଼ିକୁ ପଠାଇବା ଲାଗି ଦାବି କରିଛନ୍ତି। ଫଳରେ ଭାଜପା ଓ କଂଗ୍ରେସ ନେତାଙ୍କ ମଧ୍ୟରେ ଏହାକୁ ନେଇ ବାଦବିବାଦ ଓ ବାକ୍‌ଯୁଦ୍ଧ ଦେଖାଦେଇଛି। ୟୁପି କଂଗ୍ରେସ ମୁଖ୍ୟ ଅଜୟ ଲାଲୁ ଲୋକଙ୍କୁ ମିଛକଥା କହି ସରକାର ଭ୍ରମରେ ପକାଉଛନ୍ତି ଓ ଏଭଳି କ୍ଷେତ୍ରରେ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି। ଉତ୍ତରପ୍ରଦେଶ ମନ୍ତ୍ରୀ ସୁଦ୍ଧାର୍ଥ ନାଥ ସିଂ ସୋନିଆ ଗାନ୍ଧୀ ଦଳର ଏଭଳି ଧୋକାଦାରି ନେଇ ଉତ୍ତର ରଖନ୍ତୁ ବୋଲି କହିଛନ୍ତି। ଦାଦନ ଶ୍ରମିକମାନେ ଘରକୁ ଫେରିବା ଲାଗି ଅନାଇ ବସିଥିବା ଏଭଳି ରାଜନୈତିକ ବାକ୍‌ଯୁଦ୍ଧ ପରିସ୍ଥିତିକୁ ଉଷ୍ମ କରିପକାଇଛି।

# ଚାଇନା ହାତରେ କଣ୍ଢେଇ ସାଜିଛି ଡବ୍ଲ୍ୟୁଏଚ୍‌ଓ



- ଓହରି ଆସିବା ଲାଗି ଟ୍ରମ୍ପ ଦେଲେ ଧମକ
- ମାସକ ମଧ୍ୟରେ ନ ସୁଧୁରିଲେ ଫଣ୍ଡିଂ ବନ୍ଦ

**ୱାଶିଂଟନ,୧୯।୫**

କରୋନା ସଂକ୍ରମଣ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ)କୁ ଧମକ ଦେଇଛନ୍ତି। ଡବ୍ଲ୍ୟୁଏଚ୍‌ଓ ଚାଇନା ହାତରେ କଣ୍ଢେଇ ସାଜିଛି। କରୋନା ସଂକ୍ରମଣର ତଥ୍ୟ ଲୁଚାଇବା ପାଇଁ ଚାଇନାର କଥା ଅନୁସାରେ ଡବ୍ଲ୍ୟୁଏଚ୍‌ଓ କାମ କରିଥିବାରୁ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିଥିବା ଟ୍ରମ୍ପ୍ ଚିଠି ଲେଖି ଜଣାଇଛନ୍ତି। ଡବ୍ଲ୍ୟୁଏଚ୍‌ଓ ମହାସଚିବ ଟେଡ୍ରୋସ୍ ଆଧାନମ୍ ଘେବ୍ରେୟେସସ୍‌ଙ୍କୁ ସେ ସୋମବାର ରାତିରେ ୪ ପୃଷ୍ଠା ସମ୍ବଳିତ ଏକ ଚିଠି ଲେଖି ଟୁଇଟର ମାଧ୍ୟମରେ ପଠାଇଛନ୍ତି। ଆଗାମୀ ୩୦ ଦିନ ମଧ୍ୟରେ ଡବ୍ଲ୍ୟୁଏଚ୍‌ଓର କାର୍ଯ୍ୟ ପ୍ରଣାଳୀରେ ସୁଧାର ନ ଆସିଲେ ଆମେରିକା ସମସ୍ତ ଫଣ୍ଡିଂକୁ ସ୍ଥାୟୀରୂପେ ବନ୍ଦ କରିଦେବ ବୋଲି ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି। ଡବ୍ଲ୍ୟୁଏଚ୍‌ଓ ଏବଂ ଚାଇନା ଯୋଗୁ ପୃଥିବୀରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୪୮ ଲକ୍ଷ ୯୪ ହଜାର ୩୬୪ରେ ପହଞ୍ଚିଛି। ସେହିପରି ମୃତକଙ୍କ ସଂଖ୍ୟା ୩ ଲକ୍ଷ ୨୦ ହଜାର ୧୮୯ ଛୁଇଁଥିବା ଟ୍ରମ୍ପ୍ କହିଛନ୍ତି। ଡବ୍ଲ୍ୟୁଏଚ୍‌ଓ ନିଜର କାର୍ଯ୍ୟଧାରାରେ ପରିବର୍ତ୍ତନ ନ ଆଣିଲେ ଆମେରିକା ଏଥିରୁ ଓହରିଯିବ ବୋଲି ଟ୍ରମ୍ପ୍ କହିଛନ୍ତି। ସୂଚନାଯୋଗ୍ୟ, ସଦସ୍ୟ ରାଷ୍ଟ୍ର ଭାବେ ଆମେରିକା ଡବ୍ଲ୍ୟୁଏଚ୍‌ଓକୁ ବାର୍ଷିକ ୪୫୦ ନିୟୁତ ଡଲାର(ପ୍ରାୟ ୩୫୦୦ କୋଟି ଟଙ୍କା)ର ଅନୁଦାନ ଯୋଗାଇ ଦେଇଥାଏ।

# ଏସ୍‌ପି ନେତା, ପୁଅଙ୍କୁ ଗୁଳିକରି ହତ୍ୟା

**ଲକ୍ଷ୍ନୌ,୧୯।୫**

ଉତ୍ତରପ୍ରଦେଶର ସମ୍ଭାଲ ଜିଲା ଅନ୍ତର୍ଗତ ଏକ ଗ୍ରାମରେ ସମାଜବାଦୀ ପାର୍ଟି(ଏସ୍‌ପି) ନେତା ଛୋଟେଲାଲ୍ ଦିୱାକର ଓ ତାଙ୍କ ପୁଅ ସୁନୀଲଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଏକ ରାସ୍ତା ନିର୍ମାଣକୁ କେନ୍ଦ୍ରକରି ଉଚ୍ଚବାଚ ହେବା ପରେ ଗ୍ରାମର ୨ ଜଣ ଲୋକ ବାପାପୁଅଙ୍କୁ ଗୁଳିକରି କରିଥିଲେ, ଯାହାର ଭିଡିଓ ଭାଇରାଲ ହୋଇଛି। ଦିୱାକରଙ୍କ ସ୍ତ୍ରୀ ସମ୍ଭଲର ସାମ୍‌ସୋଇ ଗ୍ରାମର ମୁଖିଆ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ରାସ୍ତା କାମକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ କଳହ ଦେଖାଦେଇଥିଲା। ଗୁଳିମାଡ଼ କରିଥିବା ବ୍ୟକ୍ତିଙ୍କ ଜମିକୁ ବେଆଇନ ଭାବେ ରାସ୍ତା ମଡ଼ାଯାଉଥିବାରୁ ସେମାନେ ଏହାକୁ ବିରୋଧ କରିଆସୁଥିଲେ। ଫଳରେ ଝଗଡ଼ା ଭୟଙ୍କର ରୂପ ଧାରଣ କରିଥିଲା। ଗୁଳିକାଣ୍ଡ ପରେ ପୋଲିସ କାହାରିକୁ ଗିରଫ କରି ନ ଥିବାବେଳେ ଗୁଳିମାଡ଼ କରିଥିବା ବ୍ୟକ୍ତିଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ବରିଷ୍ଠ ପୋଲିସ ଅଧିକାରୀ ଯମୁନା ପ୍ରସାଦ କହିଛନ୍ତି। ଛୋଟେଲାଲ୍ ଦିୱାକର ୨୦୧୭ ବିଧାନସଭା ନିର୍ବାଚନରେ ଦଳୀୟ ପ୍ରାର୍ଥୀ ହେବାର ଥିଲା, କିନ୍ତୁ ମେଣ୍ଟ ଯୋଗୁ ସେ ସେଠାରୁ ନିର୍ବାଚନ ଲଢ଼ି ନ ଥିଲେ ବୋଲି ସମାଜବାଦୀ ପାର୍ଟିର ଜିଲା ସଭାପତି ଫିରୋଜ୍ ଖାନ୍ କହିଛନ୍ତି। ଏହି ହତ୍ୟାକାଣ୍ଡ ପଛରେ ସ୍ଥାନୀୟ ଗୁଣ୍ଡାଙ୍କ ହାତ ରହିଥିବା ସେ ଅଭିଯୋଗ କରିଛନ୍ତି। ସେମାନଙ୍କୁ ଗିରଫ ଓ ଉପଯୁକ୍ତ ଶାସ୍ତି ମିଳିବା ଲାଗି ସେ ଦାବି କରିଛନ୍ତି।

# କଂଗ୍ରେସର ଯୋଜନା, ମୋଦିଙ୍କ ଶ୍ରେୟ

## ଆଧାର, ଏମ୍‌ଜିଏନ୍‌ଆର୍‌ଇଜିଏ, ଡିବିଟି, ଗ୍ରାମ୍ୟ ଗୃହ ନିର୍ମାଣ

**ନୂଆଦିଲ୍ଲୀ,୧୯।୫**

କଂଗ୍ରେସ ଏକ ଜନମଙ୍ଗଳକାରୀ ଢାଞ୍ଚାର ଉପାଦାନଗୁଡ଼ିକୁ ପ୍ରସ୍ତୁତ କରିଥିଲା। ପ୍ରଧାନମନ୍ତ୍ରୀ ସେଗୁଡ଼ିକୁ ଫେଣ୍ଟାଫେଣ୍ଟି କରି ସେଥିରେ ମୋଦି 'ତଡ୍‌କା' ଯୋଡ଼ିଦେଲେ କେବଳ ନିଜସ୍ୱ ବୋଲି ବାହାବା ନେବା ପାଇଁ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଧୀରେ ଧୀରେ କିନ୍ତୁ ତୀକ୍ଷ୍ଣ ନଜର ଓ ରାଜନୈତିକ କୌଶଳରେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାରଙ୍କ ଜନମଙ୍ଗଳ ଲିଗାସିକୁ ହାତେଇ ନେଲେ। ଆଧାରରୁ ଆରମ୍ଭ କରି ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ଯୋଜନା ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏ)ରୁ ଗ୍ରାମ୍ୟ ଗୃହନିର୍ମାଣ ଯାଏ ସବୁକିଛି ହେଉଛି କଂଗ୍ରେସ ସରକାର ଅମଳର ଯୋଜନା। ଏସବୁରେ ମୋଦି ସରକାର କିଛି କିଛି ପରିବର୍ତ୍ତନ ଆଣି ନିଜସ୍ୱ ଯୋଜନାରେ ପରିଣତ କଲେ। ଫଳରେ ପୂର୍ବରୁ ବ୍ରାହ୍ମଣ-ବଣିଆଙ୍କ ଦଳ ଭାବେ ଛବି ରହିଥିବା ଭାଜପାକୁ ଗ୍ରାମାଞ୍ଚଳ ଭାରତର ତ୍ରାଣକର୍ତ୍ତା ରୂପେ ନିଜକୁ ଉପସ୍ଥାପନ କରିବା ସୁଯୋଗ ମିଳିଲା।

ଉପା-୧ ସରକାରଙ୍କ ଦ୍ୱାରା ଏମ୍‌ଜିଏନ୍‌ଆର୍‌ଇଜିଏର ପରିକଳ୍ପନା ଓ ଆରମ୍ଭ ହୋଇଥିଲା। ଏଥିରେ ଗ୍ରାମାଞ୍ଚଳର ପରିବାରଗୁଡ଼ିକୁ ୧୦୦ ଦିନର କର୍ମନିଯୁକ୍ତି ପ୍ରଦାନ ପାଇଁ ସୁନିଶ୍ଚିତ କରାଯାଇଥିଲା। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ସଦ୍ୟ ଗ୍ରାମାଞ୍ଚଳ ବୁଷ୍ଟର୍ ଶଟ୍‌ରେ ଏମ୍‌ଜିଏନ୍‌ଆର୍‌ଇଜିଏକୁ ଅତିରିକ୍ତ ୪୦,୦୦୦ କୋଟି ଟଙ୍କା ଦେବାକୁ ଘୋଷଣା କରାଯାଇଛି। ଏହାଦ୍ୱାରା ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଉକ୍ତ ଯୋଜନା ପ୍ରତି ନିଜ ପ୍ରତିଶ୍ରୁତିବଦ୍ଧତାକୁ ରେଖାଙ୍କିତ କରିବା ସହ ଏକ ଅଭୂତପୂର୍ବ ସଙ୍କଟ ସମୟରେ ଏହାର ବିସ୍ତାରପୂର୍ବକ ଉପଯୋଗ କରିଛନ୍ତି।

ଦେଶର ଗ୍ରାମାଞ୍ଚଳରେ କଂଗ୍ରେସର ପ୍ରଭାବ ଏହାକୁ ଏକ ଜାତୀୟ ଦଳ ଭାବେ ଶକ୍ତି ପ୍ରଦାନ କରିଥିଲା। ପୂର୍ବରୁ ଅଧିକ ସହର କୈନ୍ଦ୍ରୀକ ଥିବା ଭାଜପା ଗାଁ ଗହଳି ଉପରେ ନଜର ଦେବା ପରେ ଗ୍ରାମାଞ୍ଚଳରୁ କଂଗ୍ରେସର ପ୍ରଭାବ କ୍ରମଶଃ ହ୍ରାସ ପାଇବାରେ ଲାଗିଲା। କିନ୍ତୁ ଏହି ପ୍ରତୀକାତ୍ମକ ଧାରାର ନିର୍ବାଚନୀ ଓ ରାଜନୈତିକ ପ୍ରଭାବଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କଂଗ୍ରେସର ପଦକ୍ଷେପଗୁଡ଼ିକୁ ବ୍ୟବହାର କରି ମୋଦି ନିଜର ଜନମଙ୍ଗଳକାରୀ ଭାବମୂର୍ତ୍ତି ଗଠନ ଲାଗି ମୂଳଦୁଆ ପକାଇଲେ। ଏହା କିପରି ସମ୍ଭବ ହେଲା? କଂଗ୍ରେସ ନିଜେ ଗଢ଼ିଥିବା ଯୋଜନାଗୁଡ଼ିକୁ ତ୍ୟାଗ କରି କିମ୍ବା ସେଗୁଡ଼ିକୁ ଏକ ସ୍ଥାୟୀ ଲିଗାସି ଭାବେ ମାର୍କେଟିଂ ନ କରି ବୋକାମୀ କଲା। ଅନ୍ୟପକ୍ଷରେ ମୋଦି ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କ ପଦକ୍ଷେପଗୁଡ଼ିକୁ ଅତି ଚାଲାକ ଭାବେ ବ୍ୟବହାର କରିବାର ମହତ୍ତ୍ୱକୁ ବୁଝିପାରିଥିଲେ। ସେ ସେସବୁକୁ ଜନସାଧାରଣଙ୍କ ଆଗରେ ନିଜ ମାନସ ସନ୍ତାନ ଭାବେ ପ୍ରତିପାଦିତ କରିବାରେ ସଫଳ ହେଲେ।



## କିପରି ହାତେଇଲେ ଏସବୁ ଯୋଜନା

୨୦୧୪ରେ କ୍ଷମତାକୁ ଆସିବା ପରଠୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ପୂର୍ବସୁରୀମାନଙ୍କ ପ୍ରବର୍ତ୍ତନଗୁଡ଼ିକୁ ଉଚିତ ଢଙ୍ଗରେ ଗ୍ରହଣ କଲେ, ଯାହାକି ତାଙ୍କର ଜନକଲ୍ୟାଣକାରୀ ଶାସନ ମଡେଲକୁ ବିଶେଷ ସହାୟକ ହେଲା। ମୋଦି କ୍ଷମତାକୁ ଆସିବା ମାତ୍ରେ ଆଧାରକୁ ଧୂଳିପୂର୍ଣ୍ଣ ଷ୍ଟୋର୍‌ରୁମ୍‌ରୁ କାଢ଼ିଆଣିଥିଲେ। ଏହାସହ ଅନେକ ଉଚ୍ଚସ୍ତରୀୟ ବୈଠକ ଡାକି ସ୍ପଷ୍ଟ କଲେ ଯେ, ଏହି ଏକକ ପରିଚୟ ସଂଖ୍ୟା ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବାକୁ ପଡ଼ିବ। ନନ୍ଦନ ନିଲେକାନିଙ୍କ ନେତୃତ୍ୱ ଓ ଦୂରଦୃଷ୍ଟିରେ ଆଧାରକୁ ଆଣିଥିବା ଉପା ସରକାର ଏହାକୁ ଆବଶ୍ୟକ ଆଇନଗତ ବୈଧତା ପ୍ରଦାନ କରିପାରି ନ ଥିଲେ। ମୋଦି ସରକାର ହିଁ ଏହି ଯୋଜନା ସହ ଛିଡ଼ା ହୋଇ ସମର୍ଥନ ଦେବା ଲାଗି ଏକ ଆଇନ ପ୍ରଣୟନ କରିଥିଲେ ଏବଂ ଏହାର ସପକ୍ଷରେ ଏକ ବଡ଼ ଆଇନଗତ ଲଢ଼େଇ ଲଢ଼ିଥିଲେ। ଏଥିଯୋଗୁ ଉପାର ମାନସ ସନ୍ତାନ ଆଧାର ପ୍ରତ୍ୟେକ ବ୍ୟବହାରିକ ଉଦ୍ଦେଶ୍ୟ ଲାଗି ସବୁଦିନ ପାଇଁ ମୋଦିଙ୍କର ହୋଇଗଲା।



ସେହିପରି ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର ବା ଡିବିଟି ମଧ୍ୟ ୨୦୧୩ରେ କଂଗ୍ରେସ ବହୁ ଆଡ଼ମ୍ବରେ ଆରମ୍ଭ କରିଥିଲା। ଆଧାର ସହ କଲ୍ୟାଣକାରୀ ଯୋଜନାଗୁଡ଼ିକର ସଫଳ ରୂପାୟନକୁ ତ୍ୱରାନ୍ୱିତ କରିଥିବା ଡିବିଟିକୁ ମଧ୍ୟ ମୋଦି ଗରିବ ସପକ୍ଷବାଦୀ ନୀତିଗୁଡ଼ିକର ପ୍ରଣୟନରେ ବହୁଳ ଭାବେ ଉପଯୋଗ କରିଥିଲେ। ସେଥିମଧ୍ୟରୁ ଗୋଟିଏ ହେଉଛି କରୋନା ଭାଇରସ୍ ମହାମାରୀ ବେଳେ ଗରିବମାନଙ୍କୁ ନଗଦ ଅର୍ଥ ହସ୍ତାନ୍ତର ବ୍ୟବସ୍ଥା ନେଇ ସଦ୍ୟ ଘୋଷଣା। ଅନୁରୂପ ଭାବେ ଗ୍ରାମାଞ୍ଚଳରେ ଗୃହ ନିର୍ମାଣ ଲାଗି ଇନ୍ଦିରା ଆବାସ ଯୋଜନାରେ କାର୍ଯ୍ୟକାରିତା ସଂକ୍ରାନ୍ତ ଅନେକ ତ୍ରୁଟିବିଚ୍ୟୁତି ରହିଥିଲା। ମୋଦି ଏହି ଯୋଜନାର ଗୁରୁତ୍ୱକୁ ବୁଝିପାରିଥିଲେ। ୨୦୧୫ରେ ସେ ଏହାର ନାମ ପରିବର୍ତ୍ତନ କରି ନିଜର କରିନେଲେ। ଏହାସହିତ ଏଥିରେ କେତେକ ପରିବର୍ତ୍ତନ ଆଣିଲେ, ଯାହା ଏହି ଯୋଜନାକୁ ଅଧିକ ପ୍ରଭାବଶାଳୀ ଓ ଲୋକପ୍ରିୟ କଲା। 'ମୋଦିଜୀ ଆମକୁ ଏକ ଘର ଦେଇଛନ୍ତି' ଥିଲା ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଏକ ସାଧାରଣ ଘୋଷା। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପୁନଃ ନିର୍ବାଚିତ ହେବା ପାଇଁ ଅନେକ ମାତ୍ରାରେ ସହାୟକ ହୋଇଥିଲା। ଏବେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଇଁ ଏକ ବଡ଼ଧରଣର ଆବଣ୍ଟନ କରି ପ୍ରଧାନମନ୍ତ୍ରୀ ଏହି ସ୍କିମ୍‌କୁ ନିଜର କରିନେଇଛନ୍ତି, ଯଦିଓ ୨୦୧୫ରେ ସେ ପାର୍ଲାମେଣ୍ଟରେ ଏହାକୁ ଉପା ବିଫଳତାର ଏକ ଜୀବନ୍ତ ସ୍ମାରକୀ ବୋଲି ଅଭିହିତ କରିଥିଲେ। ୨୦୧୧ରେ ଉପା ସରକାର ଅମଳରେ ଆରମ୍ଭ ହୋଇଥିବା ସାମାଜିକ-ଅର୍ଥନୈତିକ ଜାତି ଗଣନା (ଏସ୍‌ଇସିସି)ର ନିଷ୍କର୍ଷ ଶେଷରେ ୨୦୧୫ରେ ବାହାରିଥିଲା। ସେବେଠୁ ଏହା ହିତାଧିକାରୀଙ୍କୁ ଚିହ୍ନଟ ଓ ସୁବିଧା ପ୍ରଦାନ କ୍ଷେତ୍ରରେ ମୋଦି ସରକାରଙ୍କ ଜନମଙ୍ଗଳକାରୀ ନୀତିଗୁଡ଼ିକର ଆଧାରଶିଳା ହୋଇ ରହିଛି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ମୋଦି ପ୍ରଥମ ପାଳିରେ ହୃଦୟଙ୍ଗମ କରିଥିଲେ ଯେ, 'ସୁଟ୍ ବୁଟ୍ କୀ ସରକାର' ଭାବମୂର୍ତ୍ତି ତାଙ୍କ ଅମଙ୍ଗଳ କରିପାରେ। ତେଣୁ ସେ ସଙ୍ଗେ ସଙ୍ଗେ 'ଜନକଲ୍ୟାଣ' ଆଡ଼କୁ ଢଳିଥିଲେ। ତାଙ୍କୁ ବେଶି କିଛି କରିବାକୁ ପଡ଼ିଲା ନାହିଁ। କାରଣ କଂଗ୍ରେସ ତାଙ୍କ ପାଇଁ ଅନେକ ଉପାଦାନ ସାଉଁଟି ରଖିଥିଲା। ମୋଦି କେବଳ ସେଗୁଡ଼ିକୁ ଏକତ୍ରିତ କରି ନିଜ ରେସିପି ଅନୁସାରେ ମିଶ୍ରଣ କରିଥିଲେ, ଯାହାକୁ କୁହାଗଲା ମୋଦି ତଡ୍‌କା। ତେବେ ଏହି ଯୋଜନାଗୁଡ଼ିକର ମହତ୍ତ୍ୱ ବୁଝି ସେଥିରେ ନିବେଶର ଆବଶ୍ୟକତାକୁ ପ୍ରଧାନମନ୍ତ୍ରୀ ମୋଦି ହିଁ ବୁଝିଛନ୍ତି ବୋଲି ପରିଶେଷରେ ମାନିବାକୁ ପଡ଼ିବ।

## ମଣିଷ ଦେହରେ କରୋନା ଟିକା




# ପ୍ରଥମ ପ୍ରୟୋଗ ସଫଳ

- ଆମେରିକୀୟ ବାୟୋଟେକ୍ କମ୍ପାନୀ ବିକଶିତ କରିଛି ଟିକା
- ଆଉ ୨ ପର୍ଯ୍ୟାୟ ଅଧ୍ୟୟନ ପାଇଁ ପ୍ରସ୍ତୁତି

**ୱାଶିଂଟନ,୧୯।୫**

ମହାମାରୀ କରୋନା ସଂକ୍ରମଣରୁ ମୁକ୍ତି ପାଇଁ ବିଭିନ୍ନ ଦେଶର ବୈଜ୍ଞାନିକମାନେ ଟିକା ଖୋଜିବାରେ ଲାଗିଛନ୍ତି। ବୈଜ୍ଞାନିକମାନଙ୍କ ୮୦ଟି ଟିମ୍ ମଧ୍ୟରୁ ଅନ୍ୟୂନ ୮ଟି ଟିକା ସନ୍ଧାନର ନିକଟତର ହୋଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କିଛିଦିନ ତଳେ କୁହାଯାଇଥିଲା। ଏଭଳିସ୍ଥଳେ ଆମେରିକାର ବାୟୋଟେକ୍ କମ୍ପାନୀ 'ମୋଡର୍ନା ଇଙ୍କ୍' ତାହାର କୋଭିଡ୍-୧୯ ଟିକାକୁ ମାନବ ଶରୀରରେ କରାଯାଇଥିବା ପରୀକ୍ଷାରେ ସକାରାତ୍ମକ ଫଳାଫଳ ମିଳିଥିବା ଦାବି କରିଛି। ଉକ୍ତ ଅଧ୍ୟୟନ ଗତ ମାର୍ଚ୍ଚ ମଧ୍ୟଭାଗରେ ସୁସ୍ଥ ସ୍ୱେଚ୍ଛାସେବୀମାନଙ୍କୁ ନେଇ କରାଯାଇଥିଲା। ଏହି ଟିକା ମାଧ୍ୟମରେ ଶରୀରରେ ଯେଉଁ ଆଣ୍ଟିବଡି ଉତ୍ପନ୍ନ ହୁଏ ତାହା ଭୂତାଣୁକୁ ବହୁତ ଦୁର୍ବଳ କରିଥାଏ ବୋଲି କୁହାଯାଇଛି।

ଆମେରିକାର ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥଠାରେ ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଆଲର୍ଜି ଏବଂ ଇନ୍‌ଫେକ୍ସିଅସ୍ ଡିଜିଜ୍ (ଏନ୍‌ଆଇଏଆଇଡି) ଦ୍ୱାରା ପରିଚାଳିତ ଏହି ଅଧ୍ୟୟନରେ ୧୮ରୁ ୫୫ ବର୍ଷ ବୟସର ୪୫ ଜଣ ସୁସ୍ଥ ବ୍ୟକ୍ତିଙ୍କୁ ସାମିଲ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୫ଜଣିଆ ୩ଟି ଗ୍ରୁପ୍‌କୁ ୩ ଭିନ୍ନ ଭିନ୍ନ ପରିମାଣର(ନିମ୍ନ, ମଧ୍ୟମ ଏବଂ ବଡ଼) ଡୋଜ୍ ଦିଆଯାଇଥିଲା। ମୋଡର୍ନା ଇଙ୍କ୍ ଅନୁଯାୟୀ, ପ୍ରାରମ୍ଭିକ ସଙ୍କେତଗୁଡିକ ଉତ୍ସାହଜନକ ଥିଲା। କରୋନା ଭାଇରସ୍ ବିରୋଧରେ ସେଥିରୁ ଯେଉଁ ଆଣ୍ଟିବଡି ସୃଷ୍ଟି ହୁଏ ତାହା ସଂକ୍ରମଣରୁ ମୁକ୍ତ ହୋଇଥିବା ଲୋକଙ୍କ ପ୍ଲାଜ୍‌ମାରେ ଦେଖାଯାଉଥିବା ଆଣ୍ଟିବଡି ତୁଳନାରେ ସମାନ କିମ୍ବା ଅଧିକ। ପ୍ରଥମ ପର୍ଯ୍ୟାୟ ଅଧ୍ୟୟନ ପ୍ରକୃତରେ ଟିକାର କାର୍ଯ୍ୟକାରିତା ମାପିବା ପାଇଁ ନୁହେଁ, ମୁଖ୍ୟତଃ ସୁରକ୍ଷା ଉପରେ ଧ୍ୟାନ ଦିଆଯାଇଛି। ପ୍ରାଥମିକ ବିଶ୍ଳେଷଣକୁ ଆଧାରକରି କମ୍ପାନୀ ରିପୋର୍ଟ କରିଛି ଯେ, ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ୮ଜଣଙ୍କ ଆଣ୍ଟିବଡି (୪ଟି ନିମ୍ନ ଡୋଜ ଏବଂ ୪ଟି ମଧ୍ୟମ ଡୋଜ ଦିଆଯାଇଥିବା) ଲାବ୍‌ରେ ଭୂତାଣୁକୁ ପ୍ରଭାବହୀନ କରିଦେଉଛି। ଏହି ଫଳାଫଳ ଦେଖି ଆମେ ଆନନ୍ଦିତ ହୋଇଥିଲୁ। କାରଣ ଆମ ଆଶା ଅନୁଯାୟୀ ପ୍ରାୟ ସବୁ ଦିଗରୁ ସଫଳତା ମିଳିଛି ବୋଲି ମୋଡର୍ନାର ସଭାପତି ଡ. ଷ୍ଟିଫେନ୍ ହୋଗ୍ କହିଛନ୍ତି। ଏହି ଟିକା ଉଚ୍ଚ ଗୁଣବତ୍ତା ସମ୍ପନ୍ନ ଏବଂ ଶ୍ରେଷ୍ଠ ଉତ୍ପାଦ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଟିକାର ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ଦେଖିବାକୁ ମିଳିଥିଲା। ଯେଉଁ ବ୍ୟକ୍ତିଙ୍କୁ ଟିକାର ବଡ଼ ଡୋଜ୍ ଦିଆଯାଇଥିଲା, ତାଙ୍କଠାରେ ଜ୍ୱର, ମାଂସପେଶୀ ଯନ୍ତ୍ରଣା ଭଳି ଲକ୍ଷଣ ଦେଖିବାକୁ ମିଳିଥିଲା। ମଧ୍ୟମ ଡୋଜ୍ ଗ୍ରହଣ କରିଥିବା ଜଣେ ବ୍ୟକ୍ତିଙ୍କ ଶରୀରରେ ଇଞ୍ଜେକ୍ସନ ଦିଆଯାଇଥିବା ସ୍ଥାନର ଚାରିପାଖ ଚର୍ମ ଲାଲ ହୋଇଯାଇଥିଲା। ଏହାସହିତ ଜ୍ୱର, ବାନ୍ତି, ମାଂସପେଶୀ ଯନ୍ତ୍ରଣା, ମୁଣ୍ଡବିନ୍ଧା ଭଳି ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ହେଲେ ପ୍ରାୟ ସମସ୍ତ ଲକ୍ଷଣ ଗୋଟିଏ ଦିନ ମଧ୍ୟରେ ଭଲ ହୋଇଯାଇଥିଲା ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

ଟିକାର ଦ୍ୱିତୀୟ ପର୍ଯ୍ୟାୟ ଅଧ୍ୟୟନ ପାଇଁ ଆମେରିକାର ଫୁଡ୍ ଆଣ୍ଡ ଡ୍ରଗ୍ ଆଡମିନିଷ୍ଟ୍ରେଶନ୍ (ଏଫ୍‌ଡିଏ) ମଞ୍ଜୁରୀ ଦେଇସାରିଛି। ଏଥିରେ ପ୍ରାୟ ୬୦୦ ସୁସ୍ଥ ସ୍ୱେଚ୍ଛାସେବୀଙ୍କୁ ସାମିଲ କରାଯିବ। ସେମାନଙ୍କୁ ଦୁଇଟି ଡୋଜ୍ ଦିଆଯିବ। ସେଥିମଧ୍ୟରୁ ଗୋଟିଏ ଡୋଜ୍‌ର ମାତ୍ରା ନିମ୍ନ ଡୋଜ୍‌ଠାରୁ ସାମାନ୍ୟ ଅଧିକ ରହିବ। ଏହାସହିତ ମଧ୍ୟମ ଡୋଜ୍ ମଧ୍ୟ ଦିଆଯିବ। ଏହି ଦୁଇ ଡୋଜ୍ ଶକ୍ତିଶାଳୀ ରୋଗ ପ୍ରତିରୋଧକ ପ୍ରତିକ୍ରିୟା ଉତ୍ପନ୍ନ କରିବା ପାଇଁ ଉପଯୁକ୍ତ ମନେ କରାଯାଉଛି। କମ୍ପାନୀ ପକ୍ଷରୁ ଆଶା କରାଯାଉଛି ଯେ, ଏହି ଅଧ୍ୟୟନ ଜୁନ୍‌ରେ ଆରମ୍ଭ ହେବ ଏବଂ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଭଳି କରୋନା ଭାଇରସ୍ ସଂସ୍ପର୍ଶରେ ଆସିବାର ଅଧିକ ଆଶଙ୍କା ଥିବା ବ୍ୟକ୍ତିମାନଙ୍କୁ ଏଥିରେ ସାମିଲ କରାଯାଇପାରେ। ଏହି ଅଧ୍ୟୟନ ନିର୍ଣ୍ଣୟ କରିବ ଯେ, ପ୍ରାୟତଃ ଜୁଲାଇରେ ହେବାକୁ ଥିବା ୩ୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ଅଧ୍ୟୟନ ପାଇଁ କେଉଁ ମାତ୍ରାର ଡୋଜ୍ ବ୍ୟବହାର କରାଯିବ। କୋଭିଡ୍-୧୯ ବିରୋଧରେ ଟିକାର ଜରୁରୀ ଆବଶ୍ୟକତାକୁ ଆଧାରକରି ଏଫ୍‌ଡିଏ ଗତ ୧୨ ତାରିଖରେ ମୋଡର୍ନା ଟିକାକୁ ଫାଷ୍ଟ ଟ୍ରାକ୍‌ର ମାନ୍ୟତା ଦେଇଥିଲା, ଯାହା ନିୟାମକ ଏଜେନ୍ସିର ସମୀକ୍ଷା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ବୋଲି କୁହାଯାଉଛି।

ମୋଡର୍ନା ଏହି ଟିକା ପ୍ରସ୍ତୁତି ପାଇଁ ଆର୍‌ଏନ୍‌ଏ ଟେକ୍ନୋଲୋଜି ବ୍ୟବହାର କରିଛି। ଭୂତାଣୁ କିମ୍ବା ଏହାର ପ୍ରୋଟିନର ନିଷ୍କ୍ରିୟ ଅଂଶକୁ ଜେନେଟିକ୍ ଇଞ୍ଜିନିୟରିଂ ମାଧ୍ୟମରେ ଟିକା ଆକାରକୁ ଅଣାଯାଏ। ତାହାକୁ ଶରୀରକୁ ଇଞ୍ଜେକ୍ଟ କରାଗଲେ ପ୍ରତିକ୍ରିୟା ସ୍ୱରୂପ ଆଣ୍ଟିବଡି ତିଆରି ହୋଇଥାଏ।

## ୨୯ ମିଡିଆ କର୍ମୀ କରୋନା ପଜିଟିଭ୍

**ନଏଡା,୧୯।୫**

କରୋନା ଭୂତାଣୁ ଆତଙ୍କ ଲାଗିରହିଥିବା ବେଳେ ନଏଡାରେ ୩୧ ନୂଆ କରୋନା ପଜିଟିଭ୍ ମାମଲା ସାମ୍ନାକୁ ଆସିଛି। ସେଥିମଧ୍ୟରୁ ୨୯ ଜଣ ଏକ ଘରୋଇ ଟିଭି ନ୍ୟୁଜ୍ ଚାନେଲ୍‌ର କର୍ମୀ ବୋଲି ଜଣାପଡ଼ିଛି। ଏକ ଘରୋଇ ଲାବ୍‌ରେ ସାମ୍ପଲ ଟେଷ୍ଟ ପରେ ଏହି ଘଟଣା ପଦାକୁ ଆସିଛି। ପଜିଟିଭ୍ ବାହାରିଥିବା ବ୍ୟକ୍ତିମାନଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଏଥିସହ ଗ୍ରେଟର ନଏଡାର ଦୁଇ ବଡ଼ ମୋବାଇଲ କମ୍ପାନୀର ୧୧ କର୍ମଚାରୀ ମଧ୍ୟ କରୋନା ଭୂତାଣୁ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଗୌତମବୁଦ୍ଧ ନଗର ଜିଲା ପ୍ରଶାସନ ପକ୍ଷରୁ ଏଭଳି ତଥ୍ୟ ପ୍ରଦାନ କରାଯାଇଛି। ନ୍ୟୁଜ୍ ଚାନେଲ ବିଲ୍ଡିଂକୁ ସିଲ୍ କରାଯାଇଛି। ମିଡିଆ କର୍ମୀଙ୍କ ମଧ୍ୟରେ ଦିଲ୍ଲୀର ୧୩ ଓ ନଏଡାର ୧୬ ଜଣ ପଜିଟିଭ୍ ଥିବା ପ୍ରକାଶ। ଏଠାରେ ସୂଚନାଯୋଗ୍ୟ ଯେ, ଅଦ୍ୟାବଧି ନଏଡାରେ କରୋନା ରୋଗୀଙ୍କ ସଂଖ୍ୟା ୨୮୬ରେ ପହଞ୍ଚିଛି। ଜିଲାର ଏକାଧିକ ଅଞ୍ଚଳ ଏବେ ବି କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ରହିଛି।

# ନକଲି ଭେଣ୍ଟିଲେଟରରେ ଅଣନିଃଶ୍ୱାସୀ ଗୁଜରାଟ ମଡେଲ

**ଗାନ୍ଧୀନଗର, ୧୯।୫**

ନକଲି ଭେଣ୍ଟିଲେଟରରେ ଅଣନିଃଶ୍ୱାସୀ ଗୁଜରାଟ ମଡେଲ। କୋଭିଡ୍-୧୯ ସଙ୍କଟ ସମୟରେ ରୋଗୀଙ୍କ ଜୀବନକୁ ଅଧିକ ବିପଦରେ ପକାଇ ଦେଇଛି ଘରୋଇ କମ୍ପାନୀ ଦ୍ୱାରା ନିର୍ମିତ ଏଭଳି ନିମ୍ନମାନର ମେଶିନ। ଏହି ଘଟଣାର ପର୍ଦ୍ଦାଫାଶ ହେବା ପରେ ଏବେ ବିଜୟ ରୂପାନୀ ସରକାରଙ୍କ ତଣ୍ଟିରେ କଣ୍ଟା ଲାଗିଛି ବୋଲି ଗଣମାଧ୍ୟମରେ ଚର୍ଚ୍ଚା ଆରମ୍ଭ ହୋଇଛି।

ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଯେ, ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ହିଁ ରାଜକୋଟ୍‌ର ଏକ ଘରୋଇ କମ୍ପାନୀ ଦ୍ୱାରା ନିର୍ମିତ ଏହି ଭେଣ୍ଟିଲେଟରକୁ ପ୍ରୋତ୍ସାହିତ କରିଥିଲେ। ଏହି ଗୁଜରାଟ ମଡେଲ ଭେଣ୍ଟିଲେଟରକୁ ଏପ୍ରିଲ ୪ରେ ଅହମଦାବାଦ ସିଭିଲ ହସ୍ପିଟାଲରେ ଉଦ୍‌ଘାଟନ କରାଯାଇଥିଲା। ରୂପାନୀଙ୍କ ବନ୍ଧୁ ଦେଇଥିବା ଭେଣ୍ଟିଲେଟର ନକଲି ଥିବା ଜଣାପଡ଼ିବା ପରେ ସମଗ୍ର ଦେଶରେ ହଇଚଇ ହୋଇଛି। ଏହା ଲୋକଲୋଚନକୁ ଆସିବା ପୂର୍ବରୁ ବିଭିନ୍ନ ହସ୍ପିଟାଲରେ ବ୍ୟବହୃତ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ଏଭଳି ଜରୁରୀ ସ୍ୱାସ୍ଥ୍ୟ ଉପକରଣ ଯେ ନକଲି ହୋଇପାରେ ତାହା କେହି ବିଶ୍ୱାସ କରିପାରିବେନି ବୋଲି ଜଣେ ଅଧିକାରୀ କହିଛନ୍ତି। ଏହା ଗୁଜରାଟର ଛବିକୁ କେବଳ ଖରାପ କରିନି, ବରଂ ସ୍ୱାସ୍ଥ୍ୟ ସଙ୍କଟକୁ ପଦାରେ ପକାଇଛି ବୋଲି କେତେକ ଖବରକାଗଜ ପକ୍ଷରୁ ଦର୍ଶାଯାଇଛି।

'ଅହମଦାବାଦ ମିରର'କୁ ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ କହିଛନ୍ତି ଯେ, ଏହା ଏକ ଗମ୍ଭୀର ବିଷୟ। ଭେଣ୍ଟିଲେଟର ପରିବର୍ତ୍ତେ 'ଅମ୍ବୁ-ବ୍ୟାଗ୍'କୁ ହସ୍ପିଟାଲରେ ଖଞ୍ଜାଯିବା ଲାଗି ନିର୍ଦ୍ଦେଶ ଦିଆଯିବା କେବଳ ଏକ ଅପରାଧ ନୁହେଁ, ଏହା ଜଣାଇ ଦେଉଛି ରୂପାନୀଙ୍କ ଶାସନ କାଳରେ ଗୁଜରାଟ ସରକାର କିଭଳି ଭାବେ ଚାଲିଛି। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ଯେଭଳି ଭାବେ ତାଙ୍କ ବନ୍ଧୁଙ୍କ କମ୍ପାନୀ ଦ୍ୱାରା ନିର୍ମିତ ଭେଣ୍ଟିଲେଟରକୁ ବିଭିନ୍ନ ହସ୍ପିଟାଲକୁ ଯୋଗାଇ ଦେଇଛନ୍ତି, ତାହା ଚାରିଆଡ଼େ ଆଲୋଚନାର ବିଷୟ ପାଲଟିଛି ଓ ଏହା ଗୁଜରାଟକୁ ଛବିକୁ ମଳିନ କରିଦେଇଛି। ଏପ୍ରିଲ୍ ୪ରେ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ଏକ ବିବୃତି ଦେଇ କହିଥିଲେ ଯେ, କୋଭିଡ୍-୧୯ ଦ୍ୱାରା ସମଗ୍ର ବିଶ୍ୱ ଆକ୍ରାମାକ୍ରା ହୋଇପଡ଼ିଛି। ଭେଣ୍ଟିଲେଟରର ଘୋର ଅଭାବ ଦେଖାଦେଇଛି। ଏଭଳି ସମୟରେ ଶସ୍ତାରେ ଭେଣ୍ଟିଲେଟର ଯୋଗାଇଦେଇ ବିଶ୍ୱସ୍ତରରେ ଗୁଜରାଟ ଏକ ଅନନ୍ୟ ସ୍ଥାନ ଅଧିକାର କରିଛି। ତେବେ ଦୁର୍ନୀତି ପଦାରେ ପଡ଼ିବା ପରେ ମିରର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ନିକଟତମ ଜଣେ ପ୍ରଶାସକ ଉକ୍ତ ଖବରକାଗଜକୁ ପ୍ରଭାବିତ କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ମିରରର ସାମ୍ବାଦିକ ଏ ନେଇ ସମ୍ପୃକ୍ତ ପ୍ରଶାସକଙ୍କ ସହ ଯୁକ୍ତି କରିବା ପରେ ସେ ଟେଲିଫୋନ୍ ସଂଯୋଗକୁ ବିଚ୍ଛିନ୍ନ କରିଦେଇଥିଲେ। ଉକ୍ତ ଖବରକାଗଜ ପକ୍ଷରୁ ଖୋଳତାଡ଼ କରାଯିବା ପରେ ଅନେକ ତ୍ରୁଟି ପଦାକୁ ଆସିଛି। ସରକାରଙ୍କ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ, ରାଜକୋଟଭିତ୍ତିକ ଘରୋଇ କମ୍ପାନୀ ଜ୍ୟୋତି ସିଏନ୍‌ସି ପ୍ରଥମେ 'ଧମନ-୧' ନାମକ ଭେଣ୍ଟିଲେଟର ମାତ୍ର ୧୦ ଦିନ ଭିତରେ ତିଆରି କରିବାରେ ସକ୍ଷମ ହୋଇଥିଲା। ଏହାର ମୂଲ୍ୟ ୧ ଲକ୍ଷ ଟଙ୍କାରୁ କମ୍ ରହିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମହତ୍ତ୍ୱାକାଂକ୍ଷୀ 'ମେକ୍ ଇନ୍ ଇଣ୍ଡିଆ'ର ଅଂଶସ୍ୱରୂପ ଏଭଳି ଭେଣ୍ଟିଲେଟର ତିଆରି କରାଯିବାକୁ ବୃହତ୍ ସଫଳତା ଭାବେ ପରିଗଣିତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରୂପାନୀ କହିଥିଲେ ଯେ, ରାଜକୋଟଭିତ୍ତିକ ସ୍ଥାନୀୟ ଶିଳ୍ପପତି ପରାକ୍ରମସିହ୍ନ ଜାଡେଜା ଏବଂ ଜ୍ୟୋତି ସିଏନ୍‌ସି କମ୍ପାନୀର ସଦସ୍ୟମାନେ 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ମେକ୍ ଇନ୍ ଗୁଜରାଟ' କ୍ୟାମ୍ପେନ୍‌କୁ ସଫଳ କରିବାରେ ସହାୟକ ହୋଇଥିଲେ। କିନ୍ତୁ କୋଭିଡ୍-୧୯ ଚିକିତ୍ସା କ୍ଷେତ୍ରରେ 'ଧମନ-୧' ବିଫଳ ହେବା ନେଇ ଗୁଜରାଟ ସିଭିଲ ହସ୍ପିଟାଲର ଡାକ୍ତର ଜଣାଇବା ପରେ ସମ୍ପୂର୍ଣ୍ଣ ଘଟଣା ପଦାକୁ ଆସିଥିଲା। ଅନ୍ୟପକ୍ଷରେ ସ୍ପଷ୍ଟୀକରଣ ଦେବାକୁ ଯାଇ ଜ୍ୟୋତି ସିଏନ୍‌ସିର ସିଏମ୍‌ଡି ଜାଡେଜା କହିଛନ୍ତି, 'ଧମନ-୧' ଭେଣ୍ଟିଲେଟର ଏକ ସ୍ୱୟଂସମ୍ପୂର୍ଣ୍ଣ ମେଶିନ ନୁହେଁ। ଏ ବିଷୟରେ ସରକାରଙ୍କୁ ଯଥେଷ୍ଟ ଆଗରୁ ଜଣାଇ ଦିଆଯାଇଥିଲା। କମ୍ପାନୀ ପକ୍ଷରୁ 'ଧମନ-୩' ନାମରେ ଏକ ସ୍ୱୟଂସମ୍ପୂର୍ଣ୍ଣ ଭେଣ୍ଟିଲେଟର ବିକଶିତ କରାଯାଉଛି। କିନ୍ତୁ ଜରୁରିକାଳୀନ ପରିସ୍ଥିତିକୁ ମୁକାବିଲା କରିବା ଲାଗି 'ଧମନ-୧' ଯୋଗାଇ ଦିଆଯାଇଥିଲା।



# ରାଜ୍ୟରେ ଆଉ ଜଣେ କରୋନା ରୋଗୀଙ୍କ ମୃତ୍ୟୁ

■ ସୁସ୍ଥ ରୋଗୀଙ୍କ ସଂଖ୍ୟା ୩୦୭କୁ ବୃଦ୍ଧି

■ ରାଜ୍ୟରେ କରୋନା ପରୀକ୍ଷା ୧ଲକ୍ଷ ଟପିଲା

**ଭୁବନେଶ୍ୱର, ୧୯।୫(ବ୍ୟୁରୋ)**

ରାଜ୍ୟରେ ଆଉ ଜଣେ କେରାନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ କଟକ ଜିଲାର ଓ ତାଙ୍କ ବୟସ ୭୫ବର୍ଷ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ବ୍ୟକ୍ତି ଜଣଙ୍କ ଫୁସ୍‌ଫୁସ୍ ଜନିତ ରୋଗରେ ଆକ୍ରାନ୍ତ ଥିଲେ। ସେ ଅସୁସ୍ଥ ଅବସ୍ଥାରେ ୧୭ତାରିଖ ରାତିରେ ଏମ୍ସରେ ଭର୍ତ୍ତି ହୋଇଥିଲେ ଓ କିଛି ଘଣ୍ଟାର ସମୟ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ତାଙ୍କର ନମୁନା ପରୀକ୍ଷଣ ହୋଇଥିଲା। ସେ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ଏହାକୁ ମିଶାଇ ଏବେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୫ରେ ପହଞ୍ଚିଯାଇଛି।

ସେପଟେ ପ୍ରତିଦିନ ପରି ମଙ୍ଗଳବାର ମଧ୍ୟ ରାଜ୍ୟବାସୀ ତଥା ପ୍ରଶାସନକୁ ଏକ ଆଶ୍ୱସ୍ତି ମିଳିଛି। ରାଜ୍ୟର ଆଉ ୩୦ କରୋନା ଆକ୍ରାନ୍ତ ମଙ୍ଗଳବାର ସୁସ୍ଥ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଗଞ୍ଜାମର ସର୍ବାଧିକ ୨୦ଜଣ ସୁସ୍ଥ ହୋଇଥିବାବେଳେ କେନ୍ଦ୍ରାପଡ଼ାରେ ୫, ବାଲେଶ୍ୱରରେ ୨, ଭଦ୍ରକରେ ୨ ଓ ନୟାଗଡ଼ର ଜଣେ ରହିଛନ୍ତି। ଗଞ୍ଜାମ ଜିଲାରେ ୨୦ଜଣ ସୁସ୍ଥ ହୋଇଯିବାପରେ ଏହି ଜିଲାରେ ସୁସ୍ଥ ରୋଗୀଙ୍କ ସଂଖ୍ୟା ୧୦୯କୁ ବୃଦ୍ଧି ପାଇଛି। ଜିଲାରେ ମୋଟ ୩୦୭ଜଣ ସଂକ୍ରମିତ ହୋଇଥିବାବେଳେ ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୯୬କୁ ଖସି ଆସିଛି। ସେହିପରି କେନ୍ଦ୍ରାପଡ଼ା ଜିଲାରେ ୫ଜଣ ସୁସ୍ଥ ହେବାପରେ ଆଉ ୩୦ଜଣ ସକ୍ରିୟ ରୋଗୀ ରହିଲେ। ଏହି ଜିଲାରେ ମୋଟ ୩୮ଜଣ କରୋନା ପଜିଟିଭ୍ ହୋଇଥିବା ବେଳେ ୮ଜଣ ସୁସ୍ଥ ହୋଇସାରିଲେଣି। ବାଲେଶ୍ୱରରେ ୨ଜଣ ସୁସ୍ଥ ହେବା ପରେ ସୁସ୍ଥ ରୋଗୀଙ୍କ ସଂଖ୍ୟା ୨୭କୁ ବୃଦ୍ଧି ପାଇଯାଇଛି। ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୨୧ଥିବାବେଳେ ବର୍ତ୍ତମାନ ସକ୍ରିୟ ରୋଗୀଙ୍କ ସଂଖ୍ୟା ୯୪ ହୋଇଯାଇଛି। ସେହିପରି ଭଦ୍ରକରେ ମଧ୍ୟ ଆଉ ୨ଜଣ ସୁସ୍ଥ ହୋଇଛନ୍ତି। ଫଳରେ ଏହି ଜିଲାରେ ମୋଟ ୨୩ଜଣ ସୁସ୍ଥ ହୋଇଥିବାବେଳେ ୭୨ଜଣ ସକ୍ରିୟ ରୋଗୀ ରହିଛନ୍ତି। ତେବେ ନୟାଗଡ଼ରେ ପ୍ରଥମ କରି ଜଣେ ରୋଗୀ ସୁସ୍ଥ ହୋଇଛନ୍ତି। ଏହି ଜିଲାରେ ମୋଟ ୧୦ଜଣ ସଂକ୍ରମିତ ହୋଇଥିଲେ। ଜଣେ ସୁସ୍ଥ ହେବା ପରେ ବର୍ତ୍ତମାନ ୯ଜଣ ସକ୍ରିୟ ରୋଗୀ ରହିଲେ। ତେବେ ୩୦ଆକ୍ରାନ୍ତ ସୁସ୍ଥ ହେବା ପରେ ରାଜ୍ୟରେ ମୋଟ ସୁସ୍ଥ ରୋଗୀଙ୍କ ସଂଖ୍ୟା ୩୦୭କୁ ବୃଦ୍ଧି ପାଇଯାଇଛି। ବର୍ତ୍ତମାନ ୬୬୬ଜଣ ସକ୍ରିୟ ରୋଗୀ ଥିବାବେଳେ ୮୬୬ଜଣ ବିଭିନ୍ନ ହସ୍ପିଟାଲ ଆଇସୋଲେଶନରେ ଅଛନ୍ତି।

ଅନ୍ୟପଟେ ରାଜ୍ୟରେ କରୋନା ପରୀକ୍ଷା ୧ଲକ୍ଷ ଟପିଯାଇଥିବାରୁ ନବୀନ ପଟ୍ଟନାୟକ ଖୁସି ପ୍ରକଟ କରିଛନ୍ତି। କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ କୋଭିଡ୍-୧୯ ପରୀକ୍ଷଣ ସଂଖ୍ୟା ବୃଦ୍ଧି କରାଯାଇଛି। ଆଧୁନିକ ପରୀକ୍ଷାଗାର ଏବଂ ଉନ୍ନତ ମେଶିନ୍‌ର ବ୍ୟବହାର କରି ଏପର୍ଯ୍ୟନ୍ତ ଓଡ଼ିଶାରେ ୧ଲକ୍ଷ ୩୦୨କୋଭିଡ୍ ପରୀକ୍ଷଣ କରାଯାଇଛି। ସ୍ୱଳ୍ପ ସମୟ ମଧ୍ୟରେ ଏହି ସଫଳତା ହାସଲ କରିଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ସଙ୍ଗରୋଧରେ ରହୁଥିବା ବ୍ୟକ୍ତିଙ୍କ ମୃତ୍ୟୁ

**ଯାଜପୁର ଅଫିସ, ୧୯।୫:** ଯାଜପୁର ଜିଲା ଦଶରଥପୁର ବ୍ଲକ ବିରୁହାଁ ସରସ୍ୱତୀ ଶିଶୁ ମନ୍ଦିର ସଙ୍ଗରୋଧ ଗୃହରେ ରହୁଥିବା ଜଣେ ୬୩ ବର୍ଷୀୟ ବ୍ୟକ୍ତିଙ୍କ ମଙ୍ଗଳବାର ସକାଳେ ମୃତ୍ୟୁ ଘଟିଛି। ୩ ଦିନ ତଳେ ସେ ହାଇଦ୍ରାବାଦରୁ ଫେରିଥିଲେ। ତାଙ୍କ ଘର ଚଷାଖଣ୍ଡ ପଞ୍ଚାୟତ ଅନ୍ତର୍ଗତ ବୋତଲଟାଙ୍ଗି ଗ୍ରାମରେ ବୋଲି ଜଣାପଡିଛି। ତାଙ୍କ ସ୍ୱାବ୍ ନମୁନା ଟେଷ୍ଟ ପାଇଁ ପଠାଯାଇଛି ବୋଲି ଦଶରଥପୁର ତହସିଲଦାର ସୌଭାଗ୍ୟ ବେହେରା କହିଛନ୍ତି। ସୂଚନାଯୋଗ୍ୟ, ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ହଠାତ୍ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ତୁରନ୍ତ ନରସିଂହ ଚୌଧୁରୀ କଲେଜରେ ହୋଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କ ଦେହରେ କରୋନା ଲକ୍ଷଣ ଥିଲା କି ନାହିଁ ସେ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିପାରିନାହିଁ।

## ଅଂଶୁଘାତରେ ଶ୍ରମିକଙ୍କ ମୃତ୍ୟୁ

■ ସାଇକେଲରେ ଚେନ୍ନାଇରୁ ଗାଁକୁ ଫେରୁଥିଲେ

**କାଲିମେଳା, ୧୯।୫(ଡି.ଏନ.ଏ):** ମାଲକାନଗିରି ଜିଲା ଏମଭି-୭୯ ଥାନା ଅନ୍ତର୍ଗତ ଏମପିଭି-୭୩ ଗ୍ରାମର ସତ୍ୟନାରାୟଣ ବିଶ୍ୱାସ ସାଇକେଲରେ ଗ୍ରାମକୁ ଫେରୁଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଛି। ଅଶଂଘାତ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ସେ ଚେନ୍ନାଇଠାରେ ଡି.ସାନମୁଗଭାଲ କମ୍ପାନୀରେ ସେଣ୍ଟରିଂ କାର୍ଯ୍ୟ କରୁଥିଲେ। ଲକ୍‌ଡାଉନ ଯୋଗୁ କାମ ବନ୍ଦ ହୋଇଯିବାରୁ ସମସ୍ୟାରେ ଚଳୁଥିଲେ। ଲକଡାଉନ ଅବଧି କ୍ରମେ ବୃଦ୍ଧି ପାଉଥିବାରୁ ସତ୍ୟନାରାୟଣ ବାଧ ହୋଇ ରବିବାର ସାଇକେଲ ଯୋଗେ ଗ୍ରାମକୁ ଫେରୁଥିଲେ। ଚେନ୍ନାଇର ଧରମପେଟା ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରେ ତାଙ୍କର ମୃତ୍ୟୁ ହୋଇଥିଲା। ମଙ୍ଗଳବାର ରାତି ସୁଦ୍ଧା ଗ୍ରାମରେ ମୃତଦେହ ପହଞ୍ଚିନାହିଁ। ପରିବାର ବର୍ଗ ଏବଂ ଗ୍ରାମବାସୀ ସତ୍ୟନାରାୟଣଙ୍କ ମୃତଦେହ ଗ୍ରାମକୁ ଆଣିବା ଲାଗି ପଦକ୍ଷେପ ନେବାକୁ ପ୍ରଶାସନକୁ ନିବେଦନ କରିଛନ୍ତି।

## ନାବାଳିକାଙ୍କୁ ବଳାତ୍କାର କରି ବୃଦ୍ଧ ଫେରାର

**ଭୁବନେଶ୍ୱର, ୧୯।୫(ବ୍ୟୁରୋ):** ଜଣେ ୧୨ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ମହିଳା ଥାନାରେ ଅଭିଯୋଗ ହୋଇଛି। ଅଭିଯୁକ୍ତ ଜଣେ ବୃଦ୍ଧ (୭୦)। ଏ ନେଇ ପୋଲିସ ଆଇପିସି ଦଫା ୩୭୬ ଏବଂ ପୋକ୍‌ସୋ ଆକ୍ଟରେ ଏକ ମାମଲା (ନଂ. ୨୬/୨୦) ରୁଜୁ କରି ତଦନ୍ତ ଜାରି ରଖିଛି। ଏଥିସହ ନାବାଳିକାଙ୍କ ଡାକ୍ତରୀ ମାଇନା ସହ ସିଆର୍‌ପିସି ଧାରା ୧୬୧ରେ ତାଙ୍କର ବୟାନ ରେକର୍ଡ କରାଯାଇଛି। ଅନ୍ୟପକ୍ଷେ ଅଭିଯୁକ୍ତ ଫେରାର ଥିବାରୁ ତାଙ୍କୁ ଗିରଫ କରିବା ପାଇଁ ମହିଳା ଥାନାର ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ସୂଚନା ଅନୁଯାୟୀ, ନାବାଳିକାଙ୍କ ଘର କନ୍ଧମାଳ ଜିଲାରେ ହୋଇଥିବା ବେଳେ ଅଭିଯୁକ୍ତ ବୃଦ୍ଧ ଜଣଙ୍କ ତାଙ୍କ ପଡ଼ୋଶୀ। ୬ଦିନ ତଳେ ନାବାଳିକା ଘର ନିକଟରେ ଖେଳୁଥିଲେ। ତାଙ୍କୁ ଏକାକୀ ଦେଖି ବୃଦ୍ଧଜଣକ ଟଙ୍କା ଦେବେ ବୋଲି ପ୍ରଲୋଭନ ଦେଖାଇ ଥିଲେ। ଫଳରେ ନାବାଳିକା ତାଙ୍କ ନିକଟକୁ ଯାଇଥିଲେ। ଏହି ସମୟରେ ବୃଦ୍ଧ ଜଣକ ତାଙ୍କୁ ଜବରଦସ୍ତି ଘର ଭିତରକୁ ଟେକି ନେଇ ବଳାତ୍କାର କରିଥିଲେ। ଏହାପରେ ବୃଦ୍ଧ ଜଣକ ରାଜଧାନୀକୁ ଚାଲିଆସି ଖାରବେଳନଗର ଅଞ୍ଚଳରେ ରହୁଥିଲେ। ତେବେ ସମ୍ପୃକ୍ତ ନାବାଳିକା ଏ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ଅଭିଯୁକ୍ତ ରାଜଧାନୀରେ ରହୁଥିବା ଜାଣି ନାବାଳିକାଙ୍କ ପରିବାରବର୍ଗ ସୋମବାର ଭୁବନେଶ୍ୱର ଆସି ମହିଳା ଥାନାରେ ଅଭିଯୋଗ କରିଥିଲେ।

# ବାତ୍ୟା ମୁକାବିଲା | ନବୀନଙ୍କ ସହ ଶାହାଙ୍କ ଆଲୋଚନା

**ଭୁବନେଶ୍ୱର, ୧୯।୫(ବ୍ୟୁରୋ)**

ସାମୁଦ୍ରିକ ଝଡ଼ ଓଡ଼ିଶା ଉପକୂଳ ଦେଇ ଅତିକ୍ରମ କରୁଥିବାରୁ ଏହା ପ୍ରଭାବିତ ହେବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରସ୍ତୁତି ମଧ୍ୟ ଜୋରଦାର କରିଛନ୍ତି। ବାତ୍ୟା ଯୋଗୁ ଯେପରି କାହାର ଜୀବନ ନ ଯିବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ସହିତ ବାତ୍ୟା ମୁକାବିଲା ନେଇ ଭିଡିଓ କନ୍‌ଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଆଲୋଚନା କରିଛନ୍ତି। କେନ୍ଦ୍ର ସରକାର ସମସ୍ତ ସହଯୋଗ ଯୋଗାଇ ଦେବାକୁ ଶାହା ମୁଖ୍ୟମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ସେହିପରି ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ପ୍ରଦୀପ କୁମାର ଜେନା, ରାଜ୍ୟ ସ୍ୱରାଷ୍ଟ୍ର ସଚିବ ସଞ୍ଜୀବ ଚୋପ୍ରା ପ୍ରମୁଖ ଭିଡିଓ କନ୍‌ଫରେନ୍ସ ଜରିଆରେ କେନ୍ଦ୍ର କ୍ୟାବିନେଟ୍ ସଚିବ ରାଜୀବ ଗୌବାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜାତୀୟ ବିପର୍ଯ୍ୟୟ ପରିଚାଳନା କମିଟି(ଏନ୍‌ସିଏମ୍‌ସି) ବୈଠକରେ ବାତ୍ୟା ମୁକାବିଲା ନେଇ ଆଲୋଚନା କରିଛନ୍ତି। ବାତ୍ୟା ପୂର୍ବରୁ ଲୋକଙ୍କୁ ସ୍ଥାନାନ୍ତର କରିବା, ପରେ ରିଲିଫ, ଉଦ୍ଧାର, ବିଦ୍ୟୁତ୍ ଶକ୍ତିର ପୁନରୁଦ୍ଧାର ଆଦି ବିଷୟରେ ଆଲୋଚନା ହୋଇଛି। ଗତ ସୋମବାରଠାରୁ ବିଭିନ୍ନ ବିପଦପୂର୍ଣ୍ଣ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର କରିବା କାର୍ଯ୍ୟ ଆରମ୍ଭ ହୋଇଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଏହି କାର୍ଯ୍ୟ ଶେଷ ହେବ ବୋଲି ମୁଖ୍ୟଶାସନ ସଚିବ କ୍ୟାବିନେଟ୍ ସଚିବଙ୍କୁ ଅବଗତ କରିଥିଲେ। ଲୋକଙ୍କୁ ବାତ୍ୟା ପୂର୍ବରୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ଉପରେ କ୍ୟାବିନେଟ୍‌ସଚିବ ଗୁରୁତ୍ୱ ଦେଇଥିଲେ। ବାତ୍ୟା ମୁକାବିଲା ପାଇଁ ସମସ୍ତ ପ୍ରକାର ସହଯୋଗ କରିବାକୁ ଗୌବା ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟରେ ଥିବା ସମସ୍ତ କେନ୍ଦ୍ରୀୟ ସଂସ୍ଥା ରାଜ୍ୟ ସରକାରଙ୍କ ସହ ଯୋଗାଯୋଗରେ ରହିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

## ୨୪ ଘଣ୍ଟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ: ଏସ୍‌ଆର୍‌ସି

ବାତ୍ୟା ପ୍ରସ୍ତୁତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ପ୍ରଦୀପ କୁମାର ଜେନା କହିଛନ୍ତି ଯେ, ମଙ୍ଗଳବାର ରାତିଠାରୁ ଓଡ଼ିଶା ଉପକୂଳରେ ବାତ୍ୟାର ପ୍ରକୋପ ଅନୁଭୂତ ହେବ। ଆସନ୍ତା ୨୪ ଘଣ୍ଟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ଅତ୍ୟଧିକ ସତର୍କ ରହିବାକୁ ପଡ଼ିବ। ବିପଦପୂର୍ଣ୍ଣ ସ୍ଥାନରୁ ଲୋକଙ୍କୁ ନିରାପଦ ଜାଗାକୁ ନେବା ଲାଗି ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟାର ପ୍ରକୋପ ପ୍ରଥମେ ଉପକୂଳ ଓଡ଼ିଶାରେ ଅନୁଭୂତ ହେବ। ପରେ ଏହା ଉତ୍ତର ଓଡ଼ିଶାକୁ ଅନୁଭୂତ ହେବ। ପ୍ରଭାବିତ ଆଶଙ୍କା ଥିବା ଜିଲାରେ ୧୫ ଏନ୍‌ଡିଆର୍‌ଏଫ୍ ଏବଂ ଓଡ୍ରାଫ ଟିମ୍‌କୁ ମୁତୟନ କରାଯାଇଛି। ତେବେ ଜଗତ୍‌ସିଂହପୁର ପାଇଁ ଆଉ ଗୋଟିଏ ଅଧିକ ଓଡ୍ରାଫ ଟିମ୍‌କୁ ପଠାଯାଇଛି। ଏଥିସହିତ ୨୧୭ ଅଗ୍ନିଶମ ବାହିନୀ ଟିମ୍, ଜଙ୍ଗଲ ବିଭାଗର ୭୫ ଟିମ୍ ୩୪୦ ଗ୍ୟାଙ୍ଗରେ ବିଭକ୍ତ ହୋଇ ମୁତୟନ କରାଯାଇଛି। ବିଭିନ୍ନ ବିଭାଗର ୩୫୦୦ ଜଣ ଜିଲାଗୁଡ଼ିକରେ ମୁତୟନ ହୋଇଛନ୍ତି। ଟେଲିକମ୍ ସେବାକୁ ପୁନରୁଦ୍ଧାର କରିବା ପାଇଁ ମୋବାଇଲ ରିପେୟାରିଂ ୟୁନିଟ୍ ପଠାଯାଇଛି। ବାତ୍ୟା ପରେ ପାଣିପମ୍ପ ଚଳାଇବା ପାଇଁ ୨୨୭ ଡିଜି ସେଟ୍, ୮୦୫ ପାଣି ଟ୍ୟାଙ୍କର, ୨୬୯୦ ପାଣିଟାଙ୍କିରେ ପାନୀୟ ଜଳ ଭର୍ତ୍ତି କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ବାତ୍ୟା ଅତିକ୍ରମ କରିବା ବେଳେ ପ୍ରବାସୀମାନେ ଯେପରି ରାସ୍ତାରେ ଯାତାୟାତ ନ କରିବେ ସେନେଇ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ଅତିକ୍ରମ ନ କରିବା ଯାଏ କେହି ଘରୁ ପଦାକୁ ନ ବାହାରିବାକୁ କୁହାଯାଇଛି। ବାତ୍ୟା ଅଶ୍ରୟସ୍ଥଳରେ ରହିବା ବେଳେ ସାମାଜିକ ଦୂରତ୍ୱ ବଜାୟ ରଖିବା ସହିତ ମୁହଁରେ ମାସ୍କ ଲଗାଇବାକୁ ପରାମର୍ଶ ଦିଆଯାଇଛି।



ବାତ୍ୟା ଭୟରେ ବଜାରରେ ଭିଡ଼ ।

## ବିଦ୍ୟୁତ୍ ଆଘାତରେ ଶ୍ୱଶୁର, ବୋହୂଙ୍କ ମୃତ୍ୟୁ

**ବାଲେଶର ଅଫିସ, ୧୯।୫**

ବାଲେଶର ଜିଲା ସଦର ଥାନା ରସାଳପୁର ଅଞ୍ଚଳର ନଦୀଗାଁ ଗ୍ରାମରେ ମଙ୍ଗଳବାର ବିଦ୍ୟୁତ୍ ଆଘାତରେ ଶ୍ୱଶୁର ଓ ବୋହୂଙ୍କ ମୃତ୍ୟୁ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ମୃତକ ହେଲେ ଶ୍ୱଶୁର ରମାନାଥ ଦାସ (୬୫) ଓ ତାଙ୍କ ବୋହୂ ପୁଷ୍ପଲତା (୪୦)। ସକାଳେ ରମାନାଥ ନିଜ ଘରେ ଖରାପ ହୋଇଥିବା ବିଦ୍ୟୁତ ସରବରାହକୁ ମରାମତି କରୁଥିବା ବେଳେ ପ୍ରଥମେ ବିଦ୍ୟୁତ ଆଘାତର ଶିକାର ହୋଇଥିଲେ। ତାଙ୍କୁ ଉଦ୍ଧାର କରିବା ପାଇଁ ତାଙ୍କ ବୋହୂ ଚେଷ୍ଟା କରିବାରୁ ସେ ମଧ୍ୟ ଆଘାତ ପାଇଥିଲେ। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ।

# ୧୫ ଦିନ ବିଳମ୍ବରେ ଆସିପାରେ ମୌସୁମୀ

**ଭୁବନେଶ୍ୱର, ୧୯।୫(ବ୍ୟୁରୋ)**

ସାମୁଦ୍ରିକ ଝଡ଼ 'ଅମ୍ଫାନ୍' ଉପକୂଳକୁ ଛାରଖାର କରିବା ସହିତ ଦକ୍ଷିଣ-ପଶ୍ଚିମ ମୌସୁମୀକୁ ମଧ୍ୟ ଏହା ପଛକୁ ଠେଲିଦେବ । ନିର୍ଦ୍ଧାରିତ ସମୟରେ ମୌସୁମୀ ରାଜ୍ୟକୁ ପ୍ରବେଶ କରିବ ନାହିଁ। ପାଣିପାଗ ବିଭାଗର ପୂର୍ବାନୁମାନ ସବୁକିଛି ଗୋଳମାଳିଆ ହୋଇଯିବ। ମୌସୁମୀ କେରଳକୁ ଜୁନ୍ ୧ ସୁଦ୍ଧା ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଥିଲା। ମେ ୧୬ ତାରିଖ ସୁଦ୍ଧା ମୌସୁମୀ ଦକ୍ଷିଣ ଆଣ୍ଡାମାନ, ନିକୋବର ଏବଂ ଦକ୍ଷିଣ ବଙ୍ଗୋପସାଗରରେ ପହଞ୍ଚିସାରିଛି। ତେବେ ବାତ୍ୟା ଅମ୍ଫାନ୍ ଯୋଗୁ ଏହା ଆଗକୁ ବଢ଼ିପାରି ନାହିଁ। କେରଳରେ ମୌସୁମୀ ପହଞ୍ଚିବାକୁ ୪ ଦିନ ବିଳମ୍ବ ହେବ ଅର୍ଥାତ ଜୁନ୍ ୫ ସୁଦ୍ଧା ଛୁଇଁବ ବୋଲି ଅନୁମାନ କରାଯାଉଛି। ବାତ୍ୟା ଯୋଗୁ ବାୟୁମଣ୍ଡଳରୁ ଜଳକଣା ଶୁଷ୍କ ହୋଇଯାଇଛି। ବାତ୍ୟା ଦୁର୍ବଳ ହେବାର ୪ ଦିନ ପରେ ପୁଣି ବାୟୁମଣ୍ଡଳରେ ଜଳୀୟବାଷ୍ପ ସୃଷ୍ଟି ହେବ। ଅନୁକୂଳ ପରିବେଶ ହେଲେ ମୌସୁମୀ ଆଗକୁ ବଢ଼ିବ। ତେବେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାକୁ ପ୍ରବେଶ କରିବାରେ ବହୁ ବିଳମ୍ବ ହେବ। ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ଚଳିତ ବର୍ଷ ରାଜ୍ୟକୁ ଜୁନ୍ ୧୩ ସୁଦ୍ଧା ମୌସୁମୀ ପ୍ରବେଶ କରିଥାଆନ୍ତା। ମାତ୍ର ବାତ୍ୟା ଯୋଗୁ ଏହା ୧୫ଦିନ ବିଳମ୍ବରେ ଅର୍ଥାତ ଜୁନ୍ ୨୫ରୁ ୩୦ ତାରିଖ ମଧ୍ୟରେ ପ୍ରବେଶ କରିବ ବୋଲି ପୂର୍ବାନୁମାନ କରାଯାଉଛି। ଅନ୍ୟପକ୍ଷରେ ବାତ୍ୟା ଯୋଗୁ ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି।

**ବିଗାଡ଼ିଦେଲା ଅମ୍ଫାନ୍**

## ବିଚାରାଧୀନ ମହିଳା କଏଦୀଙ୍କ ମୃତ୍ୟୁ

**ମାଲକାନଗିରି, ୧୯।୫(ଡି.ଏନ.ଏ)**

ମାଲକାନଗିରି ଜିଲା ସଦର ମହକୁମା ଚିକିତ୍ସାଳୟରେ ଜଣେ ବିଚାରାଧୀନ କଏଦୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ମୃତ୍ୟୁ ଘଟିଛି। ସେ ହେଉଛନ୍ତି ଝାଡଖଣ୍ଡ ରାଞ୍ଚିର ଗୋପାଳ ସିଂଙ୍କ ସ୍ତ୍ରୀ ମୀରା ସିଂ(୫୦)। ଡିସେମ୍ବରରେ ଗଞ୍ଜେଇ ଚୋରାଚାଲାଣ କରୁଥିବା ବେଳେ ଅବକାରୀ ବିଭାଗ ଦ୍ୱାରା ସେ ଗିରଫ ହୋଇଥିଲେ। ମଙ୍ଗଳବାର ମୀରାଙ୍କୁ ଜ୍ୱର ହୋଇଥିଲା। ଅପରାହ୍ନରେ ତାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ତାଙ୍କ ଚିକିତ୍ସା ଜାରି ରହିଥିଲା ବୋଲି ଥାନା ଭାରପ୍ରାପ୍ତ ନିରୀକ୍ଷକ ରାମ ପ୍ରସାଦ ନାଗ କହିଛନ୍ତି।

# ଖୋଲିବ ସେଲୁନ୍, ବିଉଟି ପାର୍ଲର, ଜଳଖିଆ ଦୋକାନ

**ଲକ୍‌ଡାଉନ୍ ୪: କଟକଣା କୋହଳ କଲା ବିଏମ୍‌ସି**

■ କ୍ୱାରାଣ୍ଟାଇନ୍ ସୁବିଧା ଦେଉଥିବା ହୋଟେଲ, ଗେଷ୍ଟ ହାଉସ୍ ଖୋଲିବ

■ ପୁରୁଣା ସ୍ଥାନକୁ ଫେରିବେ ନାହିଁ ଥଇଥାନ ବ୍ୟବସାୟୀ

■ ସକାଳ ୭ରୁ ସନ୍ଧ୍ୟା ୬.୩୦ ଯାଏ ଖୋଲିବ ବଜାର

**ଭୁବନେଶ୍ୱର, ୧୯।୫(ବ୍ୟୁରୋ)**

ଭୁବନେଶ୍ୱରରେ ଏବେ ସେଲୁନ୍, ବିଉଟି ପାର୍ଲର ଓ ଜଳଖିଆ ଦୋକାନ ଖୋଲିବ। ହେଲେ ବିଉଟିପାର୍ଲର ଓ ସେଲୁନ୍‌ରେ ଦୋକାନୀ ସମସ୍ତ ସତର୍କତା ଅବଲମ୍ବନ କରିବେ। ଥଣ୍ଡା, କାଶ, ଜ୍ୱର ଥିବା କର୍ମଚାରୀ ଆସିବେ ନାହିଁ। ସମସ୍ତେ ମାସ୍କ ପିନ୍ଧିବେ, ନିୟମିତ ହାତ ଧୋଇ ସେବା ଦେବେ। ସେହିପରି ରେଷ୍ଟୁରାଣ୍ଟ ଖୋଲା ରହିବ। କିନ୍ତୁ ସେଠାରେ ଖାଇବା ମନା, କେବଳ ପାର୍ସଲ ନେଇ ହେବ, ଜଳଖିଆ ଦୋକାନୀ କେବଳ ପାର୍ସଲ ଦେଇପାରିବେ ବୋଲି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମଙ୍ଗଳବାର ଜାରି କରିଥିବା ନୂତନ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ଲକ୍‌ଡାଉନ -୪ରେ ବିଏମ୍‌ସି ପକ୍ଷରୁ କଟକଣାକୁ କୋହଳ କରାଯିବା ସହ କିଛି କାର୍ଯ୍ୟକୁ ପୁନଃ ଆରମ୍ଭ କରିବାକୁ ଅନୁମତି ମିଳିଛି। ଭୁବନେଶ୍ୱରରେ ଏବେ ୨ଜଣ ସଂକ୍ରମିତ ସକ୍ରିୟ ଥିବାବେଳେ ବିଏମ୍‌ସି ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନେଇଛି।

ଏପର୍ଯ୍ୟନ୍ତ କରୋନା ପାଇଁ କୌଣସି ପ୍ରତିଷେଧକ ଟିକା ବାହାରି ନ ଥିବାବେଳେ ଭୁବନେଶ୍ୱରରେ ସମୟ ଅନ୍ତରାଳେ ପଜିଟିଭ୍ ଚିହ୍ନଟ ହୋଇଆସୁଛନ୍ତି। ତେଣୁ ଏଠାରେ କଟକଣା ସମ୍ପୂର୍ଣ୍ଣ କୋହଳ କରିଦେଲେ ପୁନଃ ସଂକ୍ରମଣ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ କଟକଣା ମଧ୍ୟରେ ବିଶେଷ କ୍ଷେତ୍ରରେ କୋହଳ କରିବା ପାଇଁ ବିଏମ୍‌ସି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା କମିଶନର ପ୍ରେମ୍‌ଚନ୍ଦ୍ର ଚୌଧାରୀ କହିଛନ୍ତି। ତେବେ ବିଏମ୍‌ସି ଅଞ୍ଚଳରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ନିର୍ଦ୍ଦେଶନାମା ଲାଗୁ ହେବା ସହ ବିଏମ୍‌ସିର ନିଜସ୍ୱ କିଛି କଟକଣା ଲାଗୁ କରାଯିବ ବୋଲି ସେ କହିଛନ୍ତି।

ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ସମସ୍ତ ଘରୋଇ ଓ ଅନ୍ତଃରାଷ୍ଟ୍ରୀୟ ବିମାନ ଉଡ଼ାଣକୁ ବନ୍ଦ ରଖାଯାଇଛି। ବିମାନରେ କେବଳ ଅତ୍ୟାବଶ୍ୟକ ଓ ଡାକ୍ତରୀ ସାମଗ୍ରୀ ପରିବହନ ଅନୁମତି ଦିଆଯାଇଛି। ସେହିପରି ଅଟୋ, ଟ୍ୟାକ୍ସି, ରିକ୍ସାର ସାଧାରଣ ଚଳାଚଳକୁ ବନ୍ଦ କରାଯାଇଛି। ସମସ୍ତ ଘରୋଇ ଓ ସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅନ୍ୟ ଶିକ୍ଷାନୁଷ୍ଠାନକୁ ବନ୍ଦ କରିବାକୁ କୁହାଯାଇଛି। ଅନ୍‌ଲାଇନ୍‌ରେ ପାଠପଢ଼ା ଜାରି ରଖିବା ପାଇଁ ବିଏମ୍‌ସି ପକ୍ଷରୁ ପରାମର୍ଶ ଦିଆଯାଇଛି। ସମସ୍ତ ସାମାଜିକ ଉତ୍ସବ, ବୈଠକ ଓ ସଭାକୁ ଭୁବନେଶ୍ୱର ଅଞ୍ଚଳରେ କରା ନ ଯିବାକୁ କୁହାଯାଇଛି। ସମସ୍ତ ଧାର୍ମିକ କ୍ଷେତ୍ରକୁ ବନ୍ଦ ରଖିବାକୁ କୁହାଯାଇଛି। ଯେଉଁମାନେ କ୍ୱାରାଣ୍ଟାଇନ୍ ସୁବିଧା ଯୋଗାଉଛନ୍ତି କିମ୍ବା ସରକାରୀ ସେବା ଯୋଗାଉଛନ୍ତି ସେମାନଙ୍କୁ ଛାଡ଼ି ଅନ୍ୟ ସମସ୍ତ ଲଜ୍, ହୋଟେଲ, ଗେଷ୍ଟ ହାଉସ୍ ଓ ଅନ୍ୟ ଆତିଥ୍ୟ ପ୍ରଦାନ କେନ୍ଦ୍ରକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଅନୁରୂପ ଭାବେ ସମସ୍ତ ସିନେମା ହଲ୍, ଜିମ୍, ଗେମ୍ ପାର୍ଲର, ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ସୁଇମିଂ ପୁଲ୍, ପାର୍କ, ପ୍ରେକ୍ଷାଳୟ, ବାର, ଶପିଂ ମଲ୍‌କୁ ବନ୍ଦ ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅପରପକ୍ଷରେ ଭୁବନେଶ୍ୱରରେ ବର୍ତ୍ତମାନ ସମସ୍ତ ସରକାରୀ କାର୍ଯ୍ୟାଳୟ, ସମସ୍ତ ରିଟେଲର ଦୋକାନ ଖୋଲିବାକୁ ଅନୁମତି ଦିଆଯାଇଛି। ସକାଳ ୭ଟାରୁ ସନ୍ଧ୍ୟା ୬ଟା ୩୦ ମଧ୍ୟରେ ସମସ୍ତ ବାଣିଜ୍ୟିକ କାରବାର କରିବାକୁ କୁହାଯାଇଛି। ଲୋକଙ୍କୁ କେବଳ ହସ୍ପିଟାଲ ନେବା ଆଣିବା ପାଇଁ ଓଲା, ଉବେର ଭଳି ପରିବହନ ବ୍ୟବସ୍ଥାକୁ ଅନୁମତି ମିଳିଛି। ଘରୋଇ କାର୍ଯ୍ୟାଳୟଗୁଡ଼ିକରେ ୩୩% କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବାକୁ ବିଏମ୍‌ସି ଅନୁମତି ଦେଇଥିବା ଜଣାପଡ଼ିଛି। ଏଥିସହ ଖୋଲାଯିବା ଦୋକାନ ଓ ସଂସ୍ଥାକୁ ସାମାଜିକ ଦୂରତ୍ୱ ବଜାୟ ରଖି କାମ କରିବା ପାଇଁ ବିଏମ୍‌ସି ପରାମର୍ଶ ଦେଇଛି।

ଏହାବ୍ୟତୀତ ସନ୍ଧ୍ୟା ୭ଟା ପରେ ରାସ୍ତାରେ ବାହାରେ ନ ବୁଲିବାକୁ ବିଏମ୍‌ସି ପକ୍ଷରୁ ପରାମର୍ଶ ଦିଆଯାଇଛି। ଯଦି କେହି ସନ୍ଧ୍ୟା ୭ଟା ପରେ ଜରୁରୀ କାମ ବ୍ୟତୀତ ବାହାରକୁ ବାହାରନ୍ତି ତାଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ସବୁ ନିର୍ଦ୍ଦେଶର ଯିଏ ଉଲ୍ଲଂଘନ କରିବେ ସେମାନଙ୍କ ବିରୋଧରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ନିୟମ ୨୦୦୫ର ୫୧ ଓ ୬୦ ଏବଂ ଆଇପିସିର ୧୮୮ ଦଫାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଅଦ୍ୱିକା ପରିବାରବର୍ଗ | ହିମାଂଶୁ ପରିବାରବର୍ଗ | ଜୁହି ପରିବାରବର୍ଗ | ବୁବୁ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମା'କୋଳକୁ ଫେରିଲା ଶିଶୁପୁତ୍ର

ବେଦବ୍ୟାସ,୧୯।୫(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲାଠିକଟା ବ୍ଲକ ଅଧୀନ ଚିକଟମାଟି ପଞ୍ଚାୟତ ସାନନୂଆଗାଁ ମିଶନ ହସ୍ପିଟାଲ ରୋଡ୍ ପାର୍ଶ୍ୱରୁ ଉଦ୍ଧାର କରାଯାଇଥିବା ଶିଶୁପୁତ୍ର ସୋମବାର ମା'କୋଳକୁ ଫେରିଛି। ନିଜ ପୁଅକୁ ପାଇବା ପରେ ମହିଳା ଜଣକ ଶିଶୁଟିକୁ ଆପଣେଇ ନେଇଛନ୍ତି। ଉଭୟେ ସୁସ୍ଥ ଅଛନ୍ତି। ତଥାପି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିବା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାରେ ରଖାଯାଇଛି।

ଗତ ଶୁକ୍ରବାର ଜଣେ ମାନସିକ ବିକୃତ ମହିଳା ସାନନୂଆଗାଁ ହସ୍ପିଟାଲ ରୋଡ୍ ପାର୍ଶ୍ୱରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇ କୁଆଡ଼େ ଚାଲି ଯାଇଥିଲେ। ପରେ ସ୍ଥାନୀୟ ଲୋକେ ଶିଶୁଟିକୁ ଉଦ୍ଧାର କରି ବିଶ୍ରା ଶିଶୁ ଲାଇନରେ ରଖିଥିଲେ। ଗତ ରବିବାର କାଂଶବାହାଲ



ଫାଣ୍ଡି ପୋଲିସ ସମ୍ପୃକ୍ତା ମହିଳାଙ୍କୁ ଉଦ୍ଧାର କରି କେଶରାମାଳ ମହିଳା ସେବାଶ୍ରମରେ ରଖାଇଥିଲା। ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ରାଜଗାଙ୍ଗପୁର ଶିଶୁ ମଙ୍ଗଳ ଅଧିକାରୀ ପୁଷ୍ପଲତା ବାରା

### ରାସ୍ତାପାର୍ଶ୍ୱରୁ ନବଜାତକ ଉଦ୍ଧାର ଘଟଣା

କାଂଶବାହାଲ ଫାଣ୍ଡି ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ। ସମ୍ପୃକ୍ତା ମହିଳାଙ୍କୁ କେଶରମାଳ ସେବାଶ୍ରମରୁ ଅଣାଯାଇ ଲାଇଫ୍ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ସେଠାରୁ ରାଉରକେଲା କୋଭିଡ୍-୧୯ ହସ୍ପିଟାଲକୁ ନିଆଯାଇ ସେଠାରେ ତାଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇଥିଲା। ତା'ପରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍)ରେ ଭର୍ତ୍ତି କରାଯାଇଥିଲା। ଶେଷରେ ବିଶ୍ରାସ୍ଥିତ ଶିଶୁ ଲାଇନରେ ଥିବା ତାଙ୍କ ନବଜାତପୁତ୍ରକୁ ସମ୍ପୃକ୍ତ ମହିଳାଙ୍କ କୋଳରେ ଦିଆଯାଇଥିଲା। ଏବେ ମା' ଓ ଶିଶୁ ଆରଜିଏଚ୍‌ରେ ଚିକିତ୍ସାଧୀନ ଅଛନ୍ତି।

## ଠଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କେତେ ଦେଖାଉ ଚାତର**
**ବାପ ବିକୁଥିଲା ଚିଙ୍ଗୁଡ଼ି ଶୁଖୁଆ**
**ମା' ବିକୁଥିଲା ପତର।**

କିଛି ବ୍ୟକ୍ତି ଛୋଟରୁ ବଡ଼ ବା ଅତି ଗରିବରୁ ଧନୀ ହୋଇଗଲା ପରେ ନିଜ ଅତୀତକୁ ଭୁଲିଯାଇଥାନ୍ତି। ବର୍ତ୍ତମାନ ଅବସ୍ଥାକୁ ନେଇ ଅହେତୁକ ଗର୍ବ କରିବସିଥାନ୍ତି। ତେବେ ବ୍ୟକ୍ତି ନିଜ ଅତୀତ ଅବସ୍ଥାକୁ ଭୁଲି ନ ଯିବା ଉଚିତ ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**କହି ଜାଣଇ ଯିଏ**
**ପୋଇ ଚିଙ୍ଗୁଡ଼ି ବିକଇ ସିଏ।**

ଜଣେ ଯଦି ଭଲ କଥା କହିପାରେ, ତାହେଲେ ସେ ଖରାପ ଜିନିଷକୁ ମଧ୍ୟ ଖୁବ୍‌ଶୀଘ୍ର ଉପଯୁକ୍ତ ମୂଲ୍ୟରେ ବିକ୍ରି କରିଦେଇପାରେ। ବ୍ୟବସାୟରେ ସଫଳତା ପାଇଁ ମଧୁର ବଚନ ଓ ଉତ୍ତମ ବ୍ୟବହାରର ଅଧିକ ଗୁରୁତ୍ୱ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗ ଢମାଳି ଓ ରୂଢ଼ି ପ୍ରୟୋଗ
– ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଜୁନ୍‌ରୁ ଗଡ଼ିବ ୨୦୦ ଅଣଏସି ଟ୍ରେନ୍

**ନୂଆଦିଲ୍ଲୀ,୧୯।୫:** ଜୁନ୍ ପହିଲାରୁ ସାରା ଦେଶରେ ୨୦୦ ସ୍ୱତନ୍ତ୍ର ଅଣ ଏସି ପାସେଞ୍ଜର ଟ୍ରେନ ଚଳାଚଳ କରିବ। କେନ୍ଦ୍ର ରେଳ ମନ୍ତ୍ରୀ ପୀୟୂଷ ଗୋୟଲ ଟୁଇଟ ଯୋଗେ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ଏହି ଟ୍ରେନଗୁଡ଼ିକ ଲାଗି ଲୋକମାନେ ଆଇଆର୍‌ସିଟିସି ୱେବସାଇଟ କିମ୍ବା ଆପ୍ଲିକେଶନରୁ ଟିକେଟ ବୁକିଂ କରିପାରିବେ। ବର୍ତ୍ତମାନ ଷ୍ଟେଶନଗୁଡ଼ିକରେ ଟିକେଟ ବୁକିଂ କାଉଣ୍ଟର ବନ୍ଦ ଥିବାରୁ ସେଠାରେ କୌଣସି ଟିକେଟ ଉପଲବ୍ଧ ହେବ ନାହିଁ। ନୂଆ ଟ୍ରେନଗୁଡ଼ିକ ଲାଗି ଶୀଘ୍ର ଟିକେଟ ବୁକିଂ ଆରମ୍ଭ ହେବ। ସେହିଭଳି ଟ୍ରେନ ଚାଲିବା ନେଇ ସମୟ ସାରଣୀ



ମଧ୍ୟ ଶୀଘ୍ର ଜାରି କରାଯିବ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ମେ ୧୨ଠାରୁ ସ୍ୱତନ୍ତ୍ର ପାସେଞ୍ଜର ଟ୍ରେନ ଚଳାଚଳ ନେଇ ସରକାର ବ୍ୟବସ୍ଥା କରିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ କେବଳ ୧୫ ଯୋଡା ଟ୍ରେନ ଚଳାଚଳ କରୁଛି। ଟ୍ରେନଗୁଡ଼ିକ ନୂଆଦିଲ୍ଲୀ ଷ୍ଟେଶନରୁ ଡିବ୍ରୁଗଡ, ଅଗରତାଲା, ହାଓଡା, ପାଟନା, ବିଳାସପୁର, ରାଞ୍ଚି, ଭୁବନେଶ୍ୱର, ସିକନ୍ଦରାବାଦ,ବାଙ୍ଗାଲୋର, ଚେନ୍ନାଇ, ଥିରୁଭାନନ୍ତପୁରମ, ମୁମ୍ବାଇ ସେଣ୍ଟ୍ରାଲ, ଅହମ୍ମଦାବାଦ, ଜମ୍ମୁତାୱି ଭଳି ସ୍ଥାନଗୁଡ଼ିକୁ ଚଳାଚଳ କରୁଛି। ଟିକେଟ ବୁକିଂ ସମୟରେ ଯାତ୍ରୀଙ୍କୁ ସେମାନଙ୍କ ଗନ୍ତବ୍ୟସ୍ଥଳର ଠିକଣା ସମ୍ପୂର୍ଣ୍ଣ ଭାବେ ଦିଆଯିବାକୁ କୁହାଯାଇଛି। କୋଭିଡ୍-୧୯ ଯୋଗୁ କଣ୍ଟାକ୍ଟ ଟ୍ରେସିଂ ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ରହିଛି।

# ୩୭ ଶହ କର୍ମଚାରୀଙ୍କୁ ଛଟେଇ କଲା ଉବର

**ନୂଆଦିଲ୍ଲୀ,୧୯।୫–** କୋଭିଡ୍-୧୯ ମହାମାରୀ ସମୟରେ ସରକାର ଯାନବାହନ ଚଳାଇବା ଉପରେ ରୋକ ଲଗାଇଥିଲେ। ଫଳରେ କ୍ୟାବ୍ ସେବା ପ୍ରଦାନକାରୀ କମ୍ପାନୀ ଉବର ବିଭିନ୍ନ ସମସ୍ୟା ଓ ବାଣିଜ୍ୟିକ କ୍ଷତି ସହିଛି। ଏହି କାରଣରୁ କମ୍ପାନୀ ପ୍ରାୟତଃ ୩୭ଶହ କର୍ମଚାରୀଙ୍କୁ ଛଟେଇ କରିଥିବା ଜଣାପଡ଼ିଛି। ଏହା ସହ କମ୍ପାନୀ ୪୫ଜଣ ବରିଷ୍ଠ ଅଧିକାରୀଙ୍କୁ ଛଟେଇ କରିଛି। ଗତ କିଛି ୩ ମାସ ହେଲା ଯାତ୍ରୀ ସେବା ବନ୍ଦ ଥିବାରୁ କାରବାର କ୍ଷତିର ସାମ୍ନା କରିଥିବା କମ୍ପାନୀ କହିଛି। କମ୍ପାନୀର ବାଣିଜ୍ୟିକ ବ୍ୟବସ୍ଥାରେ ବ୍ୟାପକ ଅସ୍ଥିରତା ଦେଖାଦେଇଛି। ଫଳରେ ଗାଡି ଚଳାଚଳ ଉପରେ ଏକ ପ୍ରକାର ରୋକ ଲାଗିଥିଲା। ଏହି ସଂକ୍ରମଣର ଭୟାବହତା ପାଇଁ ଗ୍ରାହକମାନେ ମଧ୍ୟ ପୂର୍ବପରି ଆଉ ଗାଡି ବୁକିଂ କରୁନାହାନ୍ତି। ମହାମାରୀ ସମୟରେ କମ୍ପାନୀ ବ୍ୟାପକ କ୍ଷତିରେ ଚାଲୁଥିବାରୁ ଉକ୍ତ କର୍ମଚାରୀଙ୍କୁ ବେତନ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସୁବିଧା ଯୋଗାଇବା ସମ୍ଭବ ନୁହେଁ ବୋଲି କମ୍ପାନୀର ସିଇଓ ଦାର ସୋରାସିଷ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, ଆସନ୍ତା ୬ମାସ ପର୍ଯ୍ୟନ୍ତ କମ୍ପାନୀର ସ୍ଥିରତା ନଆସିବା ପର୍ଯ୍ୟନ୍ତ ବେତନ ପ୍ରଦାନ ଓ ଅନ୍ୟାନ୍ୟ ସୁବିଧା ଆଦି ବିଷୟରେ ଖୁବଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କମ୍ପାନୀ ପକ୍ଷରୁ କର୍ମଚାରୀମାନଙ୍କୁ ମେଲ ମାଧ୍ୟମରେ ସୂଚାଇ ଦିଆଯାଇଛି।

## classified



Newly open ayurvedic/ herbal body massage with smart therapist, 9777167531. D-59947

Monalisa massage club : All types body massage with hiprofile smart lady rooms service available 9708545108. D-17311

**LOST**

ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ ମୁଁ ରେଣୁ ହଂସ, ସ୍ୱା- ଯୋଗେନ୍ଦ୍ର ହଂସ, ଠିକଣା- ପ୍ଲଟ୍ ନଂ-୧୩, ପଳାସପଲ୍ଲୀ, ଥାନା- ଏୟାରପୋର୍ଟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ପ୍ରୋ- ରାମକ୍ରିଷ୍ଣା ଏଜେନ୍ସିଜ୍, ପ୍ଲଟ୍ ନଂ- ୬୫, ଏନ୍.ଏଚ୍. -୫, ରସୁଲଗଡ଼, ଭୁବନେଶ୍ୱର। ଘୋଷଣା କରୁଛି କି, ମାନିକ ହଂସଙ୍କ ନାମରେ ଥିବା ରେଜିଷ୍ଟର୍ଡ ସେଲ୍ ଡିଡ୍ ନଂ. ୧୨୩, ତା ୨୮।୦୧।୨୦୦୩, ଆର୍.ଓ.ଆର୍. ଖାତା ନଂ. ୧୦୪୩/୩୨୪, ୧୦୪୩/୩୨୫, ୧୦୪୩/୩୨୭, ୧୦୪୩/୩୨୮ ଓ ୧୦୪୩/୩୨୯ ରସୁଲଗଡରୁ ସତ୍ୟନଗର (ଆକ୍ସିସ୍ ବ୍ୟାଙ୍କ) ମଧ୍ୟରେ କେଉଁଠାରେ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଏହାକୁ ପାଇଥାନ୍ତି, ତା'ହେଲେ ଉକ୍ତ ନମ୍ବରରେ ଜଣାଇବାକୁ ଅନୁରୋଧ। ଯୋଗାଯୋଗ- ୯୯୩୭୦୨୦୮୧୪। ଧ-୬୯୨୬୯

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପ୍ରଥମ ପୃଷ୍ଠାରୁ...

### ଆଗକୁ ମିଳିବନି...

ନ କରିବାକୁ ନିଷ୍ପତ୍ତି ନେଇଛନ୍ତି। କାରଣ ସରକାର ମହାମାରୀ କରୋନା ଯୋଗୁ ସୃଷ୍ଟି ହୋଇଥିବା ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟଗୁଡ଼ିକୁ ଆର୍ଥିକ ଦୃଷ୍ଟିରୁ ସକ୍ଷମ କରିବାକୁ ଚାହୁଁଛନ୍ତି। ତୈଳ ଉପରେ ଟିକସ ବୃଦ୍ଧି କେବଳ ଆଂଶିକ ଭାବେ ମହାମାରୀ ଯୋଗୁ ରାଜସ୍ୱ ବ୍ୟବଧାନକୁ ପୂରଣ କରିବ। କେନ୍ଦ୍ରୀୟ ସାମଗ୍ରୀ ଓ ସେବା କର (ଜିଏସ୍‌ଟି), ଆୟକର ଓ ଆମଦାନୀ ଶୁଳ୍କରେ ବହୁ ପରିମାଣରେ ହ୍ରାସ କରାଯାଇଛି। କିନ୍ତୁ ରାଜ୍ୟଗୁଡ଼ିକୁ ଦିଆଯାଇଥିବା ଅର୍ଥର ପରିମାଣରେ ଜିଏସ୍‌ଟି କ୍ଷତିପୂରଣ ସେସ୍‌କୁ ସାମିଲ କରାଯିବ ନାହିଁ। କ୍ଷତିପୂରଣ ସେସ୍ ଜରିଆରେ ପର୍ଯ୍ୟାପ୍ତ ଅର୍ଥ ସଂଗ୍ରହ ହୋଇପାରୁ ନ ଥିବାରୁ କେନ୍ଦ୍ର ସରକାର ଏପରି ଦେୟ ପ୍ରଦାନରେ ବିଳମ୍ବ କରୁଛନ୍ତି।

**ଖର୍ଚ୍ଚର ପୁନଃ ପ୍ରାଥମିକୀକରଣ:**

ଚଳିତ ଆର୍ଥିକ ବର୍ଷ ପାଇଁ ସରକାରଙ୍କ ବ୍ୟୟ ଅତିରିକ୍ତ ଋଣ ଓ ପୁନଃ ପ୍ରାଥମିକୀକରଣ ଦ୍ୱାରା ଆଂଶିକ ଭାବେ ଦିଆଯିବ ବୋଲି ସୋମନାଥନ୍ କହିଛନ୍ତି। ସରକାର ଚଳିତ ଆର୍ଥିକ ବର୍ଷରେ ୭.୮ ଲକ୍ଷ କୋଟିରୁ ୧୨ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ଟାର୍ଗେଟକୁ ବୃଦ୍ଧି କରିଛନ୍ତି। ଏଭଳି ଲକ୍ଷ୍ୟ ରଖାଯିବା ପଛର କାରଣ ହେଉଛି ବର୍ଷ ଆରମ୍ଭରେ ଅତ୍ୟଧିକ ଖର୍ଚ୍ଚ କରା ନ ଯିବା ପାଇଁ ସୁନିଶ୍ଚିତ କରିବା। ତେଣୁ ସୋମନାଥନ୍‌ଙ୍କ ମତରେ ଏହି ବର୍ଷ ଲକ୍ଷ୍ୟ ରଖାଯାଇଛି ଯେ, ଅର୍ଥ ବ୍ୟବସ୍ଥା ଏବଂ ଜନକଲ୍ୟାଣକାରୀ ଯୋଜନାକୁ ଦୀର୍ଘମିଆଦୀ ଭିତ୍ତିରେ ଲାଭ ଦେଉ ନ ଥିଲେ ସେ ଦିଗରେ ବେଶି ଖର୍ଚ୍ଚ କରାଯିବ ନାହିଁ। ସେହିପରି ଯେଉଁ ସାମଗ୍ରୀଗୁଡ଼ିକର ଆମଦାନୀରେ ଅଧିକ ଖର୍ଚ୍ଚ ହେଉଛି ସେଗୁଡ଼ିକର ସଂଖ୍ୟା ମଧ୍ୟ ହ୍ରାସ କରାଯିବ। ତେବେ ସରକାର କେବଳ ୨୦ ଲକ୍ଷ କୋଟି ଟଙ୍କାର ଆର୍ଥିକ ପ୍ୟାକେଜ ଦେଉନାହାନ୍ତି, ଏହାସହ ଯେଉଁ ସରକାରୀ ଖର୍ଚ୍ଚଗୁଡ଼ିକରେ ଦୀର୍ଘମିଆଦୀ ଲାଭ ବେଶି ମିଳିବ ସେହି ଖର୍ଚ୍ଚକୁ ପ୍ରାଥମିକତା ଦେବେ। ବର୍ତ୍ତମାନ ଯେଉଁ ଯୋଜନାଗୁଡ଼ିକ ପାଇଁ ଯେତେ ଅର୍ଥ ବ୍ୟୟବରାଦ ହୋଇଛି ସେଥିରେ ମଧ୍ୟ ପରିବର୍ତ୍ତନ ହୋଇପାରେ ବୋଲି ସୋମନାଥନ୍ ସୂଚନା ଦେଇଛନ୍ତି। ସେହିପରି ଅର୍ଥ ମନ୍ତ୍ରଣାଳୟ ସରକାରଙ୍କ ବିଭାଗଗୁଡ଼ିକୁ ୩ ଭାଗରେ ବିଭକ୍ତ କରିବା ସହ ଏପ୍ରିଲ-ଜୁନ୍ ପାଇଁ ଖର୍ଚ୍ଚ ନିର୍ଦ୍ଧାରଣ କରିଛି। କେବଳ କୋଭିଡ୍-୧୯ ବିରୋଧରେ ଲଢ଼େଇ କରୁଥିବା ବିଭାଗଗୁଡ଼ିକୁ ଏଥିରୁ ବାଦ୍ ଦିଆଯାଇଛି। ଏହି ଗାଇଡ୍‌ଲାଇନ୍ ଆଗକୁ ମଧ୍ୟ ବଳବତ୍ତର ରହିବ। ତେବେ ବର୍ତ୍ତମାନର ହାରରେ ତାହା ରହିବ ବୋଲି ଜରୁରୀ ନୁହେଁ।

**ପିଏସ୍‌ୟୁ ପାଇଁ ନୂଆ ନୀତି:**

ଯେଉଁ କ୍ଷେତ୍ରଗୁଡ଼ିକ ଉପଭୋକ୍ତାଙ୍କ ସ୍ୱାର୍ଥ, ଏକଚାଟିଆ କାରବାର ଓ ଜାତୀୟ ସୁରକ୍ଷାକୁ ଧ୍ୟାନ ଦେବା ଜରୁରୀ ସେଗୁଡ଼ିକୁ ସରକାରଙ୍କ ନୂଆ ନୀତିରେ 'ଷ୍ଟ୍ରାଟେଜିକ୍' ଭାବେ ବର୍ଗୀକରଣ କରାଯିବ ବୋଲି ସୋମନାଥନ୍ କହିଛନ୍ତି। ସରକାର ଏବେ କେତେକ 'ଷ୍ଟ୍ରାଟେଜିକ୍ ସେକ୍ଟର'କୁ ପରିଭାଷିତ କରିବେ, ଯାହାକି ଘରୋଇ ସଂସ୍ଥାଗୁଡ଼ିକ ପାଇଁ ସୁଯୋଗ ସୃଷ୍ଟି କରିବ। ସେଥିରେ ସରକାରଙ୍କ ସର୍ବନିମ୍ନ ହସ୍ତକ୍ଷେପ ରହିବ। ଏହା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଦ୍ୱାରା ରବିବାର ଘୋଷଣା କରାଯାଇଥିବା ଆତ୍ମନିର୍ଭର ଭାରତ ପ୍ୟାକେଜର ଏକ ଅଂଶବିଶେଷ। ବର୍ତ୍ତମାନ ପବ୍ଲିକ୍ ଏଣ୍ଟରପ୍ରାଇଜେସ୍ ବିଭାଗ ଦ୍ୱାରା ଜାରି ଗାଇଡ୍‌ଲାଇନ୍‌ରେ ପ୍ରତିରକ୍ଷା, ଆଣବିକ ଶକ୍ତି ଓ ରେଲୱେ ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗ(ପିଏସ୍‌ୟୁ)ଗୁଡ଼ିକୁ ଷ୍ଟ୍ରାଟେଜିକ୍ ଭାବେ ବର୍ଗୀକୃତ କରାଯାଇଛି। ତେଣୁ ଏଭଳି ସେକ୍ଟର ମଧ୍ୟ ଖାଉଟି ସୁରକ୍ଷା, ଏକଚାଟିଆ ଅଧିକାର ବା ଜାତୀୟ ସୁରକ୍ଷା ଭଳି ସାଧାରଣ ସ୍ୱାର୍ଥର ଆବଶ୍ୟକ ଥିବା ଭଳି କ୍ଷେତ୍ରର ଅନ୍ତର୍ଭୁକ୍ତ ହେବ ବୋଲି ସୋମନାଥନ୍ ସ୍ପଷ୍ଟ କରିଛନ୍ତି।

### ଆଜି ସ୍ଥଳଭାଗ...

ବାତ୍ୟା ଅତିକ୍ରମ କରୁଥିବାରୁ ପବନର ବେଗ ଉତ୍ତର ଓଡ଼ିଶା ଉପକୂଳରେ ଘଣ୍ଟା ପ୍ରତି ୭୫ରୁ ୮୫ ଓ ବେଳେ ବେଳେ ୧୧୦ କି.ମି.କୁ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ବାତ୍ୟା ପ୍ରଭାବରେ ମଙ୍ଗଳବାର ମଧ୍ୟାହ୍ନରୁ ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, ଯାଜପୁର, ବାଲେଶ୍ୱର, ଭଦ୍ରକରେ ଝିପିଝିପି ବର୍ଷା ଲାଗିରହିଛି। ସମୁଦ୍ର ଉପକୂଳରେ ୫୫ରୁ ୬୦ କି.ମି. ବେଗରେ ପବନ ବହୁଛି। ମଙ୍ଗଳବାର ରାତିରୁ ବର୍ଷା ପରିମାଣ ମଧ୍ୟ ବଢ଼ିଛି। ବାତ୍ୟା ପ୍ରଭାବରେ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର ଏବଂ ମୟୂରଭଞ୍ଜ ଜିଲାରେ ଚାଳଘର, ବିଦ୍ୟୁତ୍ ଖୁଣ୍ଟି, ଟେଲିଫୋନ୍ ଖୁଣ୍ଟି ଉପୁଡ଼ିଯିବା ସହିତ ଫସଲ ନଷ୍ଟ ହେବା ସମ୍ଭାବନା ରହିଛି।

ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଏବଂ ବାଲେଶ୍ୱର ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୦ ତାରିଖରେ ମଧ୍ୟ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସମୁଦ୍ରରେ ୬ ଫୁଟ୍ ଉଚ୍ଚର ଢେଉ ଉଠିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ଗୋପାଳପୁର, ପୁରୀରେ ୩ ନମ୍ବର ବିପଦସଙ୍କେତ ଦିଆଯାଇଥିବାବେଳେ ପାରାଦୀପ, ଚାନ୍ଦବାଲି, ଧାମରାରେ ୪ ନମ୍ବର ବିପଦ ସଙ୍କେତ ଦିଆଯାଇଛି।

### ପୋଲିସ କର୍ମଚାରୀ...

ରାଜ୍ୟରେ ଏବେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୯୭୮କୁ ବୃଦ୍ଧି ପାଇଛି। ଯାଜପୁରରେ ଚିହ୍ନଟ ୩୧ ଆକ୍ରାନ୍ତଙ୍କ ମଧ୍ୟରୁ ୩୦ଜଣ ପଶ୍ଚିମବଙ୍ଗ ଓ ଜଣେ ତେଲଙ୍ଗାନା ଫେରନ୍ତା ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି। ଯାଜପୁର ଜିଲାରେ ଏବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୬୮ରେ ପହଞ୍ଚିଛି। ଜଗତ୍‌ସିଂହପୁରରୁ ଚିହ୍ନଟ ହୋଇଥିବା ନୂଆ ୨୩ଜଣଙ୍କ ମଧ୍ୟରୁ ୨୦ଜଣ ପଶ୍ଚିମବଙ୍ଗ ଓ ୩ଜଣ ଗୁଜରାଟରୁ ଫେରିଥିବା ଜଣାପଡ଼ିଛି। ଭଦ୍ରକରେ ଚିହ୍ନଟ ୨୧ଜଣଙ୍କ ମଧ୍ୟରେ ପଶ୍ଚିମବଙ୍ଗରୁ ୧୨ଜଣ, ଗୁଜରାଟ ୬, ତାମିଲନାଡୁ ୨ ଓ ଆନ୍ଧ୍ରପ୍ରଦେଶରୁ ଜଣେ ଫେରିଛନ୍ତି। କେନ୍ଦ୍ରାପଡ଼ାରୁ ଚିହ୍ନଟ ୮ଜଣଙ୍କ ମଧ୍ୟରେ ତାମିଲନାଡୁର ୩ଜଣ, ମହାରାଷ୍ଟ୍ର ୨, ପଶ୍ଚିମବଙ୍ଗ ୨ ଓ କର୍ଣ୍ଣାଟକରୁ ଜଣେ ଫେରିଥିବା ଜଣାପଡ଼ିଛି।

ସେହିପରି ଖୋର୍ଦ୍ଧା ଜିଲାରେ ଚିହ୍ନଟ ୪ଜଣଙ୍କ ମଧ୍ୟରୁ ଖୋର୍ଦ୍ଧା ଅଞ୍ଚଳରୁ ୨ଜଣ ଥିବାବେଳେ ଆଉ ୨ଜଣ ଭୁବନେଶ୍ୱରର ରହିଛନ୍ତି। ଖୋର୍ଦ୍ଧାରେ ଚିହ୍ନଟ ୨ ଆକ୍ରାନ୍ତ ସୁରଟ ଫେରନ୍ତା। ଭୁବନେଶ୍ୱରରୁ ଚିହ୍ନଟ ହୋଇଥିବା ୨ ଆକ୍ରାନ୍ତ ସ୍ଥାନୀୟ ଚିହ୍ନଟ। ଏହି ଦୁଇ ଆକ୍ରାନ୍ତ ଚିହ୍ନଟ ହେବାପରେ ଭୁବନେଶ୍ୱରର ପୁଣି ସଂକ୍ରମିତ ଅଞ୍ଚଳକୁ ଚାଲିଯାଇଛି। ସୋମବାର ୩ଜଣ ସୁସ୍ଥ ହେବାପରେ ଭୁବନେଶ୍ୱର କରୋନା ମୁକ୍ତ ହୋଇଯାଇଥିଲା। କିନ୍ତୁ ୨୪ଘଣ୍ଟା ନ ପୂରୁଣୁ ପୁଣି ୨ଜଣ ଚିହ୍ନଟ ହୋଇଗଲେ। ସେପଟେ କଟକର ନୂଆ ୪ ଆକ୍ରାନ୍ତଙ୍କ ମଧ୍ୟରୁ ମହାରାଷ୍ଟ୍ର, ତେଲଙ୍ଗାନା ଓ ତାମିଲନାଡୁର ଜଣେ ଲେଖାଏ ଫେରିଥିବାବେଳେ ଆଉ ଜଣେ ସ୍ଥାନୀୟ ଚିହ୍ନଟ ରହିଛନ୍ତି। ପୁରୀରେ ଚିହ୍ନଟ ନୂଆ ୪ ଆକ୍ରାନ୍ତ, ଅନୁଗୋଳର ୨ ନୂଆ ଆକ୍ରାନ୍ତ ଓ ନୟାଗଡ଼ରେ ନୂଆ ଆକ୍ରାନ୍ତ ଜଣଙ୍କ ସୁରଟ ଫେରନ୍ତା ରହିଛନ୍ତି। ସେହିପରି ସମ୍ବଲପୁରରୁ ଚିହ୍ନଟ ହୋଇଥିବା ନୂଆ ୨ ଆକ୍ରାନ୍ତ ପଶ୍ଚିମବଙ୍ଗ ଫେରନ୍ତା ଓ ବାଲେଶ୍ୱର ନୂଆ ୨ ଆକ୍ରାନ୍ତ ସ୍ଥାନୀୟ ଚିହ୍ନଟ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି।

### ନେପାଳ ମାନଚିତ୍ରରେ...

ନେପାଳ ବହିର୍ବ୍ୟାପାର ମନ୍ତ୍ରୀ ପ୍ରଦୀପ କୁମାର ଗୱାଲି କହିଛନ୍ତି, ଖୁବ୍‌ଶୀଘ୍ର ନୂଆ ମାନଚିତ୍ର ଭୂପ୍ରବନ୍ଧନ ମନ୍ତ୍ରଣାଳୟ ଦ୍ୱାରା ସାର୍ବଜନୀନ କରାଯିବ। ସୂଚନାଯୋଗ୍ୟ, ଗତ ସପ୍ତାହରେ ଗୱାଲି ଭାରତର ରାଷ୍ଟ୍ରଦୂତ ବିନୟ ମୋହନ କ୍ୱାତ୍ରାଙ୍କୁ ସମନ୍ ଜାରି କରି ଧାରଚୁଲା ସହ ଲିପୁଲେଖକୁ ନିର୍ମାଣ କରାଯାଉଥିବା ରାସ୍ତାକୁ ବିରୋଧ କରିଥିଲେ। ତୀର୍ଥସ୍ଥଳୀ କୈଳାସ ମାନସରୋବରକୁ ଯିବା ଲାଗି ଏହି ରାସ୍ତା ନିର୍ମାଣ କରାଯାଉଥିବା ବେଳେ ନେପାଳ ସୀମାଦେଇ ରାସ୍ତା ନିର୍ମାଣ କରାଯାଇଥିଲା। ୮୦ କି.ମି.ର ଏହି ନୂଆ ରାସ୍ତାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଚଳିତମାସ ପ୍ରାରମ୍ଭରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଉଦ୍‌ଘାଟନ କରିଥିଲେ। ଏହାପରେ ପ୍ରଧାନମନ୍ତ୍ରୀ କେ.ପି.ଶର୍ମା ଓଲିଙ୍କ ନେତୃତ୍ୱାଧୀନ କ୍ୟାବିନେଟ୍ ନୂଆ ରାଜନୈତିକ ମାନଚିତ୍ରକୁ ଅନୁମୋଦନ କରିଥିବା ନେପାଳର ଅର୍ଥମନ୍ତ୍ରୀ ତଥା ସରକାରଙ୍କ ମୁଖପାତ୍ର ଯୁବରାଜ ଖତିୱାଡ଼ା ପ୍ରକାଶ କରିଥିଲେ। କ୍ୟାବିନେଟର ନିଷ୍ପତ୍ତି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ନେପାଳର ସଂସ୍କୃତି, ପର୍ଯ୍ୟଟନ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଯୋଗେଶ୍ ଭଟ୍ଟରାୟ କହିଛନ୍ତି। ତେବେ ନେପାଳ କମ୍ୟୁନିଷ୍ଟ ପାର୍ଟିର ବରିଷ୍ଠ ସଦସ୍ୟ ଗଣେଶ ଶାହା ଏଭଳି ପଦକ୍ଷେପ ଭାରତ-ନେପାଳ ମଧ୍ୟରେ ତିକ୍ତତା ସୃଷ୍ଟିକରିବ ବୋଲି ମତ ଦେଇଛନ୍ତି। ଅଯଥା ବିବାଦ ନ ବଢ଼ାଇ ସମାଧାନ ଲାଗି ନେପାଳ ସରକାରଙ୍କ ପକ୍ଷରୁ ଭାରତ ସହ ଆଲୋଚନା କରାଯିବା ଜରୁରୀ ବୋଲି ସେ ପ୍ରକାଶ କରିଛନ୍ତି। ନୂଆ ମାନଚିତ୍ରରେ ମୋଟ ୩୩୫ କି.ମି. ଭୂମିକୁ ସଂଲଗ୍ନ କରାଯାଇଛି। ୧୮୧୬ ମସିହାର ସୁଗୌଲି ଚୁକ୍ତିକୁ ପାଥେୟ କରି ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଥିବା 'କାଠମାଣ୍ଡୁ ପୋଷ୍ଟ' ପକ୍ଷରୁ ଦର୍ଶାଯାଇଛି। ନେପାଳର ଏଭଳି ଆଭିମୁଖ୍ୟକୁ ଭାରତ ପକ୍ଷରୁ ସମାଲୋଚନା କରାଯାଇଛି। ଭାରତର ସେନାମୁଖ୍ୟ ମନୋଜ ମୁକୁନ୍ଦ ନରୱାଣେ କହିଛନ୍ତି ଯେ, ଭାରତ-ନେପାଳ ସୀମା ବିବାଦକୁ ଚାଇନା ଚିହ୍ନାଉଛି।

### ପ୍ରଦୂଷଣ ପାଇଁ...

ଦାବି ହୋଇଛି। ସୂଚନାଯୋଗ୍ୟ ଯେ, ଭିସା ଷ୍ଟିଲ୍ ବାହାରକୁ ବର୍ଜ୍ୟଜଳ ଛାଡୁଥିବା ନେଇ ୫ ବର୍ଷ ହେଲା ଅଭିଯୋଗ ହୋଇ ଆସୁଛି। ଏଥିଯୋଗୁ ଆଖପାଖ ଅଞ୍ଚଳର ଚାଷ ଜମିର ଉର୍ବରତା ନଷ୍ଟ ହୋଇ ସାରିଛି। ଏନେଇ ସମିତି ପକ୍ଷରୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ଏକ ମାମଲା ରୁଜୁ ହୋଇଛି, ଯାହାକି ବିଚାରାଧୀନ ରହିଛି। ତଥାପି କାରଖାନାକୁ ଅନୁକମ୍ପା ଦେଖାଉଥିବାରୁ ଏସପିସିବି ଅଧିକାରୀଙ୍କ ସ୍ୱଚ୍ଛତା ଉପରେ ସମିତି ପ୍ରଶ୍ନ ଉଠାଇଛି। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, କାରଣ ଦର୍ଶାଅ ନୋଟିସ ଜାରି ହେବା ପରେ ଆବଶ୍ୟକ ନିରୀକ୍ଷଣ କରାଯାଇ ମୁଖ୍ୟ କାର୍ଯ୍ୟାଳୟକୁ ରିପୋର୍ଟ ପଠାଯାଇଥିଲା। ଏହାପରେ ମୁଖ୍ୟ କାର୍ଯ୍ୟାଳୟରୁ ପରିଚାଳନା ଅନୁମତି ସମୟକୁ ସମ୍ପ୍ରସାରଣ କରାଯାଇଛି। ବର୍ତ୍ତମାନ ଅଭିଯୋଗ ହେବା ପରେ କାରଖାନାରୁ ବାହାରୁଥିବା ପାଣି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି ବୋଲି ସେ କହିଛନ୍ତି।

ସମିତିର ଅଭିଯୋଗ ସଂକ୍ରାନ୍ତରେ ଭିସା ଷ୍ଟିଲର ମାନବସମ୍ବଳ ବିଭାଗ ମୁଖ୍ୟ ସନ୍ଦୀପ ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ଏସ୍‌ପିସିବିର ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ ଚାଲିଛି। ଏସ୍‌ପିସିବି କର୍ତ୍ତୃପକ୍ଷ ପୁଣି ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିଛନ୍ତି। ତେବେ କେତେଦୂର କାମ ଆଗକୁ ବଢ଼ିଛି ତାହା ଅନୁଧ୍ୟାନ କରି କହିବେ ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ରାଶିରେ ଚନ୍ଦ୍ର ଥିବାରୁ ବନ୍ଧୁମାନଙ୍କ ଗହଳ ଚହଳ ମଧ୍ୟରେ ବ୍ୟସ୍ତତା ଅନୁଭବ କରିପାରନ୍ତି। ବୟସ୍କ ସଦସ୍ୟଙ୍କ ବିଚାରହୀନ ମନ୍ତବ୍ୟକୁ କେନ୍ଦ୍ରକରି ପରିବାରରେ ଝଗଡ଼ା ଲାଗିପାରେ। ସନ୍ତାନଙ୍କ ଅଶାନ୍ତ ମନଦେଖି ନିଜେ ଚିନ୍ତିତ ହୋଇପାରନ୍ତି। ଏକ ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବାକୁ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ।

**ବୃଷ** କର୍ମକ୍ଷେତ୍ରରେ ଏକାଧିକ ବ୍ୟକ୍ତିଙ୍କ ବିରୁଦ୍ଧାତ୍ମକ ସ୍ୱର କର୍ମ କ୍ଷେତ୍ରକୁ ସମସ୍ୟା ବହୁଳ କରିଦେଇପାରେ। ପୂର୍ବ ନିର୍ଦ୍ଧାରିତ ଯୋଜନା ଭଣ୍ଡୁର ହୋଇଯିବା ଆଶଙ୍କାରେ ମାନସିକ ଅସ୍ଥିରତା ସୃଷ୍ଟିହେବ। ଅର୍ଥନୈତିକ କାର୍ଯ୍ୟକ୍ରମ, ଆଲୋଚନାଚକ୍ର, ସଭାସମିତି, ଆମଦାନୀ କାରବାର, କଳା କାରିଗରୀ କ୍ଷେତ୍ରରେ ସଫଳତା ପାଇବେ।

**ମିଥୁନ** ସମର୍ଥନ ପାଇ ଆଜିର କାମ ସୁରୁଖୁରୁରେ ସମ୍ପନ୍ନ ହେବ। ପରିସ୍ଥିତିରେ ପଡି ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ ସକାଶେ ବହୁତ ଅର୍ଥ ବ୍ୟୟର ସମ୍ଭାବନା ରହିଛି। ପରିବାର ଭିତରେ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ପ୍ରତିଦ୍ୱନ୍ଦ୍ୱିତା,କଳା, ସାହିତ୍ୟ,ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାର ସମାଧାନ ହୋଇଯିବ।

**କର୍କଟ** କାର୍ଯ୍ୟସିଦ୍ଧି, ଅର୍ଥଲାଭ, କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ଓ ସନ୍ତାନ ହେତୁକ ଗୌରବ ବୃଦ୍ଧି ଘଟିବ। ପାରିବାରିକ କ୍ଷେତ୍ର,ଲୋକ ସମ୍ପର୍କ,ଆନୁଷ୍ଠାନିକ କାମ ସକାଶେ ପ୍ରତିକୂଳ ପରିସ୍ଥିତି ସୃଷ୍ଟିର ଆଶଙ୍କା ଦେଖା ଦେଇପାରେ। ପରିବହନ, ଯାନବାହନ, ପ୍ରଶାସନ ଓ ପ୍ରଶାସନିକ କ୍ଷେତ୍ରରେ ବ୍ୟତିକ୍ରମ ମଧ୍ୟରେ କାର୍ଯ୍ୟ ସାଧିତ ହେବ।

**ସିଂହ** ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନିଧ୍ୟ ଲାଭ,ଉଚ୍ଚ ପଦପଦବୀ ପ୍ରାପ୍ତି ଓ ବୈଷୟିକ ସୁଖ,ସମୃଦ୍ଧିରୁ ଖୁସୀ ରହିବେ। ରାଜନୀତି, ଅଦାଲତ, ଗଣତନ୍ତ୍ର, ସଂଗଠନ, ଧାର୍ମିକ କାର୍ଯ୍ୟ ଓ ସତ୍‌ସଙ୍ଗ କ୍ଷେତ୍ରକୁ ଋଦ୍ଧିମନ୍ତ କରିବ। ପଦାଧିକାରୀଙ୍କ ସହଯୋଗରୁ ସାହିତ୍ୟ, କଳା, କ୍ରୀଡ଼ା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** ସ୍ୱାସ୍ଥ୍ୟ ଭଲ ରହିବା ସହ ଜମିଜମା, ଗୃହସୀମା, ନିର୍ମାଣ, କୋର୍ଟକଚେରି ମାମଲା କ୍ଷେତ୍ରରେ ସୁଫଳ ପାଇବେ। କର୍ମକ୍ଷେତ୍ରରେ ଆବଶ୍ୟକୀୟ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ନିଜ ପରିସରର ବ୍ୟକ୍ତିଙ୍କ ଅନୁରୋଧକ୍ରମେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ତୁଳା** ବିକ୍ଷିପ୍ତ ଓ ବିବାଦୀୟ ଚିନ୍ତାଧାରା କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ରହିଛି। ନିକଟ ସମ୍ପର୍କୀୟମାନେ ପୁରାତନ କଥାକୁ କେନ୍ଦ୍ରକରି ଅଧୁନାଂ ଅସହଯୋଗ କରିପାରନ୍ତି। ସଂଗଠନ, ଗବେଷଣା ଓ ପ୍ରତିଯୋଗିତା କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ। ପାରିବାରିକ, ଅର୍ଥସମ୍ପର୍କ, ଯାନ୍ତ୍ରିକ ଜିନିଷର କାରବାର କ୍ଷେତ୍ର ମନ୍ଦ ହେବନି।

**ବିଛା** ଅର୍ଥନୈତିକ ଅଭିବୃଦ୍ଧି ଓ ସାମାଜିକ କ୍ଷେତ୍ରରୁ ସମ୍ମାନ ଲାଭ କରିବେ। ବନ୍ଧୁଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ବିଗତ ଦିନର କୌଣସି ଘଟଣା ସକାଶେ ଅପରାହ୍ନରେ ଟେନସନ୍ ବଢ଼ିପାରେ। ମାଲିମକଦ୍ଦମା, ଜମିଜମା କାରବାର, ନିର୍ମାଣ, ମାଙ୍ଗଳିକ କାମ ପାଇଁ ପ୍ରସ୍ତୁତି କରିବାରେ ତତ୍ପରତା ପ୍ରକାଶ କରିପାରନ୍ତି।

**ଧନୁ** ଆତ୍ମୀୟ ସ୍ୱଜନମାନଙ୍କ ନିକଟରୁ ସହାନୁଭୂତି ମଧ୍ୟ ପାଇବା ଦୁର୍ଲଭ ହୋଇପଡିବ। ପାରସ୍ପରିକ ଯୁକ୍ତିତର୍କ ଜନିତ ପାରିବାରିକ କ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ। ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ଅପ୍ରିୟ ସତ୍ୟ ପ୍ରକାଶ କରିବା କାରଣରୁ ସମ୍ପର୍କୀୟମାନେ ପାଖ ମାଡିବେ ନାହିଁ।

**ମକର** ସହନଶୀଳତାର ସହ ସାମନା କରିବାର ଧୈର୍ଯ୍ୟ ହାସଲ କରିବେ। ଅର୍ଥ ସଂକଟ ଦୂର ହେବା ସଙ୍ଗକୁ ଟେକ୍ନିକାଲ୍ କାମରେ ବିଶେଷ ସୁବିଧା ପ୍ରାପ୍ତ ହେବ। ନିକଟ ସମ୍ପର୍କୀୟଙ୍କୁ ଭଲ ପାଇବାକୁ କେନ୍ଦ୍ର କରି ସମସ୍ୟା ଦେଖାଦେବ। ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ନିକଟ ସମ୍ପର୍କୀୟଙ୍କ ସହ ସୁସମ୍ପର୍କ ରହିବ ନାହିଁ।

**କୁମ୍ଭ** ଆଜି ମନୋରଞ୍ଜନ ପ୍ରତି ରୁଚି ବଳିବା ସଙ୍ଗକୁ କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। କୌଶଳ ଅବଲମ୍ବନ କରି ହାସଲ କରିବାକୁ ଥିବା କାମଟି ବନ୍ଧୁଙ୍କ ଦ୍ୱାରା କରାଇ ନେବେ। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ, ଯାହା କି ସମସ୍ୟା ବୃଦ୍ଧି କରିବ।

**ମୀନ** କର୍ମକ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିବେ। ଆଲୋଚନା ମାଧ୍ୟମରେ ପାରିବାରିକ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିବାର ଆଶା କରାଯାଇପାରେ।

ଆଜି ଜ୍ୟେଷ୍ଠ କୃଷ୍ଣ ତ୍ରୟୋଦଶୀ ବୁଧବାର, ମେ୨୦ ତାରିଖ, ରାଶି ନକ୍ଷତ୍ର- ଅଶ୍ୱିନୀ। ମେଷ, ମେଷ ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ.୦୭.୪୯ମି. ଗତେ ଘ.୧୧.୧୭ମି. ମଧ୍ୟେ, ଘ.୦୧.୫୩ମି. ଗତେ ଘ.୦୫.୨୧ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୧୩ମି. ଗତେ ଘ.୦୯.୫୩ମି. ମଧ୍ୟେ, ରାତ୍ରି ଘ.୧୨.୦୫ମି. ଗତେ ଘ.୦୧.୩୩ମି. ମଧ୍ୟେ ଅମୃତବେଳା। ଦିବା ଘ. ୧୧.୪୩ମି. ଗତେ, ଘ.୦୧.୨୧ମି. ମଧ୍ୟେ ରାହୁକାଳ।

ଅନ୍ୟମାନଙ୍କଠାରୁ ଯାହା ଆସେ –ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ– ଯେତେବେଳେ ଆମେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇ ରହୁ– ସେତେବେଳେ ଆରେ ତାଙ୍କର ଅଦ୍ଭୁତ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା। –ଶ୍ରୀମା



# ନେପାଳ ଗଳା

ଏବର କେନ୍ଦ୍ର ସରକାର ସର୍ବଦା କହିଆସୁଛନ୍ତି, ଭାରତ ବିଶ୍ୱର ବିଭିନ୍ନ ଦେଶ ସହ ଉତ୍ତମ ସମ୍ପର୍କ ରଖିଚାଲିଛି। ଆମେରିକା ଓ ଅନ୍ୟ ବିକଶିତ ରାଷ୍ଟ୍ରଗୁଡ଼ିକ ଭାରତର ନେତୃତ୍ୱକୁ ସମ୍ମାନ ଦେଉଥିବା ବିଷୟ ବିଭିନ୍ନ ମଞ୍ଚରେ ବାରମ୍ବାର କୁହାଯାଉଛି। ଉଲ୍ଲେଖଯୋଗ୍ୟ, ଭାରତକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୨୦୦ ଭେଣ୍ଟିଲେଟର ଉପହାର ଦେବେ ବୋଲି ଘୋଷଣା କରିଛନ୍ତି। ଗୋଟିଏ ପଟେ ଟ୍ରମ୍ପ୍‌ଙ୍କ ଗତ ଫେବୃୟାରୀରେ ଗୁଜରାଟର ଅହମଦାବାଦ ପରିଦର୍ଶନ ଏବଂ ତାଙ୍କ ସମ୍ବର୍ଦ୍ଧନା ଲାଗି କରାଯାଇଥିବା 'ନମସ୍ତେ ଟ୍ରମ୍ପ୍' କାର୍ଯ୍ୟକ୍ରମରେ ୧୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା କଥା ସମସ୍ତେ ଜାଣନ୍ତି। ଅନ୍ୟପଟେ ଖୋଦ୍ ରାଷ୍ଟ୍ରପତି ଟ୍ରମ୍ପ୍ ନିଜ ଦେଶ ଆମେରିକାରେ ଲାଗି ରହିଥିବା କରୋନା ଭାଇରସ୍‌ଜନିତ ମୃତ୍ୟୁ ସମ୍ଭାଳିବା ପାଇଁ ଭେଣ୍ଟିଲେଟର ଯୋଗାଇପାରି ନାହାନ୍ତି। ଏହି ଉପହାର କେତେଦୂର ଭାରତର ସମସ୍ୟା ସମାଧାନ କରିବାରେ ସହାୟକ ହେବ କହିବା କଷ୍ଟକର। କିନ୍ତୁ ଏଭଳି ଏକ ବିପଜ୍ଜନକ ପରିସ୍ଥିତିରେ ଆମେରିକା ରାଷ୍ଟ୍ରପତିଙ୍କ ଏହି ଦାନ ସତେ ଯେମିତି କୌତୂହଳର ବିଷୟ ମନେହେଉଛି। ଉଲ୍ଲେଖଯୋଗ୍ୟ, ଭାରତରେ ପ୍ରସ୍ତୁତ ମ୍ୟାଲେରିଆ ଔଷଧ ହାଇଡ୍ରୋକ୍ସିକ୍ଲୋରୋକୁଇନ୍, ଯାହାକୁ କେବଳ ରାଷ୍ଟ୍ରପତି ଟ୍ରମ୍ପ କହୁଛନ୍ତି ଯେ କୋଭିଡ୍-୧୯ ଦ୍ୱାରା ପୀଡ଼ିତ ରୋଗୀଙ୍କୁ ଏହା ଉପଶମ କରିବ, ତାହାକୁ ଭାରତରୁ ଆମଦାନୀ କରିବାକୁ ସେ ଇଚ୍ଛା ପ୍ରକାଶ କରିଥିଲେ। ଦେଖିବାକୁ ଗଲେ ସେହି ଔଷଧ ରପ୍ତାନିକୁ ଭାରତ ସରକାର ବନ୍ଦ କରିଥିଲେ। ଭାରତ ଯଦି ତାହା ପଠାଇବାକୁ ମନା କରିବ, ତେବେ ଉଚିତ ଜବାବ ଦିଆଯିବ ବୋଲି ଟ୍ରମ୍ପ୍ ଘୋଷଣା କଲେ। ଏପରି ଧମକ ପାଇ ଭାରତ ସରକାର ତାଙ୍କ ନିଷ୍ପତ୍ତିରୁ ଓହରିଗଲେ। ପରେ ଧମକରେ ଆଣ୍ଠେଇ ପଡ଼ିଥିବା ଭାରତକୁ ମଲମ ଲଗାଇବାକୁ ଯାଇ ଟ୍ରମ୍ପ୍ ମାତ୍ର ୨୦୦ ଭେଣ୍ଟିଲେଟର ଦେବାକୁ କହିଛନ୍ତି। ଏଥିରୁ ମନେହୁଏ ନାହିଁ ଯେ, ଯେପରି ଆମେରିକା ଓ ଭାରତ ମଧ୍ୟରେ ଏକ ସମାନ ଓଜନର ସମ୍ପର୍କ ରହିଛି।

ଏବେ ଦୂରରୁ ଫେରିଆସି ନିକଟତର ପଡ଼ୋଶୀ ସହ ସମ୍ପର୍କକୁ ଦୃଷ୍ଟି ଦିଆଯାଉ। ଭାରତ-ନେପାଳ ସୀମାକୁ ନେଇ ବର୍ତ୍ତମାନ ବିବାଦ ଉପୁଜିଛି। ଭାରତର ପଡ଼ୋଶୀ ଛୋଟିଆ ଦେଶ ନେପାଳ ତା'ର ନୂଆ ରାଜନୈତିକ ମାନଚିତ୍ରକୁ ଅନୁମୋଦନ କରିଛି। ଏଥିରେ ଉତ୍ତରାଖଣ୍ଡରେ ଅବସ୍ଥିତ କାଲାପାଣି, ଲିପୁଲେଖ ଓ ଲିମ୍ପିୟାଧୁରା ଅଞ୍ଚଳକୁ ନେପାଳ ସ୍ଥାନ ଦେଇଛି। ଖୁବ୍‌ଶୀଘ୍ର ଏହି ମାନଚିତ୍ରକୁ ସାଧାରଣରେ ପ୍ରକାଶ କରାଯିବ ବୋଲି ନେପାଳ ବହିର୍ବ୍ୟାପାର ମନ୍ତ୍ରୀ ପ୍ରଦୀପ କୁମାର ଗିଓ୍ୱାଲି ୧୯ ମେ'ରେ କହିଛନ୍ତି। ସୂଚନା ଦିଆଯାଇପାରେ ଯେ, କାଲାପାଣି ଉତ୍ତରାଖଣ୍ଡର ପିଥୋରଗଡ଼ ଜିଲାରେ ଥିବା ବେଳେ କାଠମାଣ୍ଡୁ ଏହାକୁ ଧାରଚୁଲା ଜିଲାର ବୋଲି କହୁଛି। ସେହିପରି ଲିପୁଲେଖ ପାସ୍ ଓ ଲିମ୍ପିୟାଧୁରା ଉଭୟ ଦେଶର ସୀମାନ୍ତରେ ଥିବାରୁ ପରସ୍ପର ମଧ୍ୟରେ ଏହି ଅଞ୍ଚଳକୁ ନେଇ ବିବାଦ ଉପୁଜିଛି।

ଭାରତ-ନେପାଳ ସମ୍ପର୍କର ତିକ୍ତତାକୁ ବୁଝିବାକୁ ହେଲେ ଅତୀତକୁ ଦେଖିବାକୁ ହେବ। ଦକ୍ଷିଣ ନେପାଳରେ ବାସ କରୁଥିବା ମାଧେସୀ ସମ୍ପ୍ରଦାୟର ଜନସାଧାରଣଙ୍କ ବଂଶଗତ ସମ୍ପର୍କ ଉତ୍ତର ପ୍ରଦେଶ ଓ ବିହାର ସହିତ ରହିଛି। ନେପାଳର ମୂଳ ବାସିନ୍ଦାମାନେ ସେମାନଙ୍କୁ ନେପାଳି ଭାବେ ମାନ୍ୟତା ଦିଅନ୍ତି ନାହିଁ। ସେଠାରେ ନୂତନ ସମ୍ବିଧାନ ପ୍ରଣୟନ ବେଳେ ମାଧେସୀ ସମ୍ପ୍ରଦାୟକୁ କୌଣସି ସାମ୍ବିଧାନିକ ଅଧିକାର ଦିଆଯାଇ ନ ଥିଲା। ସେମାନେ କାଠମାଣ୍ଡୁ ବିରୋଧରେ ପ୍ରତିବାଦ କରିବାରୁ ଭାରତର ଭୂମିକା ନେପାଳ ଜନସାଧାରଣଙ୍କୁ କ୍ରୋଧିତ କରିଥିଲା। ମାଧେସୀମାନେ ଅର୍ଥନୈତିକ ଅବରୋଧ କରିଛନ୍ତି ବୋଲି କହି ଭାରତ ସରକାରଙ୍କ ଅତ୍ୟନ୍ତ ଦୂରଦୃଷ୍ଟିହୀନତାରୁ ଔଷଧ, ପେଟ୍ରୋଲଜାତ ସାମଗ୍ରୀ ଏବଂ ଖାଦ୍ୟ ଭଳି ଅତ୍ୟାବଶ୍ୟକ ଦ୍ରବ୍ୟଗୁଡ଼ିକୁ ନେପାଳ ଯିବାକୁ ଦିଆଯାଇ ନ ଥିଲା। ସେବେଠାରୁ ଏକମାତ୍ର ହିନ୍ଦୁ ରାଷ୍ଟ୍ର ତା'ର ନୂତନ ସମ୍ବିଧାନରେ ନିଜକୁ ଧର୍ମନିରପେକ୍ଷ ଆଖ୍ୟା ଦେଇଦେଲା। ଏହା ମୋଦି ସରକାରଙ୍କୁ ଅଧିକ କ୍ଷୁବ୍ଧ କରିଥିଲା। ନେପାଳୀ ଗଣମାଧ୍ୟମରେ ପ୍ରଚାର କରାଗଲା ଯେ, ଭାରତ ପୁନର୍ବାର ରାଜ ପରିବାରକୁ କ୍ଷମତାସୀନ କରିବାକୁ ମସୁଧା ଚଳାଇଛି। ଗଣତାନ୍ତ୍ରିକ ନେପାଳ ତାହାର ପ୍ରତିକ୍ରିୟା ସ୍ୱରୂପ କମ୍ୟୁନିଷ୍ଟ ଚାଇନା ସହିତ ସମ୍ପର୍କ ଗଢ଼ିବାକୁ ଯାଇ ଓ୍ୱାନ୍ ବେଲ୍ଟ ଓ୍ୱାନ୍ ରୋଡ୍ (ଓବର) ଚୁକ୍ତିରେ ସ୍ୱାକ୍ଷର କରିଥିଲା। ସେଥିପାଇଁ ଏବେ ସବୁ ଛୋଟ ବଡ଼ କଥାରେ ଟଣାଓଟରା ଚାଲିବ ବୋଲି ଭାରତୀୟମାନେ ବୁଝିଯିବା ଦରକାର। ଚଳିତ ମାସ ପ୍ରାରମ୍ଭରେ ନେପାଳର ଧାରଚୁଲା ସହ ଲିପୁଲେଖ ପାସ୍ ସଂଯୋଗ ଲାଗି ନୂଆ ରାସ୍ତା ନିର୍ମାଣକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଭିଡିଓ କନ୍‌ଫରେନ୍ସ ଜରିଆରେ ଉଦ୍‌ଘାଟନ କରିଥିଲେ। ଏହି ରାସ୍ତା ଦ୍ୱାରା କୈଳାସ ମାନସରୋବର ଯାଉଥିବା ତୀର୍ଥଯାତ୍ରୀଙ୍କ ପାଇଁ ଦୂରତା କମିଯିବ। ଏହାକୁ ନେଇ କାଠମାଣ୍ଡୁ ଆପତ୍ତି ଉଠାଇଥିଲା। ନେପାଳର କହିବା ଅନୁଯାୟୀ, ଲିପୁଲେଖ ଅଞ୍ଚଳ ନେପାଳରେ ଥିବା ହେତୁ ଭାରତର ପ୍ରତିରକ୍ଷା ମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିବା ସୀମା ବିବାଦକୁ ଉସୁକାଇଛି। ଅନ୍ୟପକ୍ଷରେ ଭାରତର ସେନାମୁଖ୍ୟ ଜେନେରାଲ ମନୋଜ ମୁକୁନ୍ଦ ନରଓ୍ୱାଣେ କହିଛନ୍ତି ଯେ, ନେପାଳ-ଭାରତ ସୀମା ବିବାଦକୁ ଚାଇନା ଚିହାଉଛି। ଏହା ନିଶ୍ଚିତ ଭାବେ ସତ୍ୟ ହୋଇଥିବ। ଆଜିର ରାଜନୈତିକ ନେତୃତ୍ୱ ବ୍ୟକ୍ତିଗତ କାରଣରୁ ଦେଶର ଦୀର୍ଘମିଆଦୀ ହିତକୁ ଜଳାଞ୍ଜଳି ଦେଇଦେଉଛନ୍ତି। ଉତ୍ତର ଭାରତର ସୀମାରେ ନେପାଳର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେହି ଦେଶର ଦକ୍ଷିଣରେ ଭାରତ ଥିବା ବେଳେ ଉତ୍ତରରେ ଚାଇନା। ଯଦି ନେପାଳର ସମ୍ପର୍କ ଚାଇନା ସହିତ ଅଧିକ ନିବିଡ଼ ହୋଇଚାଲେ, ତେବେ ଚାଇନାର ଲାଲ୍ ସେନା ଉତ୍ତର ପ୍ରଦେଶ ଓ ବିହାରକୁ ସୀମାନ୍ତ ରାଜ୍ୟରେ ଅତି ସହଜରେ ପରିଣତ କରିଦେବ। ଅର୍ଥାତ୍ ଭାରତର ସୀମାର ଦୈର୍ଘ୍ୟ ଅନେକ ପରିମାଣରେ ବଢ଼ିଯିବ। ଏବେ ଘଟାଯାଉଥିବା କୂଟନୈତିକ ତ୍ରୁଟି ଭାରତର ଭବିଷ୍ୟତକୁ ଅନ୍ଧକାର କରିବା ସହିତ ଅନେକ ଯୁଗ ପାଇଁ ସମସ୍ୟା ସୃଷ୍ଟି କରିଦେବ। ଏହିଭଳି ପୂର୍ବର ବନ୍ଧୁ ଥିବା ଦେଶଗୁଡ଼ିକ ସହିତ ତିକ୍ତତା ବଢୁଥିବାରୁ ବାଂଲାଦେଶ ଏବେ ଭାରତ ସପକ୍ଷବାଦୀରୁ ବିପକ୍ଷବାଦୀ ପାଲଟିବା ଆରମ୍ଭ କଲାଣି। ଅନୁରୂପ ଭାବେ ଡୋକ୍‌ଲାମ ଯୋଗୁ ଭୁଟାନ୍ ଏବଂ ବିଭିନ୍ନ କାରଣରୁ ମ୍ୟାନ୍‌ମାର ଓ ଶ୍ରୀଲଙ୍କା ସହିତ ସମ୍ପର୍କ ଅତି ବିଗିଡ଼ିଯାଇଛି। ଆଜିର ସମୟରେ ଏହା ଭାରତ ପାଇଁ ଅତ୍ୟନ୍ତ ଆବଶ୍ୟକ ଯେ, ପ୍ରଥମେ ପଡ଼ୋଶୀ ଦେଶକୁ ନିହାତି ବନ୍ଧୁତ୍ୱର ନିବିଡ଼ତା ପ୍ରମାଣ ଦେଇ ପୁନର୍ବାର ସୁସମ୍ପର୍କ ଗଢ଼ିବା।

# ବିଜ୍ଞାନ ହିଁ ଭରସା



ଭାଲଚନ୍ଦ୍ର ଷଡ଼ଙ୍ଗୀ

ନୋଭେଲ କରୋନା ଭୂତାଣୁର ଆବିର୍ଭାବ ଆଜି ମାନବ ସଭ୍ୟତାର ଅସ୍ତିତ୍ୱ ପ୍ରତି ଏକରକମ ଆହ୍ୱାନ ସୃଷ୍ଟି କରିଛି। ପ୍ରଥମ ଥର ପାଇଁ ମଣିଷ ଦେହକୁ ସଂକ୍ରମିତ ହୋଇଥିବା ଏହି ଭୂତାଣୁ ଏବେ ସମଗ୍ର ବିଶ୍ୱରେ ନିଜର କାୟା ବିସ୍ତାର କରି ମହାମାରୀ ରୂପ ନେବା ସହ ଲକ୍ଷ ଲକ୍ଷ ଲୋକଙ୍କୁ ମୃତ୍ୟୁମୁଖକୁ ଠେଲି ଦେଇଛି।

ବିଶ୍ୱରେ ଭୂତାଣୁଜନିତ ମହାମାରୀ ଆଦୌ ନୂଆ ନୁହେଁ। ଅତୀତରେ ବିଶ୍ୱରେ ଅନେକ ରୋଗ ସୃଷ୍ଟି ହୋଇ ମହାମାରୀର ରୂପ ନେଇଛି। ତେବେ ନୂଆକରି ମୁଣ୍ଡ ଟେକୁଥିବା ଯେକୌଣସି ଭୂତାଣୁର ଆବିର୍ଭାବ ଓ ତା'ର ପ୍ରତିକାରକୁ ନେଇ ସମାଜରେ ସର୍ବଦା ଅନେକଗୁଡ଼ିଏ ଭ୍ରାନ୍ତି, ଅନ୍ଧ ବିଶ୍ୱାସ ଓ ଅବୈଜ୍ଞାନିକ ଧାରଣା ଦେଖିବାକୁ ମିଳିଥାଏ। ଆଜି କରୋନା କ୍ଷେତ୍ରରେ ମଧ୍ୟ ସେହିକଥା ହିଁ ଦେଖିବାକୁ ମିଳିଛି। ଗତ କିଛି ମାସ ମଧ୍ୟରେ ବିଶ୍ୱରେ ଅନେକ ବାବା ମାତା ଓ ଧର୍ମଗୁରୁ କରୋନା ନେଇ ଅନେକ ଭୁଲ୍ ତଥା ଅବୈଜ୍ଞାନିକ କଥାର ପ୍ରଚାର କରିବା ଦେଖାଯାଇଛି। କେହି କରୋନା ଭୂତାଣୁକୁ ଭଗବାନଙ୍କ ଅବତାର ବୋଲି କହି ଯଜ୍ଞ କଲେ କିମ୍ବା ଅମୁକ ମନ୍ତ୍ର ପଢ଼ିଲେ ଏହା ବିଲ୍‌କୁଲ୍ ପାଖ ମାଡ଼ିବନି ବୋଲି କହୁଥିବା ବେଳେ କେହି କୋରନାରୁ କରୋନା ଆସିଛି ଏବଂ ନମାଜ ପଢ଼ିଲେ ଏହି ରୋଗ ଆଦୌ ହେବନି ବୋଲି କହିଲେଣି। କେହି ମାଳିକାରେ କରୋନା ଆସିବା କଥା ରହିଛି ବୋଲି କହୁଥିଲା ବେଳେ କେହି ଏଠି ତେତିଶ କୋଟି ଦେବତା ଅଛନ୍ତି, ତେଣୁ କରୋନା ଆସିବନି ବୋଲି କହିଛନ୍ତି।

ଗତ କିଛି ମାସ ମଧ୍ୟରେ କରୋନା ଭୂତାଣୁର ସଂକ୍ରମଣ ବଢ଼ିବା ସହିତ ଗୋମୂତ୍ର ଓ ଗୋବରକୁ ତା'ର ପ୍ରତିଷେଧକ ବୋଲି ଅନେକ ବାବା ମାତା ଓ ନେତା ଦାବି କରିବା ଦେଖାଯାଇଛି। ଜଣେ ବାବା ମୁହଁରେ ମାସ୍କ ବଦଳରେ ନାକରେ ଦେଶୀ ଗାଇଘିଅ ଲଗାଇଲେ କରୋନା ଭୂତାଣୁ ଆସିଲେ ମରିଯିବ ବୋଲି କହୁଥିବା ବେଳେ ଜଣେ ଯୋଗଗୁରୁ ନାକରେ ସୋରିଷ ତେଲକୁ ଉଷୁମ କରି ଲଗାଇବାକୁ ପରାମର୍ଶ ଦେଇଛନ୍ତି। କେହି ଗୋମୂତ୍ର ପାର୍ଟିର ଆୟୋଜନ କରି ଶହ ଶହ ଲୋକଙ୍କୁ ଗୋମୂତ୍ର ଓ ଗୋବର ଖୁଆଇଲେଣି ତ କେହି ତୁଳସୀ ପତ୍ର ଖାଇଲେ କରୋନା ହେବନି ବୋଲି ହ୍ୱାଟସପ୍‌ରେ ଭାଇରାଲ କଲାଣି।

ସବୁଠାରୁ ଆଶ୍ଚର୍ଯ୍ୟର କଥା କରୋନାକୁ ନେଇ ବିଭ୍ରାନ୍ତି ସୃଷ୍ଟି କରିବାରେ ଖୋଦ୍ କେନ୍ଦ୍ର ସରକାର ବି ପଛରେ ନାହାନ୍ତି। ବିଶ୍ୱରେ ଏଯାଏ ଏହି ମହାମାରୀର କୌଣସି ଔଷଧ ଉଦ୍‌ଭାବିତ ହୋଇ ନ ଥିବା ବେଳେ କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଉଭୟ ହୋମିଓପ୍ୟାଥି ଓ ଆୟୁର୍ବେଦରେ କରୋନାର ଔଷଧ ରହିଛି ବୋଲି ନିଜ ୱେବ୍‌ସାଇଟ୍‌ରେ ଦାବି କରିଛନ୍ତି, ଯାହାକୁ ଅନେକ ସମାଲୋଚନା ପରେ ନିକଟରେ ହଟେଇ ଦିଆଯାଇଛି। କୋଭିଡ-୧୯ ଏକ ସଦ୍ୟ ଆବିଷ୍କୃତ ଭୂତାଣୁ ହୋଇଥିବା ବେଳେ କୌଣସି ବୈଜ୍ଞାନିକ ପରୀକ୍ଷା ନିରୀକ୍ଷା ବିନା ଏଭଳି ଔଷଧର ପ୍ରଚାର ଅବିବେକିତା ମନେହୁଏ। ସେହିଭଳି ନିକଟରେ ଗଙ୍ଗାଜଳରେ କରୋନାର ରୋଗ ପ୍ରତିଷେଧକ କ୍ଷମତା ରହିଛି ନା ନାହିଁ ବୋଲି ପରୀକ୍ଷା କରିବା ପାଇଁ କେନ୍ଦ୍ର ସରକାର ଦେଇଥିବା ପ୍ରସ୍ତାବକୁ ଆଇସିଏମ୍ଆର୍ ପ୍ରତ୍ୟାଖ୍ୟାନ କରିଦେଇଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ନିକଟରେ କରୋନାର ଆୟୁର୍ବେଦିକ ଉପଚାର ପାଇଁ ଗବେଷଣା କରିବାକୁ ବି ନିର୍ଦ୍ଦେଶ ଦେବା ଦେଖିବାକୁ ମିଳିଛି।

କରୋନା ଭୂତାଣୁର ମୁକାବିଲା ପାଇଁ ପ୍ରଥମ ଦିନରୁ ହିଁ ବିଜ୍ଞାନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି। ବିଶ୍ୱର ଧର୍ମଯାଜକମାନେ ନିଜର ପ୍ରାସଙ୍ଗିକତା ଓ ଅସ୍ତିତ୍ୱକୁ ବଜାୟ ରଖିବାକୁ ଏହି ରୋଗ ସମ୍ପର୍କରେ ନାନା ଅବୈଜ୍ଞାନିକ ଏବଂ କପୋଳକଳ୍ପିତ ତତ୍ତ୍ୱର ଅବତାରଣା କରୁଛନ୍ତି। ସେତେବେଳେ ବୈଜ୍ଞାନିକ ଓ ଡାକ୍ତରମାନେ ରୋଗର କାରଣ, ସଂକ୍ରମଣ ତଥା ତା'ର ଚିକିତ୍ସାର ଉପାୟ ସବୁ ବାହାର କରି ଚାଲିଛନ୍ତି। ଗତ ନଭେମ୍ବରରେ ଚାଇନାର ଉହାନ୍ ସହରରେ ଏହି ଭୂତାଣୁଜନିତ ସଂକ୍ରମଣର ଘଟଣା ପ୍ରଥମେ ସାମ୍ନାକୁ ଆସିବା ପରେ ଯଦିଓ ପ୍ରାରମ୍ଭିକ ଅବସ୍ଥାରେ ଏହି ରୋଗ ସମ୍ପର୍କରେ ସ୍ଥାନୀୟ ଡାକ୍ତର ଓ ବୈଜ୍ଞାନିକମାନେ କୌଣସି ନିଷ୍କର୍ଷରେ ପହଞ୍ଚିପାରି ନ ଥିଲେ ମଧ୍ୟ ପରେ ପରେ ବିଜ୍ଞାନ ଓ ତଥ୍ୟର ଆଧାରରେ ଏହାକୁ ଭୂତାଣୁଜନିତ ସଂକ୍ରମଣ ବୋଲି ଜାଣିବାରେ ସଫଳ ହୋଇଥିଲେ। ଏହି ଭୂତାଣୁର ଚରିତ୍ର ସମ୍ପର୍କରେ ଅନୁଧ୍ୟାନ କରି ଏହାକୁ ସାର୍ସ, ମାର୍ସ ପରି କରୋନା ପ୍ରଜାତିର ସପ୍ତମ ଭୂତାଣୁ ବୋଲି ଚିହ୍ନଟ କରି ତାକୁ ନୋଭେଲ କରୋନା ଭୂତାଣୁ ରୂପେ ନାମିତ କରିଥିଲେ। ପରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏହାକୁ ବିଶ୍ୱ ମହାମାରୀ ବୋଲି ଘୋଷଣା କରିବା ସହ ଏହାକୁ କୋଭିଡ-୧୯ ବୋଲି ନାମିତ କରିଥିଲା।

ଆଜି ଚାଇନାଠାରୁ ଆରମ୍ଭ କରି ଭାରତ ପର୍ଯ୍ୟନ୍ତ ବିଶ୍ୱରେ କରୋନା ରୋଗର ମୁକାବିଲାଟି ପ୍ରଥମେ ମାସ୍କର ପରିଧାନ, କ୍ୱାରାଣ୍ଟାଇନ୍ ବା ସଙ୍ଗରୋଧ, ପରୀକ୍ଷା ଜରିଆରେ ସଂକ୍ରମଣର ଚିହ୍ନଟ ଏବଂ ହସ୍‌ପିଟାଲ ଚିକିତ୍ସା ମାଧ୍ୟମରେ ହିଁ କରାଯାଉଛି। ବିଜ୍ଞାନର ନିୟମ ଆଧାରରେ ସଂକ୍ରମଣର ଶୃଙ୍ଖଳାକୁ ରୋକିବାକୁ ଲକ୍‌ଡାଉନ୍ କରାଯାଉଛି। କରୋନାର ଏଯାଏ ଔଷଧ ବାହାରି ନ ଥିଲେ ବି ସଂକ୍ରମିତକୁ ହସ୍‌ପିଟାଲରେ ଦାଖଲ କରି ତା'ର ଲକ୍ଷଣ ଭିତ୍ତିକ ଚିକିତ୍ସା ଅଥବା ଆଜିକାଲି ପ୍ଲାଜ୍‌ମାଥେରାପି ଜରିଆରେ ଚିକିତ୍ସା କରାଯାଉଛି। ଗୁରୁତର ସଂକ୍ରମିତ ଲୋକଙ୍କ ଚିକିତ୍ସା ପାଇଁ ଭେଣ୍ଟିଲେଟର ଏକ ବଡ଼ଧରଣର ହତିଆର ଭାବେ ବ୍ୟବହୃତ ହେଉଛି। ସବୁଠାରୁ ବଡ଼ କଥା ହେଲା ବିଜ୍ଞାନ କାରଣରୁ ହିଁ ରୋଗ ଓ ତା'ର ପ୍ରତିରୋଧ ସମ୍ପର୍କରେ ସମସ୍ତ ଟିକିନିଖି କଥା ଓ ତଥ୍ୟ ଆଜି ପ୍ରତି ସମୟରେ ଟିଭି, ରେଡିଓ, ମୋବାଇଲ ଏବଂ ଇଣ୍ଟରନେଟ୍ ଜରିଆରେ ବିଶ୍ୱର ଶହ ଶହ କୋଟି ଲୋକଙ୍କ ନିକଟକୁ ପହଞ୍ଚିବା ଫଳରେ ସେମାନଙ୍କୁ ରୋଗର ମୁକାବିଲାରେ ସାହାଯ୍ୟ କରିପାରୁଛି।

କରୋନା ଭଳି ଏକ ସାମାନ୍ୟ ଭୂତାଣୁର ଭୟରେ ଯେତେବେଳେ ଧର୍ମର ପ୍ରବକ୍ତାମାନେ ନିଜକୁ ଅସହାୟ ମନେକରି ଭାଟିକାନ୍‌ଠାରୁ ଆରମ୍ଭ କରି ମକ୍କା ଓ ମଦିନା, ଶିରିଡ଼ି ସାଇ, ବୈଷ୍ଣୋଦେବୀ, ତିରୁପତି ବାଲାଜୀ ପରି ସାରା ବିଶ୍ୱର ପ୍ରମୁଖ ଧର୍ମସ୍ଥଳ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରି ଦିଆଯାଇଛି, ସେତେବେଳେ କିନ୍ତୁ ଏହି ଭୂତାଣୁର ମୁକାବିଲା ବିଜ୍ଞାନ ଆଗେଇ ଆସିଛି। କୋଭିଡ୍-୧୯ର ଔଷଧ ଓ ଟିକାର ଉଦ୍‌ଭାବନ ପାଇଁ ବିଶ୍ୱରେ ଶହେରୁ ଉର୍ଦ୍ଧ୍ୱ ସ୍ଥାନରେ ବୈଜ୍ଞାନିକମାନେ ଲାଗି ପଡ଼ିଥିବା ବେଳେ ଡାକ୍ତରଖାନାଗୁଡ଼ିକ ଚବିଶ ଘଣ୍ଟିଆ ଖୋଲା ରହିଛି। କରୋନାରୁ ଲୋକଙ୍କ ଜୀବନ ବଞ୍ଚାଇବାକୁ ଯାଇ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ସମ୍ମୁଖରେ ଥିବାବେଳେ ବହୁସଂଖ୍ୟାରେ ସଂକ୍ରମିତ ହୋଇ ନିଜର ଜୀବନ ବି ହରାଇଛନ୍ତି।

ବିଶ୍ୱରେ ମଣିଷକୁ ଯେତେସବୁ ରୋଗ ହେଉଛି ତାକୁ ବୁଝିବାରେ, ତା'ର କାରଣକୁ ଚିହ୍ନଟ କରିବାରେ ତଥା ତା'ର ଔଷଧ ବା ଟିକାର ଉଦ୍‌ଭାବନ କରିବାରେ କେବଳ ବିଜ୍ଞାନ ହିଁ ସକ୍ଷମ ହୋଇପାରିଛି। ଅତୀତରେ ଯେଉଁ ପୋଲିଓ ଏବଂ କୁଷ୍ଠରୋଗକୁ ଦିନେ 'ପୂର୍ବଜନ୍ମର ପାପର ଫଳ', 'ଭଗବାନଙ୍କ ଅଭିଶାପ' ବୋଲି କୁହାଯାଉଥିଲା, ହଇଜା, ବସନ୍ତ ପରି ଅନେକ ରୋଗ, ଯେଉଁଥିରେ ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକେ ପ୍ରାଣ ହରାଉଥିଲେ, ତାକୁ ବୁଝି ନ ପାରି ଲୋକେ ଭଗବାନ କିମ୍ବା ଭଗବାନଙ୍କ ଲୀଳା ବୋଲି ପୂଜା କରୁଥିଲେ କିମ୍ବା ପଣାପାଣି, ପଶୁବଳି ଦେଇ ସନ୍ତୁଷ୍ଟ କରିବାକୁ ଉଦ୍ୟମ କରୁଥିଲେ, ତାକୁ ବିଜ୍ଞାନ ହିଁ ମୂଳୋତ୍ପାଟନ କରିବାର ଉପାୟ ବାହାର କରିପାରିଛି।

ତେବେ ସୁଖର କଥା ଯେ କରୋନାର ମୁକାବିଲା ପାଇଁ ଆଜି ସାଧାରଣ ଲୋକେ ଗୁଣିଆ, ଓଝାଙ୍କ ତନ୍ତ୍ରମନ୍ତ୍ରର ସହାୟତା ଅଥବା ବାବା ମାତା ଓ ଧର୍ମଗୁରୁଙ୍କ ଅବୈଜ୍ଞାନିକ ପ୍ରବଚନ ଅପେକ୍ଷା ଡାକ୍ତର ଓ ବୈଜ୍ଞାନିକମାନଙ୍କ ପରାମର୍ଶକୁ ହିଁ ଅଧିକ ଗ୍ରହଣ କରୁଛନ୍ତି। ଆଜିକାଲି ଟିଭି ପରଦାରେ ବାବାମାତାଙ୍କ ପ୍ରବଚନ କିମ୍ବା ଜ୍ୟୋତିର୍ବିଦ୍‌ମାନଙ୍କ ଭବିଷ୍ୟତବାଣୀ ବଦଳରେ ଡାକ୍ତର, ବୈଜ୍ଞାନିକ, ସ୍ୱାସ୍ଥ୍ୟ ବିଶେଷଜ୍ଞ କିମ୍ବା ନୀତିନିର୍ମାତାମାନଙ୍କୁ ଅଧିକ ଦେଖିବାକୁ ମିଳୁଛି। ଲୋକେ ରୋଗ ଓ ତା'ର ପ୍ରତିକାର ବିଷୟରେ ଜ୍ଞାନ ଓ ତଥ୍ୟ ହାସଲ କରିବା ପାଇଁ ଡାକ୍ତର ଏବଂ ବିଜ୍ଞାନ ଉପରେ ଅଧିକ ଭରସା କରିବା ନିଶ୍ଚିତ ରୂପେ ଏକ ଭଲ ସୂଚନା।

ବିଜ୍ଞାନକୁ ହତିଆର କରି ହିଁ ଅଚିହ୍ନା, ଅଜଣା ରାସ୍ତାରେ ମାନବ ସମାଜ ଚାଲି ଆସିଛି। କଲେରା, ଯକ୍ଷ୍ମା, ପ୍ଲେଗ, ମ୍ୟାଲେରିଆ, ସ୍ପାନିଶ୍ ଫ୍ଲୁ ପରି ଭୟଙ୍କର ସଂକ୍ରାମକ ରୋଗ ବିରୁଦ୍ଧରେ ମଣିଷର ଏହି ଲଢ଼େଇ ବିଜ୍ଞାନକୁ ହତିଆର କରି ହିଁ ସଫଳତା ଲାଭ କରିଛି। କ୍ୟାନ୍‌ସର୍, ଏଚ୍‌ଆଇଭି ପରି ମାରାତ୍ମକ ରୋଗର ଚିକିତ୍ସାରେ ବି ଆଜି ବିଜ୍ଞାନ ହିଁ ଏକମାତ୍ର ହତିଆର ହୋଇଆସିଛି। ପ୍ରତିଷେଧକର ଆବିଷ୍କାର ପାଇଁ ଲଢ଼େଇରେ ବିଜ୍ଞାନ ଓ ବୈଜ୍ଞାନିକମାନଙ୍କ ଅସାମାନ୍ୟ ସଂଗ୍ରାମର ଗୌରବୋଜ୍ଜ୍ୱଳ ଇତିହାସକୁ ବି ଆମେ ଜାଣିଛେ। ପ୍ରତିକୂଳତାର ବିରୁଦ୍ଧରେ ଧାରାବାହିକ ସଂଗ୍ରାମ ଓ ପ୍ରତିକୂଳତାକୁ ଅତିକ୍ରମ କରି ଆଗେଇଯିବା ହିଁ ହୋଇଛି ମାନବ ସଭ୍ୟତାର ଇତିହାସ। ବିଜ୍ଞାନ, ଏକତା, ଆତ୍ମବିଶ୍ୱାସ ଓ ଦୃଢ଼ତାକୁ ପାଥେୟ କରି ହିଁ ମଣିଷ ସାଫଲ୍ୟ ଅର୍ଜନ କରିଛି। ଅତଏବ କରୋନା ଭୂତାଣୁ ବିରୁଦ୍ଧରେ ବିଜ୍ଞାନର ସହାୟତାରେ ମଣିଷର ଏହି ଲଢ଼େଇ ବି ଶେଷରେ ଯେ ସଫଳ ହେବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ।

ଫୋନ୍: ୯୪୩୭୧୬୭୩୯୧
bhalachandra.odisha@gmail.com

# କରୋନାକୁ ଭେଟିବା ପରେ...



ଶ୍ରୀ ସନ୍ନ୍ୟାସୀ

ପାହାନ୍ତି ପାଇବାକୁ ବୋଧେ କିଛି ସମୟ ବାକି ଥାଏ। ସମ୍ମୁଖରେ ହଠାତ୍ ଆବିର୍ଭୂତ ହୋଇଗଲା କିମ୍ଭୂତକିମାକାର କଦର୍ଯ୍ୟ ଜନ୍ତୁଟିଏ। କଳା ମଚମଚ ବିକଟାଳ ଚେହେରା। ଜନ୍ତୁଟି ଧୀରେ ଧୀରେ ମୋ ଆଡକୁ ମାଡ଼ି ଆସୁଥିବା ବେଳେ ଭୟରେ ମୁଣ୍ଡ ଉପରେ ରଖାଯାଇଥିବା ଭାଗବତ ବହିକୁ ବିକଳରେ ଧରିପକାଇଲି। କାହିଁକି କେଜାଣି ରାଣ ଦେଲାପରି ଜନ୍ତୁଟି ମୋଠୁ ଦୁଇହାତ ଦୂରକୁ ଘୁଞ୍ଚିଯାଇ ବିକଟ ଅଟହାସ୍ୟ କରିବାକୁ ଲାଗିଲା। ପଚାରିଲି, କିଏ ତୁମେ?। 'ମୁଁ କରୋନା'। କରୋନା! ଚମକି ପଡ଼ିଲି ମୁଁ।

ହେଲେ ମୁଁ ତ ସରକାରଙ୍କ ଲକ୍‌ଡାଉନ୍ ନିୟମକୁ ମାନି ଘରେ ରହୁଛି। ତା ବାଦ୍ ବି ତୁମେ ଏଠି। ଏପରି ପ୍ରଶ୍ନରେ ବିଷଣ୍ଣ ଦେଖାଗଲା କରୋନା। କହିଲା, ମୁଁ ତୁମର କିଛି କ୍ଷତି କରିବାକୁ ଆସିନି। କେବଳ ମୋ ଦୁଃଖ କଥା କହିବାକୁ ଆସିଛି। ମୋ ଦୁଃଖକୁ ଲେଖା ମାଧ୍ୟମରେ ସମାଜକୁ ଜଣାଇବ ବୋଲି ମୋର ଆଶା। ମୁଁ କହିଲି, ହଉ କୁହ କ'ଣ ତୁମର ଦୁଃଖ?

କରୋନା କହିଲା। ଶୁଣ, ମୁଁ ଚାଇନାରେ ସୃଷ୍ଟି ହେବା ଦିନଠାରୁ ପୃଥିବୀରେ କେବଳ ମୋ ଦୁର୍ଗୁଣ ଚର୍ଚ୍ଚା ଚାଲିଛି। କୋଉଦିନ କେତେ ଆକ୍ରାନ୍ତ ହେଲେ, କେତେ ଲୋକଙ୍କୁ ମୁଁ ମାରିଲି- ଏହାକୁ ମୋ ଫଟୋ ସହ ବଡ଼ବଡ଼ ଅକ୍ଷରରେ ଛପା ହେଉଛି। ସାରାଂଶ ଗୋଟିଏ- ମୁଁ କୁଆଡେ ଏବେ ପୃଥିବୀର ସବୁଠାରୁ ବଡ଼ ବିପଦ। ମୋଠାରୁ ମାନବ କିପରି ଦୂରେଇ ରହିବ, ମୋର ନିଧନ କିପରି ହେବ- ଏହି ଚିନ୍ତା କରାଯାଉଛି। କିନ୍ତୁ ମୁଁ ଯେଉଁ ମହତ କାମ କରୁଛି ସେଆଡକୁ କାହାର ଆଖି ଯାଉନି।

ଦୈନନ୍ଦିନ ହଜାର ହଜାର ମୁଣ୍ଡ ନେଇ, ବିଶ୍ୱବାସୀଙ୍କୁ ଘର କୋଣକୁ ଠେଲି ଦେଇ ବହୁ ଲୋକଙ୍କ ବୃତ୍ତିରେ ବାଧକ ସାଜି କୋଟି କୋଟି ବେକାର ସୃଷ୍ଟି କରି ଏବଂ ପ୍ରତ୍ୟେକ ଦେଶର ଅର୍ଥନୈତିକ ବ୍ୟବସ୍ଥାକୁ ଧୂଳିସାତ କରି ହାହାକାର ସୃଷ୍ଟି କରୁଥିବା ତୁମେ ପୁଣି ମହତ କାମ କରୁଛ? ଏକଥା ଶୁଣିଲେ ଯେ କେହି ବି ହସିବ। ଏପରି ପ୍ରଶ୍ନରେ ଉତ୍ତେଜିତ ହୋଇ କରୋନା କହିଲା-ମୂର୍ଖ! ଈଶ୍ୱର ପ୍ରଦତ୍ତ ଏ ସୁନ୍ଦର ସୃଷ୍ଟିକୁ ପ୍ରତି ମୁହୂର୍ତ୍ତରେ ନଷ୍ଟ କରିସାରିବା ପରେ ତୁମମାନଙ୍କର ବୁଦ୍ଧି ବି ଭ୍ରଷ୍ଟ ହୋଇଯାଇଛି। ଦିନକୁ ଦିନ କଳକାରଖାନା, ଯାନବାହନ ବଢ଼ାଇ ପୃଥିବୀର ବାୟୁମଣ୍ଡଳକୁ ବେଶ୍ ପ୍ରଦୂଷିତ କରିସାରିଛ ତୁମେମାନେ। ଗଛ ଲଗାଅ, ଯାନବାହନରେ ରୋକ୍ ଲଗାଅ। ନଚେତ୍ ପୃଥିବୀର ତାପମାତ୍ରା ବଢ଼ିଯିବ, ଗ୍ଲାସିୟର ତରଳିଯିବ, ପୃଥିବୀରେ ଜଳପ୍ରଳୟ ଘଟିବ-ବୈଜ୍ଞାନିକମାନଙ୍କ ଏହି ସମସ୍ତ ସତର୍କବାଣୀକୁ ଶୁଣି ନ ଶୁଣିଲା ପରି ରହିଛ ତୁମେମାନେ। ତୁମମାନଙ୍କ ଆଚରଣ ଏବଂ ବ୍ୟଭିଚାରରେ ପ୍ରକୃତି ମା' ଏବେ ଅଣନିଃଶ୍ୱାସୀ। ତା' ଦୁଃଖକୁ ସହି ନ ପାରି ମୁଁ ଏବେ ମଣିଷଙ୍କ ଶ୍ୱାସନଳୀକୁ ରୋଧ କରି ତଣ୍ଟିଚିପି ମାରୁଛି। ତୁମେ କୁହ ମୋ ଭୟରେ ଦେଶରେ ତାଲାବନ୍ଦ ହେଲା। ବାୟୁମଣ୍ଡଳର ପ୍ରଦୂଷଣ କମିଛି କି ନାହିଁ? ବିଗତ ତିନି ଦଶନ୍ଧି ଭିତରେ କେବେ ବି ଦେଖାଯାଉ ନ ଥିବା ପଞ୍ଜାବର ଜଳନ୍ଧରଠାରୁ ହିମାଳୟ, ଉତ୍ତର ପ୍ରଦେଶର ସାହାରନପୁରରୁ ଗଙ୍ଗୋତ୍ରି ଅବା ବିହାରର ସିଙ୍ଗ ବାହିନୀଠାରୁ ହିମାଦ୍ରୀ-ବର୍ତ୍ତମାନ କିନ୍ତୁ ଏ ସବୁ ସ୍ପଷ୍ଟ ଦେଖାଗଲାଣି। ଯେଉଁ କାମଟି ବିଶ୍ୱବାସୀଙ୍କ ଦ୍ୱାରା ହୋଇପାରୁ ନ ଥିଲା, ମୁଁ ଏହି ମାସକ ଭିତରେ ତାହା କରି ଦେଖାଇଛି। ମୋତେ ଡରି ଏବେ ସବୁଲୋକ ଘରେ ରହିବା ପରଠାରୁ ପରିବେଶରେ ପରିବର୍ତ୍ତନ ଆସିଛି ନା ନାହିଁ ଦେଖ। ଗଙ୍ଗା ପାଣି ଏବେ ସ୍ଫଟିକ ପରି ସ୍ୱଚ୍ଛ ଏବଂ ପାନୀୟଯୋଗ୍ୟ। ବନ୍ୟ ପଶୁପକ୍ଷୀମାନେ ଏବେ ଆନନ୍ଦରେ ବାହାରେ ବୁଲୁଛନ୍ତି। ହରିଦ୍ୱାରର ଗଙ୍ଗାନଦୀରେ ବନ୍ୟ ହସ୍ତୀମାନେ ଏବେ ବେଶ୍ ଆରାମରେ ଜଳକ୍ରୀଡ଼ା କରୁଛନ୍ତି। ପୂର୍ବରୁ ଆଦୌ ଦେଖାଯାଉ ନ ଥିବା ଶାଳିଆପତନି ବେଶ୍ ନିର୍ଭୟରେ ବୁଲୁଛି କେରଳର କାଲିକଟ ରାସ୍ତାରେ। ମୁମ୍ବାଇ ମେରାଇନ୍ ଡ୍ରାଇଭ୍‌ର ଡଲଫିନ୍ ହେଉ ଅବା ଋଷିକୁଲ୍ୟା ମୁହାଣର ଅଲିଭ୍ ରିଡ୍‌ଲେ, ନଏଡା ଜିଆଇପି ମଲ୍ ବାହାରେ ବୁଲୁଥିବା ନୀଳଗାଈ ହେଉ ଅବା ଚଣ୍ଡିଗଡ଼ର ଜେବ୍ରା କ୍ରସିଂ ପାର ହେଉଥିବା ଶମ୍ବରଙ୍କ ଦଳ ହେଉ- ସମସ୍ତେ ଏବେ କେବଳ ମୋ ସକାଶେ ଖୁସି ମନାଇ ପ୍ରକୃତିକୁ ଭରପୂର ଉପଭୋଗ କରୁଛନ୍ତି। ଏହାର ବାହାଦୁରି ମୋ ଖାତାକୁ ଆସିବ ନା ନାହିଁ?

କରୋନା ଏବେ ପ୍ରଶ୍ନିଳ ଢଙ୍ଗରେ ପଚାରିଲା- ସତ୍ୟ ଯୁଗକୁ ତୁମେ ଦେଖିଛ? 'ନା, ଉତ୍ତର ଦେଲି'। ବର୍ତ୍ତମାନ ମୋ ସକାଶେ ସତ୍ୟ ଯୁଗର ସାମାନ୍ୟ ଝଲକ ଦେଖିବାକୁ ମିଳୁଛି କି ନାହିଁ ଦେଖ। ଚୋରି, ଡକାୟତି, ରାହାଜାନି ଏବେ ନାହିଁ କହିଲେ ଚଳେ। ମଠ-ମନ୍ଦିର-ମସ୍‌ଜିଦ୍, ଯାହାକୁ ନେଇ ନିଜ ନିଜ ଭିତରେ ମଣିଷମାନେ ବାଡିଆପିଟା ହେଉଥିଲେ ସେଥିରେ ଏବେ ତାଲା ପଡିଛି। ଘର ପାଲଟିଛି ମନ୍ଦିର, ଯାହା ବାସ୍ତବିକ ହେବା କଥା। ପୂର୍ବରୁ ଚିହ୍ନୁ ନ ଥିବା ପାଖ ପଡ଼ିଶାଙ୍କୁ ଚିହ୍ନୁଛନ୍ତି। ଏବେ ନା ଅଛି ଭଲ ଖାଇବାର ଲୋଭ ନା ଅଛି ସୁନା ରୁପା ବା ଭଲ ଡ୍ରେସ୍ ପିନ୍ଧି ନିଜକୁ ସଜାଇ ହେବାର ମୋହ। କଡ଼ା ନାସ୍ତିକଟିଏ ବି ଏବେ ମୋ ଭୟରେ ସଭିଙ୍କ ଅଜାଣତରେ ଈଶ୍ୱରଙ୍କୁ ମୁଣ୍ଡିଆଟେ ମାରିବାକୁ ବାଧ୍ୟ ହେଉଛି। ହ୍ୱାଇଟ୍‌ହାଉସ୍‌ରେ କି ସହଜରେ ବେଦପାଠ ହୁଅନ୍ତା। କରୋନା ମାଡ଼ରେ ଆଣ୍ଠୁଗଣ୍ଠି ଛିଡିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ 'ବେଦ'ର ଶରଣ ପଶିଛନ୍ତି। ହରିଶ ବ୍ରହ୍ମଭଟ୍ଟ ନାମକ ଏକ ସଂସ୍କୃତ ପଣ୍ଡିତଙ୍କୁ ନିମନ୍ତ୍ରଣ କରି ଏଇ ନିକଟରେ ଯଜୁର୍ବେଦର ଶାନ୍ତି ପାଠ ଶ୍ରବଣ କରିଛନ୍ତି। ମୁଁ ନ ଥିଲେ ଆମେରିକା ସମେତ ବିଶ୍ୱର ୫୫ଟି ରାଷ୍ଟ୍ର ଭାରତ ପାଖରେ ହାଇଡ୍ରୋକ୍ଲୋରୋକୁଇନ୍ ବଟିକା ପାଇଁ ହାତ ପତାଉ ନ ଥାନ୍ତେ କି ଚାଇନାରୁ ଗଣ୍ଠିଲିପତ୍ର ଧରି ଭାରତକୁ ଚାଲି ଆସିବା ପାଇଁ ଶତାଧିକ ନାମୀଦାମୀ କମ୍ପାନୀ ଏବେ ମସୁଧା କରୁ ନ ଥାନ୍ତେ।

ଏଇ ପରିସ୍ଥିତିରେ ବିଶ୍ୱରୁ କୋଟିଏ କି ଦି'କୋଟି ଲୋକଙ୍କ ଜୀବନ ବଦଳରେ ଯଦି ତୁମମାନଙ୍କୁ ସ୍ୱଚ୍ଛ ବାୟୁମଣ୍ଡଳଯୁକ୍ତ ପୃଥିବୀ, ସୁନ୍ଦର ପର୍ଯ୍ୟାବରଣ ଏବଂ ଶୁଦ୍ଧ ଚେତନାର ଅଧିକାରୀ ଥିବା ବହେ ଲୋକ ପ୍ରାପ୍ତ ହୁଅନ୍ତି ତେବେ ଏଥିରେ ଦୁଃଖ କରିବାରେ କ'ଣ ଅଛି? କରୋନାର ଉଲ୍ଲସିତ ଅଟ୍ଟହାସ୍ୟରେ ମୋ ନିଦଟା ଭାଙ୍ଗିଗଲା। ସେତେବେଳକୁ ଭୋର ୫ଟା; ମୋ ପ୍ରାର୍ଥନାର ସମୟ। ପ୍ରାର୍ଥନା ପରେ ଏବେ ମୁଁ ଭାବୁଛି କୋଭିଡ୍-୧୯କୁ ନେଇ ବର୍ତ୍ତମାନ ଯେଉଁ ଆତଙ୍କିତ ପରିବେଶ ସୃଷ୍ଟି ହୋଇଛି, ତାହା ପ୍ରକୃତରେ କରୋନାର କୃପା ନା କୋପ??

ଦିବ୍ୟାଲୋକ ସନ୍ଧାନେ, ତେଲେଙ୍ଗାପେଣ୍ଠ, କଟକ
ମୋ: ୯୪୩୭୨୯୨୬୯୯
Email: srisanyasi123@gmail.com

## ଏଇ ଭାରତରେ

ଜଣେ ମହିଳା ୩୦୦ ପ୍ରାଣୀଙ୍କୁ ନେଇ ଗଠିତ ପରିବାରକୁ ସମ୍ଭାଳିବା କଥା କେବେ ଶୁଣିଛନ୍ତି କି। ଏମିତି ଜଣେ ମହିଳା ରହିଛନ୍ତି ମୁମ୍ବାଇରେ। ତାଙ୍କ ନାମ ଫିଜା ଶାହା। ତାଙ୍କୁ ବର୍ତ୍ତମାନ ବୟସ ୫୪। ୨୦ ବର୍ଷ ପୂର୍ବେ ସେ ତାଙ୍କ ପୋଷା କୁକୁରକୁ ହରାଇବା ପରେ ଏଭଳି ଏକ ବଡ଼ ପରିବାର ଗଢ଼ିବାକୁ ନିଷ୍ପତ୍ତି ନେଇଥିଲେ। ପରେ ରାସ୍ତା ଦୁର୍ଘଟଣାରେ ଆହତ ଓ ରୋଗଗ୍ରସ୍ତ କୁକୁର, ବିଲେଇ, ଛେଳି, ଠେକୁଆ, ଘୋଡ଼ା, ଗାଈ, ବଳଦ, ନେଉଳ, କୁକୁଡ଼ା ଆଦି ପ୍ରାଣୀଙ୍କୁ ଉଦ୍ଧାରକରି ତାଙ୍କ ଫାର୍ମରେ ରଖିଛନ୍ତି। ମୁମ୍ବାଇର ଭିରାର୍ ଅଞ୍ଚଳରେ ୬ ଏକର ବିଶିଷ୍ଟ ଫାର୍ମରେ ଏହି ପ୍ରାଣୀମାନଙ୍କୁ ସେ ରଖିଛନ୍ତି। ଅନେକ ସମୟରେ ପୋଷା ଜୀବ ବୁଢ଼ା ହୋଇଗଲେ ତାକୁ ଲୋକମାନେ ରାସ୍ତାରେ ଛାଡିଦିଅନ୍ତି। ଏମାନଙ୍କୁ ମଧ୍ୟ ସେ ଉଦ୍ଧାର କରି ସେବା କରୁଛନ୍ତି। ପ୍ରାଣୀଙ୍କ ଦେଖାରଖା କରିବା ପାଇଁ ଫାର୍ମରେ ୧୫ ଜଣ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି। ସେମାନେ ଦିନରାତି ପ୍ରାଣୀଙ୍କ ସେବାରେ ଲାଗିଛନ୍ତି। ଫିଜା ସେମାନଙ୍କ ଚିକିତ୍ସା, ଖାଦ୍ୟ ତଥା ଅନ୍ୟାନ୍ୟ ଖର୍ଚ୍ଚ ନିଜେ ବହନ କରୁଛନ୍ତି। କର୍ମଚାରୀଙ୍କ ଦରମା ମଧ୍ୟ ନିଜ ପକେଟରୁ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ମେ ୧୯୯୫

- କରାଚୀରେ ନିରାପତ୍ତା ବାହିନୀ ଏବଂ ଉଗ୍ରବାଦୀମାନଙ୍କ ମଧ୍ୟରେ ପ୍ରବଳ ସଂଘର୍ଷ ଘଟି ୧୭ ନିହତ।
- ମିଜୋରାମ୍‌ରେ ପ୍ରବଳ ବର୍ଷା ଫଳରେ ମାଟି ଅତଡ଼ା ଖସିବାରୁ ଏହା ତଳେ ପୋତି ହୋଇ ୨୫ଜଣ ମୃତ୍ୟୁବରଣ କରିଛନ୍ତି।
- ବରିଷ୍ଠ ନେତା ଏନ୍.ଡି.ତିଓ୍ୱାରୀଙ୍କୁ ଦଳ ବିରୋଧୀ ଓ ଦଳୀୟ ଶୃଙ୍ଖଳାଭଙ୍ଗ ଅଭିଯୋଗରେ କଂଗ୍ରେସ ସଭାପତି ପି.ଭି.ନରସିଂହ ରାଓ ଦଳର ପ୍ରାଥମିକ ସଦସ୍ୟ ପଦରୁ ୬ ବର୍ଷ ସକାଶେ ବହିଷ୍କାର କରିଛନ୍ତି।

## ଚିରନ୍ତନୀ

ସ୍ଫଟିକ ଧବଳ ଦଶନେ ତୁମର
ଦଶଦିଶ ଉଠୁ ହସ
ଅଧର ଶୋଭାକୁ ସରସ କରୁ ଗୋ
ତୃତୀୟାର ଶିଶୁ ଶଶୀ।

(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସରକାର ପ୍ରତିଶ୍ରୁତି ରକ୍ଷା କରନ୍ତୁ

ମହାଶୟ,

ମାର୍ଚ୍ଚ ମାସ ୯ ତାରିଖରେ ଓଡ଼ିଶା ସରକାର ଘୋଷଣା କଲେ ଯେଉଁମାନେ ୪ ମାର୍ଚ୍ଚ ପରେ ବିଦେଶରୁ ଓଡ଼ିଶାକୁ ଫେରିଥିବେ, ସେମାନେ ତାଙ୍କ ନାମ ରେଜିଷ୍ଟ୍ରେଶନ କରିବେ ଏବଂ ବିଦେଶ ଭ୍ରମଣର ସମସ୍ତ ବିଷୟ ସରକାରଙ୍କୁ ଜଣାଇ ୧୪ ଦିନ ହୋମ୍ କ୍ୱାରାଣ୍ଟାଇନ୍ କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ କ୍ୱାରାଣ୍ଟାଇନ୍‌ରେ ରହିବେ। ସେହି ସମୟରେ ଦୈନିକ ୨ ଥର ସ୍ୱାସ୍ଥ୍ୟ ବିଭାଗ ଏବଂ ମୋ ସରକାରଙ୍କ ତରଫରୁ ଫୋନ୍ କରାଯିବ। ତା'ପରେ ସେମାନଙ୍କୁ ପ୍ରୋତ୍ସାହନ ବାବଦକୁ ୧୫,୦୦୦ ଲେଖାଏ ଟଙ୍କା ମିଳିବ। ୨୨ ଦିନ ଯାଏ ସେମାନଙ୍କୁ ଦୈନିକ ଦୁଇ ଥର ଫୋନ୍ କରି ଖବର ନିଆଗଲା। ମାତ୍ର ଏହା ମଧ୍ୟରେ ୨ ମାସ ବିତି ଯାଇଥିଲେ ହେଁ ପ୍ରୋତ୍ସାହନ ଟଙ୍କାର ଦେଖା ନାହିଁ। ଅଥଚ ବର୍ତ୍ତମାନ ସରକାର ସମସ୍ତ ଖର୍ଚ୍ଚ ବହନ କରି ଅନ୍ୟ ରାଜ୍ୟରୁ ଓଡ଼ିଶାର ଲୋକଙ୍କୁ ଆଣି ଖର୍ଚ୍ଚାନ୍ତ ହୋଇ ୧୪ ଦିନ ପରେ ୨୦୦୦ ଟଙ୍କା ତତ୍‌କ୍ଷଣାତ୍ ପ୍ରଦାନ କରୁଛନ୍ତି। ସରକାରଙ୍କର ନିଜ ପ୍ରତିଶ୍ରୁତିର ଆନ୍ତରିକତା କାହିଁ ? ନିବେଦନ କରେ ସରକାର ତାଙ୍କ ପ୍ରତିଶ୍ରୁତି ରକ୍ଷା କରନ୍ତୁ।

ରାଧାରାଣୀ ପଣ୍ଡା, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 7 | | | 1 | C | | A | 0 | 5 | | 4 | | 9 | |
| B | | | | | | C | 6 | 5 | 0 | | | | | |
| | | | 3 | | | | | 9 | | | 2 | | | 6 |
| 5 | 1 | | | | | | 4 | 3 | 6 | 7 | | | | 2 |
| | | | | 8 | 9 | | 7 | | | | | | A | 1 |
| | 0 | | | 5 | | A | | | C | | | | | 4 |
| | 6 | | | B | 1 | | | E | | | D | | | |
| | | A | 0 | | 3 | 4 | | 6 | 2 | 5 | 9 | | | |
| | | | | | | 3 | | | | | | E | 6 | |
| | | | | | | | | B | | 0 | A | | | 3 |
| | | | | | | D | | 4 | E | | | | | |
| | D | | | | | | 9 | | A | | 0 | | | |
| 0 | | 2 | 9 | E | | 5 | C | | | | | | 7 | |
| | B | 8 | | | | E | | | 4 | 6 | | | | A |
| | | | 1 | 7 | 2 | | | | | | | | | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | E | 7 | 9 | D | 3 | A | 5 | 8 | 1 | 4 | C | 2 | 6 | B |
| B | 5 | 2 | 4 | 8 | 6 | 1 | D | 3 | 9 | A | 0 | 7 | C | E |
| 3 | 6 | 9 | B | 1 | 5 | 0 | E | C | 7 | 8 | 2 | D | 4 | A |
| D | 4 | 8 | 0 | A | C | 2 | 6 | 7 | B | E | 3 | 9 | 1 | 5 |
| 1 | A | C | 2 | E | 7 | B | 4 | 9 | 5 | D | 6 | 3 | 8 | 0 |
| 4 | 3 | 1 | A | 9 | D | C | 8 | E | 2 | 7 | B | 0 | 5 | 6 |
| 2 | B | 6 | 8 | 3 | 1 | 5 | 0 | D | E | C | 4 | A | 9 | 7 |
| 8 | 0 | D | 5 | B | E | 7 | 2 | 4 | 6 | 9 | A | 1 | 3 | C |
| A | 9 | 5 | 7 | C | 4 | 3 | B | 6 | 8 | 0 | 1 | E | D | 2 |
| 7 | C | E | 6 | 0 | 2 | 9 | A | 1 | D | 3 | 5 | 4 | B | 8 |
| 5 | D | 3 | C | 6 | 9 | 8 | 7 | 0 | 4 | 2 | E | B | A | 1 |
| 6 | 7 | 4 | E | 2 | A | D | C | B | 3 | 1 | 8 | 5 | 0 | 9 |
| 9 | 8 | A | 1 | 7 | B | 6 | 3 | 2 | 0 | 5 | D | C | E | 4 |
| E | 1 | 0 | 3 | 5 | 8 | 4 | 9 | A | C | B | 7 | 6 | 2 | D |
| C | 2 | B | D | 4 | 0 | E | 1 | 5 | A | 6 | 9 | 8 | 7 | 3 |

ଗତକାଲିର ଉତ୍ତର

## ସଂକ୍ଷେପରେ

### ବ୍ୟାଙ୍କ, ଏଟିଏମ୍‌ରେ ଟଙ୍କା ମହଜୁଦ ରଖିବାକୁ ଅର୍ଥ ବିଭାଗର ନିର୍ଦ୍ଦେଶ

**ଭୁବନେଶ୍ୱର, ୧୯।୫(ବ୍ୟୁରୋ):** ବାତ୍ୟା 'ଅମ୍ଫନ' ଓଡ଼ିଶାର ଉପକୂଳବର୍ତ୍ତୀ ୧୨ ଜିଲାରେ ଅନୁଭୂତ ହେବାର ସମ୍ଭାବନା ରହିଛି। ସେହିପରି କୋଭିଡ୍-୧୯ ମହାମାରୀ ପରିପ୍ରେକ୍ଷୀରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ତରଫରୁ ଜନସାଧାରଣଙ୍କ ଜମାଖାତାକୁ ଅର୍ଥ ପ୍ରେରଣ କରାଯାଉଛି। ଲୋକମାନଙ୍କ ପାଇଁ ତଥା ରିଲିଫ୍ ଏବଂ ପୁନରୁଦ୍ଧାର କାର୍ଯ୍ୟ ପାଇଁ ଜିଲାଗୁଡ଼ିକରେ ବହୁ ଅର୍ଥର ଆବଶ୍ୟକତା ରହିଛି। ଅମ୍ଫନରେ ପ୍ରଭାବିତ ହେବାକୁ ଥିବା ଜିଲାଗୁଡ଼ିକର ବ୍ୟାଙ୍କଶାଖା/ଏଟିଏମ୍/ସିଏସ୍ ପିଏସ୍/ବିସିଏସ୍‌ଗୁଡ଼ିକରେ ପର୍ଯ୍ୟାପ୍ତ ନଗଦ ଟଙ୍କା ମହଜୁଦ ରଖିବା ସହ ପାୱାର ବ୍ୟାକ୍‌ଅପ୍ ସହିତ ଇଣ୍ଟରନେଟ୍ ସଂଯୋଗ ନିରବଚ୍ଛିନ୍ନ ଭାବେ ଜାରି ରଖିବାକୁ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଯେପରି ବାତ୍ୟା ପ୍ରଭାବିତ ଜିଲାର ବ୍ୟାଙ୍କଶାଖା/ଏଟିଏମ୍/ସିଏସ୍ ପିଏସ୍/ବିସିଏସ୍ ଗୁଡ଼ିକରେ ନଗଦ ଅର୍ଥର ଅଭାବ ରହିବ ନାହିଁ ସେଦିଗରେ ପଦକ୍ଷେପ ନେବା ପାଇଁ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଆଞ୍ଚଳିକ ନିର୍ଦ୍ଦେଶକ, ରିଜର୍ଭ ବ୍ୟାଙ୍କ, ଜିଏମ୍, ୟୁକୋ ବ୍ୟାଙ୍କ ତଥା ଆବାହକ ଏସ୍‌ଏଲ୍‌ବିସିଙ୍କ ଅନ୍ୟ ସମସ୍ତ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

### ପ୍ରବାସୀଙ୍କ ବସ୍ ଦୁର୍ଘଟଣାଗ୍ରସ୍ତ ଜଣେ ମୃତ, ୧୦ ଆହତ

**ବଇଣ୍ଡା, ୧୯।୫(ଡି.ଏନ.ଏ.):** କଟକ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥର ହଣ୍ଡପା ଥାନା ହାଇସ୍କୁଲ ନିକଟରେ ୨୩ ଜଣ ପ୍ରବାସୀଙ୍କୁ ନେଇ ମହାରାଷ୍ଟ୍ରରୁ କଲିକତା ଯାଉଥିବା ଏକ ଯାତ୍ରୀବାହୀ ବସ୍(ନଂ. ଏମଏଚ ୦୯ ସିଭି ୯୬୩) ଓ ଏକ ଗ୍ୟାସ ବୋଝେଇ ଟ୍ୟାଙ୍କର (ନଂ. କେଏ ୦୧ ଏଜି ୬୦୯୭) ମଧ୍ୟରେ ମଙ୍ଗଳବାର ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣା ଯୋଗୁ ଗାଡ଼ିରେ ଚାପି ହୋଇ ଟ୍ୟାଙ୍କର ଚାଳକ ଝାଡଖଣ୍ଡ ରାଜ୍ୟର ଯୋଗେଶ ଯାଦବଙ୍କ ମୃତ୍ୟୁ ଘଟିଛି। ଏଥିସହ ବସ୍ ଚାଳକ ଓ ଯାତ୍ରୀଙ୍କ ସମେତ ମୋଟ ୧୦ ଜଣ ଆହତ ହୋଇଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ, ପାରାଦୀପରୁ ରାୟପୁର ଅଭିମୁଖେ ଏହି ଟ୍ୟାଙ୍କର ଆସୁଥିବାବେଳେ ଦୁର୍ଘଟଣା ଘଟିଥିଲା। ସମସ୍ତ ପ୍ରବାସୀଙ୍କୁ ଲୁହାମୁଣ୍ଡା ହାଇସ୍କୁଲଠାରେ କ୍ୱାରାଣ୍ଟାଇନ ସେଣ୍ଟରକୁ ନିଆଯାଇଥିଲା। ସାମାଜିକକର୍ମୀ ରଣଜିତ ପଟ୍ଟନାୟକ ଓ ଯୁବଗୋଷ୍ଠୀ ସେମାନଙ୍କୁ ଖାଦ୍ୟ ବଣ୍ଟନ କରିବା ସହ ସେଠାରେ ଆହତଙ୍କ ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ହଣ୍ଡପା ଆଇଆଇସି ଲବ ବୋତା, ଏଏସ୍‌ଆଇ ପ୍ରମୋଦ ଆଇଚ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏ ନେଇ ନଂ. ୯୭/୨୦ରେ ମାମଲା ରୁଜୁ କରାଯିବା ସହ ଗାଡ଼ି ଦୁଇଟିକୁ ଜବତ କରାଯାଇଛି।

# ଫର୍ନେସ ଅଏଲ୍‌ରେ ଅପମିଶ୍ରଣ

## କଳିଙ୍ଗନଗର କାରଖାନାରେ ୨ ଗାଡ଼ି ଜବତ

**ଯାଜପୁର ଅଫିସ/ କଳିଙ୍ଗନଗର(ଡି.ଏନ.ଏ.),୧୯।୫**

ଯାଜପୁର ଜିଲା କଳିଙ୍ଗନଗରର ବିଭିନ୍ନ କାରଖାନାର ବ୍ଲାଷ୍ଟ ଫର୍ନେସରେ ଜାଳେଣୀ ପାଇଁ ବ୍ୟବହୃତ ଫର୍ନେସ ଅଏଲ(ଏଫଓ)ରେ ଅପମିଶ୍ରଣ କରାଯାଉଛି। ଏ ନେଇ ଅଭିଯୋଗ ହେବା ପରେ ଗତ ପ୍ରାୟ ୧୦ ଦିନ ହେବ କଳିଙ୍ଗନଗରସ୍ଥିତ ବ୍ରାହ୍ମଣୀ ରିଭର ପେଲେଟସ୍ ଲିମିଟେଡ୍ (ବିଆର୍‌ପିଏଲ୍) କାରଖାନା ପରିସରରେ ୨ଟି ଏଫ୍‌ଓ ଟ୍ୟାଙ୍କରକୁ ଅଟକ ରଖାଯାଇଛି। ତେବେ ଏଥିରେ ସମ୍ପୃକ୍ତ ଏଫ୍‌ଓ ପରିବହନ ସଂସ୍ଥା କୋଲକାତା ଲଜିଷ୍ଟିକ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଇ ମୂଳଚାଲ ଚାଲିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ତୈଳ କମ୍ପାନୀର କେତେଜଣ କର୍ମଚାରୀ, ପରିବହନ ସଂସ୍ଥା ଓ କାରଖାନାର କେତେଜଣ କର୍ମଚାରୀ ଏଥିରେ ସମ୍ପୃକ୍ତ ଥିବା କୁହାଯାଉଛି। ଏଫଓ ଅପମିଶ୍ରଣ କରାଯାଉଥିବାରୁ କାରଖାନାର ବିଭିନ୍ନ ଯନ୍ତ୍ରପାତି ନଷ୍ଟ ହେବା ସହିତ ଉତ୍ପାଦନ ସାମଗ୍ରୀ ପେଲେଟର ଗୁଣବତ୍ତା ମଧ୍ୟ ହ୍ରାସ ହେଉଛି। ଏହାବାଦ ଆଇଓସିଏଲ(ଭାରତୀୟ ତୈଳ ନିଗମ ଲିମିଟେଡ)ର ଗାରିମା ଓ ସ୍ୱଚ୍ଛତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ୨୦୧୭ ଡିସେମ୍ବରରେ ଏହି କାରଖାନା ତ୍ରିବେଣୀ ଓ ଜେଏସ୍‌ଡବ୍ଲ୍ୟୁ ହାତକୁ ଯାଇଥିଲା। ଏହାପରେ କାରଖାନାର ସର୍ବାଙ୍ଗୀନ ଉନ୍ନତି ତଥା ଆର୍ଥିକ କ୍ଷେତ୍ରରେ ମଧ୍ୟ ସୁଧାର ଆସିଥିଲା। ଉତ୍ପାଦନ ସାମଗ୍ରୀ ପେଲେଟର ଗୁଣବତ୍ତା ଉପରେ ଗୁରୁତ୍ୱ ଦିଆଯାଇଥିଲା। କିନ୍ତୁ ପେଲେଟର ଗୁଣବତ୍ତା, ସ୍ୱଚ୍ଛ ଏଫଓ ଉପରେ ନିର୍ଭରଶୀଳ ହେଉଥିବାରୁ ଏହାର ଚାହିଦା ଏବେ ଏଫଓରେ ଅପମିଶ୍ରଣ ଯୋଗୁ କ୍ରମଶଃ ହ୍ରାସ ପାଇବାରେ ଲାଗିଛି ବୋଲି କୁହାଯାଉଛି। ବାର୍ଷିକ ୬୪ ହଜାର ଟନ୍ ଏଫଓ ବ୍ୟବହାର ହେଉଥିବା କମ୍ପାନୀରେ ଅପମିଶ୍ରଣକୁ କୌଣସି ପ୍ରକାରେ କ୍ଷମା ଦିଆଯିବ ନାହିଁ ବୋଲି କର୍ତ୍ତୃପକ୍ଷ ଦାବି କରିଥାନ୍ତି। କିନ୍ତୁ ଏଠାରେ ଆଇଓସିଏଲ ଓ କାରଖାନା କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ଯୋଗୁ କମ୍ପାନୀ ବଦନାମ ହେବାର ସମ୍ଭାବନା ସୃଷ୍ଟି କରିଛି। ତେଣୁ ଅପମିଶ୍ରଣରେ ସମ୍ପୃକ୍ତ ଥିବା କାରଖାନା ଓ କମ୍ପାନୀ କର୍ମଚାରୀ ତଥା ପରିବହନ ସଂସ୍ଥା ବିରୋଧରେ ତୁରନ୍ତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେତେଜଣ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ପାରାଦୀପ ଆଇଓସିଏଲର ମାର୍କେଟିଂ ଅଫିସର ସୌରଭ ସୁମନଙ୍କୁ ପଚାରିବାରେ ସେ କହିଛନ୍ତି, ବିଆରପିଏଲ କାରଖାନାରେ ଅଟକ ରହିଥିବା ଟ୍ୟାଙ୍କର ଗାଡିରୁ ଏଫଓ ନମୁନା ସଂଗ୍ରହ କରାଯାଇଛି। ଏଫଓରେ ୧୨ ପ୍ରତିଶତ ପାଣି ରହିଥିବା ଜଣାପଡିଛି। ତେବେ ଖୁବଶୀଘ୍ର ସମ୍ପୃକ୍ତ ପରିବହନ ସଂସ୍ଥା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଜୁନ୍ ୨୬ ସୁଦ୍ଧା ତଦନ୍ତ ରିପୋର୍ଟ ଦିଅ

## ଥାନାରେ ଆଦିବାସୀ ଯୁବକଙ୍କୁ ଥାର୍ଡ ଡିଗ୍ରୀ ମାମଲା

- କେନ୍ଦୁଝର ଏସ୍‌ପିଙ୍କୁ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ
- ଆଇଆଇସିଙ୍କ ଦରମାରୁ ଦିଆଯିବ କ୍ଷତିପୂରଣ

**ଭୁବନେଶ୍ୱର,୧୯।୫(ବ୍ୟୁରୋ)**

କେନ୍ଦୁଝର ଜିଲା ପାଟନା ଥାନା ଭିତରେ ଜଣେ ଆଦିବାସୀ ଯୁବକଙ୍କୁ ଆଇଆଇସି ଗୋଇଠା ଓ ଲାଠିରେ ମାଡ଼ ମାରିଥିଲେ। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)। ଏ ସଂକ୍ରାନ୍ତରେ ମନୋଜ ଜେନା ନାମକ ଜଣେ ବ୍ୟକ୍ତି ଅନ୍‌ଲାଇନରେ ଓଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ କରିବା ପରେ ମଙ୍ଗଳବାର ଏହି ମାମଲାର ପ୍ରାଥମିକ ଶୁଣାଣି ଆରମ୍ଭ ହୋଇଛି। ଏହି ଘଟଣାର ତଦନ୍ତ କରି ଜୁନ ୨୬ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ କେନ୍ଦୁଝର ଏସ୍‌ପିଙ୍କୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମାଡ ମାରିଥିବା ଥାନା ଅଧିକାରିଣୀ ସନ୍ଧ୍ୟାରାଣୀ ଜେନାଙ୍କୁ ପକ୍ଷ ରଖିବାକୁ ମଧ୍ୟ କମିଶନ କହିଛନ୍ତି। ଥାନା ଅଧିକାରିଣୀ କାହିଁକି ସମ୍ପୃକ୍ତ ଯୁବକଙ୍କୁ ମାଡ଼ ମାରିଲେ ତାହା ରିପୋର୍ଟ କରିବେ। ଏଥିସହ ସମ୍ପୃକ୍ତ ଯୁବକଙ୍କୁ ମଧ୍ୟବର୍ତ୍ତିକାଳୀନ କ୍ଷତିପୂରଣ ଭାବେ ୧୦ ହଜାର ଟଙ୍କା ୧୦ ଦିନ ଭିତରେ ଦେବାକୁ ଗୃହ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଏହି ଟଙ୍କା ଥାନା ଅଧିକାରିଣୀଙ୍କ ଦରମାରୁ କଟିବ ବୋଲି କମିଶନ ସ୍ପଷ୍ଟ କରିଛନ୍ତି। ଏସ୍‌ପି ରିପୋର୍ଟ ଦାଖଲ କରିବା ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କମିଶନ କହିଛନ୍ତି।

ସୂଚନାଯୋଗ୍ୟ, ଦେଢମାସ ତଳେ ଜମିଜମା ମାମଲା ପାଇଁ ପୀଡ଼ିତ ରାଜୁ ମହାନ୍ତଙ୍କ ପଡ଼ୋଶୀ ପାଟନା ଥାନାରେ ତାଙ୍କ ନାମରେ ଅଭିଯୋଗ କରିଥିଲେ। ଏହି ମାମଲାରେ ପୋଲିସ ରାଜୁଙ୍କୁ ଗିରଫ କରି ଥାନାକୁ ନେଇଥିଲା। ସେଠାରେ ଥାନା ଅଧିକାରିଣୀ ସନ୍ଧ୍ୟାରାଣୀ ଜେନା ତାଙ୍କୁ ଏକ ବାଡ଼ିରେ ନିସ୍ତୁକ ପିଟିବା ସହ ଗୋଇଠା ମାରିଥିଲେ। ଏପରି କି ସାଦା ପୋଷାକରେ ଥିବା ଅନ୍ୟ ଜଣେ ମହିଳା ପୋଲିସ କର୍ମଚାରୀଙ୍କଠାରୁ ଥାନା ଅଧିକାରିଣୀ ଲାଠି ଛଡ଼ାଇ ଆଣି ମାଡ଼ ମାରିଥିଲେ। ଏହି ଘଟଣାର ଭିଡିଓ ଏବେ ଭାଇରାଲ ହେବା ପରେ କେନ୍ଦୁଝର ଏସ୍‌ପି ମିତ୍ରଭାନୁ ମହାପାତ୍ର ତଦନ୍ତ ପାଇଁ ଏସ୍‌ଡିପିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଲକ୍‌ଡାଉନ ସାଙ୍ଗକୁ ଗୁରୁତର ଆହତ ଥିବା ଯୋଗୁ ରାଜୁ କାମକୁ ଯାଇପାରୁ ନ ଥିବାରୁ ତାଙ୍କ ପରିବାର ଚଳିବା କଷ୍ଟକର ହୋଇପଡ଼ିଛି। ତେଣୁ ତାଙ୍କୁ କ୍ଷତିପୂରଣ ସ୍ୱରୂପ ୧୦ହଜାର ଟଙ୍କା ଦେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନଗୋ ରାଜ୍ୟପାଳଙ୍କୁ ଏକ ପତ୍ର ଲେଖି ସମ୍ପୃକ୍ତ ଥାନା ଅଧିକାରିଣୀଙ୍କୁ ନିଲମ୍ବନ କରାଯିବା ସହ ପୀଡ଼ିତଙ୍କୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଓ ସ୍ୱତନ୍ତ୍ର ଏସ୍‌ଆଇଟି ଟିମ୍ ଗଠନ କରି ତଦନ୍ତ ନିମନ୍ତେ କାନୁନଗୋ ଦାବି କରିଛନ୍ତି।



ବାତ୍ୟା ଅମ୍ଫନ୍ ପ୍ରଭାବରେ ମଙ୍ଗଳବାର ପୁରୀ ସମୁଦ୍ର ଅଶାନ୍ତ ହୋଇପଡ଼ିଥିବାବେଳେ ବେଳାଭୂମିକୁ ଲହଡ଼ି ମାଡ଼ି ଆସିଛି।

# ସ୍ଥଗିତ ରହିଲା ମାଟ୍ରିକ ଖାତା ଦେଖା

## ଶିକ୍ଷା ବିଭାଗ ନିଷ୍ପତ୍ତି ଅଭିଭାବକଙ୍କୁ ସନ୍ଦେହରେ ପକାଉଛି: କଂଗ୍ରେସ

**ଭୁବନେଶ୍ୱର, ୧୯।୫(ବ୍ୟୁରୋ)**

ମାଟ୍ରିକ ଖାତା ମୂଲ୍ୟାୟନ ଲାଗି ବାରମ୍ବାର ବୈଠକ ବସିବା ସତ୍ତ୍ୱେ ଧାର୍ଯ୍ୟ ତାରିଖରେ ଖାତାଦେଖା ହେବ ନାହିଁ ବୋଲି ଜଣାପଡ଼ିଛି। ଆସନ୍ତା ୨୧ତାରିଖରେ ମାଟ୍ରିକ ଖାତା ଦେଖା ଆରମ୍ଭ ହେବ ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୋମବାର ସୂଚନା ଦେଇଥିଲେ। ମନ୍ତ୍ରୀ ଦାଶଙ୍କ ଅଧ୍ୟକ୍ଷତାରେ ଅପରାହ୍ନରେ ବୈଠକ ବସି ପୂର୍ବରୁ ୨୦ତାରିଖରେ ଖାତା ଦେବା ହେବ ବୋଲି ଯେଉଁ ନିଷ୍ପତ୍ତି ହୋଇଥିଲା ବାତ୍ୟା 'ଅମ୍ଫନ' ଯୋଗୁ ତାକୁ ବଦଳାଯାଇ ୨୧ତାରିଖକୁ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଏହି ନିଷ୍ପତ୍ତି ନିଆଯିବାର ୨୪ଘଣ୍ଟା ନ ପୂରୁଣୁ ରାଜ୍ୟ ସରକାର ଏଥିରେ ପରିବର୍ତ୍ତନ କରିଛନ୍ତି। ବାତ୍ୟା 'ଅମ୍ଫନ' ଲାଗି ମାଟ୍ରିକ ମୂଲ୍ୟାୟନକୁ ଅନିର୍ଦ୍ଧିଷ୍ଟ ସମୟ ପାଇଁ ବନ୍ଦ ରଖାଯାଇଛି। ମୂଲ୍ୟାୟନ କେବେ ହେବ ସେନେଇ ସରକାର ଚୂଡ଼ାନ୍ତ କରିବେ ବୋଲି ମନ୍ତ୍ରୀ ଦାଶ ସୂଚନା ଦେଇଛନ୍ତି। ମୂଲ୍ୟାୟନ ସ୍ଥଗିତ ସମ୍ପର୍କିତ ଏକ ଚିଠି ମାଧ୍ୟମିକ ଶିକ୍ଷା ପରିଷଦକୁ ମନ୍ତ୍ରୀ ଦାଶ ପଠାଇଛନ୍ତି। ଅନ୍ୟପକ୍ଷରେ ମିଳିଥିବା ସୂଚନା ମୁତାବକ, ଶିକ୍ଷକ ମହାସଂଘ ପକ୍ଷରୁ ୨୬ ତାରିଖ ପରେ ମାଟ୍ରିକ ମୂଲ୍ୟାୟନ ପାଇଁ ଦାବି କରାଯାଉଥିଲା। ହେଲେ ସରକାର ୨୧ତାରିଖରେ ଦେଖିବାକୁ ଚୂଡାନ୍ତ କରିବାପରେ ସଂଘ ଅସନ୍ତୋଷ ବ୍ୟକ୍ତ କରିଥିଲା। ଯେହେତୁ ୨୨ତାରିଖରେ ସାବିତ୍ରି ଏବଂ ୨୫ରେ ଇଦୁଲ୍ ଫିତର୍ ଥିବାରୁ ଶିକ୍ଷକମାନେ ୨୬ପରେ ଖାତା ଦେଖିବା ଲାଗି ଦାବି କରିଥିଲେ। ଏହି ଦାବିକୁ ପୂରଣ କରିବା ପାଇଁ ବାତ୍ୟା ଆଳରେ ମାଟ୍ରିକ ମୂଲ୍ୟାୟନ ତାରିଖ ଘୁଞ୍ଚାଯାଇଥିବା କୁହାଯାଉଛି। ସ୍କୁଲ ଓ ଗଣଶିକ୍ଷା ବିଭାଗର ଏଭଳି ନିଷ୍ପତ୍ତିକୁ କଂଗ୍ରେସ ସମାଲୋଚନା କରିଛି। ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନଗୋ କହିଛନ୍ତି ଯେ, କିଛିଦିନ ହେବ ରାଜ୍ୟ ଶିକ୍ଷା ବିଭାଗର ନିଷ୍ପତି ଏତେ ବିଭ୍ରାନ୍ତିକର ଯେ, ଅଭିଭାବକମାନଙ୍କ ମନରେ ଆଘାତ ଦେଉଛି। କେତେବେଳେ କୁହାଯାଉଛି ୨୦ ପୁଣି ୨୧ ତାରିଖରେ ଖାତା ଦେଖାଯିବ। ଏବେ ପୁଣି କୁହାଗଲାଣି ଖାତା ଦେଖାଯିବ ନାହିଁ। ଏ ସମସ୍ତ କଥା ସୂଚାଇ ଦେଉଛି ସରକାରଙ୍କ ଶିକ୍ଷା ବିଭାଗ ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି ବୋଲି କଂଗ୍ରେସ ଦାବି କରୁଥିବା ପଞ୍ଚାନନ କହିଛନ୍ତି।

# କରୋନା କଟକଣା: ଆଖିବୁଜିଲେ ଯାଆଁଳା ଶିଶୁ

## ବାହାର ରାଜ୍ୟରୁ ଆସିବା କାଳ ହେଲା

**ବାରିପଦା ଅଫିସ,୧୯।୫**

ବର୍ଷକ ତଳେ ବିବାହ କରିଥିବା ଦମ୍ପତି ପ୍ରଥମ ସନ୍ତାନ ପାଇଁ କେତେ ସ୍ୱପ୍ନ ଦେଖିଥିଲେ। ମାତ୍ର କରୋନା କଟକଣା ଯୋଗୁ ସବୁ ଖୁସି ପାଣି ଫୋଟକା ପରି ମିଳେଇଗଲା। ଦୁନିଆର ଆଲୋକ ଦେଖିବା ଆଗରୁ ଯମଜ ଶିଶୁପତ୍ର ଆଖି ବୁଜିଲେ। ଏହିଭଳି ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଞ୍ଚଳରେ।

ଏହି ବ୍ଲକ ଗାଁମରଦା ପଞ୍ଚାୟତ ଚିରୁକୁଇପଦା ଗ୍ରାମର ରବୀନ୍ଦ୍ର ବେହେରା ଗୁଜରାଟର ଏକ ଟାୟାର କମ୍ପାନୀରେ କାମ କରୁଥିଲେ। ଲକ୍‌ଡାଉନ ଯୋଗୁ ସେ ଓ ତାଙ୍କ ଗର୍ଭବତୀ ସ୍ତ୍ରୀ କୁନି ଟ୍ରେନ୍‌ରେ ଆସି ସୋମବାର ଅପରାହ୍ନରେ ବାଲେଶ୍ୱରରେ ଓହ୍ଲାଇଥିଲେ। ପରେ ବସ୍‌ରେ ବସି ରାସଗୋବିନ୍ଦପୁର ଆସିବା ସମୟରେ କୁନିଙ୍କ ପ୍ରସବ ବେଦନା ହୋଇଥିଲା। ଫଳରେ ରବୀନ୍ଦ୍ର ନିକଟସ୍ଥ ବାଲେଶ୍ୱର ମେଡ଼ିକାଲ୍‌କୁ ସ୍ତ୍ରୀଙ୍କୁ ନେଇଥିଲେ। ସେଠାରେ ଡାକ୍ତର ପରୀକ୍ଷା କରିବା ପରେ ତାଙ୍କୁ ମେଡ଼ିକାଲ୍‌ରେ ଆଡ୍‌ମିଶନ କରିବା ପାଇଁ କହିଥିଲେ। ହେଲେ ସେଠାରେ ଡ୍ୟୁଟିରେ ଥିବା ନର୍ସ ତୁମ ଘର ମୟୂରଭଞ୍ଜ ଜିଲାରେ ତୁମେ ସେଠାରେ ଚିକିତ୍ସା ହେବ କହି ଫେରାଇ ଦେଇଥିଲେ। ସନ୍ଧ୍ୟାରେ ବାଧ୍ୟ ହୋଇ ରବୀନ୍ଦ୍ର ତାଙ୍କ ସ୍ତ୍ରୀଙ୍କୁ ଧରି ବସ୍‌ଷ୍ଟାଣ୍ଡକୁ ଆସିଥିଲେ। ହେଲେ ସେଠାରେ ଆଉ କୌଣସି ବସ୍ ନ ଥିଲା। ଫଳରେ ସେ ଏକ କାର୍ ଭଡ଼ା କରି ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ଡାକ୍ତର କୁନିଙ୍କୁ ଦେଖି ଇଞ୍ଜେକଶନ୍ ଏବଂ ଔଷଧ ଦେଇଥିଲେ। ଅନ୍ୟ ରାଜ୍ୟରୁ ଆସିଛ କାଳେ କିଛି ହେବ କହି ସେଠାକାର କର୍ମଚାରୀମାନେ ତୁମେ ମେଡ଼ିକାଲ୍‌ରେ ନ ରହି କ୍ୱାରାଣ୍ଟାଇନ କେନ୍ଦ୍ରରେ ରହିବା ପାଇଁ କୁନି ଓ ରବୀନ୍ଦ୍ରଙ୍କୁ କହିଥିଲେ। କ୍ୱାରାଣ୍ଟାଇନରେ ରହିଲେ ତାଙ୍କ ସ୍ତ୍ରୀଙ୍କ କିପରି ଚିକିତ୍ସା ହେବ ଭାବି ରବୀନ୍ଦ୍ର ମେଡ଼ିକାଲ୍‌ରେ ରହିବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ। ହେଲେ କେହି କିଛି କଥା ନ ଶୁଣି ତାଙ୍କୁ କ୍ୱାରାଣ୍ଟାଇନ କେନ୍ଦ୍ରକୁ ପଠାଇ ଦେଇଥିଲେ। ସୋମବାର ରାତିରେ ରବୀନ୍ଦ୍ର ଓ କୁନି ରାସଗୋବିନ୍ଦପୁର ବିଦ୍ୟାଳୟରେ ଖୋଲିଥିବା କ୍ୱାରାଣ୍ଟାଇନ କେନ୍ଦ୍ରରେ ରହିଥିଲେ। ରାତି ୧୧ଟାରେ କୁନିଙ୍କ ଅଧିକ ପ୍ରସବ ବେଦନା ହୋଇଥିଲା। ରବୀନ୍ଦ୍ର କ୍ୱାରାଣ୍ଟାଇନ କେନ୍ଦ୍ରରେ ଥିବା କର୍ମଚାରୀଙ୍କୁ କହିବା ପରେ ଜଣେ ଡାକ୍ତର ଆସି କୁନିଙ୍କୁ ଇଞ୍ଜେକଶନ ଦେଇଥିଲେ। ମଙ୍ଗଳବାର ସକାଳ ୧୦ଟା ସମୟରେ କେତେକ ଲୋକ କହିବା ପରେ ଏକ ସ୍ୱତନ୍ତ୍ର ଗାଡ଼ିରେ କୁନିଙ୍କୁ ବାରିପଦା ପିଆରଏମ୍ ମେଡ଼ିକାଲ୍‌କୁ ପଠାଯାଇଥିଲା। ପରେ କୁନି ଅପରାହ୍ନ ୧ଟା ୧୪ରେ ଗୋଟିଏ ଓ ୧ଟା ୩୦ରେ ଆଉ ଏକ ଶିଶୁକୁ ଜନ୍ମ ଦେଇଥିଲେ। ହେଲେ ଜନ୍ମର କିଛି ସମୟ ମଧ୍ୟରେ ଦୁଇଟି ଯାକ ସନ୍ତାନ ମୃତ୍ୟୁବରଣ କରିଥିଲେ। ଗୁଜରାଟରୁ ଆସିଥିବାରୁ ତାଙ୍କ ପ୍ରତି ସମସ୍ତେ ଅବହେଳା କରିବାରୁ ତାଙ୍କ ଦୁଇ ଶିଶୁ ପୁତ୍ରଙ୍କ ଜୀବନ ଗଲା ବୋଲି ରବୀନ୍ଦ୍ର ଅଭିଯୋଗ କରିଛନ୍ତି।

### ଭିଜିଲାନ୍ସ ଜାଲରେ ଏନ୍‌ଏସି ଇଓ, ଆକାଉଣ୍ଟାଣ୍ଟ

**ବରଗଡ଼ ଅଫିସ୍,୧୯।୫:** ବରଗଡ଼ ଜିଲା ବିଜେପୁର ଏନଏସିର ନିର୍ବାହୀ ଅଧିକାରୀ(ଇଓ) ରୁକ୍ମଣ ମେହେର ଏବଂ ଆକାଉଣ୍ଟାଣ୍ଟ ମାନସ କୁମାର ଦାଶ ମଙ୍ଗଳବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଏନଏସି ଅଫିସରେ ଭଡ଼ାରେ ଲାଗିଥିବା ଏକ ବୋଲେରୋ (ନଂ.ଓଡ଼ି୧୭ପି/୬୯୧୮)ର ବକେୟା ଦେୟ ବାବଦକୁ ଏକ ଚେକ୍ ଇସ୍ୟୁ କରିବା ପାଇଁ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଉଭୟଙ୍କୁ ଗିରଫ କରିଛି। ଏ ନେଇ ସମ୍ବଲପୁର ଭିଜିଲାନ୍ସ ଏକ ମାମଲା (ନଂ.୯/୨୦) ରୁଜୁ କରିଛି। ସୂଚନା ଅନୁଯାୟୀ, ଉକ୍ତ ବୋଲେରୋଟି ହେଉଛି ସମ୍ବଲପୁର ଜିଲା ଧମା ନିବାସୀ ଡା. ମଦନ ମେହେରଙ୍କର। ସେ ଗାଡ଼ିଭଡ଼ାର ବକେୟା ଦେୟ ବାବଦକୁ ଏକ ଚେକ୍ ଇସ୍ୟୁ କରିବା ପାଇଁ ବିଜେପୁର ଏନଏସିକୁ ଆସି ଆକାଉଣ୍ଟାଣ୍ଟ ଦାଶଙ୍କୁ କହିଥିଲେ। ମାତ୍ର ଆକାଉଣ୍ଟାଣ୍ଟ ଦାଶ ଏଥିପାଇଁ ୧୪ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ମଦନ ସୋମବାର ସମ୍ବଲପୁର ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କଠାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଭିଜିଲାନ୍ସ ଲାଞ୍ଚ ଦାବି କରୁଥିବା ସମ୍ପୃକ୍ତ କର୍ମଚାରୀଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଯୋଜନା ଅନୁଯାୟୀ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ମଦନ ବିଜେପୁର ଏନଏସି ଅଫିସକୁ ପହଞ୍ଚି ଆକାଉଣ୍ଟାଣ୍ଟ ଦାଶଙ୍କୁ ଦାବି ମୁତାବକ ୧୪ହଜାର ଟଙ୍କା ପ୍ରଦାନ କରିଥିଲେ। ଆକାଉଣ୍ଟାଣ୍ଟ ସେଥିରୁ ୧୨ହଜାର ଟଙ୍କା ରଖି ବାକି ୨ହଜାର ଟଙ୍କା ଇଓ ମେହେରଙ୍କୁ ଦେବା ପାଇଁ କହିଥିଲେ। ଏହାପରେ ମଦନ ସେହି ଟଙ୍କା ଧରି ଇଓଙ୍କ ଚ୍ୟାମ୍ବରକୁ ଯାଇଥିଲେ। ମାତ୍ର ଇଓ ମେହେର ସେହି ଟଙ୍କା ଆକାଉଣ୍ଟାଣ୍ଟ ପାଖରେ ରଖିଦେବାକୁ କହିଥିଲେ। ଫଳରେ ମଦନ ପୁଣି ଆକାଉଣ୍ଟାଣ୍ଟଙ୍କ ପାଖକୁ ଆସି ସେହି ଟଙ୍କାତକ ଦେଇଥିଲେ। ଏହାପରେ ବାହାରେ ଛପି ରହିଥିବା ଭିଜିଲାନ୍ସ ଟିମ୍ ଚଢ଼ାଉ କରି ରାସାୟନିକ ପ୍ରଲେପ ଦିଆ ଟଙ୍କା ଜବତ ସହିତ ଉଭୟଙ୍କୁ ଗିରଫ କରିଥିଲେ।

### ମା'ଙ୍କୁ ପିଟି ହତ୍ୟା, ପୁଅ ଗିରଫ

**ବଇଣ୍ଡା, ୧୯।୫(ଡି.ଏନ.ଏ.):** ଅନୁଗୋଳ ଜିଲା କିଶୋରନଗର ଥାନା ସାହାଜବାହାଲୀ ଗ୍ରାମରେ ସୋମବାର ଅପୂର୍ଣ୍ଣା ବେହେରା(୬୦)ଙ୍କୁ ତାଙ୍କ ପୁଅ ଆର୍ତ୍ତତ୍ରାଣ ବେହେରା ଠେଙ୍ଗାରେ ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ବଡ଼ ପୁଅ ଅନ୍ତର୍ଯ୍ୟାମୀ ବେହେରାଙ୍କ ଅଭିଯୋଗ କ୍ରମେ ପୋଲିସ ୭୪/୨୦ରେ ମାମଲା ରୁଜୁ କରି ଆର୍ତ୍ତତ୍ରାଣଙ୍କୁ ଗିରଫ କରିଛି। ପୋଲିସ କହିଛି, ଆର୍ତ୍ତତ୍ରାଣ ଘରେ ମା'ଙ୍କ ସହ ଝଗଡ଼ା କରି ଠେଙ୍ଗାରେ ଆକ୍ରମଣ କରିଥିଲେ। ପରିବାର ଲୋକେ ଅପୂର୍ଣ୍ଣାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କିଶୋରନଗର ପରେ ରେଢ଼ାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅପୂର୍ଣ୍ଣାଙ୍କ ମୃତ୍ୟୁ ଘଟିଥିଲା।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |













**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

GOVERNMENT OF ODISHA — No.: C-18

e-Procurement Notice

ANGUL MUNICIPALITY OFFICE, ANGUL

Bid Identification No.- EO/AGLM-01/2020-21

e-mail ID: angulmunicipality@gmail.com

No.: 2262 — Date: 18.05.2020

1. Number of Works : 40 (Fourty) Numbers of C.C. Road, Drain, Building & Toilet works.
2. Approximate Estiamted Cost : Rs.1.96 lakhs to 8.86 lakhs
3. Period of Completion : 01 (One) to 03 (Three) Calendar Months
4. Date & Time of availability of bid document in the portal : Dt.20.05.2020 at 10.00 A.M.
5. Last date/time for receipt of bid in the portal : Dt.29.05.2020 upto 5.00 P.M.
6. Date of Opening Bid : Dt.01.06.2020 at 11.00 A.M.
7. Name and address of the Office Inviting Bid : Executive Officer, Angul Municipality, Angul
8. The bidders have to participate in ONLINE bidding only. Further details can be seen from the e-procurement portal **https:/tendersodisha.gov.in**.

Sd./- B.C. Panda
Executive Officer, Angul Municipality
OIPR-13085/11/0001/2021

e-Procurement Notice

OFFICE OF THE NOTIFIED AREA COUNCIL, GOPALPUR

Tender Call Notice No.: 749 — Dt.19.05.2020

Bid Identification No.- 01/2020-21

Bid document consisting of work, estimated cost, cost of tender paper, E.M.D., time of completion, class of contractors and the set of terms and condition and condition of contract and other necessary documents can be seen in Govt. website i.e. **www.tendersorissa.gov.in**.

| | |
|---|---|
| Total Number of Civil Works | 4 Nos. |
| Estimated Cost | Rs.6.61 lakh to Rs.108.96 lakhs |
| Date & time of availability of Bid Documents in the portal | 3.00 P.M. of Dt.20.05.2020 to 6.00 P.M. of Dt.04.06.2020 for Online bidding |
| Last date of receive of Bid through Online | 6.00 P.M. of Dt.04.06.2020 |
| Date of Opening of Bid | 11.00 A.M. on Dt.05.06.2020 |

Sd./- Executive Officer
N.A.C., Gopalpur
Date: 19.05.2020

Your classified advertisement published in Dharitri will be listed free in Dharitri online edition : **www.dharitri.com**

GOVERNMENT OF ODISHA

OFFICE OF THE EXECUTIVE ENGINEER

KANDHAMAL MINOR IRRIGATION DIVISION, PHULBANI

Telephone /Fax No-06842-253634

E-Mail : www.kmidplb@gmail.com

BID IDENTIFICATION NO.Plb-MI-E-04/2020-21/ 754 Dt:- 14.5.2020

No.: A-55: The Executive Engineer, Kandhamal Minor Irrigation Division, Phulbani on behalf of Governor of Odisha invites item rate bids in Double cover only in ONLINE mode for the Construction of works detailed in the table from "B" & "A" Class & above class Contractors registered with the State Government and contractors of equivalent Grade/Class registered with Central Government /M.E.S./ Railways for execution of civil works on production of definite proof from the appropriate authority. The bidders may submit bids for any or all of the following works.

1. Name of the works : Improvement of Minor Irrigation Projects under Critical Grant for 2020-21.
2. Total No. of works : 04 (Four).
3. Estimated Cost : Varies from Rs. 61.40 lakh to Rs.87.71 lakh approximately
4. Class of Contractor : B and A
5. Period of completion : 270 (two hundred seventy days including rain season).
6. Date & time of availability of Bid Document in the Portal for online bidding : 21.5.2020 at 10 A.M. to 29.5.2020 upto 4 PM.
7. Last date/Time for receipt of Bid only in ONLINE. : 29.5.2020 upto 4 PM.
8. Date/Time of Opening of: Technical Bid. : 30.5.2020 at 11.00 AM. at Office of the Executive Engineer, Kandhamal M.I. Division, Phulbani.
9. Date/ Time of Opening of Financial Bid : To be intimated through website after evaluation of Technical Bid.
10. Name & Address of the Officer Inviting the Bid. : Office of the Executive Engineer, K.M.I. Division, Phulbani.
11. Further details can be seen from the "e" Procurement Portal **https://tendersodisha.gov.in**.

Executive Engineer,
Kandhamal M.I. Division, Phulbani
OIPR-32040/11/0002/2021

## ସଂକ୍ଷେପରେ

### ସଙ୍ଗରୋଧ କେନ୍ଦ୍ରରେ ନାବାଳିକାଙ୍କୁ ଅସଦାଚରଣ

ବ୍ରହ୍ମଗିରି,୧୯।୫(ଡି.ଏନ.ଏ): ବ୍ରହ୍ମଗିରି ବ୍ଲକ ଅଞ୍ଚଳର ଏକ ସଙ୍ଗରୋଧ କେନ୍ଦ୍ରରେ ରହିଥିବା ଜଣେ ନାବାଳିକାଙ୍କୁ ଅସଦାଚରଣ କରାଯାଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଖବରପାଇ ବ୍ରହ୍ମଗିରି ବିଡିଓ ଜ୍ୟୋତିପ୍ରକାଶ ସେଠୀ ଓ ପୁରୀ ସଦର ଥାନାଧିକାରୀ ସୁମିତ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ନାବାଳିକା ଓ ସମ୍ପର୍କୀୟ ଭାଇଙ୍କୁ ପଚରାଉଚରା କରିଛନ୍ତି। ଏ ନେଇ ପୋଲିସ ନଂ.୧୩୧/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଥାନାଧିକାରୀ କହିଛନ୍ତି। ସୂଚନା ଅନୁଯାୟୀ, ଏହି ବ୍ଲକ ଅଞ୍ଚଳରେ ଥିବା ଏକ ସଙ୍ଗରୋଧ କେନ୍ଦ୍ରରେ ସ୍ଥାନୀୟ ପଞ୍ଚାୟତର ୧୫ଜଣ ପ୍ରବାସୀ ଓଡ଼ିଆ ରହୁଥିଲେ। ସୋମବାର ଅହମ୍ମଦାବାଦରୁ ଏହି ଅଞ୍ଚଳର ୪ଜଣ ପ୍ରବାସୀ ଆସିବା ପରେ ଏହି ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ତାଙ୍କ ମଧ୍ୟରେ ଉକ୍ତ ନାବାଳିକା ଜଣକ ଥିବାରୁ ଅନ୍ୟ ଏକ କୋଠରିରେ ରହିଥିଲେ। ହଠାତ ବିଳମ୍ବିତ ରାତିରେ କୋଠରିକୁ ଜଣେ ଯୁବକ ପଶି ନାବାଳିକାଙ୍କୁ ଅସଦାଚରଣ ଉଦ୍ୟମ କରିଥିଲେ। ନାବାଳିକା ଜଣକ ଚିତ୍କାର କରିବାରୁ ଯୁବକ ଜଣକ ଘଟଣାସ୍ଥଳରୁ ଖସି ଚାଲିଯାଇଥିଲେ। ନାବାଳିକା ଜଣକ ତାଙ୍କ ସମ୍ପର୍କୀୟ ଭାଇଙ୍କୁ ଫୋନ୍ ଯୋଗେ ସମସ୍ତ କଥା କହିଥିଲେ। ପରେ ସେମାନେ କେନ୍ଦ୍ରର ସୁପରଭାଇଜର ନିକଟରେ ଅଭିଯୋଗ କରିଥିଲେ।

### ଅସ୍ଥାୟୀ ଡମ୍ପିଂୟାର୍ଡ ସ୍ଥାନାନ୍ତର ଦାବି

ଭୁବନେଶ୍ୱର, ୧୯।୫ (ବ୍ୟୁରୋ): ଭୁବନେଶ୍ୱର ୱାର୍ଡ ନଂ ୫୮ ଗ୍ୟାରେଜ୍ ଛକସ୍ଥିତ କେଦାରଗୌରୀ ବିହାର ନିକଟରେ ଥିବା ଅସ୍ଥାୟୀ ଡମ୍ପିଂୟାର୍ଡ ସ୍ଥାନାନ୍ତର ପାଇଁ ସ୍ଥାନୀୟ କେଦାରଗୌରୀ ବିହାର ବାସିନ୍ଦା ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ରେ ଦାବି କରିଛନ୍ତି। ବିଏମ୍‌ସି ପରିଚାଳିତ ଠିକାସଂସ୍ଥା ଗତ କିଛିବର୍ଷ ହେବ ସେଠାରେ ଏକ ଅସ୍ଥାୟୀ ଡମ୍ପିଂୟାର୍ଡ କରିବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଦିନରାତି ସେଠାରେ ଆବର୍ଜନା ପକାଉଠା କାମ ଜାରି ରଖିଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ପ୍ରଦୂଷଣର ମାତ୍ରା ବଢ଼ୁଛି। ବିଶେଷକରି କେଦାରଗୌରୀ ବିହାରର ବାସିନ୍ଦା ଏହଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି। ଏନେଇ ବିଏମ୍‌ସି ପରିମଳ ଦାୟିତ୍ୱ ଥିବା ଡେପୁଟି କମିଶନର ଶୁଭେନ୍ଦୁ ସାହୁଙ୍କୁ ପଚାରିବାରେ, ତାହା ଏକ ଅସ୍ଥାୟୀ ଡମ୍ପିଂୟାର୍ଡ। ସେଠାରୁ ସବୁଦିନ ଅଳିଆ ଉଠାଇ ନିଆଯାଉଛି ବୋଲି କହିଛନ୍ତି।

### ଡ୍ରେନ୍‌ରୁ ଉଦ୍ଧାର ହେଲା ଭ୍ରୂଣ

କଟକ ଅଫିସ,୧୯।୫- ରାଉସାପାଟଣା ସ୍ଥିତ ମୁଖ୍ୟ ଡ୍ରେନ୍‌ରୁ ମଙ୍ଗଳବାର ଏକ ଭ୍ରୁଣ ଉଦ୍ଧାର କରିଛି ପୁରୀଘାଟ ଥାନା ପୋଲିସ। ସଦ୍ୟ ଜନ୍ମିତ ଶିଶୁର ମୃତଦେହ ଭାସୁଥିବା ନେଇ ସ୍ଥାନୀୟ ଲୋକେ ଥାନାକୁ ଖବର ଦେଇଥିଲେ। ପରେ ଥାନାଧିକାରୀ ରଶ୍ମିରଞ୍ଜନ ସାହୁ ଘଟଣାସ୍ଥଳରେ ପହଞ୍ଚି ଭ୍ରୁଣକୁ ଉଦ୍ଧାର କରିଥିଲେ। ଭ୍ରୁଣଟି ୫ରୁ ୬ମାସର ହେବ ବୋଲି ଅନୁମାନ କରାଯାଉଛି। ଏହାକୁ ବ୍ୟବଚ୍ଛେଦ ପାଇଁ ପଠାଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ପୋଲିସ।

# ସୃଜନଶୀଳତାର ଅନ୍ୟ ନାମ ଅରୁଣିମା

## ପ୍ରକାଶ ପାଇଲା 'ଘରେ ଘରେ ଅରୁଣିମା'ର ୨ୟ ସଂସ୍କରଣ



ଘରେ ଘରେ ଅରୁଣିମାର ୨ୟ ସଂସ୍କରଣର କ୍ୟାଲେଣ୍ଡର ଉନ୍ମୋଚନ କରାଯାଉଛି।

ଭୁବନେଶ୍ୱର,୧୯।୫(ବ୍ୟୁରୋ)

ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ 'ଘରେ ଘରେ ଅରୁଣିମା' କ୍ୟାଲେଣ୍ଡରର ଦ୍ୱିତୀୟ ସଂସ୍କରଣ ଉନ୍ମୋଚିତ ହୋଇଛି। ୩ରୁ ୬ବର୍ଷ ମଧ୍ୟରେ ରାଜ୍ୟର ୧୬ ଲକ୍ଷ ୧୩ହଜାର ୭୭୫ ଅଙ୍ଗନୱାଡ଼ି ଶିଶୁଙ୍କୁ ବିଭିନ୍ନ ସୃଜନଶୀଳ କାର୍ଯ୍ୟକ୍ରମରେ ନିୟୋଜିତ ରଖିବା ସହ ସେମାନଙ୍କ ମାନସିକ ଓ ଶାରୀରିକ ବିକାଶ ପାଇଁ ୟୁନିସେଫ୍ ସହାୟତାରେ ବିଭାଗ ଏହି କ୍ୟାଲେଣ୍ଡର ପ୍ରସ୍ତୁତ କରିଛି। କୋଭିଡ୍-୧୯ ମହାମାରୀ ସଙ୍କଟ ସମୟରେ ଶିଶୁମାନଙ୍କ ପ୍ରାକ୍ ବିଦ୍ୟାଳୟ ଶିକ୍ଷାର ବିକାଶ ନିମନ୍ତେ ଉତ୍ସର୍ଗୀକୃତ ରାଜ୍ୟର ୭୨,୫୮୭ ଅଙ୍ଗନୱାଡ଼ି କେନ୍ଦ୍ର ଏବେ ବନ୍ଦ ରହିଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି।

ମଙ୍ଗଳବାର ବିଭାଗୀୟ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଜିଲା ସମାଜ ମଙ୍ଗଳ ଅଧିକାରୀ (ଡିଏସ୍‌ଡବ୍ଲ୍ୟୁଓ) ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ)ଙ୍କ ଉପସ୍ଥିତିରେ ଏହି କ୍ୟାଲେଣ୍ଡର ଉନ୍ମୋଚନ କରିଥିଲେ। ପ୍ରଥମ ସଂସ୍କରଣ ପିଲାମାନଙ୍କ ଦ୍ୱାରା ବିଶେଷଭାବେ ଆଦୃତ ହୋଇଥିବାରୁ

### ଉପକୃତ ହେବେ ୧୬ଲକ୍ଷରୁ ଊର୍ଦ୍ଧ୍ୱ ଶିଶୁ

ଦ୍ୱିତୀୟ ସଂସ୍କରଣକୁ ମଧ୍ୟ ଅନୁରୂପ ଆଦୃତି ମିଳିବ ବୋଲି ଆଶା ରଖାଯାଇଛି। ମାତାପିତାଙ୍କ ସକ୍ରିୟ ସହଭାଗିତାରେ ଶିଶୁମାନଙ୍କୁ ସଙ୍ଗୀତ, ନୃତ୍ୟ, ଚିତ୍ରକଳା, ଗଳ୍ପକଥନ ଆଦିରେ ନିୟୋଜିତ ରଖି ସେମାନଙ୍କ ମଧ୍ୟରେ ସକାରାତ୍ମକ ଭାବନା ସୃଷ୍ଟି କରିବା ଏହି କ୍ୟାଲେଣ୍ଡର ପ୍ରକାଶନର ଆଭିମୁଖ୍ୟ ବୋଲି ଗର୍ଗ କହିଥିଲେ। 'ଘରେ ଘରେ ଅରୁଣିମା'ର ପ୍ରଥମ ସଂସ୍କରଣ 'କୀଟପତଙ୍ଗ ଏବଂ ସରୀସୃପ'ମାନଙ୍କ ଉପରେ ଆଧାରିତ ହୋଇଥିବାବେଳେ ଦ୍ୱିତୀୟ ସଂସ୍କରଣ 'ବାୟୁ, ଜଳ ଏବଂ ମୃତ୍ତିକା' ଉପରେ ଆଧାରିତ ହୋଇଛି। ଶିଶୁମାନଙ୍କ ମଧ୍ୟରେ ସ୍ୱଚ୍ଛ ପରିବେଶ, ଜଳ ସଞ୍ଚୟ ଏବଂ ବୃକ୍ଷଲତା ବଢ଼ିବାରେ ମୃତ୍ତିକାର ଭୂମିକା ଆଦି ସମ୍ପର୍କରେ କୌତୂହଳ ସୃଷ୍ଟି କରିବାରେ 'ଘରେ ଘରେ ଅରୁଣିମା'ର ଦ୍ୱିତୀୟ ସଂସ୍କରଣ ବିଶେଷ ଉପାଦେୟ ହେବ ବୋଲି ୟୁନିସେଫ୍ ଓଡ଼ିଶା ମୁଖ୍ୟ ମୋନିକା ନିଲେସନ୍ କହିଛନ୍ତି। ହାତଧୁଆ, ସ୍ୱଚ୍ଛତା, ପରିମଳ, ସାମାଜିକ ଦୂରତ୍ୱ ଭଳି ଉତ୍ତମ ଅଭ୍ୟାସ ସମ୍ପର୍କରେ ପିଲାମାନଙ୍କୁ ସଚେତନ କରିବା ନିମନ୍ତେ ଏହି କ୍ୟାଲେଣ୍ଡରରେ ବାର୍ତ୍ତା ଦିଆଯାଇଛି। ଲକ୍‌ଡାଉନ୍ ସ୍ଥିତି ଜାରି ରହିଥିବାରୁ ଅଙ୍ଗନୱାଡ଼ି କର୍ମୀମାନଙ୍କ ଦ୍ୱାରା ଏହି ପୁସ୍ତକ ମାତାପିତା ଓ ଅଭିଭାବକଙ୍କୁ ଡିଜିଟାଲ୍ ମାଧ୍ୟମରେ ବିତରଣ କରାଯିବ। ଏହି ପୁସ୍ତିକା ପିଲାମାନଙ୍କ ମାନସିକ ସୁସ୍ଥତା ପାଇଁ ଉପାଦେୟ ହେବା ସହିତ ପରିବାରର ଅନ୍ୟ ସଦସ୍ୟମାନଙ୍କ ସହ ଶିଶୁମାନଙ୍କ ଉତ୍ତମ ସମ୍ପର୍କ ସ୍ଥାପନରେ ସହାୟକ ହେବ।

# ପରିବା ହାଟକୁ ଗଲେ ୭୦ ଫଳଦୋକାନୀ

ଭୁବନେଶ୍ୱର, ୧୯।୫ (ବ୍ୟୁରୋ)

ଆଉ ୨ଦିନ ପରେ ସାବିତ୍ରୀ ଅମାବାସ୍ୟା। ଏଥିପାଇଁ ଏବେଠାରୁ ଫଳ ହାଟରେ ଲୋକଙ୍କ ଗହଳି ଦେଖିବାକୁ ମିଳିଲାଣି। ସାମାଜିକ ଦୂରତ୍ୱ ବଜାୟ ରଖିବା ଉଦ୍ଦେଶ୍ୟରେ ୟୁନିଟ୍-୧ ହାଟ ସମ୍ମୁଖରେ ଥିବା ୭୦ଫଳ ଦୋକାନୀଙ୍କୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମଙ୍ଗଳବାର ୟୁନିଟ୍-୧ ପରିବା ହାଟକୁ ସ୍ଥାନାନ୍ତର କରିଛି। ରାସ୍ତା ଉପରେ ଫଳ ବିକ୍ରି କରିବା ସମୟରେ ସାମାଜିକ ଦୂରତ୍ୱ ନ ମାନିବା, ଗହଳି କରିବା ଆଦି କାରଣ ହେତୁ ବିଏମ୍‌ସି ଦକ୍ଷିଣ ପୂର୍ବ ଜୋନ୍‌ର ସ୍କ୍ୱାଡ୍ ଓ ବିଡିଏ ଉଚ୍ଛେଦକାରୀ ଟିମ୍ ଦ୍ୱାରା ହାଟ ସମ୍ମୁଖରେ ଥିବା ଫଳ ଦୋକାନୀଙ୍କ କାଠ ପିଣ୍ଡିକୁ ଭଙ୍ଗାଯାଇଛି। ୟୁନିଟ୍-୧ ମାର୍କେଟ ଭିତରେ ଯେଉଁ ସ୍ଥାନରେ ପରିବା ବ୍ୟବସାୟ ହୁଏ ଏଥର ସେଠାରେ ଫଳ ବ୍ୟବସାୟ ହେବ। ସାମାଜିକ ଦୂରତ୍ୱ ନିୟମ ମାନିବା ସହ ଗହଳି ନ କରିବାକୁ ବ୍ୟବସାୟୀମାନେ ଧ୍ୟାନ ଦେବେ, ନଚେତ ସେମାନଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯିବ ବୋଲି ବିଏମ୍‌ସି ଦକ୍ଷିଣ ପୂର୍ବ ଜୋନ୍‌ର ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ କହିଛନ୍ତି। ଉଲ୍ଲେଖଯୋଗ୍ୟ, ରାସ୍ତାରେ ଫଳଦୋକାନୀମାନେ ଗହଳି କରୁଥିବା ସହ ସାମାଜିକ ଦୂରତ୍ୱ ନିୟମ ଭଙ୍ଗ କରୁଥିବାର ବିଏମ୍‌ସି କର୍ମଚାରୀଙ୍କ ନଜରକୁ ଆସିଥିଲା। ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ନିର୍ଦ୍ଦେଶ ପରେ ମଙ୍ଗଳବାର ପୂର୍ବାହ୍ନରେ ଜୋନାଲ ସ୍କ୍ୱାଡ୍ ଓ ବିଡିଏ ସ୍କ୍ୱାଡ୍ ମିଳିତ ଭାବେ ୟୁନିଟ୍ ୧ ସମ୍ମୁଖରେ ଥିବା ଫଳ ଦୋକାନଗୁଡ଼ିକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି।






ସହରାଞ୍ଚଳ ଗରିବଙ୍କ ପାଇଁ ଭଡ଼ାଘର ନୁହେଁ, ଆବାସ ଦେବା ଦାବି ନେଇ କଟକର ବସ୍ତିବାସିନ୍ଦା ଏକତା ମଞ୍ଚର ସଦସ୍ୟମାନେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଯାଉଛନ୍ତି।

# ୧୫୦ ଟ୍ରିପ୍ କଟିଂ ବଉଳମାଳ ପଥର ଜବତ

ଖୋର୍ଦ୍ଧା ଅଫିସ,୧୯।୫: କୋଭିଡ-୧୯କୁ ପ୍ରତିହତ କରିବା ପାଇଁ କେନ୍ଦ୍ର ସରକାର ମେ' ୩୧ ପର୍ଯ୍ୟନ୍ତ ଲକ୍‌ଡାଉନ୍ ବୃଦ୍ଧି କରିଛନ୍ତି। ଲକ୍‌ଡାଉନ୍ ଜାରି ରହିଥିବା ବେଳେ ଖୋର୍ଦ୍ଧା ତହସିଲ ଅଞ୍ଚଳରେ ବଉଳମାଳ ପଥର ଚୋରାଚାଲାଣ ଚାଲିଛି। ମଙ୍ଗଳବାର ନରଣଗଡ ମୌଜା ଭୋଗପୁର ପାହାଡ ଏବଂ କୁରୁମପଡା ମୌଜାର ଯୋଗାମାୟା ପାହାଡରୁ ବେଆଇନ ଭାବେ ବଉଳମାଳ ପଥର ଚାଲାଣ ଚାଲିଥିବା ଖବରପାଇ ଖୋର୍ଦ୍ଧା ତହସିଲଦାର ଶୁଭେନ୍ଦୁ ସାମଲ, ଏସ୍‌ଡିପିଓ ସଶୀଲ କୁମାର ମିଶ୍ର, ଜଙ୍କିଆ ଥାନାଧିକାରୀ ସତ୍ୟବ୍ରତ ଲେଙ୍କା ୩ ପ୍ଲାଟୁନ ଫୋର୍ସ ସହ ଚଢ଼ାଉ କରିଥିଲେ। ସେଠାରୁ ୧୫୦ ଟ୍ରିପ୍ ଟ୍ରକର କଟିଂ ବଉଳମାଳ ପଥର ଓ ୪ କଟିଂ ମେସିନ ଜବତ କରାଯାଇଛି। ଜବତ ପଥରର ମୂଲ୍ୟ ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଏହା ସହ ସେଠାରେ କାର୍ଯ୍ୟରତ ୪ କର୍ମଚାରୀଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଉକ୍ତ ଅଞ୍ଚଳରେ ଶ୍ରୀଜଗନ୍ନାଥଙ୍କ ଏହି ବହୁ ମୂଲ୍ୟବାନ ପଥର (ବଉଳମାଳ) ପାହାଡ ରହିଛି। ଏହି ପଥରରୁ ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ସମେତ ରାଜ୍ୟର ବହୁ ମନ୍ଦିର ନିର୍ମାଣ ହୋଇଛି। ଏହାକୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ନିଲାମ ଦିଆଯାଇଥାଏ। ତେବେ ଜିଲା ପ୍ରଶାସନର ଅବହେଳାରୁ ମାଫିଆମାନେ ବେଆଇନଭାବେ ଏହି ପଥର ଚାଲାଣ କରୁଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏନେଇ ଜଙ୍କିଆ ଥାନାରେ ଲିଖିତ ଅଭିଯୋଗ କରାଯାଇଥିବା ଜଣାପଡିଛି। ଏ ସମ୍ପର୍କରେ ଐତିହ୍ୟ ବିଶାରଦ ଡ.ସୁରେନ୍ଦ୍ର ମିଶ୍ର କହିଛନ୍ତି, ଏହି ପଥର ଅତି ଦୁର୍ଲ୍ଲଭ। ମନ୍ଦିର ନିର୍ମାଣ କାର୍ଯ୍ୟରେ ଏହା ଲାଗିଥାଏ। ଏହା ଯେପରି ଚୋରା ଚାଲାଣ ନ ହେଉ, ଏଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେବା ଆବଶ୍ୟକ।

# ପୁରୀରେ ପୁଣି ୪ କରୋନା ଆକ୍ରାନ୍ତ

- ମୋଟ ସଂଖ୍ୟା ୩୩ ଛୁଇଁଲା
- ୧୦ ଦିନରେ ୩୨ ଚିହ୍ନଟ

ପୁରୀ ଅଫିସ,୧୯।୫

ରାଜ୍ୟରେ ହୁ ହୁ ହୋଇ ବଢୁଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା। ମହାମାରୀ କରୋନାକୁ ନେଇ ଏବେ ସମସ୍ତେ ଚିନ୍ତିତ ଥିବାବେଳେ ପୁରୀ ଜିଲାରେ ବି ଦ୍ରୁତଗତିରେ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ମଙ୍ଗଳବାର ଜିଲାରୁ ପୁଣି ୪ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାର ଆକ୍ରାନ୍ତଙ୍କ ସଂଖ୍ୟା ୩୩ ଛୁଇଁଛି। ଏମାନଙ୍କ ମଧ୍ୟରୁ ଜଣେ ସୁସ୍ଥ ହୋଇଥିବା ବେଳେ ଏବେ ୩୨ ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତେବେ ନୂଆ ଆକ୍ରାନ୍ତମାନେ ସମସ୍ତେ କ୍ୱାରାଣ୍ଟାଇନରେ ଥିଲେ ଏବଂ ସୁରଟ ଫେରନ୍ତା ବୋଲି ଜଣାପଡ଼ିଛି। ଗତ ୧୦ ଦିନରେ ଜିଲାରୁ ୩୨ ଆକ୍ରାନ୍ତ ଚିହ୍ନଟ ହେବା ଜିଲାବାସୀଙ୍କ ଚିନ୍ତା ବଢାଇଛି।

ଜିଲାରେ ପ୍ରଥମ କରୋନା ଆକ୍ରାନ୍ତ ଏପ୍ରିଲ ୩ ତାରିଖରେ ଚିହ୍ନଟ ହୋଇଥିଲେ। ପିପିଲି ବ୍ଲକ ଦାନଗହୀର ଅଞ୍ଚଳର ସମ୍ପୃକ୍ତ ବ୍ୟକ୍ତି ଦିଲ୍ଲୀ ନିଜାମୁଦ୍ଦିନରୁ ଫେରିଥିଲେ। ଚିକିତ୍ସା ପରେ ସେ ସୁସ୍ଥ ହୋଇ ଏବେ ଘରେ ଅଛନ୍ତି। ଏହାପରେ ୩୭ ଦିନ ପର୍ଯ୍ୟନ୍ତ ଜିଲାରେ କୌଣସି ନୂଆ କେସ୍ ବାହାରି ନ ଥିବାରୁ ପୁରୀ ଗ୍ରୀନ୍ ଜୋନରେ ରହିଥିଲା। ହେଲେ ଗତ ୧୦ ତାରିଖ ପରଠାରୁ ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତଗତିରେ ବଢୁଛି। ୧୦ ତାରିଖରେ ପୁରୀ ସହର ରେଣୁକା ଗଳିରୁ ୨ ଜଣ ଚିହ୍ନଟ ହୋଇଥିଲେ। ଏମାନେ ଥିଲେ ପଶ୍ଚିମବଙ୍ଗ ଫେରନ୍ତା। ଏହାପରେ ୧୨ ତାରିଖରେ ଗୋପ ବ୍ଲକ ଅଞ୍ଚଳର ସୁରଟ ଫେରନ୍ତା ଜଣେ ୩୫ ବର୍ଷୀୟ ଯୁବକଙ୍କ ରିପୋର୍ଟ ପଜିଟିଭ ବାହାରିଥିଲା। ୧୫ ତାରିଖରେ କଣାସ ବ୍ଲକରୁ ୧୦ଜଣ ସୁରଟ ଫେରନ୍ତା କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ୧୬ ତାରିଖରେ ଅସ୍ତରଙ୍ଗ ଏବଂ କାକଟପୁର ବ୍ଲକର ୨ଜଣ ଲେଖାଏ (ସମସ୍ତେ ପଶ୍ଚିମବଙ୍ଗ ଫେରନ୍ତା) ଚିହ୍ନଟ ହୋଇଥିବା ବେଳେ ୧୭ ତାରିଖରେ ୧୧ ଜଣ ଚିହ୍ନଟ ହୋଇଥିଲେ।

# ବର୍ଷା ଯୋଗୁ ନିର୍ମାଣ କାମ ଅଧାରୁ ବନ୍ଦ

ପୁରୀ ଅଫିସ,୧୯।୫

ସାମୁଦ୍ରିକ ବାତ୍ୟା 'ଅମ୍ଫନ' ପ୍ରଭାବରେ ମଙ୍ଗଳବାର ପୁରୀ ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ଓ ହାଲୁକା ପବନ ହୋଇଛି। ବର୍ଷା ଯୋଗୁ ରଥଖଳାରେ କାମ ଅଧାରୁ ବନ୍ଦ ରହିଛି। ତେବେ ମଙ୍ଗଳବାର ସୁଦ୍ଧା ୩ରଥର ୨୭ ଚକ ନିର୍ମାଣ ସରିଥିବାବେଳେ ୨ଟି ତୁମ୍ବର ଅର ଲାଗି ସମ୍ପୂର୍ଣ୍ଣ ହୋଇଛି। ତାଳଧ୍ୱଜ ରଥର ୫, ଦେବଦଳନ ରଥର ୩ ଏବଂ ନନ୍ଦିଘୋଷ ରଥର ୫ଟି ଅଖକୁ ସାଇଜ କରାଯାଇଛି। ତାଳଧ୍ୱଜ ରଥର ୫ଟି ଓ ଦେବଦଳନ ରଥର ୨ଟି ଯୋଖା ଶେଷ ହୋଇଛି। ନନ୍ଦିଘୋଷ ରଥର ୧୬ଟି ଯୋଖା ତିଆରି ପାଇଁ କାଠ ଆସିଛି।

ବାତ୍ୟାକୁ ନଜରରେ ରଖି ଯଦି ଅଧିକ ବର୍ଷା ପବନ ହୁଏ ତେବେ ମଙ୍ଗଳବାର ଓ ବୁଧବାର ରଥଖଳାରେ କାମ ବନ୍ଦ ରହିବ ବୋଲି ସୋମବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ମଙ୍ଗଳବାର ସକାଳେ ଯଦିଓ ପୁରୀର ଆକାଶ ମେଘାଚ୍ଛନ୍ନ ଥିଲା କିନ୍ତୁ ବର୍ଷା କିମ୍ବା ପବନ ହେଉ ନ ଥିଲା। ତେଣୁ ରଥ ନିର୍ମାଣରେ ନିୟୋଜିତ ସେବକମାନେ ରଥଖଳାରେ ପହଞ୍ଚି କାମ ଆରମ୍ଭ କରିଥିଲେ। ସକାଳ ପ୍ରାୟ ୯ଟାରେ କିଛି ସମୟ ଝିପିଝିପି ବର୍ଷା ହୋଇଥିଲା। ଏହାପରେ ମଧ୍ୟାହ୍ନ ୧୨ଟାରେ ଅସରାଏ ବର୍ଷା ହୋଇଥିଲା। ରଥଖଳାରେ ପାଣି ପଡ଼ିବାରୁ ସମ୍ପୃକ୍ତ ସେବକମାନେ ନିକଟସ୍ଥ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ଏବଂ ଆଖପାଖରେ ଆଶ୍ରୟ ନେଇଥିଲେ। ପ୍ରାୟ ୧୫ ମିନିଟ୍ ପରେ ବର୍ଷା ଛାଡ଼ିବାରୁ ପୁନଶ୍ଚ କାମ ଆରମ୍ଭ କରିଥିଲେ। ତେବେ ଅପରାହ୍ନ ୧ଟାରେ ଅସରାଏ ଭଲ ବର୍ଷା ହେବା ସହ ହାଲୁକା ପବନ ବହିଥିଲା। ତେଣୁ ସମ୍ପୃକ୍ତ ସେବକମାନେ କାମ ବନ୍ଦ କରି ସେମାନେ ରହୁଥିବା ଭକ୍ତନିବାସକୁ ଚାଲିଯାଇଥିଲେ। ବୁଧବାର ପୁରୀରେ ବାତ୍ୟାର ପ୍ରଭାବ ଯଦି ଏତେଟା ପରିଲକ୍ଷିତ ନ ହୁଏ ଏବଂ ବର୍ଷା, ପବନ ଅଧିକ ନ ଥାଏ ତେବେ ରଥ ନିର୍ମାଣ କାର୍ଯ୍ୟ ପୂର୍ବବତ ଚାଲିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।




# ଥାନା ହାଜତରୁ ମୁଖ୍ୟ ଅଭିଯୁକ୍ତ ଚମ୍ପଟ

### ବାଇକ ଚୋରି ର୍‍ୟାକେଟର ୫ ଧରାପଡ଼ିଥିଲେ

ଭୁବନେଶ୍ୱର,୧୯।୫ (ବ୍ୟୁରୋ)

ପୋଲିସର ଅବହେଳା ପାଇଁ ଅନେକ ସମୟରେ ଥାନା ହାଜତରୁ ଅଭିଯୁକ୍ତ ଚମ୍ପଟ ମାରୁଛନ୍ତି। ଗତ ସପ୍ତାହରେ ଏୟାରପୋର୍ଟ ଥାନାର ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିବାବେଳେ ରବିବାର ଚନ୍ଦ୍ରଶେଖରପୁର ଥାନା ହାଜତରୁ ଏକ ବାଇକ୍ ଚୋରି ର୍‍ୟାକେଟର ମୁଖ୍ୟ ଅଭିଯୁକ୍ତ ଚମ୍ପଟ ମାରିଛନ୍ତି। ସେ ହେଲେ ପ୍ରଶାନ୍ତ ଘଡେଇ ଓରଫ ଡିକେ। ପୋଲିସ ଏହି ଘଟଣାକୁ ଲୁଚାଇବାକୁ ବହୁ ଉଦ୍ୟମ କରିଥିଲା। ହେଲେ ମଙ୍ଗଳବାର ଘଟଣାଟି ପଦାକୁ ଆସିଛି। ଫଳରେ କମିଶନରେଟ ପୋଲିସର ଦାୟିତ୍ୱହୀନତା ପଦାରେ ପଡ଼ିଛି।

ସୂଚନା ଅନୁଯାୟୀ, ଗତ ରବିବାର ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ସ୍ପେଶାଲ ସ୍କ୍ୱାଡ୍ ଚଢାଉ କରି ଏକ ବାଇକ ଚୋରି ଓ ସୁନାଚେନ୍ ଲୁଟ ର୍‍ୟାକେଟର ୫ଜଣଙ୍କୁ ଗିରଫ କରିଥିଲା। ଏମାନଙ୍କ ମଧ୍ୟରେ ୨ଜଣ ଚୋରା ସାମଗ୍ରୀ କ୍ରେତା ରହିଥିଲେ। ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ଥାନା ହାଜତରେ ହ୍ୟାଣ୍ଡକଫ୍ ପକାଇ ରଖିଥିଲା। ତେବେ ରବିବାର ଅପରାହ୍ନ ପ୍ରାୟ ୨ଟାରେ ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତ କୌଶଳ କ୍ରମେ ହ୍ୟାଣ୍ଡକଫ୍ ଓ ହାଜତ ଲକ୍‌କୁ ଖୋଲି ଥାନା ବାହାରକୁ ଦୌଡ଼ିଥିଲେ। ଏହି ସମୟରେ ଡିସିଓ ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀ କାଗଜପତ୍ର କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଏ ସମ୍ପର୍କରେ ଜାଣିପାରି ନ ଥିଲେ। ତେବେ ଦାୟିତ୍ୱରେ ଥିବା ସେଣ୍ଟ୍ରି ଏହା ଦେଖି ଅଟକାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ପ୍ରଶାନ୍ତ ତାଙ୍କ ଉପରକୁ ହ୍ୟାଣ୍ଡକଫ୍ ପକାଇ ଫେରାର ହୋଇଯାଇଥିଲେ। ପ୍ରଶାନ୍ତ ଜଣେ ପେଶାଦାର ଲୁଟେରା ବୋଲି ଜଣାପଡ଼ିଛି। ତାଙ୍କ ନାମରେ ମଞ୍ଚେଶ୍ୱର, ଚନ୍ଦ୍ରଶେଖରପୁର ଓ ଇନ୍‌ଫୋସିଟି ଥାନାରେ ଏକାଧିକ ମାମଲା ରହିଥିବା ସୂଚନା ମିଳିଛି। ତାଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲେ ମଧ୍ୟ ସଫଳତା ମିଳିପାରିନାହିଁ। ତେଣୁ ସ୍ପେଶାଲ ସ୍କ୍ୱାଡ୍ ଏବଂ ଥାନାର ଏକ ଟିମ୍ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛନ୍ତି। ଅଭିଯୁକ୍ତ ଜଣକ କିଭଳି ଫେରାର ହେଲେ ସେନେଇ ତଦନ୍ତ ଚାଲିଛି ବୋଲି ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି।

ସୂଚନା ଅନୁଯାୟୀ, ଏହି ର୍‍ୟାକେଟର ସଦସ୍ୟମାନେ ରାଜଧାନୀର ବିଭିନ୍ନ ସ୍ଥାନରୁ ବାଇକ ଚୋରି କରି କେତେକ ଗ୍ୟାରେଜରେ ଏହାର ପାର୍ଟସ୍ ବିକ୍ରି କରନ୍ତି। ସେହିପରି ରାସ୍ତାରେ ଯାଉଥିବା ମହିଳାଙ୍କ ବେକରୁ ସୁନାଚେନ ଲୁଟ କରିବା ସହ ବିଭିନ୍ନ ହଷ୍ଟେଲରେ ପଶି ଲାପ୍‌ଟପ୍, ମୋବାଇଲ୍ ଆଦି ଚୋରି କରିଥାନ୍ତି। ହାଜତରୁ ପ୍ରଶାନ୍ତ ଫେରାର ହେବା ପରେ ପୋଲିସ ପଣ୍ଡାପାର୍କ ବସ୍ତିର ପ୍ରଭାତ ନାୟକ(୨୧) ଓ ବନା ନାୟକ(୨୦)ଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ୨ଜଣ କ୍ରେତାଙ୍କୁ ଛାଡ଼ି ଦେଇଥିବା ଜଣାପଡ଼ିଛି।

# ସୀମାରୁ ନେଇ ସୀମାରେ ଛାଡୁଛି ପୋଲିସ

- ୨୨୨ ଥର ଯାତ୍ରା ବ୍ୟବସ୍ଥା କରିଛି ପୋଲିସ
- ଉପକୃତ ହେଲେଣି ୮ ହଜାର ଶ୍ରମିକ
- ଦିଆଯାଉଛି ରହଣି ସହ ଖାଦ୍ୟ ସୁବିଧା

କଟକ ଅଫିସ,୧୯।୫

ଓଡ଼ିଶା ଦେଇ ରାଜପଥଗୁଡ଼ିକରେ ଚାଲିଚାଲି ନିଜ ରାଜ୍ୟକୁ ଫେରୁଥିବା ଶ୍ରମିକଙ୍କୁ ସହାୟତାର ହାତ ବଢ଼ାଇଛି ରାଜ୍ୟ ପୋଲିସ। ଗୋଟିଏ ପଟ ସୀମାରୁ ନେଇ ସେମାନଙ୍କୁ ରାଜ୍ୟ ସୀମାରେ ଛାଡୁଛି। ସୋମବାର ଅପରାହ୍ନ ୫ଟା ସୁଦ୍ଧା ଓଡ଼ିଶା ପୋଲିସ ବସ୍ ଦ୍ୱାରା ୨୨୨ ଥର ଯାତ୍ରାର ଆୟୋଜନ କରି ଅନ୍ୟ ରାଜ୍ୟର ୮ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ ଶ୍ରମିକଙ୍କୁ ସେମାନଙ୍କ ଗନ୍ତବ୍ୟ ରାଜ୍ୟର ସୀମା ନିକଟରେ ପହଞ୍ଚାଇଛି। ସମସ୍ତ ପ୍ରବାସୀ ଶ୍ରମିକଙ୍କୁ ମଧ୍ୟ ମାଗଣା ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ଭଦ୍ରକ ପୋଲିସ ଦୈନିକ ୪ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ଖାଦ୍ୟ ପ୍ରଦାନ କରୁଛି।

ରାଜ୍ୟ ପୋଲିସ ମୁଖ୍ୟାଳୟ ଜାରି କରିଥିବା ପ୍ରେସ୍ ବିଜ୍ଞପ୍ତିରେ କହିଛି ଯେ, ପ୍ରବାସୀ ଶ୍ରମିକ ଓ ସେମାନଙ୍କ ପରିବହନ କାର୍ଯ୍ୟକ୍ରମକୁ ୪ ପ୍ରକାରରେ ବିଭକ୍ତ କରାଯାଇପାରେ। ଓଡ଼ିଶାକୁ ଆସୁଥିବା ବାହାର ରାଜ୍ୟର ପ୍ରବାସୀ ଶ୍ରମିକ, ଓଡ଼ିଶାରେ କାର୍ଯ୍ୟରତ ଅନ୍ୟ ରାଜ୍ୟର ପ୍ରବାସୀ ଶ୍ରମିକ, ଅନ୍ୟ ରାଜ୍ୟର ପ୍ରବାସୀ ଶ୍ରମିକ ଯେଉଁମାନେ ଗାଡ଼ି ମାଧ୍ୟମରେ ସେମାନଙ୍କ ନିଜ ରାଜ୍ୟରେ ପହଞ୍ଚିବାକୁ ଓଡ଼ିଶା ଦେଇ ଯାତ୍ରା କରୁଛନ୍ତି ଏବଂ ଯେଉଁମାନେ ନିଜ ରାଜ୍ୟରେ ପହଞ୍ଚିବାକୁ ଚାଲିଚାଲି କିମ୍ବା ସାଇକେଲରେ ଯାଉଛନ୍ତି। ପ୍ରଥମ ଦୁଇ ଶ୍ରେଣୀର ପ୍ରବାସୀ ଶ୍ରମିକଙ୍କ ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ନିୟମ ପ୍ରଣୟନ କରାଯାଇଛି। ଜିଲା ପ୍ରଶାସନ ସମେତ ଅନ୍ୟ ସରକାରୀ ସଂସ୍ଥା ସହଯୋଗରେ ଏହାକୁ କାର୍ଯ୍ୟକାରୀ କରାଯାଉଛି। ତୃତୀୟ ଶ୍ରେଣୀର ପ୍ରବାସୀ ଶ୍ରମିକଙ୍କ ପାଇଁ ରାଜ୍ୟ ସୀମା ତନଖି ଫାଟକ ନିକଟରେ ଆବଶ୍ୟକ ଯାଞ୍ଚ କରାଯାଇ ସେମାନଙ୍କ ଗାଡ଼ିକୁ ଓଡ଼ିଶା ମଧ୍ୟଦେଇ ଯିବାକୁ ଅନୁମତି ଦିଆଯାଉଛି। ଚତୁର୍ଥ ଶ୍ରେଣୀଭୁକ୍ତ ପ୍ରବାସୀ ଶ୍ରମିକ, ଯେଉଁମାନେ ଚାଲିଚାଲି ସେମାନଙ୍କ ନିଜ ରାଜ୍ୟ ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ ଓ ବିହାରକୁ ଯିବା ପାଇଁ ଓଡ଼ିଶାକୁ ପ୍ରବେଶ କରୁଛନ୍ତି, ସେମାନଙ୍କ ଯାତ୍ରା ଏବଂ ଖାଦ୍ୟପେୟର ବିଶେଷ ବ୍ୟବସ୍ଥା କରୁଛି ପୋଲିସ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଆବଶ୍ୟକ ଅର୍ଥ ରିଲିଫ ପାଣ୍ଠିରୁ ଓଡ଼ିଶା ପୋଲିସକୁ ଦେଉଛି। ଗତ ୪ଦିନ ଧରି ଓଡ଼ିଶା ପୋଲିସ ରାଜ୍ୟର ପ୍ରମୁଖ ସୀମା ତନଖି ଫାଟକ ଯଥା ସୋହେଲା, ଗିରିସୋଲା ଓ କେରଡ଼ାଠାରେ ବସ୍ ବ୍ୟବସ୍ଥା କରି ପାଦଚଲା ପ୍ରବାସୀ ଶ୍ରମିକଙ୍କୁ ସେମାନଙ୍କ ରାଜ୍ୟର ସୀମା ନିକଟରେ ପହଞ୍ଚାଇବାର ବ୍ୟବସ୍ଥା କରି ଆସୁଛନ୍ତି। ତଥାପି ପୋଲିସ ବସ୍ ବ୍ୟବସ୍ଥା କରିବା ପୂର୍ବରୁ କେତେକ ପ୍ରବାସୀ ଶ୍ରମିକ ପାଦରେ ଚାଲିଚାଲି ତନଖି ଫାଟକ ଅତିକ୍ରମ କରିଥିବା ଜଣାପଡ଼ିଛି। ଏଥିପାଇଁ ରାସ୍ତାକଡ଼ ଥାନାଗୁଡ଼ିକୁ ଏହି ପାଦଚଲା ପ୍ରବାସୀ ଶ୍ରମିକଙ୍କୁ ସହାୟତା କରିବା ପାଇଁ କୁହାଯାଇଛି। ଏହି ଥାନାଗୁଡ଼ିକ ସେମାନଙ୍କ ଜିଲା ନିୟନ୍ତ୍ରଣ କକ୍ଷକୁ ଏ ବାବଦରେ ଅବଗତ କରି ଆବଶ୍ୟକ ସ୍ଥଳେ ଅନ୍ୟ ଜିଲା ଓ ସୀମା ତନଖି ଫାଟକର ସହଯୋଗ ନେଇ କାର୍ଯ୍ୟ କରିବାକୁ କୁହାଯାଇଛି। ପ୍ରବାସୀ ଶ୍ରମିକଙ୍କ ପରିବହନ ପାଇଁ ବ୍ୟବହୃତ ବସ୍ ସଂଖ୍ୟା ଓ ଯାତାୟାତ ମାର୍ଗ ସେମାନଙ୍କ ଚାହିଦା ଅନୁସାରେ ପରିବର୍ତ୍ତନ କରାଯାଉଛି। ରାଜ୍ୟର ମଧ୍ୟବର୍ତ୍ତୀ ସ୍ଥାନ ଯଥା ଖୋର୍ଦ୍ଧା, କଟକ, ଭୁବନେଶ୍ୱର, ଯାଜପୁର ଓ ଭଦ୍ରକ ଆଦି ସ୍ଥାନରେ ଏହି ପ୍ରବାସୀ ଶ୍ରମିକଙ୍କ ପାଇଁ ମଧ୍ୟ ବସ୍ ଯୋଗାଣର ବ୍ୟବସ୍ଥା ହୋଇଛି।

**ସଂକ୍ଷେପରେ**

## ସଙ୍ଗରୋଧ କେନ୍ଦ୍ରରେ ଅସୁସ୍ଥ ଶିଶୁର ମୃତ୍ୟୁ

**ଆସିକା,୧୯।୫(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଆସିକା ବ୍ଲକ ବାଙ୍ଗରଡା ପଞ୍ଚାୟତ ଖୁକୁଣ୍ଡିଆ ଗ୍ରାମସ୍ଥିତ ଏକ ସଙ୍ଗରୋଧ କେନ୍ଦ୍ରରେ ଅସୁସ୍ଥ ଥିବା ୬ ମାସର ଏକ ଶିଶୁର ମଙ୍ଗଳବାର ମୃତ୍ୟୁ ଘଟିଛି। ଗତ ୧୧ ତାରିଖରୁ ମା' ବାପାଙ୍କ ସହ ଶିଶୁଟି ସଙ୍ଗରୋଧ କେନ୍ଦ୍ରରେ ରହିଥିଲା। ମଙ୍ଗଳବାର ଅପରାହ୍ନ ୨ଟାରେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ଆସିକା ଡାକ୍ତରଖାନାକୁ ଅଣାଯାଇଥିଲା। ପରେ ତାକୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଶିଶୁଟିକୁ ଡାକ୍ତର ମୃତ ଘୋଷଣା କରିଥିଲେ। ଶିଶୁ ଓ ତାହାର ପରିବାର ସୁରଟରୁ ଆସି ସଙ୍ଗରୋଧ କେନ୍ଦ୍ରରେ ଥିଲେ ମଧ୍ୟ କାହାରି କରୋନା ଲକ୍ଷଣ ନ ଥିବା ଆସିକା ବିଡିଓ ପ୍ରଦୀପ କୁମାର ପଣ୍ଡା ସୂଚନା ଦେଇଛନ୍ତି ।

## କ୍ୱାରାଣ୍ଟାଇନ୍ ସେଣ୍ଟର ଡାଲିରେ ଝିଟିପିଟି, ୫ ଅସୁସ୍ଥ

**ଛତ୍ରପୁର,୧୯।୫(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ମହାନାଦପୁର ପଞ୍ଚାୟତ ଖୁରିଗାଁ ପ୍ରାଥମିକ ବିଦ୍ୟାଳୟ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଅନ୍ତେବାସୀଙ୍କୁ ସୋମବାର ରାତିରେ ଦିଆଯାଇଥିବା ଡାଲିରୁ ମଲା ଝିଟିପିଟି ବାହାରିଥିଲା। ୨୯ ଅନ୍ତେବାସୀ ରାତ୍ରିଭୋଜନ ସାରିଥିବା ବେଳେ ଶେଷକୁ ଥିବା ୨ଜଣଙ୍କ ମଧ୍ୟରୁ ଜଣେ ତାଙ୍କ ପ୍ଲେଟରେ ଡାଲିରେ ମଲା ଝିଟିପିଟି ପଡ଼ିଥିବା ଦେଖିଥିଲେ। ସେ ଅନ୍ୟ ଅନ୍ତେବାସୀମାନଙ୍କୁ ଏହା ଦେଖାଇଥିଲେ। କିଛି ସମୟ ପରେ ୫ ଜଣଙ୍କର ବାନ୍ତି ହେବାରୁ ମହନାଦପୁର ସରପଞ୍ଚଙ୍କୁ ଜଣାଇଥିଲେ। ଖବରପାଇ ବିଡିଓ ଅମ୍ବିକା ପ୍ରସାଦ ଦାଶ ସେଠାରେ ପହଞ୍ଚିଥିଲେ। ପରେ ଏକ ମେଡିକାଲ ଟିମ୍ ପହଞ୍ଚି ସମସ୍ତ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ। ୨ ଜଣଙ୍କୁ ମୁନିସିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଉଭୟେ ସୁସ୍ଥ ଅନୁଭବ କରିବାରୁ ପୁଣି କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପଠାଯାଇଥିଲା। ଖୁରିଗାଁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ସପ୍ତାହେ ହେଲା ୩୧ଜଣ ପ୍ରବାସୀ ରହିଆସୁଛନ୍ତି। ତେବେ ସୋମବାର ରାତିରେ ଡାଲିରେ କିଭଳି ଝିଟିପିଟି ପଡ଼ିଲା ପ୍ରଶାସନ ଖୋଳତାଡ଼ ଆରମ୍ଭ କରିଛି।

## ଦମ୍ପତିଙ୍କ ମୃତଦେହ ଉଦ୍ଧାର

**ଖୋର୍ଦ୍ଧା ଅଫିସ/ଜଟଣୀ (ଡି.ଏନ୍.ଏ.) ୧୯।୫ :** ଜଟଣୀ ଥାନା ଅନ୍ତର୍ଗତ ବାଛରାପାଟଣା ଗ୍ରାମର ଏକ ଘରୁ ଦମ୍ପତିଙ୍କ ମୃତଦେହକୁ ପୋଲିସ ମଙ୍ଗଳବାର ଉଦ୍ଧାର କରିଛି। ସେମାନେ ହେଲେ କାହ୍ନୁ ନାୟକ ଓ ତାଙ୍କ ସ୍ତ୍ରୀ କୌଶଲ୍ୟା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୭/୨୦)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ଦମ୍ପତି ଘରେ ଥିବାବେଳେ ପୁଅ ବୋହୂ କୌଣସି କାମରେ ବାହାରକୁ ଯାଇଥିଲେ। ବାପା ମା' ଗୁରୁତର ଅବସ୍ଥାରେ ତଳେ ପଡିଥିବା ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୁଅ ଘରକୁ ଫେରିବା ସହ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ଦମ୍ପତିଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଜଟଣୀ ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି, ଘଟଣାର ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ।

# ଆସୁଛି ଅମ୍ଫାନ୍: ୨ ବ୍ଲକରେ ହାଇଆଲର୍ଟ

**କେନ୍ଦ୍ରାପଡ଼ା ଅଫିସ, ୧୯।୫**

ବାତ୍ୟା ଅମ୍ଫାନ୍ ପ୍ରଭାବରେ କେନ୍ଦ୍ରାପଡା ଜିଲାରେ ଝିପିଝିପି ବର୍ଷା ଆରମ୍ଭ ହୋଇଛି। ସମୁଦ୍ରସାମାନ୍ୟ ଅଶାନ୍ତ ହୋଇଥିବାବେଳେ ରାଜନଗର ପେଣ୍ଠଠାରେ ବଡ ବଡ ଢ଼େଉ ଉଠିଛି । ତୀବ୍ର ଗତିରେ ଆସୁଥିବା ଏହି ସାମୁଦ୍ରିକ ଝଡର ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତା ଅବଲମ୍ବନ କରାଯାଇଛି। ରାଜନଗର ବ୍ଲକ ରଙ୍ଗଣୀ, ସାତଭାୟା, ପେଣ୍ଠ ଆଦି ୭ ପଞ୍ଚାୟତରୁ ୨୨୦୦ ଅଧିବାସୀଙ୍କୁ ସୋମବାର ରାତି ସୁଦ୍ଧା ସ୍ଥାନୀୟ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ସେହିପରି ସକାଳଠାରୁ ଅଦ୍ୟାବଧି ସମୁଦ୍ର ତଟବର୍ତ୍ତୀ ୨୯ ପଞ୍ଚାୟତର ଅଧିବାସୀଙ୍କୁ ସ୍ଥାନାନ୍ତର କରାଯାଉଛି। ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ଦୁଇଦିନ ଧରି ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ରାଜନଗର ଓ ମହାକାଳପଡା ବ୍ଲକରେ ହାଇ ଆଲର୍ଟ ଜାରି କରାଯାଇଛି । ଜିଲାପାଳ ସମର୍ଥ ବର୍ମା, ବରିଷ୍ଠ ସଚିବ ହେମନ୍ତ ଶର୍ମା, ବରିଷ୍ଠ ଆଇପିଏସ ଅଫିସର ଆଶିଷ ସିଂହ ପ୍ରମୁଖ ହାଇ ଆଲର୍ଟ ଅଞ୍ଚଳରେ ରହି ଅମ୍ଫାନ୍‌ର ମୁକାବିଲାକୁ ତ୍ୱରାନ୍ୱିତ କରୁଛନ୍ତି। ଏ ସମ୍ପର୍କରେ ଜିଲାପାଳ ବର୍ମା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ, ଜିରୋ କାଜୁଆଲ୍‌ଟି (ଶୂନ୍ୟ ମୃତ୍ୟୁ)କୁ ଗୁରୁତ୍ୱ ଦିଆଯାଇଛି। ରାଜନଗର ବ୍ଲକ ଅଞ୍ଚଳରେ ଗୋଟିଏ ଏନ୍‌ଡିଆରଏଫ୍ ଟିମ୍, ଦୁଇଟି ଓଡ୍ରାଫ ଟିମ୍ ମୁତୟନ କରାଯାଇଛି। ମହାକାଳପଡା ବ୍ଲକରେ ଏନ୍‌ଡିଆର୍‌ଏଫ୍ ଓ ଓଡ୍ରାଫର ୨ଟି ଲେଖାଏ ଟିମ୍ ରଖାଯାଇଛି। ଏଥିସହିତ ଜିଲାର ୨୯ ଅଗ୍ନିଶମ ବାହିନୀ ବାତ୍ୟାକୁ ନେଇ ସଚେତନତା ସୃଷ୍ଟି କରୁଛନ୍ତି। ଗମନାଗମନ ପଥ ସୁଗମ ପାଇଁ ଏହି ଟିମ୍ କାର୍ଯ୍ୟ କରିବେ।


ମହାକାଳପଡ଼ା ବ୍ଲକ ପେଟଛେଲା ବାତ୍ୟା ଆଶ୍ରୟସ୍ଥଳକୁ ତଳିଆ ଅଞ୍ଚଳବାସୀଙ୍କୁ ସ୍ଥାନାନ୍ତର କରାଯାଇଛି।

### ୫ ହଜାର ଲୋକ ସ୍ଥାନାନ୍ତର

**ମହାକାଳପଡ଼ା,୧୯।୫,(ଡି.ଏନ୍.ଏ.)–** ଅମ୍ଫାନ୍ ପ୍ରଭାବରେ ମଙ୍ଗଳବାର ସନ୍ଧ୍ୟାରୁ ଉପକୂଳ ଅଞ୍ଚଳରେ ପବନର ବେଗ ବଢ଼ିବାରେ ଲାଗିଛି। ଏନେଇ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ତଳିଆ ଅଞ୍ଚଳବାସୀ ତଥା ୧୨ନମ୍ବର, ଲୁଣିମାଠିଆ, ବାଘୁଆମେଦ, ସିଂ ପଡ଼ା, ପେଟଛେଲା ଓ ଶବରପଡ଼ା ଆଦିବାସୀଙ୍କୁ ନିକଟ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ସନ୍ଧ୍ୟା ସୁଦ୍ଧା ପ୍ରାୟ ୫ହଜାର ଲୋକଙ୍କୁ ସେଠାକୁ ଅଣାଯାଇଥିବା ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଉଛି। ବାତ୍ୟା ଆଶ୍ରୟସ୍ଥଳରେ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଛି। ସ୍ଥାନୀୟ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବା ପାଇଁ ବାରଣ କରାଯାଇଛି।

# ୮ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ

**କେନ୍ଦ୍ରାପଡ଼ା ଅଫିସ/ଡେରାବିଶ/ମହାକାଳପଡା(ଡି.ଏନ.ଏ.), ୧୯।୫**

ଡେରାବିଶ ଓ ମହାକାଳପଡା ବ୍ଲକରେ ମଙ୍ଗଳବାର ୮ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ପରେ କେନ୍ଦ୍ରାପଡ଼ା ଜିଲାରେ ଏମାନଙ୍କ ସଂଖ୍ୟା ୩୮ରେ ପହଞ୍ଚିଛି। ଡେରାବିଶ ବ୍ଲକ ମୁକୁନ୍ଦପୁର ନୋଡାଲ ପ୍ରାଥମିକ ସ୍କୁଲ ସଙ୍ଗରୋଧ କେନ୍ଦ୍ରରେ ଚେନ୍ନାଇ ଫେରନ୍ତା ରାଜକନିକା ଅଞ୍ଚଳର ୩ ଜଣ ଓ ମହାକାଳପଡାର ପଶ୍ଚିମବଙ୍ଗ ଫେରନ୍ତା ଜଣେ ବ୍ୟକ୍ତି କରୋନା ପଜିଟିଭ୍ ବୋଲି ସୂଚନା ମିଳିଛି । ସେହିପରି କୁରୁଜଙ୍ଗା ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ରରେ ଥିବା ପଶ୍ଚିମବଙ୍ଗ ଫେରନ୍ତା ୨ ଜଣ କରୋନା ଅକ୍ରାନ୍ତ ହୋଇଥିବା ସ୍ୱାବ୍ ରିପୋର୍ଟରୁ ଜଣାପଡିଛି। ଏଥିସହିତ ମହାକାଳପଡା ଦହିଡ଼ିଅ ସଙ୍ଗରୋଧ କେନ୍ଦ୍ରରେ ରହୁଥିବା ମା' ଓ ଝିଅ କରୋନା ଆକ୍ରାନ୍ତ ହୋଇଛନ୍ତି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇ କହିଛନ୍ତି, ଆକ୍ରାନ୍ତମାନେ ପ୍ରବାସରୁ ଆସି ସଙ୍ଗରୋଧ କେନ୍ଦ୍ରରେ ଥିଲେ। କେନ୍ଦ୍ର ନିକଟରେ ସିଆର୍‌ପିସି ଧାରା ୧୪୪ ଲାଗୁ ହୋଇଥିବାରୁ କଣ୍ଟେନ୍‌ମେଣ୍ଟ ଜୋନ୍‌ର ଆବଶ୍ୟକତା ନାହିଁ। ସଙ୍ଗରୋଧ କେନ୍ଦ୍ରରେ ଆକ୍ରାନ୍ତଙ୍କ ସହ ରହୁଥିବା ଅନ୍ୟମାନଙ୍କ ସ୍ୱାବ୍ ନମୁନା ସଂଗ୍ରହ ହୋଇଛି।

**ସୁସ୍ଥ ହେଲେ ୮**

ଜିଲାରେ ପୂର୍ବରୁ ୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ମଙ୍ଗଳବାର ୫ ଜଣ ସୁସ୍ଥ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଶ୍ରମିକଙ୍କ ଫେରିବା ଖର୍ଚ୍ଚ: ସରକାରଙ୍କୁ କଂଗ୍ରେସର ସମାଲୋଚନା

**ଭୁବନେଶ୍ୱର, ୧୯।୫(ବ୍ୟୁରୋ)**

ପ୍ରବାସୀ ଶ୍ରମିକମାନଙ୍କ ଫେରିବା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ସୋମବାର ଘୋଷଣା କରିଛନ୍ତି। ଯଦି ଶ୍ରମିକମାନେ ଫେରୁଥିବା ରାଜ୍ୟରୁ ସେଠାକାର ସରକାର ସେମାନଙ୍କ ଟିକେଟ ଖର୍ଚ୍ଚ ବହନ ନ କରନ୍ତି ତେବେ ଓଡ଼ିଶା ସରକାର ଦେବେ ବୋଲି ଘୋଷଣା କରିଛନ୍ତି। ମାତ୍ର ପ୍ରଥମେ ଶ୍ରମିକମାନଙ୍କୁ ନିଜ ପକେଟରୁ ଏହି ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ। ରାଜ୍ୟକୁ ଫେରିବାପରେ କ୍ୱାରାଣ୍ଟାଇନ ସେଣ୍ଟରରେ ୨୧ଦିନ ରହିବାପରେ ସରକାର ଯେଉଁ ୨ ହଜାର ଟଙ୍କା ଦେବାକୁ ଘୋଷଣା କରିଛନ୍ତି, ସେଥିରୁ ଏହି ଅର୍ଥ ଭରଣ କରାଯିବ ବୋଲି ସୂଚନା ଦିଆଯାଇଛି। ସରକାରଙ୍କ ଏଭଳି ଘୋଷଣାକୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ତୀବ୍ର ସମାଲୋଚନା କରି କହିଛନ୍ତି, ପ୍ରବାସୀ ଶ୍ରମିକଙ୍କ ପାଇଁ ସରକାରଙ୍କ କେତେ ଦରଦ ଓ ସହାନୁଭୂତି ସ୍ପଷ୍ଟ ଜଣାପଡିଲା। ମେ ୪ରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ପ୍ରବାସୀ ଶ୍ରମିକମାନେ ନିଜ ରାଜ୍ୟକୁ ଫେରିବା ପାଇଁ ଯେଉଁ ରେଳରେ ଖର୍ଚ୍ଚ ହେବ ତାହା କଂଗ୍ରେସ ବହନ କରିବ ବୋଲି କହିଥିଲେ। ସେହି ଅନୁସାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ଓ ଅନ୍ୟାନ୍ୟ ସରକାରୀ ଅଫିସରଙ୍କୁ ଏନେଇ ଜଣାଇଥିଲୁ। ସରକାର ସେକଥା ଶୁଣିଲେ ନାହିଁ କି ଆଲୋଚନା ପାଇଁ ସମୟ ମଧ୍ୟ ଦେଲେନାହିଁ। ଏହାପରେ ସରକାର କହିଲେ କେନ୍ଦ୍ର ୮୫ ଓ ରାଜ୍ୟ ୧୫ପ୍ରତିଶତ ଖର୍ଚ୍ଚ ବହନ କରିବ। ସେହି ଅର୍ଥ କୁଆଡ଼େ ଗଲା ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି। ଶ୍ରମିକମାନଙ୍କୁ ଭୁଆଁ ବୁଲାଇବା ପାଇଁ ସରକାର ନୂଆ ଯୋଜନା କରିଥିବା ସେ ଅଭିଯୋଗ କରିଛନ୍ତି। ଏହାସହ ପଶ୍ଚିମ ଓଡ଼ିଶାର ପ୍ରବାସୀ ଶ୍ରମିକମାନେ ଏବେ ବହୁ ମାତ୍ରାରେ ଫେରିବାକୁ ଲାଗିଲେଣି। ତେଣୁ ବର୍ତ୍ତମାନ ପଶ୍ଚିମ ଓଡ଼ିଶାରେ ଟେଷ୍ଟିଂର ବ୍ୟାପକ ସୁବିଧା କରାଇବା ଆବଶ୍ୟକ ବୋଲି ନିରଞ୍ଜନ କହିଛନ୍ତି।

# ସବ୍‌ଜେଲରୁ କଏଦୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ନୟାଗଡ଼ ଅଫିସ/ନୂଆଗାଁ, ୧୯।୫(ଡି.ଏନ୍.ଏ.)**

ନୟାଗଡ଼ ସବ୍‌ଜେଲରୁ ମଙ୍ଗଳବାର ଜଣେ ବିଚାରାଧୀନ କଏଦୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ନୂଆଗାଁ ଥାନା ମୁଦୁରାଙ୍ଗ ଗାଁର ମନୋଜ ନାୟକ (୨୦)। ମନୋଜଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣି ନୂଆଗାଁ ଥାନା ସମ୍ମୁଖରେ ସନ୍ଧ୍ୟାରେ ଧାରଣା ଦେଇଥିଲେ। ତେବେ ପୋଲିସ ସେମାନଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଖବର ପାଇ ନୟାଗଡ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ପ୍ରାପ୍ତ ସୂଚନା ଅନୁସାରେ ମନୋଜ ଗତ ଫେବୃୟାରୀ ୨୮ ତାରିଖରେ ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରିନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ନଂ.୧୩/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ଏପରିସ୍ଥଳେ ସୋମବାର ମନୋଜଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଯାଇଥିଲା। ଭଉଣୀ ଅମିତା ନାୟକଙ୍କ ଅଭିଯୋଗ ଅନୁସାରେ ମିଥ୍ୟା ଅପହରଣ ଓ ବଳାତ୍କାର ମାମଲାରେ ମନୋଜଙ୍କୁ ଛନ୍ଦି ଦିଆଯାଇଥିଲା। ୩ଦିନ ଧରି ନୂଆଗାଁ ପୋଲିସ ତାଙ୍କୁ ଅଟକ ରଖିବା ପରେ ଚତୁର୍ଥ ଦିବସରେ କୋର୍ଟ ଚାଲାଣ କରିଥିଲା। ଜଣେ ଅଭିଯୁକ୍ତଙ୍କୁ ୨୪ ଘଣ୍ଟାରୁ ଅଧିକ ସମୟ ଅଟକ ରଖାଯାଇ ପାରିବ ନାହିଁ ବୋଲି ନିୟମ ରହିଛି। ହେଲେ ଏହି ନିୟମକୁ ଅଣଦେଖା କରାଯାଇଛି। ସେହିପରି ଜେଲରେ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦେଇ ମାମଲାକୁ ରଫାଦଫା କରିବାକୁ ଉଦ୍ୟମ ଚାଲିଛି। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେ କହିଛନ୍ତି। ନୟାଗଡ ସଦର ଥାନା ଆଇଆଇସି ଅନ୍ନପୂର୍ଣ୍ଣା ବେହେରା କୁହନ୍ତି, ମନୋଜ ନାୟକ ନାମକ ବିଚାରାଧୀନ କଏଦୀ ନିଜ ରୁମର ଲାଟ୍ରିନ୍ ସ୍କାଏ ଲାଇଟ୍‌ରେ ଗାମୁଛାରେ ଆତ୍ମହତ୍ୟା କରିଛନ୍ତି। ପୋଲିସ ୪/୨୦ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।


ନୂଆଗାଁ ଥାନା ସମ୍ମୁଖରେ ପରିବାର ସଦସ୍ୟଙ୍କ ଧାରଣା।

- ବଳାତ୍କାର ମାମଲାରେ ଜେଲ ଯାଇଥିଲେ
- ହତ୍ୟା ଅଭିଯୋଗ ଆଣି ନୂଆଗାଁ ଥାନା ସମ୍ମୁଖରେ ଧାରଣା

## ତାମିଲନାଡୁରୁ ସାଇକେଲରେ ଫେରିଲେ ୬ ଶ୍ରମିକ

**ବିଞ୍ଝାରପୁର, ୧୯।୫ (ଡି.ଏନ.ଏ)**

କରୋନା ପାଇଁ ତାଲାବନ୍ଦ ଯୋଗୁ ବିଭିନ୍ନ ରାଜ୍ୟରେ ଶ୍ରମିକମାନେ ଫସି ରହିଛନ୍ତି। ଦୀର୍ଘଦିନ ବନ୍ଦ ଯୋଗୁ ଅନେକ ରୋଜଗାର ହରାଇ ଥିବାରୁ ବାହାର ରାଜ୍ୟରେ ରହିବା ସମ୍ଭବ ନହେବାରୁ ଶ୍ରମିକମାନେ ଏବେ ଘରମୁହାଁ ହୋଇଛନ୍ତି। କେତେଜଣ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଟ୍ରେନ୍ ଓ ବସ୍‌ରେ ଆସିବାର ସୁଯୋଗ ପାଇଥିବା ବେଳେ ଅନେକ ଶ୍ରମିକ ସାଇକେଲରେ ବା ପାଦରେ ଚାଲି ଚାଲି ଘରକୁ ଫେରୁଥିବା ଦେଖାଯାଉଛି। ଏହି କ୍ରମରେ ତାମିଲନାଡୁରେ ଫସିଥିବା ବିଞ୍ଝାରପୁର ବ୍ଲକର ୬ ଜଣ ଯୁବକ ସାଇକେଲ ଯୋଗେ ଆସି ମଙ୍ଗଳବାର ପହଞ୍ଚିଛନ୍ତି। ସେମାନଙ୍କୁ ପ୍ରଶାସନ ପକ୍ଷରୁ କଲ୍ୟାଣପୁରସ୍ଥିତ ଶ୍ରୀବନ୍ତ ହାଇସ୍କୁଲ ସଙ୍ଗରୋଧ ଗୃହରେ ରଖାଯାଇଛି। ତାମିଲନାଡୁରୁ ଫେରିଥିବା ଶ୍ରମିକମାନେ ହେଲେ ଜରୀ ପଞ୍ଚାୟତର ୨ଜଣ ଯୁବକ ବିଜୟ ମଲିକ ଓ ମନୋଜ ମଲିକ, ରଣପୁର ପଞ୍ଚାୟତର ରାଜେଶ କୁମାର ମଲିକ, ରଞ୍ଜନ ମଲିକ, କାଳନ୍ଦି ମଲିକ ଓ ପ୍ରତାପ ମଲିକ। ସେମାନେ ଗତ ୧୦ ତାରିଖ ସନ୍ଧ୍ୟାରେ ସେଠାରୁ ସାଇକେଲରେ ବାହାରିଥିଲେ।

# ସୁରଟରେ ଓଡ଼ିଆ ଯୁବକଙ୍କ କରୋନାରେ ମୃତ୍ୟୁ

**ଧରାକୋଟ,୧୯।୫(ଡି.ଏନ.ଏ.)**

ସୁରଟରେ ଜଣେ ଓଡ଼ିଆ ଯୁବକଙ୍କ ମଙ୍ଗଳବାର କରୋନାରେ ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ଜିଲା ଧରାକୋଟ ବ୍ଲକ ଝରିପାରି ପଞ୍ଚାୟତର କୃଷ୍ଣଚନ୍ଦ୍ର ବିଶୋଇ (୨୭)। କରୋନା ପଜିଟିଭ୍ ପରେ ସେ ଗତ ୧୧ ତାରିଖରେ ସୁରଟର ଏକ ହସ୍‌ପିଟାଲରେ ଭର୍ତ୍ତି ହୋଇଥିଲେ। ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। କୃଷ୍ଣଚନ୍ଦ୍ର ଘରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ। ସୁରଟରେ ଏକ କମ୍ପାନୀରେ କାମ କରୁଥିବାବେଳେ ଯାହା ଟଙ୍କା ପଠାନ୍ତି ସେଥିରେ ପରିବାର ଚଳେ। ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ, ୧୩ ମାସର ପୁଅ ଓ ବୃଦ୍ଧ ବାପା ମା' ଏବେ ନିଃସହାୟ ହୋଇ ପଡିଛନ୍ତି।

## ସୁଧାର ଗୃହରୁ ୭ ଅନ୍ତେବାସୀ ଫେରାର

**ବ୍ରହ୍ମପୁର ଅଫିସ,୧୯।୫**

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ସ୍ୱତନ୍ତ୍ର ସୁଧାର ଗୃହରୁ ମଙ୍ଗଳବାର ପୂର୍ବାହ୍ନ ୧୦ଟା ବେଳେ ସେଠାରେ ଥିବା ୭ ଅନ୍ତେବାସୀ ଫେରାର ହୋଇଯାଇଛନ୍ତି। ଏପରିକି ଅନ୍ତେବାସୀମାନେ ସୁରକ୍ଷା କର୍ମୀଙ୍କୁ ମାରଣାସ୍ତ୍ର ଦେଖାଇବା ସହ ଆକ୍ରମଣ କରିଥିବା ନେଇ ଡି.ରାମଣା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୧୧୩/୨୦ରେ ଏକ ମାମଲା ରୁଜୁ କରି ଫେରାର ଅନ୍ତେବାସୀଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି ବୋଲି ଥାନାଧିକାରୀ ସାରଦା ପ୍ରସନ୍ନ ଦାଶ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥାଇ ସୁଧାର ଗୃହରେ ଥିବା ଫୁଲବାଣୀ, କଳାହାଣ୍ଡି, ନୟାଗଡ଼ ଓ ଗଞ୍ଜାମ ଜିଲାର ନାବାଳକମାନେ ଯୋଜନାବଦ୍ଧ ଭାବେ ମଙ୍ଗଳବାର ସକାଳେ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ କରିଥିଲେ। ଏପରିକି ତାଙ୍କ ପକେଟରୁ ଚାବି ବାହାର କରି ଗେଟ୍ ଖୋଲି ଫେରାର ହୋଇଯାଇଥିଲେ। ସୁଧାର ଗୃହ ନିକଟରେ ଥିବା ରେଳ ଧାରଣା କଡ଼ରେ ସେମାନେ ଦୌଡ଼ୁଥିବା ବେଳେ ସୁରକ୍ଷା କର୍ମୀ ରାମଣା ପିଛା କରିଥିଲେ ମଧ୍ୟ ଧରିପାରି ନ ଥିଲେ। ଅନ୍ତେବାସୀମାନେ କ'ଣ ପାଇଁ ଫେରାର ହୋଇଯାଇଛନ୍ତି ତାର କାରଣ ଜଣାପଡିନାହିଁ।

**ସୁରକ୍ଷା କର୍ମୀଙ୍କୁ ଆକ୍ରମଣ ଅଭିଯୋଗ**

## ଖୋର୍ଦ୍ଧା ଉପଖଣ୍ଡ: ପୁଣି ୨ କରୋନା ପଜିଟିଭ ଚିହ୍ନଟ

**ଖୋର୍ଦ୍ଧା ଅଫିସ/ଟାଙ୍ଗୀ/ବେଗୁନିଆ, ୧୯।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଉପଖଣ୍ଡରେ ପୁଣି ୨ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଟାଙ୍ଗୀ ଏବଂ ଅନ୍ୟ ଜଣେ ବେଗୁନିଆ ବ୍ଲକ ଅଞ୍ଚଳର ବୋଲି ମଙ୍ଗଳବାର ଜିଲାପାଳ ଶିତାଂଶୁ କୁମାର ରାଉତ କହିଛନ୍ତି। ଉଭୟ ସୁରଟରୁ ଫେରିଥିଲେ। ଏହା ପରେ ସେମାନଙ୍କୁ ନିଜ ଅଞ୍ଚଳର କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇ ସ୍ୱାବ୍ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଥିଲା। ରିପୋର୍ଟ ପଜିଟିଭ ଆସିବା ପରେ ଉଭୟଙ୍କୁ ଭୁବନେଶ୍ୱର ସ୍ଥିତ କୋଭିଡ ହସ୍ପିଟାଲକୁ ପଠାଇ ଦିଆଯାଇଛି। କ୍ୱାରାଣ୍ଟାଇନ୍ ସେଣ୍ଟରର ସମସ୍ତ କର୍ମଚାରୀଙ୍କ ସ୍ୱାବ୍ ପରୀକ୍ଷା ଲାଗି ପଠାଯିବ ବୋଲି ଜିଲାପାଳ ରାଉତ କହିଛନ୍ତି।

# ସଙ୍ଗରୋଧ କେନ୍ଦ୍ର ବାହାରେ ବୁଲିଲେ ଅନ୍ତେବାସୀ


ଅନ୍ତେବାସୀମାନେ ବାହାରେ ବୁଲୁଛନ୍ତି।

**କବିସୂର୍ଯ୍ୟନଗର,୧୯।୫(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ ୩ଶହ ଟପିଛି କରୋନା ପଜିଟିଭଙ୍କ ସଂଖ୍ୟା। ତଥାପି ଚେତୁ ନାହାନ୍ତି ଅନ୍ତେବାସୀ। ସୁରକ୍ଷା ବ୍ୟବସ୍ଥା କୋହଳରୁ ବଜାରରେ ବୁଲୁଛନ୍ତି। ସ୍ଥାନୀୟ ଅଞ୍ଚଳବାସୀ ଗୋଷ୍ଠୀ ସଂକ୍ରମଣ ଆଶଙ୍କାରେ ଭୟଭୀତ ହୋଇ ପଡିଛନ୍ତି। କଲ୍ୟାଣ ମଣ୍ଡପ ସଙ୍ଗରୋଧ ଗୃହରେ ଥିବା ଅନ୍ତେବାସୀ ୨ ଦିନ ହେଲା ସ୍ଥାନୀୟ ଦୋକାନ ବଜାରରେ ଆସି ବୁଲାବୁଲି କରୁଛନ୍ତି। କଲ୍ୟାଣ ମଣ୍ଡପ ପାଚେରି ନ ଥିବାରୁ ଏଭଳି ପରିସ୍ଥିତି ହୋଇଛି। ଏ ଦିଗରେ ଜିଲାପାଳ ଦୃଷ୍ଟି ଦେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି।

# ଜଗନ୍ନାଥପୁର ଷ୍ଟେଶନକୁ ଆସିଛି ୪୧ ଟ୍ରେନ୍

**ଛତ୍ରପୁର,୧୯।୫(ଡି.ଏନ୍.ଏ.)**

ଲକ୍‌ଡାଉନ କୋହଳ ପରେ ବିଭିନ୍ନ ରାଜ୍ୟରେ ଫସିଥିବା ଲୋକେ ଘରକୁ ଫେରିବା ପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରୁଛି। ଏହିକ୍ରମରେ ପ୍ରବାସୀମାନେ ଟ୍ରେନରେ ଆସି ଗଞ୍ଜାମ ଜିଲା ଜଗନ୍ନାଥପୁର ଷ୍ଟେଶନରେ ଓହ୍ଲାଉଛନ୍ତି। ସମ୍ଭାବ୍ୟ ବାତ୍ୟାକୁ ନେଇ ୨ଦିନ ହେଲା ଟ୍ରେନ ଆସିବା ବନ୍ଦ ରହିଥିଲେ ମଧ୍ୟ ଆଗକୁ ପୁଣି ଅନ୍ୟ ରାଜ୍ୟରୁ ପ୍ରବାସୀ ଫେରିବେ ବୋଲି ସୂଚନା ମିଳିଛି।

ଜଗନ୍ନାଥପୁର ଷ୍ଟେଶନକୁ ପ୍ରବାସୀଙ୍କୁ ଧରି ଗତ ୩ ତାରିଖରୁ ୧୭ ତାରିଖ ମଧ୍ୟରେ ୪୧ଟ୍ରେନ୍ ଆସିଛି । ସେଥିରେ ମୋଟ ୪୯ ହଜାର ୨୬ ପ୍ରବାସୀ ଆସିଥିବା ବେଳେ ସେଥିମଧ୍ୟରୁ କେବଳ ଗଞ୍ଜାମ ଜିଲାକୁ ଫେରିଛନ୍ତି ୪୪,୧୬୨ ଜଣ। ଗୁଜୁରାଟର ସୁରଟ ଓ ଅହମ୍ମଦାବାଦ, କେରଳ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକରୁ ଏମାନେ ଫେରିଛନ୍ତି। ଅନ୍ୟ ଜିଲାର ପ୍ରବାସୀମାନଙ୍କୁ ସେମାନଙ୍କ ଅଞ୍ଚଳକୁ ଏଠାରୁ ବସ୍ ଯୋଗେ ପଠାଯାଉଛି । ପ୍ରବାସୀମାନଙ୍କୁ ଜିଲାର ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟରରେ ପ୍ରଶାସନ ପକ୍ଷରୁ ରଖାଯାଇ ଖାଇବା ବ୍ୟବସ୍ଥା କରାଯାଇଛି ।

ସୂଚନାଯୋଗ୍ୟ, ଯେଉଁ ପ୍ରବାସୀଙ୍କ କରୋନା ପରୀକ୍ଷା ରିପୋର୍ଟ ନେଗେଟିଭ ଆସିବ ସେମାନେ ଫେରି ପାରିବେ ବୋଲି ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଫଳରେ ପ୍ରବାସୀଙ୍କୁ ନେଇ ୯ ତାରିଖରେ ଟ୍ରେନ୍ ଜଗନ୍ନାଥପୁରକୁ ଟ୍ରେନ ଆସି ନ ଥିଲା। ହାଇକୋର୍ଟଙ୍କ ଏହି ଆଦେଶ ପରେ ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶ ଫଳରେ ପୁଣି ୧୦ ତାରିଖରୁ ଟ୍ରେନ୍ ଆସିବା ଜାରି ରହିଛି ।

**ଗଞ୍ଜାମ ଫେରିଛନ୍ତି ୪୪,୧୬୨ ଜଣ**

# ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌ଙ୍କୁ ଅଟକ ରଖିଲେ ମାଲିକ

**ବ୍ରହ୍ମପୁର ଅଫିସ,୧୯।୫**

ବ୍ରହ୍ମପୁର ଅନ୍ନପୂର୍ଣ୍ଣାମାର୍କେଟରେ ଥିବା କଳାମନ୍ଦିର ଶାଢୀ ଶୋରୁମ୍‌ରେ ମଙ୍ଗଳବାର ସନ୍ଧ୍ୟାରେ ସାମାନ୍ୟ ଉତ୍ତେଜନା ଦେଖିବାକୁ ମିଳିଛି । ଶୋରୁମ୍‌ରେ ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନକୁ ନେଇ ବ୍ରହ୍ମପୁର ମହାନଗର ନିଗମ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌ଙ୍କ ତାଗିଦ ବେଳେ ମାଲିକ, କର୍ମଚାରୀ ଓ ଅଧିକାରୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ପରେ ଏନ୍‌ଫୋର୍ସମେଣ୍ଟ ଅଧିକାରୀଙ୍କୁ ଶୋରୁମ୍ ମାଲିକ ଅଟକ ରଖିଥିଲେ। ଖବର ଜଣାପଡିବା ପରେ ଘଟଣା ସ୍ଥଳରେ ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ଓ ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟ ପହଞ୍ଚି ଉକ୍ତ ଦୋକାନକୁ ସିଲ୍ କରିଥିଲେ ।

ସୂଚନାନୁସାରେ, ଅର୍ଣ୍ଣପୂର୍ଣ୍ଣା ମାର୍କେଟରେ ଥିବା କଳାମନ୍ଦିର ଶୋରୁମ ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ କରୁଥିବା ନେଇ ଅଭିଯୋଗ ହୋଇଥିଲା। ପରେ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଫିସର ତରୁଣକାନ୍ତ ପହଞ୍ଚି ମାଲିକଙ୍କୁ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ତାଗିଦ କରିଥିଲେ । ମାଲିକ ଏବଂ ଦୋକାନ କର୍ମଚାରୀମାନେ ଏହାକୁ ବିରୋଧ କରିବା ସହ ତରୁଣକାନ୍ତଙ୍କୁ କିଛି ସମୟ ଅଟକ ରଖିଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା ।

ସେହିପରି ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ ଅଭିଯୋଗରେ ଶ୍ରୀଚନ୍ଦନ କଲେକ୍ସନକୁ ମଧ୍ୟ ସିଲ୍ କରାଯାଇଛି। ମାସ୍କ ବ୍ୟବହାର ନ କରିବା ଅଭିଯୋଗରେ ସୁବାରାଓ ଛକସ୍ଥିତ ଶ୍ରୀକ୍ଷେତ୍ର ସୁଇଟ୍ ଷ୍ଟଲକୁ ସିଲ୍ କରାଯାଇଛି।

**ଶାଢି ଶୋରୁମରେ ଉତ୍ତେଜନା**

- ସାମାଜିକ ଦୂରତ୍ୱ ନେଇ ଅଧିକାରୀଙ୍କ ତାଗିଦ
- ଉପଜିଲାପାଳଙ୍କ ହସ୍ତକ୍ଷେପ ପରେ ସିଲ୍ ହେଲା ଶୋରୁମ
- ବିଏମ୍‌ସି ପକ୍ଷରୁ ଦିନକରେ ୩ ଦୋକାନ ସିଲ୍



ଭର୍ଜିନିଆର ଭେଟେରେନାରି ମେଡିସିନ୍ କଲେଜ ପକ୍ଷରୁ ୮ ବର୍ଷର ବୟସ୍କ ଲାବ୍ରାଡର ପ୍ରଜାତିର କୁକୁର ଡ. ମୁସେ ଡେଭିସ୍‌କୁ ସମ୍ମାନ ଜନକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଛି। ଭେଟେରେନାରି ମେଡିସିନ୍‌ରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ଏହି ସମ୍ମାନରେ ମୋସେକୁ ସମ୍ମାନିତ କରାଯାଇଛି। ସେ ସ୍ଥାନୀୟ କୁକ୍ କାଉନସେଲିଂ ସେଣ୍ଟରରେ ଥେରାପି ଡଗ୍ ଭାବେ କାର୍ଯ୍ୟ କରୁଛି। ମୋସେ ୭,୫୦୦ରୁ ଅଧିକ କାଉନସେଲିଂ ଅଧିବେଶନରେ କାର୍ଯ୍ୟ କରିଥିବା ମାଲିକ ଟ୍ରେଣ୍ଟ ଡେଭିସ୍ କହିଛନ୍ତି।





# ସବୁଠୁ ଦାମୀ ପାଣି ବୋତଲ

ପ୍ୟାରିସ୍: କୁହାଯାଏ ଜଳ ବିନା ଜୀବନ ଅସମ୍ଭବ। ଗବେଷକଙ୍କ ମତରେ ଜଣେବ୍ୟକ୍ତି ଖାଦ୍ୟ ବିନା ପାଖାପାଖି ୪ ସପ୍ତାହ ବଞ୍ଚିପାରିବ ହେଲେ ପାଣି ବିନା ୪ ଦିନ ବଞ୍ଚିବା କଷ୍ଟକର ପାଠ। ତେଣୁ ଜଳକୁ ଜୀବନ ବୋଲି କୁହାଯାଏ। ହେଲେ ଏମିତି ଏକ ପାଣି ବୋତଲ ଅଛି ଯାହାର ଦାମ୍ ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ କଥା। ହେଲେ ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ହୋଇଥିବାରୁ କେତେଜଣ ଧନିବ୍ୟକ୍ତି ଏହି ପାଣି ବୋତଲକୁ କ୍ରୟ କରନ୍ତି ବୋଲି କୁହାଯାଏ। ଏହି ପାଣି ବୋତଲର ଦାମ ୬୦ ହଜାର ଆମେରିକୀୟ ଡଲାର ବା ଭାରତୀୟ ମୁଦ୍ରାରେ ଏହା ପାଖାପାଖି ୪୫ ଲକ୍ଷ ଟଙ୍କା ହେବ ବୋଲି କୁହାଯାଏ। ଏହା ଫ୍ରାନ୍ସ ଓ ଫିଜିର ୱାଟର ସ୍ପ୍ରିଙ୍ଗ୍‌ରୁ ବାହାର କରାଯାଏ। ଏହି ପାଣି ବୋତଲକୁ ପାଉଲୋ ଡି ବିରାଜି ତିଆରି କରିଛନ୍ତି। ଏହି ପାଣିରେ ୨୫ ଗ୍ରାମ ସୁନାର ସ୍ୱର୍ଣ୍ଣଭସ୍ମ ମିଶ୍ରଣ କରାଯାଇଥାଏ। ବୋତଲକୁ ୨୪ କ୍ୟାରେଟ ସୁନାରେ ସଜା ଯାଇଥାଏ। ଏଥିରେ ଆହୁରି ମଧ୍ୟ ହୀରା, ପ୍ଲାଟିନମ ଓ ଚାନ୍ଦି ବ୍ୟବହାର କରାଯାଇଥାଏ। ଏହି ପାଣି ପ୍ରସ୍ତୁତ କରୁଥିବା କମ୍ପାନୀକୁ ବହୁଦୂର ଯାତ୍ରା କରିବାକୁ ପଡିଥାଏ ଓ ସବୁଠାରୁ ସୁଦ୍ଧ ଓ ସଫା ପାଣି ଦେବାକୁ ପଡିଥାଏ। ସେଥିପାଇଁ ଏହି ପାଣି ବୋତଲର ଦାମ୍ ଏତେ ଅଧିକ ବୋଲି କୁହାଯାଏ। ଏବେ ଅବଶ୍ୟ ଏହାକୁ ପ୍ରସ୍ତୁତ କରିବାକୁ କମ୍ପାନୀକୁ ଏତେ ଖର୍ଚ୍ଚ କରିବାକୁ ପଡୁନାହିଁ। କାରଣ ଏହାସଙ୍ଗେ କମ୍ପାନୀ ଅଧିକ ବୋତଲ ତିଆରି କରୁଥିବାରୁ ଖର୍ଚ୍ଚ କମ୍ ହେଉଛି। ତେବେ ଏହି ପାଣି ପିଇଲେ ଶରୀର ସୁସ୍ଥ ରହିବା ସହ ବ୍ୟକ୍ତି ଚାପମୁକ୍ତ ହୋଇଥାଏ। ଏହାଦ୍ୱାରା ଶରୀରରେ ଜମା ହେଉଥିବା ଚର୍ବି ମଧ୍ୟ କମ୍ ହୋଇଥାଏ ବୋଲି କୁହାଯାଏ।



ଦିଶା ପାଟନୀ

# ଓଟିଟି ପ୍ଲାଟ୍‌ଫର୍ମରେ ଦିଶାଙ୍କ 'ମଙ୍ଗଳ'

ମୁମ୍ବାଇ: ବଲିଉଡ୍‌ର ହଟ୍ ନାୟିକା ଦିଶା ପାଟନୀଙ୍କ ଫିଲ୍ମ 'ମଙ୍ଗଳ' ଯେତେବେଳେ ଗତ ଫେବୃୟାରୀରେ ରିଲିଜ୍ ହୋଇଥିଲା ସେତେବେଳେ ଦିଶାଙ୍କ ଅଭିନୟକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ଏଥିରେ ଦିଶାଙ୍କ ବୋଲ୍ଡ ଲୁକ୍‌କୁ ୟଙ୍ଗ୍ ଅଡିୟାନ୍ସ ଖୁବ୍ ପସନ୍ଦ କରିଥିଲେ। ଏହା ଏବେ ଅର୍ଥାତ୍ ମେ' ୧୫ରେ ଓଟିଟି ପ୍ଲାଟଫର୍ମରେ ରିଲିଜ ହୋଇଛି। ଯାହା ଦିଶାଙ୍କ ପାଇଁ ନୂଆ ପ୍ରଶଂସା ଆଣିଦେଇଛି। ନେଟ୍‌ଫ୍ଲିକ୍ସରେ ଚାଲୁଥିବା ଫିଲ୍ମ ମଧ୍ୟରେ ଦିଶାଙ୍କ ଏହି ଫିଲ୍ମ ଶୀର୍ଷରେ ଥିବା ଫିଲ୍ମ ମଧ୍ୟରୁ ଗୋଟିଏ ବୋଲି କୁହାଯାଉଛି। ଏହା ଏବେ ନମ୍ବର # 1ରେ ଟ୍ରେଣ୍ଡ୍ କରୁଚି। ଦର୍ଶକେ ଆଜି ବି ମଙ୍ଗଳରେ ଦିଶାଙ୍କ ଲୁକ୍‌କୁ ବେଶ୍ ପ୍ରଶଂସା କରୁଛନ୍ତି। ଏହି ଫିଲ୍ମ ଏକ ରୋମାଣ୍ଟିକ୍ ମନୋବୈଜ୍ଞାନିକ ଥ୍ରିଲର୍ ଫିଲ୍ମ। ଯେଉଁଥିରେ ଦିଶାଙ୍କ ଅବତାର ସ୍କ୍ରିନ ଉପରେ ଚମକ ଭରି ଦେଉଛି ବୋଲି ଦର୍ଶକେ ମତ ରଖିଛନ୍ତି। ଏଥିରେ ଦିଶାଙ୍କ ବିକିନି ଲୁକ୍ କୁହନ୍ତୁ ଅବା ଡ୍ୟାନ୍ସ ନମ୍ବର ସବୁଥିରେ ମତୁଆଲା ହୋଇଛନ୍ତି ଦର୍ଶକେ। ଫେବୃୟାରୀରେ ରିଲିଜ୍ ସମୟରେ ଦିଶା ଏହାକୁ ନେଇ ଯେତିକି ପ୍ରଶଂସା ପାଇଥିଲେ, ଏବେ ବି ତାହା କମ୍ ହୋଇ ନ ଥିବା ଲକ୍ଷ୍ୟ କରାଯାଇଛି। ଏହା ଯେମିତି ଦିଶାଙ୍କ ପାଇଁ ଦ୍ୱିତୀୟ ରିଲଜ୍ ବୋଲି କୁହାଯାଉଛି।



# ଅନୁପମାଙ୍କ ପ୍ରେମରେ ବୁମ୍‌ରା



ମୁମ୍ବାଇ: ଭାରତୀୟ କ୍ରିକେଟର ଓ ବଲିଉଡ୍ ସୁନ୍ଦରୀଙ୍କ ରୋମାନ୍ସ ବହୁବାର ଚର୍ଚ୍ଚାକୁ ଆସିଛି। ବିରାଟ କୋହଲି, ଯୁବରାଜ ସିଂହ, ମନୀଷ ପାଣ୍ଡେ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପରେ ଏବେ ବୋଲର ଯଶପ୍ରୀତ ବୁମ୍‌ରା ଜଣେ ଅଭିନେତ୍ରୀଙ୍କ ପ୍ରେମରେ ପଡ଼ିଯାଇଛନ୍ତି। ହେଲେ ସେ କୌଣସି ବଲିଉଡ୍ ଅଭିନେତ୍ରୀ ନୁହନ୍ତି। ସେ ହେଉଛନ୍ତି ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରି ଜଣାଶୁଣା ଅଭିନେତ୍ରୀ ଅନୁପମା ପରମେଶ୍ୱରନ୍। ଏମାନେ କିଛିଦିନ ହେଲା ପରସ୍ପରକୁ ଡେଟ୍ କରୁଥିବା ଜଣାପଡ଼ିଛି। ତେବେ ସୋସିଆଲ ମିଡିଆରେ ଦୁହେଁ ଦୁହିଁଙ୍କୁ ଫଲୋ କରନ୍ତି। ନିକଟରେ ଅନୁପମାଙ୍କୁ ଏକ ଖବରଦାତା ସମ୍ମିଳନୀରେ ବୁମରାଙ୍କ ସହ ପ୍ରେମ ସମ୍ପର୍କ ନେଇ ପଚରା ଯାଇଥିଲା। କିନ୍ତୁ ସେ ଏହାକୁ ଅସ୍ୱୀକାର କରି ଦୁହେଁ ଭଲବନ୍ଧୁ ବୋଲି କହିଥିଲେ। ତେବେ ଅନେକ ଥର ଏମାନଙ୍କୁ ବିଭିନ୍ନ ସ୍ଥାନରେ ଏକାଠି ଦେଖିବାକୁ ମିଳିଛି। ୨୩ ବର୍ଷ ବୟସ୍କା ଅନୁପମା ଦକ୍ଷିଣ ଭାରତର ବହୁ ବଡ଼ ବଡ଼ ଫିଲ୍ମରେ କାମ କରିଛନ୍ତି। ସେ ୨୦୧୫ରେ ରିଲିଜ ହୋଇଥିବା ଫିଲ୍ମ 'ପ୍ରେମମ୍' ଜରିଆରେ ଲୋକପ୍ରିୟତା ପାଇଥିଲେ। ଏହାପରେ ସେ ବହୁ ହିଟ୍ ଫିଲ୍ମରେ ମଧ୍ୟ କାମ କରିଛନ୍ତି। ତେବେ ଏହାପୂର୍ବରୁ ବୁମରାଙ୍କ ନାଁ ଅଭିନେତ୍ରୀ ରାଶି ଖାନ୍ନାଙ୍କ ସହ ମଧ୍ୟ ଯୋଡ଼ା ହୋଇଥିଲା। ରାଶି ମାଡ୍ରାସ କାଫେ ମୁଭିରେ ଜନ୍ ଆବ୍ରାହମ୍‌ଙ୍କ ସହ କାମ କରିଥିଲେ।

# ଦାଦି ରକ୍‌ସ



ନୂଆଦିଲ୍ଲୀ: ଟିକ୍ ଟକ୍‌ରେ ଭିଡ଼ିଓ କରି ରାତାରାତି ଷ୍ଟାର୍ ହେବା ପାଇଁ ଏବେ ଅନେକ ଚେଷ୍ଟା ଚଳାଇଛନ୍ତି। ଏବେ ଏମିତି ଏକ ଭିଜୁଆଲ୍ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଟିକ୍ ଟକ୍ ଭିଡ଼ିଓରେ ଜଣେ ଯୁବକ ତାଙ୍କ ଜେଜେ ମା'ଙ୍କ ସହିତ ଗୋରେ ଗୋରେ ମୁଖ୍‌ଡ଼େପେ କାଲା କାଲା ଚଷମା ଚ୍ୟାଲେଞ୍ଜରେ ଭାଗ ନେଇ ଭିଡିଓ ଶେୟାର କରିଛନ୍ତି। ଭିଡ଼ିଓରେ ଜେଜେ ମା' ଜଣକ ଏତେ ସୁନ୍ଦରଭାବରେ ଉତ୍ସାହର ସହିତ ଚ୍ୟାଲେଞ୍ଜକୁ ଗ୍ରହଣ କରିଛନ୍ତି ଯେ, ଦେଖିବା ମାତ୍ରେ ଯେ କେହି ବି ତାଙ୍କର ଫ୍ୟାନ୍ ପାଲଟିଯିବ। ସେଥିପାଇଁ ତ ଏହି ଟିକ୍ ଟକ୍ ଭିଡ଼ିଓକୁ ଶେୟାର କରିବାର ମାତ୍ର ଗୋଟିଏ ଦିନ ପରେ ୨ ଲକ୍ଷରୁ ଅଧିକ ଲୋକ ଦେଖି ସାରିଥିଲେ ଏବଂ ୨ହଜାରରୁ ଅଧିକ କମେଣ୍ଟ ବି ମିଳିଥିଲା। ଏବେ ବୟସରେ ଜେଜେ ମା' ଜଣକ ଯେଉଁଭଳି ଉତ୍ସାହର ସହ ନାଚ କରୁଛନ୍ତି ତାହା ବହୁତ ସୁନ୍ଦର ଲାଗୁଛି ବୋଲି ଲୋକେ କହିଛନ୍ତି। ଭିଡିଓରେ ଜେଜେ ମା' ହିଁ ହିରୋ ପାଲଟି ଯାଇଛନ୍ତି।

# ରାଶନ ଓ ମାସ୍କ ବାଣ୍ଟିଲେ ଦିବ୍ୟାଙ୍ଗ ଭିକାରୀ



**ପଠାନକୋଟ**

କରୋନା ସଙ୍କଟ ସମୟରେ ମାନବିକତାର କିଛି ଚିତ୍ର ମଧ୍ୟ ଦେଖିବାକୁ ମିଳିଛି। ପଞ୍ଜାବର ପଠାନ୍‌କୋଟରେ ଏମିତି ଏକ ଚିତ୍ର ଏବେ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଯାଇଛି। ଏଠାରେ ଟ୍ରାଇ ସାଇକେଲରେ ଭିକମାଗି ପେଟ ପୋଷୁଥିବା ରାଜୁ ନାମକ ଜଣେ ଭିକାରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟି ଯାଇଛନ୍ତି। ଭିକ୍ଷା କରିବା ପରେ ସେ ନିଜର ଖର୍ଚ୍ଚ ରଖି ବାକି ସମସ୍ତ ଅର୍ଥକୁ ଅନ୍ୟମାନଙ୍କୁ ଦାନ କରିଦେଉଥିବା କହିଛନ୍ତି। କରୋନା ସଙ୍କଟ ସମୟରେ ସେ ପାଖାପାଖି ୧ଶହ ଅଭାବି ପରିବାରକୁ ଏକ ମାସର ରାଶନ ଦାନ କରିଛନ୍ତି। ଏହାସହ ଗରିବ ଲୋକଙ୍କ ମଧ୍ୟରେ ପାଖାପାଖି ୩ ହଜାର ମାସ୍କ ବାଣ୍ଟିଥିବା କୁହନ୍ତି। ରାଜୁଙ୍କ ଏହି ବଦାନ୍ୟତା ପାଇଁ ତାଙ୍କୁ ଏବେ ସମସ୍ତେ ପ୍ରଶଂସା କରୁଛନ୍ତି। ସେ କୁହନ୍ତି, ଭିକ ମାଗି ପାଖରେ ପ୍ରାୟ ୮୦ ହଜାର ଟଙ୍କା ସଞ୍ଚୟ କରି ରଖିଥିବା ବେଳେ ସେ ଏବେ ସେହି ଟଙ୍କାରେ ଗରିବ ଲୋକଙ୍କୁ ସାହାଯ୍ୟ କରୁଛନ୍ତି। କେବଳ ଲକ୍‌ଡାଉନ ସମୟରେ ନୁହେଁ , ଏହା ପୂର୍ବରୁ ମଧ୍ୟ ରାଜୁ କେତେଜଣ ଗରିବ ପିଲାଙ୍କ ସ୍କୁଲ ଫି ଦେବା ସହ ପ୍ରାୟ ୨୨ ଜଣ ଗରିବ ଝିଅଙ୍କ ବିବାହ ମଧ୍ୟ କରିଛନ୍ତି। ରାଜୁ କୁହନ୍ତି, ସେ ଭିକ ମାଗୁଥିବାରୁ ତାଙ୍କ ସମ୍ପର୍କୀୟମାନେ କେହି ତାଙ୍କ ସହ ସମ୍ପର୍କ ରଖିନାହାନ୍ତି। ତେଣୁ ସେ ଏମିତି କାମରେ ତାଙ୍କ ଉପାର୍ଜିତ ଅର୍ଥକୁ ଖର୍ଚ୍ଚ କରୁଛନ୍ତି। ଅତିକମ୍‌ରେ ସେ ମରିଯିବା ପରେ ତାଙ୍କ ମୃତଦେହକୁ ଅନାଥ ଭଳି ଫିଙ୍ଗି ନ ଦେଇ କାନ୍ଧରେ ନେବାକୁ କେହିତ ଆଗେଇ ଆସିବେ ବୋଲି ସେ କହିଛନ୍ତି।



# ରିମୋଟ୍ କଣ୍ଟ୍ରୋଲ ମାସ୍କ

ନୂଆଦିଲ୍ଲୀ: କରୋନା ଭାଇରସ୍ ଆସିବା ପରେ ଏବେ ଲୋକଙ୍କ ପାଇଁ ଏକ ଅତ୍ୟାବଶ୍ୟକ ସାମଗ୍ରୀ ପାଲଟିଛି ମାସ୍କ। ସେଥିପାଇଁ ଏବେ ଲୋକଙ୍କୁ ପ୍ରାୟ ସବୁ ସମୟରେ ମୁହଁରେ ମାସ୍କ ପିନ୍ଧି ରହିବାକୁ ପଡୁଛି। ତେବେ ମାସ୍କ ପିନ୍ଧିବା ସମୟରେ ଖାଇବା ପିଇବା ସମ୍ଭବ ହେଉ ନ ଥିବାରୁ ସେ ସମୟରେ ମାସ୍କ ଖୋଲିବାକୁ ପଡୁଛି। ହେଲେ ଇସ୍ରାଏଲରେ ଏବେ ଏଭଳି ଏକ ମାସ୍କ ତିଆରି କରାଯାଇଛି, ଯାହାକୁ ପିନ୍ଧିବାବେଳେ ବି ଖାଇବା ପିଇବାରେ କୌଣସି ଅସୁବିଧା ହେବନି। ଏହି ମାସ୍କକୁ ରିମୋଟ ସାହାଯ୍ୟରେ କଣ୍ଟ୍ରୋଲ କରି ପିନ୍ଧିବାବେଳେ ବି ଖାଇବା ପିଇବା କରିହେବ। ଆପଣ ହାତରେ ରିମୋଟ୍ ଧରି ଏହି ମାସ୍କକୁ ସହଜରେ ବ୍ୟବହାର କରିପାରିବେ। ତେଣୁ ଆପଣ ନିଜର ଆବଶ୍ୟକ ସମୟରେ ମାସ୍କକୁ ଖୋଲି ଖାଇବା ପିଇବା କରିବା ସହ ବନ୍ଦ କରିପାରିବେ। ଏଭଳି ଏକ ଭିନ୍ନ ଧରଣର ମାସ୍କ ବାହାର କରିଛନ୍ତି ଇସ୍ରାଏଲର ଆଭଟିପସ୍ ପାଟେଣ୍ଟସ ଇନ୍‌ଭେନ୍‌ସନ୍ସ କମ୍ପାନୀ। ଏହି ମାସ୍କ ତିଆରି ନିମନ୍ତେ ଏବେ କମ୍ପାନୀ ପାଟେଣ୍ଟ ଆବେଦନ କରିସାରିଛି ଏବଂ ଖୁବ୍ ଶୀଘ୍ର ଏହାର ବହୁଳ ଉତ୍ପାଦନ ଆରମ୍ଭ କରି ମାର୍କେଟକୁ ଛଡ଼ାଯିବ ବୋଲି କମ୍ପାନୀ ସ୍ପଷ୍ଟ କରିଛି।

# ଆଲିଆଙ୍କ ସରପ୍ରାଇଜ ଗିଫ୍ଟ

**ମୁମ୍ବାଇ**

କରୋନା ମହାମାରୀ ସଙ୍କଟ ସମୟରେ ବଲିଉଡ୍ ସେଲିବ୍ରିଟିମାନେ ସହଯୋଗର ହାତ ବଢ଼ାଇଛନ୍ତି। ପିଏମ୍ କେୟାର୍ସ ଫଣ୍ଡରେ ସହାୟତା ରାଶି ଜମା କରିବା ସହ ବ୍ୟକ୍ତିଗତ ଭାବେ ମଧ୍ୟ ସେମାନେ କିଛି କିଛି ସାହାଯ୍ୟ କରୁଥିବା ଦେଖାଯାଇଛି। ନିକଟରେ ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ କରୋନା ଯୋଦ୍ଧାଙ୍କୁ ଏକ ସରପ୍ରାଇଜ୍ ଗିଫ୍ଟ ଦେଇଛନ୍ତି। ଯେଉଁଥି ପାଇଁ ତାଙ୍କୁ ପ୍ରଶଂସା କରାଯାଉଛି। ମୁମ୍ବାଇର କେଇଏମ୍ ହସ୍ପିଟାଲରେ କାମ କରୁଥିବା ଡାକ୍ତର ଶ୍ରୀପଦ ଗଙ୍ଗାପୁରକର ଏକ ଟୁଇଟ୍ କରି ଆଲିଆଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହାସହ ଆଲିଆ ପଠାଇଥିବା ସରପ୍ରାଇଜ ଗିଫ୍ଟର ଏକ ଫଟୋ ମଧ୍ୟ ସେ ଶେୟାର କରିଛନ୍ତି। ଯେଉଁଥିରେ ରହିଛି ଏକ ଚକୋଲେଟ୍ ବାର୍, ସ୍ୱିଟ ବନ୍, ଡ୍ରିଙ୍କ୍ ସହ କିଛି ସ୍ନାକ୍ସ। ଏହାସହ ଉକ୍ତ ବକ୍ସରେ ଏକ କାଗଜରେ ଆଲିଆ ଲେଖିଛନ୍ତି, 'ଧନ୍ୟବାଦ ଆପଣମାନେ ଲୋକଙ୍କୁ ସୁସ୍ଥ ଓ ସୁରକ୍ଷିତ ରଖୁଛନ୍ତି। ଆପଣ ଅସଲ ହିରୋ।' ଡାକ୍ତର ଲେଖିଛନ୍ତି, କରୋନା ସଙ୍କଟ ସମୟରେ ଆପଣଙ୍କ ଏହି ସରପ୍ରାଇଜ ଗିଫ୍ଟ ଖୁବ୍ ନିଆରା। ଜଣାପଡିଛି କି, ଏହି ସରପ୍ରାଇଜ୍ ଗିଫ୍ଟ ଆଲିଆ ମୁମ୍ବାଇରେ କାର୍ଯ୍ୟରତ ସମସ୍ତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଦେଇଛନ୍ତି। ତାଙ୍କର ଏହି କାମ ପାଇଁ ପ୍ରଶଂସକମାନେ ଆଲିଆଙ୍କୁ ଖୁବ୍ ପ୍ରଶଂସା କରିଛନ୍ତି।






# କୁନି ମାଷ୍ଟର ସେଫ୍‌ଙ୍କ ଭିଡିଓ ଶେୟାର କଲେ ବିଦ୍ୟା

**ମୁମ୍ବାଇ**

ନିକଟରେ ସୋଶିଆଲ ମିଡିଆରେ ଏକ କୁନି ପିଲାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଛୁଆଟି କିଚେନ୍ ରୁମ୍‌ରେ ପିଜା ବନାଉଥିବା ଦେଖିବାକୁ ମିଳିଛି। ସେହି ଭିଡିଓକୁ ବଲିଉଡ୍ ଅଭିନେତ୍ରୀ ବିଦ୍ୟା ବାଲାନ ନିଜ ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ଶେୟାର କରିଛନ୍ତି ଏବଂ ସେ କହିଛନ୍ତି ଯେ, ବିଶ୍ୱରେ ସବୁଠୁ ଭଲ ସେଫ୍। ଏତେ କ୍ୟୁଟ୍ ସେଫ୍ ମୁଁ କେବେ ଦେଖି ନ ଥିଲି। ତେବେ ବିଦ୍ୟାଙ୍କ ଏହି ଭିଡିଓକୁ ଦେଖି ତାଙ୍କର ବହୁତ ଫ୍ୟାନ୍ ଏବଂ ବଲିଉଡ ଅଭିନେତା, ଅଭିନେତ୍ରୀ ମଧ୍ୟ ଏହାକୁ ବେଶ୍ ପସନ୍ଦ କରିଛନ୍ତି। ଏହି ଭିଡିଓଟି ମୋତେ କେହି ଜଣେ ପଠାଇଥିଲେ। ଛୁଆଟିକୁ ଦେଖି ମୋତେ ବହୁତ ଖୁସି ଲାଗିଲା। ସେଥିଲାଗି ମୁଁ ଏହାକୁ ଶେୟାର କରିଛି ବୋଲି ବିଦ୍ୟା କହିଛନ୍ତି। ସେ ଯେଉଁ ସ୍ଥାନର ହୋଇଥିଲେ ବି ବହୁତ ସୁନ୍ଦର। କାରଣ ସମସ୍ତେ ଈଶ୍ୱରଙ୍କ ସନ୍ତାନ। ଆମେ ସମସ୍ତେ ଏକ। କିନ୍ତୁ ସତରେ ଛୁଆଟିକୁ ଦେଖିଲେ ଆପଣ ସବୁ ଭୁଲିଯିବେ। ବହୁତ କ୍ୟୁଟ୍ ବୋଲି ବିଦ୍ୟା କହିଛନ୍ତି।





# କଖାରୁର ପ୍ରକ୍ରିୟାକରଣ



ଡ. କଳ୍ପନା ରାୟଗୁରୁ





କଖାରୁ ଆମ ରାଜ୍ୟରେ ବହୁଳ ପରିମାଣରେ ଉତ୍ପାଦିତ ହୁଏ। ଏହାର ସଂରକ୍ଷଣ କ୍ଷମତା କମ୍ ଥିବାରୁ ଅନେକ ସମୟରେ ଏହା ନଷ୍ଟ ହୋଇଯାଇଥାଏ। ପରୀକ୍ଷାରୁ ଜଣାଯାଇଛି ଯେ, କଖାରୁରେ ପ୍ରଚୁର ପରିମାଣରେ ଭିଟାମିନ୍ 'ଏ' ଓ 'ସି' ଏବଂ କ୍ୟାଲ୍‌ସିଅମ୍ ଓ ପୋଟାସିଅମ୍ ଭଳି ଖଣିଜଲବଣ ମଧ୍ୟ ରହିଛି। ଖାଦ୍ୟ ପ୍ରକ୍ରିୟାକରଣ ସାହାଯ୍ୟରେ ଏଥିରୁ ଆମେ ପୁଷ୍ଟିକର ଓ ସ୍ୱାଦିଷ୍ଟ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତ କରିପାରିବା। ଏହାକୁ ବ୍ୟବସାୟିକ ଭିତ୍ତିରେ ପ୍ରସ୍ତୁତ କରି ନିଜେ ବ୍ୟବହାର କରିବା ସହିତ ରୋଜଗାରର ମାଧ୍ୟମ ମଧ୍ୟ କରାଯାଇପାରିବ। ଏ ସମ୍ପର୍କରେ ସୂଚନା ଦିଆଯାଉଛି...

**କଖାରୁ ଗୁଣ୍ଡ–** କଖାରୁ ଗୁଣ୍ଡକୁ ରୁଟି, ପାଉଁରୁଟି, ବିସ୍କୁଟ, ନୁଡୁଲ୍‌ସ, ପାସ୍ତା, କେକ୍‌ରେ ମଧ୍ୟ ମିଶାଇହେବ। ଏହାଦ୍ୱାରା ପୁଷ୍ଟିକର ଓ ଆକର୍ଷଣୀୟ ଖାଦ୍ୟ ପ୍ରସ୍ତୁତ ହୋଇପାରିବ। ଗୁଣ୍ଡ ପ୍ରସ୍ତୁତି ପାଇଁ ପ୍ରଥମେ କଖାରୁକୁ ସଫା କରି ସେଥିରୁ ଚୋପା ଛଡ଼ାଇ ବାହାର କର ଦିଅନ୍ତୁ। ଏହାପରେ ଶସକୁ ୫ସେମି ଲମ୍ବ, ୪ ସେମି ଚଉଡ଼ା ଓ ୪ମିମି ବହଳରେ ଖଣ୍ଡ କରି କାଟନ୍ତୁ। ଏହି ଖଣ୍ଡଗୁଡ଼ିକୁ ପ୍ରାୟ ୯୦ ସେଣ୍ଟିଗ୍ରେଡ୍ ତାପମାତ୍ରା ଥିବା ପାଣିରେ ଦୁଇ ମିନିଟ୍ ବୁଡ଼ାଇ ରଖିଲେ ଏନ୍‌ଜାଇମ୍ ନିଷ୍କ୍ରିୟ ହୋଇଯିବ। ତା'ପରେ ଖଣ୍ଡଗୁଡ଼ିକୁ ଛାଣି ସେଥିରେ ଉପରିଭାଗରେ ଥିବା ପାଣିକୁ ପୋଛି ଦିଅନ୍ତୁ। ତା'ପରେ ସେସବୁକୁ ଶୁଖାଇବା ଯନ୍ତ୍ରରେ ୬୦ ସେଣ୍ଟିଗ୍ରେଡରେ ୪ ଘଣ୍ଟା ଅଥବା ଟାଣ ଖରାରେ ୮ ଘଣ୍ଟା ଶୁଖେଇ ଦିଅନ୍ତୁ। ଶୁଖାଖଣ୍ଡଗୁଡ଼ିକୁ ଗ୍ରାଇଣ୍ଡର ବା ଅଧିକ କ୍ଷମତା ବିଶିଷ୍ଟ ଯନ୍ତ୍ରରେ ଗୁଣ୍ଡକରି ପ୍ୟାକିଂ କରନ୍ତୁ, ଯାହାକୁ ଅନେକ ଦିନ ପର୍ଯ୍ୟନ୍ତ ସାଇତି ରଖାଯାଇପାରିବ।

**କଖାରୁ ରସ ମିଶ୍ରିତ ପାନୀୟ–** କଖାରୁ ରସରୁ ଅତି ପୁଷ୍ଟିକର ଓ ସ୍ୱାଦିଷ୍ଟ ପାନୀୟ ପ୍ରସ୍ତୁତ କରିପାରିବେ। ଆଉ ଏ ବଜାରରେ ମିଳୁଥିବା କୃତ୍ରିମ ପାନୀୟ ପରିବର୍ତ୍ତେ ଏହାର ବ୍ୟବହାର ଅଧିକ ଉପାଦେୟ। କଖାରୁ ଶସକୁ ପତଳା ଓ ଛୋଟ ଖଣ୍ଡ କରି କାଟି ୫ ମିନିଟ୍ ପର୍ଯ୍ୟନ୍ତ ସିଝାନ୍ତୁ। ତାକୁ ବାହାରକୁ ଆଣି ଥଣ୍ଡା କରି ବାଟି ଦିଅନ୍ତୁ। ଏଥିରୁ ଛଣା ଯାଇଥିବା କଖାରୁ ରସ, ଲେମ୍ବୁ ଓ ଚିନି ସିରାକୁ ଯଥାକ୍ରମେ ୩୦, ୧୦ ଓ ୬୦ ଭାଗମାପରେ ମିଶାଇ ମୃଦୁପାନୀୟ ପ୍ରସ୍ତୁତ କରନ୍ତୁ। ଲେମ୍ବୁ ବଦଳରେ ପସନ୍ଦ ଅନୁଯାୟୀ କମଳା କିମ୍ବା ସପୁରି ମଧ୍ୟ ବ୍ୟବହାର କରାଯାଇପାରେ। ଅଧିକ ସ୍ୱାଦିଷ୍ଟ ଓ ରୋଗ ପ୍ରତିରୋଧକାରୀ କରିବା ପାଇଁ ଅଦା କିମ୍ବା ତୁଳସୀ ରସ ମିଶାନ୍ତୁ। ପ୍ରସ୍ତୁତ ହୋଇଥିବା ପାନୀୟକୁ ଗରମ ଅବସ୍ଥାରେ ପୂର୍ବରୁ ବିଶୋଧିତ ହୋଇଥିବା ବୋତଲରେ ସିଲ୍ କରି ୬ମାସ ପର୍ଯ୍ୟନ୍ତ ସୁରକ୍ଷିତ ରଖିପାରିବେ।

କଖାରୁରେ ଅନେକ ଶରୀର ହିତକାରୀ ଉପାଦାନ ରହିଥିବା ସତ୍ତ୍ୱେ ବଜାରରେ ଅତି କମ୍‌ଦାମରେ ମିଳୁଥିବାରୁ ଏହାର ପ୍ରକ୍ରିୟାକରଣ ଏକ ଲାଭଜନକ ବ୍ୟବସାୟ ହୋଇପାରିବ।

*–ଓୟୁଏଟି, ଭୁବନେଶ୍ୱର,*
*ମୋ : ୯୪୩୭୬୩୧୮୧୨*

# ଛତୁଚାଷ ମୋତେ ଏଇଠି ପହଞ୍ଚାଇଛି

ସମ୍ବଲପୁର ବଡବଜାର ବଙ୍ଗାଳି ପଡାର ଶାନ୍ତିପ୍ରକାଶ ପ୍ରଧାନ (ମୋ:୯୪୩୭୧୪୮୬୭୯) । ଶିକ୍ଷାଗତ ଯୋଗ୍ୟତା ବିଏସ୍‌ସି। ଜଣେ ସଫଳ ଛତୁ ଚାଷୀ ଭାବେ ସେ ପରିଚିତ । ଏଥିପାଇଁ ତାଙ୍କୁ ଜାତୀୟ ଓ ରାଜ୍ୟସ୍ତରୀୟ ପୁରସ୍କାର ବି ମିଳିଛି । ଏଥିସହିତ ଚିପିଲିମା କୃଷି ବିଜ୍ଞାନ କେନ୍ଦ୍ରରେ ଅତିଥି ଅଧ୍ୟାପକଭାବେ ଛତୁଚାଷ ଉପରେ ସେ ଶିକ୍ଷାଦାନ କରୁଛନ୍ତି।

ଗଙ୍ଗାଧର ମେହେର କଲେଜରୁ ବି.ଏସ୍‌ସି. ପାସ୍ କରିବା ପରେ ରୋଜଗାର ଚିନ୍ତା ବଢିଲା। କିନ୍ତୁ କିପରି ସ୍ୱାବଲମ୍ବୀ ହେବେ ତାହା



**ସଫଳ ଚାଷୀ**
**ଶାନ୍ତିପ୍ରକାଶ ପ୍ରଧାନ**

ମନକୁ ଘାରୁଥିଲା। ଶେଷରେ ସ୍ୱରୋଜଗାରକ୍ଷମ ହେବା ଲାଗି ଛତୁଚାଷ କରିବା ପାଇଁ ସ୍ଥିର କଲେ ଶାନ୍ତି ପ୍ରକାଶ। ୨୦୦୯ ମସିହା କଥା। ୩ ଶହ ଟଙ୍କାରେ ଛତୁ ମଞ୍ଜି କିଣି ସେ ନିଜର ୪ ଡେସିମିଲ ଜମିରେ ଆରମ୍ଭ କଲେ ଛତୁଚାଷ । ଦିନକୁ ୨ରୁ ୪କେଜି ଛତୁ ମିଳିଥିଲା। କିନ୍ତୁ ଧୀରେ ଧୀରେ ବିହନ ଓ ଛତୁ ନଷ୍ଟ ହୋଇଗଲା। ଆରମ୍ଭରୁ କ୍ଷତି। ମାତ୍ର ଏଥିରେ ସେ ଭାଙ୍ଗି ପଡି ନ ଥିଲେ କି ଛତୁଚାଷକୁ ନେଇ ତାଙ୍କର ସ୍ୱପ୍ନ ବି ମଉଳି ନ ଥିଲା। ପ୍ରଥମ ବାଧା ତାଙ୍କ ମନୋବଳକୁ ଦୃଢ କରାଇଥିଲା। ଅବଶ୍ୟ ଏହି ସମୟରେ ତାଙ୍କ ପଥପ୍ରଦର୍ଶକ ସାଜିଥିଲେ ମାନେଶ୍ୱରରେ ରହୁଥିବା ଅବସରପ୍ରାପ୍ତ ମୃତ୍ତିକା ସଂରକ୍ଷଣ ବିଭାଗ ଉପନିର୍ଦ୍ଦେଶକ ବିବେକ ପାଣିଗ୍ରାହୀ। ତାଙ୍କଠାରୁ ପ୍ରେରଣା ପାଇ ଶାନ୍ତିପ୍ରକାଶ ନୂତନ କିସମ ଛତୁବିହନ ଆଣି ଉନ୍ନତ ପ୍ରଣାଳୀରେ ଚାଷ ଆରମ୍ଭ କରିଥିଲେ। ଏଥର ବି ସେହି ୩ ଶହ ଟଙ୍କା ଖର୍ଚ୍ଚ କରିଥିଲେ। ଆଉ ସେଥିରୁ ସେ ହଜାରେ ଟଙ୍କାରେ ଛତୁ ବିକ୍ରି କରିଥିଲେ। ଏହା ତାଙ୍କ ଉତ୍ସାହକୁ ବଢାଇଦେଲା। ଧୀରେ ଧୀରେ ଚାଷ ବଢିବା ସହ ଲାଭ ବି ଅଧିକ ମିଳିଲା। ଏହି ସମୟରେ ତାଙ୍କୁ ଏକ ଘରୋଇ ବ୍ୟାଙ୍କରେ ଚାକିରି ମିଳିଥିଲେ ବି ଛତୁଚାଷରେ ମନୋନିବେଶ କରିଥିଲେ ଶାନ୍ତିପ୍ରକାଶ।

ଏବେ ତାଙ୍କ ଫାର୍ମରୁ ପ୍ରତିଦିନ ୬୦ରୁ ୭୦କେଜି ବିହନ ଉତ୍ପାଦନ ହେଉଛି। କେଜି ପ୍ରତି ୮୦ରୁ ଶହେ ଟଙ୍କାରେ ବିକ୍ରି ହେଉଛି। ମୋଟାମୋଟି ଏହି ବ୍ୟବସାୟରୁ ମାସିକ ପଚାଶ ହଜାରରୁ ଅଧିକ ଟଙ୍କା ରୋଜଗାର ହେଉଥିବା ସେ କୁହନ୍ତି। ଅପରପକ୍ଷେ ବ୍ୟାଙ୍କରୁ ୧୫ଲକ୍ଷ ଟଙ୍କା ଋଣ ନେଇ ଛତୁ ମଞ୍ଜି ଉତ୍ପାଦନ ଆରମ୍ଭ କରିଛନ୍ତି। ଉଦ୍ୟାନ ବିଭାଗ ପକ୍ଷରୁ ତାଙ୍କୁ ସରକାରୀ ସହାୟତା ବି ମିଳିଛି। ଭୁବନେଶ୍ୱରରେ ଟିଏମ୍‌ଆରଟିରେ ତାଲିମ ନେବା ପରେ ସେ ପୁଆଳଛତୁ, ଧିଙ୍ଗିରି (ଓ୍ୱେଷ୍ଟର) ଛତୁ ସହିତ ମଞ୍ଜି ଉତ୍ପାଦନ କରୁଛନ୍ତି। ହେଲେ ବଟନ, ମିଲ୍କ କିସମର ଛତୁର ବିହନ ମଧ୍ୟ ସେ ଉତ୍ପାଦନ କରିପାରିବେ ବୋଲି ବ୍ୟକ୍ତ କରନ୍ତି।

ଜଣେ ସଫଳ ଛତୁ ଚାଷୀ ଭାବେ ୨୦୧୬ରେ ତତ୍କାଳୀନ କେନ୍ଦ୍ର ଓ ରାଜ୍ୟ କୃଷିମନ୍ତ୍ରୀଙ୍କଠାରୁ ସମ୍ମାନିତ ହୋଇଥିବା ଶାନ୍ତି ପ୍ରକାଶ ଆଜି ନିଜର ଏହି ଚାଷ କାମକୁ ନେଇ ଖୁସି ଥିବା କହିଛନ୍ତି । ବାପା, ସ୍ତ୍ରୀ ଓ ପୁତ୍ରକୁ ନେଇ ତାଙ୍କ ପରିବାର। ଦୃଢ ଇଚ୍ଛାଶକ୍ତି ଓ ଆତ୍ମବିଶ୍ୱାସ ଥିଲେ ଯେ କୌଣସି କାର୍ଯ୍ୟରେ ସଫଳତା ମିଳିଥାଏ ବୋଲି କୁହନ୍ତି ସେ । ଆଜିର ଉଚ୍ଚ ଶିକ୍ଷିତ ଯୁବକମାନେ ଚାଷ ପ୍ରତି ଆଗ୍ରହ ପ୍ରକାଶ କଲେ ପାରମ୍ପରିକ ଚାଷରେ ନିଶ୍ଚିତ ଉନ୍ନତି ଆସିପାରିବ ବୋଲି ଦୃଢୋକ୍ତି ବ୍ୟକ୍ତ କରନ୍ତି ଦୃଢମନା ଶାନ୍ତି ପ୍ରକାଶ।

**– ଶୁଭାଶିଷ ପାଢୀ**

# କିପରି କରିବେ ଧାନ କିସମ ଚୟନ



ଡ. ପରେଶ କୁମାର ପଣ୍ଡା



ଏବେ ଧାନବୁଣା ସମୟ। କେଉଁ ଜମିରେ କେଉଁ କିସମର ଧାନ ବିହନ ବ୍ୟବହାର କଲେ ସେଥିରୁ ଅଧିକ ଅମଳ ମିଳିବ, ଜାଣନ୍ତୁ ସେ ସମ୍ପର୍କରେ...

**ଖାଲଜମି :** ସି.ଆର.-୧୦୦୯ (ସାବିତ୍ରୀ) ବଦଳରେ ନୂତନ ଅଧିକ ଅମଳକ୍ଷମ ଧାନ କିସମ ସି.ଆର.-୧୦୦୯ ସବ୍-୧ କିମ୍ବା କଳା ଚମ୍ପାକୁ ବ୍ୟବହାର କରାଯାଇପାରିବ। ଉଭୟ କିସମର ଅମଳ କ୍ଷମତା ସାବିତ୍ରୀ ପରି କିମ୍ବା ତା'ଠାରୁ ଅଧିକ। ଏହି ସି.ଆର.-୧୦୦୯ ସବ୍-୧ କିସମ ଦୁଇ ସପ୍ତାହ ପାଇଁ ଜଳମଗ୍ନ ଅବସ୍ଥା ସହିପାରେ।

**ମଝିଆଲ ଜମି :** ଏମ.ଟି.ୟୁ-୭୦୨୯ (ସ୍ୱର୍ଣ୍ଣ) ବଦଳରେ ସ୍ୱର୍ଣ୍ଣ ସବ୍-୧ କିମ୍ବା ସି.ଆର. ଧାନ-୩୦୭ (ମଉଡ଼ମଣୀ)କୁ ଚାଷ କରାଯାଇପାରେ। ସ୍ୱର୍ଣ୍ଣ ତୁଳନାରେ ସ୍ୱର୍ଣ୍ଣ ସବ୍-୧ର ଅମଳ ଦକ୍ଷତା ସମାନ ଥାଇ ୨-୩ ସପ୍ତାହ ପର୍ଯ୍ୟନ୍ତ ଜଳମଗ୍ନ ଅବସ୍ଥା ସହିପାରେ। ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ହେକ୍ଟର ପ୍ରତି ୩୦-୪୦ କୁଇଣ୍ଟାଲ ଅମଳ ଦେଇଥାଏ।



ସେହିପରି ମଉଡମଣୀ ଅମଳ କ୍ଷମତା ହେକ୍ଟର ପ୍ରତି ୫୦ କୁଇଣ୍ଟାଲ ଥାଇ ଫସଲ ତଳେ ପଡି ନ ଥାଏ।

**୧୨୦ଦିନ ବା ଚାରି ମାସ ଅବଧି ଧାନ:** ଆଇ.ଆର୍. ୬୪ ଡି.ଆର.ଟି-୧ (ଡି.ଆର.ଆର.ଧାନ-୪୨), ଯାହା ଲଲାଟ ବଦଳରେ ଚାଷ କରାଯାଇପାରିବ। ଏହାର ମରୁଡି ସହଣି ଥାଇ ଦାନା ଝଡ଼ି ନ ଥାଏ ଏବଂ ଅମଳକ୍ଷମତା ଏକର ପ୍ରତି ହାରାହାରି ୧୮ କୁଇଣ୍ଟାଲ।

– ଏମ.ଟି.ୟୁ- ୧୦୧୦ ବଦଳରେ ସି.ଆର. ଧାନ ୨୦୧ (ଡି.ଆର.ଆର.ଧାନ-୪୪) ଯାହା ୧୧୫ଦିନ ମଧ୍ୟରେ ଅମଳ ହୋଇଥାଏ ଓ ମରୁଡି ସହଣି ସହିତ ଫସଲ ଜମିରେ ପଡି ନ ଥାଏ।

– ବି.ପି.ଟି.-୫୨୦୪ ବଦଳରେ ସି.ଓ.-୫୧ କିମ୍ବା ତେଲେଙ୍ଗାନା ସୋନା କିସମକୁ ଚାଷ କରାଯାଇପାରିବ। ତେଲେଙ୍ଗାନା ସୋନା (ଆରଏନଆର-୧୫୦୪୮) କିସମଟି ଚାରି ମାସିଆ ବିଳମ୍ବ ବର୍ଷା ଓ ବର୍ଷାର ଅଭାବଜନିତ ଜଳକ୍ଲିଷ୍ଟତାକୁ ସହିପାରେ।

– ଉଚ୍ଚ ଜମିରେ ଖଣ୍ଡଗିରି ବଦଳରେ ୧୧୦ଦିନ ମଧ୍ୟରେ ଅମଳ ହେଉଥିବା ମନ୍ଦାକିନୀକୁ ଚାଷ କରାଯାଇପାରିବ, ଯାହା ମହିଷା ଓ ଶଢ଼ା ରୋଗ ସହଣି। ନଚେତ ସହଭାଗୀ ଧାନ କିସମକୁ ଚାଷ କରାଯାଇପାରିବ, ଯାହା ବୃଷ୍ଟିପୃଷ୍ଠ ଅଞ୍ଚଳର ଡିପ ବା ମଝିଆଳି ଜମିରେ ଚାଷ ହୋଇଯାଏ ଓ ମରୁଡି ସହଣି।

– ଚାରି ମାସ ମଧ୍ୟରେ ଅମଳ ହେଉଥିବା ଓ ନବୀନ କିସମର ବିକଳ୍ପ ଭାବରେ ତରଙ୍ଗିଣୀ (ଏମ୍‌ଟିୟୁ-୧୧୫୬) କିମ୍ବା ଗୋଣ୍ଡ୍ରା ବିଧାନ-୧ କିମ୍ବା ଚିୟୋରାଙ୍ଗ ସବ୍-୧ (ବୀଣାଧାନ)କୁ ଚାଷ କରାଯାଇପାରେ। ବୀଣାଧାନ-୧୧ର ଅମଳ କ୍ଷମତା ହାରାହାରି ୨୦ କୁଇଣ୍ଟାଲ । ୧୫ଦିନ ପର୍ଯ୍ୟନ୍ତ ବନ୍ୟାଜଳ ସହିପାରେ। ସେହିପରି ୧୨୫ ଦିନ ମଧ୍ୟରେ ଅମଳ ହେଉଥିବା ଚନ୍ଦ୍ରା (ଏମ୍‌ଟିୟୁ-୧୧୫୩)ର ଅମଳ କ୍ଷମତାଏକର ପ୍ରତି ୧୬-୨୫ କୁଇଣ୍ଟାଲ।

– ମଝିଆଳି ଜମି ପାଇଁ ୧୩୫ ଦିନ ମଧ୍ୟରେ ଅମଳ ହେଉଥିବା ଜଗଜ୍ଜୀବନ (ଡିଆରଆର-୩୯) ଲୁଣା,ଲୌହ ବିଷାକ୍ତତା ଓ ମରୁଡି ସହଣି ଶକ୍ତି ରହିଛି। ଏହା ଲମ୍ବା ଓ ସରୁ ଦାନା ବିଶିଷ୍ଟ। ଏହି ଅବଧି ପାଇଁ ବିପିଟି-୩୨୯୧ (ସୋନା ମସୁରୀ) ମଧ୍ୟମ ମୋଟା ଦାନା ଥାଇ ଅଧିକ ଅମଳକ୍ଷମ ।

– ୧୩୫-୧୪୦ଦିନ ମଧ୍ୟରେ ଅମଳ ହେଉଥିବା ଏମ୍‌ଟିୟୁ-୧୦୫୭ ବିଳମ୍ବ ବର୍ଷାଦିନିଆ ଚାଷ ପାଇଁ ଉପଯୋଗୀ। ଏହା ଜମିରେ ପଡି ନ ଥାଏ ଏବଂ ଦାନା ବିଜେତା (ଏମ୍‌ଟିୟୁ-୧୦୦୧) ପରି।

– ପୂଜାର ବିକଳ୍ପ ଭାବରେ ସିଆର ଧାନ-୮୦୦ (ସ୍ୱର୍ଣ୍ଣ ମାସ୍) ୧୪୦ଦିନ ମଧ୍ୟରେ ଅମଳ ହୋଇଥାଏ ଓ ଏକର ପ୍ରତି ୨୨ କୁଇଣ୍ଟାଲ ପର୍ଯ୍ୟନ୍ତ ଅମଳ ଆସିଥାଏ।

– ବିଜେତା (ଏମ୍‌ଟିୟୁ-୧୦୦୧) ବଦଳରେ ମଉଡମଣୀର ଭଲ ଅମଳ ଦେଇଥାଏ।

– ଲଲାଟ ବଦଳରେ ଇମ୍ପ୍ରୁଭଡ୍ ଲଲାଟର ଅମଳ କ୍ଷମତା ସମାନ ଥାଇ ରୋଗପୋକ ସହଣି ଶକ୍ତି ରହିଛି।

– ପୂଜା ଅବଧିର ଧାନ କିସମ ମଧ୍ୟରେ ମୃଣାଳିନୀ ଓ ହସନ୍ତ ଭଲ ଅମଳ ଦେଇଥାଏ। ୧୪୬ଦିନରେ ଅମଳ ହେଉଥିବା ମୃଣାଳିନୀ କିସମର ପିଲ ଅଧିକ ଥାଇ ବିଳମ୍ବ ରୁଆ ପାଇଁ ଉପଯୁକ୍ତ। ଫସଲ ଶୋଇ ନ ଥାଏ ଓ କେଣ୍ଡାରୁ ଦାନା ସହଜରେ ଝଡି ନ ଥାଏ। ହସନ୍ତ ଖାଲ ଜମିରେ ଚାଷ ହୋଇଥାଏ। ଏହାର ଦାନା ମୃଣାଳିନୀ ପରି (ଛୋଟ ଓ ମୋଟା ଦାନା) ଏବଂ ବିଶେଷକରି ଚକଡା ପୋକ ସହନଶୀଳ।

**ଲୁଣା ଓ କ୍ଷାରୀ ଜମି:** ଏହି ଧରଣର ଜମିରେ ଚାଷ ନିମନ୍ତେ ଉପଯୁକ୍ତ ଧାନ କିସମ ମଧ୍ୟରେ ଲୁଣା, ଶାଙ୍ଖି, ଲୁଣା ସମ୍ପଦ, ଲୁଣା ସୁବର୍ଣ୍ଣା, ଲୁଣା ବରିଆଲ, ସିଆର ଧାନ-୪୦୫ ଓ ସିଆର ଧାନ-୪୦୬, ଜଗଜ୍ଜୀବନ ଅନ୍ୟତମ।

**ମରୁଡି ସହଣି କିସମ:** ଏହି କିସମ ମଧ୍ୟରେ ସହଭାଗୀ ଧାନ, ସିଆର ଧାନ-୮୦୧, ଡିଆରଆର ଧାନ-୪୨, ଡିଆରଆର ଧାନ-୪୩, ଡିଆରଆର ଧାନ-୪୪, ତେଲେଙ୍ଗାନା ସୋନା, ସ୍ୱର୍ଣ୍ଣ ଶ୍ରେୟା, ଶୁଖାଧାନ-୫ ଅନ୍ୟତମ।

***–ସହକାରୀ ବିହନ ପ୍ରମାଣନ ଅଧିକାରୀ, ଭୁବନେଶ୍ୱର,ମୋ: ୭୨୦୫୦୯୬୦୮୦***

# ମକା ଚାଷରେ ସାର ପ୍ରୟୋଗ

ମକାଚାଷ କରିଥିଲେ ଶେଷ ଓଡ଼ ଚାଷ ସମୟରେ ଏକର ପ୍ରତି ଅନୁମୋଦିତ ସାର ୩୨ କିଗ୍ରା ଯବକ୍ଷାରଜାନ, ୧୬ କିଗ୍ରା ଫସଫରସ ଏବଂ ୧୬ କିଗ୍ରା ପଟାସ ସାର ମଧ୍ୟରୁ ତିନି ଭାଗରୁ ଭାଗେ ଯବକ୍ଷାରଜାନ, ସବୁତକ ଫସଫରସ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଧାଡିକୁ ଧାଡି ୬୦ ସେମି, ଗଛକୁ ଗଛ ୩୦ ସେମି ଓ ୫ ସେମି ଗଭୀରରେ ମଞ୍ଜି ପୋତନ୍ତୁ। ଏକ ଏକର ଜମିରେ ୬ କିଗ୍ରା ବିହନ ଆବଶ୍ୟକ ହୋଇଥାଏ। ଯଦି ଜଳସେଚନ ସୁବିଧା ଅଛି ତେବେ ବର୍ତ୍ତମାନ ମଧ୍ୟ ମକା ଚାଷ କରିପାରିବେ। ମକା ବିହନର ଉନ୍ନତ କିସମ ମଧ୍ୟରେ ରହିଛି–ନଭଜୋତ୍, ଶକ୍ତି,



ଡେକାନ୍-୧୦୭ ଏବଂ ଡେକାନ୍-୧୦୯। କୃଷି ବିଭାଗର ବିହନ ବିକ୍ରୟ କେନ୍ଦ୍ରରୁ ଏହାକୁ ସଂଗ୍ରହ କରିପାରନ୍ତି।

# ସାରୁ ଲଗାଇବା ସମୟରେ..

ଜଳସେଚନର ସୁବିଧା ଥିଲେ ଏବେଠୁ ସାରୁ ଲଗାଇ ପାରନ୍ତି। ତେଲିଆ, ମୁକ୍ତାକେଶୀ, ଟୋପି, ସାତମୁଖ ଓ ଝାଙ୍କଡି ପରି ଉନ୍ନତ ସାରୁ ବିହନ ବ୍ୟବହାର କରନ୍ତୁ। ସାଧାରଣତଃ ସାରୁ ପୁଆକୁ ବିହନ ଆକାରରେ ବ୍ୟବହାର କରାଯାଇଥାଏ। ଲଗାଉଥିବା ପୁଆଗୁଡିକର ଓଜନ ୧୫-୨୦ ଗ୍ରାମ ହୋଇଥିବ, ସେଗୁଡିକ ସୁସ୍ଥ ଏବଂ ନୀରୋଗ ହୋଇଥିବା ଦରକାର। ପ୍ରତି କିଗ୍ରା ସାରୁ ବିହନକୁ ୨ ଗ୍ରାମ ମେଟାଲାକ୍ସିଲ ଓ ମାଙ୍କୋଜେବ୍ ମିଶ୍ରଣରେ ବିଶୋଧନ କରି ଲଗାନ୍ତୁ। ଜମିର ପ୍ରକାର ଅନୁସାରେ ୨-୩ ଓଡ ଗଭୀର ଚାଷ କରି ଭଲ ଭାବରେ ମଇ ଦେଇଦିଅନ୍ତୁ। ଏହାଦ୍ୱାରା ମାଟି ଭଲଭାବରେ ଗୁଣ୍ଡ ହୋଇଯାଏ। ତା'ପରେ ତାହାକୁ ସମତୁଲ କରନ୍ତୁ। ଶେଷ ଓଡ ଚାଷ ପୂର୍ବରୁ ଏକ ପ୍ରତି ୪-୫ ଟନ୍ ଶଢ଼ା ଗୋବର ଖତ ମାଟି ସହିତ ଭଲ ଭାବରେ ମିଶାନ୍ତୁ। ବିହନ ଲଗାଇବା ପୂର୍ବରୁ ଏକର ପ୍ରତି ୧୬ କିଗ୍ରା ଯବକ୍ଷାରଜାନ, ୨୪ କିଗ୍ରା ଫସଫରସ



ଏବଂ ୧୬ କିଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ। ଗଜା ବାହାରିବାର ୭-୧୦ଦିନ ମଧ୍ୟରେ ୨୦ କିଗ୍ରା ଯବକ୍ଷାରଜାନ, ୨୦ କିଗ୍ରା ପଟାସ୍ ସାର ପ୍ରୟୋଗ କରନ୍ତୁ।

## ଚାଷୀଙ୍କ ପାଇଁ...

– କପା ଲାଗି ମଞ୍ଜି ବୁଣିବା ପୂର୍ବରୁ ଗଭୀର ଖରାଟିଆ ଚାଷ କରନ୍ତୁ। ମଇଦେଇ ମାଟି ଗୁଣ୍ଡ କରି ଜମିକୁ ସମତୁଲ କରନ୍ତୁ। ଉଇ ଲାଗୁଥିବା ଜମିରେ ଏକର ପ୍ରତି ୧୦ କିଗ୍ରା ହିସାବରେ କ୍ଲୋରୋପାଇରିଫସ୍ ଗୁଣ୍ଡ ମାଟିରେ ମିଶାନ୍ତୁ।

– ଚିନାବାଦାମ ଚୋପାର ଭିତର ପାଖରେ କଳା ବା ବାଦାମୀ ଶିରା ଦେଖାଗଲେ ଗଛ ଉପାଡି ଅମଳ କରନ୍ତୁ। ମାଟି ଟାଣ ହୋଇଯାଇଥିଲେ ସହଜରେ ଅମଳ କରିବା ପାଇଁ ଜମିରେ ହାଲୁକା ପାଣି ମଡାନ୍ତୁ। ଏହାଦ୍ୱାରା ଅମଳ ବେଳେ ଖୋସା ଛିଣ୍ଡିଯାଇ ମାଟିଭିତରେ ରହିଯିବ ନାହିଁ।

– ଧାନ କାଟିବା ପୂର୍ବରୁ ଶେଷ ଥର ପାଇଁ ବିଲରେ ଥିବା ମିଶା ଧାନ ବାଛି ଦିଅନ୍ତୁ। ଧାନ ଅମଳର ୭ଦିନ ପୂର୍ବରୁ କିଆରିରୁ ଜଳ ନିଷ୍କାସନ କରନ୍ତୁ। କେଣ୍ଡାରେ ଶତକଡା ୮୫ ଭାଗ ଧାନ ପାଚିଲେ ଫସଲ କାଟନ୍ତୁ। ଧାନ କଟା ଯନ୍ତ୍ର ବ୍ୟବହାର କରନ୍ତୁ। ଏହାଦ୍ୱାରା କମ୍ ଖର୍ଚ୍ଚରେ ଧାନ ଅମଳ କରାଯାଇପାରିବ।

# ସବୁଜ ଗୋଖାଦ୍ୟ ଫସଲ

କେନାଲର ତଳମୁଣ୍ଡିଆ ଅଞ୍ଚଳରେ ବା ଅନ୍ୟ କୌଣସି ଜଳସେଚନ ସୁବିଧା ଥିଲେ ସବୁ ଗୋଖାଦ୍ୟ ଫସଲ ପାଇଁ ଜମି ପ୍ରସ୍ତୁତ କରନ୍ତୁ। ବର୍ତ୍ତମାନ ସମୟରେ ମକା ଓ ବରଗୁଡିର ମିଶ୍ରିତ ଫିଲ ସବୁଜ ଗୋଖାଦ୍ୟ ପାଇଁ ଉପଯୁକ୍ତ ।

ଶେଷ ଓଡ ଚାଷରେ ଏକର ପ୍ରତି ୫ ଗାଡ଼ି ଶଢ଼ା ଗୋବର ଖତ, ୪୦ କିଗ୍ରା ଯବକ୍ଷାରଜାନ, ୪୦ କିଗ୍ରା ଫସଫରସ ଏବଂ ୪୦ କିଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବା ଆଶଙ୍କା ଥିଲେ ଶେଷ ଓଡ଼ ଚାଷ ସମୟରେ ଏକର ପ୍ରତି ୧୦ କିଗ୍ରା ଶତକଡା ୧.୫ ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରି ଭଲ ଭାବରେ ମିଶାଇ ଦିଅନ୍ତୁ। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦ କିଗ୍ରା ମକା ବିହନ ଓ ୨୦ କିଗ୍ରା ବରଗୁଡି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତି ହେଲା ପରେ ସିଆର ପ୍ରତି ୨ ଧାଡି ମକା ପରେ ଦୁଇ ଧାଡି ବରଗୁଡି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲକା ଜଳସେଚନ କରନ୍ତୁ।



## ପ୍ରବାସୀଙ୍କ ବସ୍ ଦୁର୍ଘଟଣାଗ୍ରସ୍ତ

ଚୌଦ୍ୱାର,(ଡି.ଏନ୍.ଏ.): ପ୍ରବାସୀ ଶ୍ରମିକଙ୍କୁ ନେଇ ତାମିଲନାଡୁରୁ ଭଦ୍ରକ ଯାଉଥିବା ଏକ ବସ୍ ୧୬ ନମ୍ବର ଜାତୀୟ ରାଜପଥର ବନ୍ଦାଳଗଡ଼ା ନିକଟରେ ସୋମବାର ବିଳମ୍ବିତ ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବସ୍ ଡ୍ରାଇଭର, ହେଲ୍ପର ସମେତ ୮ଜଣ ଯାତ୍ରୀ ଆହତ ହୋଇଛନ୍ତି। ଏହା ଦେଖି ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଡାକି ଆହତମାନଙ୍କୁ କଟକ ବଡ଼ ମେଡିକାଲ ପଠାଇଛନ୍ତି। ତାମିଲନାଡୁରୁ(ନଂ. ଟିଏନ୍ ୩୯ ବି ଜେଡ୍ ୭୦୮୪) ବିଶିଷ୍ଟ ବସ୍‌ଟି ୧୫ଜଣ ପ୍ରବାସୀ ଓଡ଼ିଆଙ୍କୁ ନେଇ ଚାନ୍ଦବାଲି ବ୍ଲକ ମାଧପୁର ପଞ୍ଚାୟତ ବଡ଼ସିଂପୁର ଗ୍ରାମକୁ ଯାଉଥିଲା। ବନ୍ଦାଳ ନିକଟରେ ଡ୍ରାଇଭର ହଠାତ୍ ଭାରସାମ୍ୟ ହରାଇ ଆଗରେ ଯାଉଥିବା ଏକ ଟ୍ରଲରକୁ ଧକ୍କା ଦେଇଥିଲା।



## ସଂକ୍ଷେପରେ

### ବଉଲାଙ୍ଗ ପଞ୍ଚାୟତ ଶଟ୍‌ଡାଉନ୍

ଗୋପ,୧୯।୫(ଡି.ଏନ୍.ଏ.): ପୁରୀ ଜିଲାରେ କରୋନା ସଂକ୍ରମିତ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏ ନେଇ ଜିଲାବାସୀ ଭୟରେ ଥିବାବେଳେ ଗୋପ ବ୍ଲକ ଅଞ୍ଚଳରେ ପୁଣି ୪ ସୁରଟ ଫେରନ୍ତାଙ୍କ ପଜିଟିଭ ବାହାରିଥିବା ବିଡିଓ ଦୀପ୍ତିରାଣୀ ଦାସ ସୂଚନା ଦେଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ଧୂମାଳ ପଞ୍ଚାୟତର କ୍ୱାରାଣ୍ଟାଇନ ସେଣ୍ଟର ଥିବାବେଳେ ଅନ୍ୟ ୩ ଜଣ ବଉଲାଙ୍ଗ ପଞ୍ଚାୟତର କ୍ୱାରାଣ୍ଟାଇନ ସେଣ୍ଟରରେ ରହିଥିଲେ। ଏମାନଙ୍କ ରିପୋର୍ଟ ପଜିଟିଭ ଆସିବା ପରେ ୪ଜଣଙ୍କୁ ଭୁବନେଶ୍ୱର କୋଭିଡ ହସ୍ପିଟାଲକୁ ପଠାଯାଇଛି। ତେବେ ବଉଲାଙ୍ଗ ପଞ୍ଚାୟତରେ ଏକାସଙ୍ଗେ ୩ ସଂକ୍ରମିତ ହୋଇଥିବାରୁ ସରପଞ୍ଚ କମଳାକାନ୍ତ କୁଅଁର ଜିଲାପାଳ କ୍ଷମତା ପ୍ରୟୋଗ କରି ମଙ୍ଗଳବାର ପଞ୍ଚାୟତକୁ ଶଟଡାଉନ ଘୋଷଣା କରିଛନ୍ତି। ଅନ୍ୟପଟେ ଏହି ବ୍ଲକ ଅଞ୍ଚଳରେ ଥିବା ୭୧ଟି କ୍ୱାରାଣ୍ଟାଇନ ସେଣ୍ଟରରେ ଥିବା କେତେଜଣ ପ୍ରବାସୀଙ୍କ ସ୍ୱାବ ଟେଷ୍ଟ ପାଇଁ ପଠାଯାଇଛି।

### ବନ୍ଧୁକ ଦେଖାଇ ଲୁଟ୍

ବେଗୁନିଆ,୧୯।୫(ଡି.ଏନ୍.ଏ.): ବାଇକ୍ ଆରୋହୀଙ୍କୁ ବନ୍ଧୁକ ଦେଖାଇ ସୁନାଚେନ ଓ ମୋବାଇଲ ଫୋନ ଲୁଟିନେବା ଅଭିଯୋଗରେ ମଙ୍ଗଳବାର ବେଗୁନିଆ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବେଗୁନିଆ ଗ୍ରାମର ତାପସ ବେହେରା। ତାଙ୍କ ନିକଟରୁ ଗୋଟିଏ ବନ୍ଧୁକ, ସୁନା ଚେନ ଓ ମୋବାଇଲ ଫୋନ ଜବତ ହୋଇଛି। ବେଗୁନିଆ କାମନାସାହିର ସୁଶାନ୍ତ ସାହୁ ମଙ୍ଗଳବାର ବାଇକ୍‌ରେ ବାଗଲପୁର ଗ୍ରାମକୁ ଯାଉଥିଲେ। ତାପସ ହରିପୁର ସାହି ନିକଟ ଏକ ନିଛାଟିଆ ରାସ୍ତାରେ ସୁଶାନ୍ତଙ୍କୁ ଅଟକାଇବା ସହ ବନ୍ଧୁକ ଦେଖାଇ ଚେନ ଓ ମୋବାଇଲ ଲୁଟି ନେଇଥିଲେ। ପୋଲିସ ଏକ ମାମଲା (ନଂ. ୯୮/୨୦)ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଯୁବତୀଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୧୯।୫ (ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ହରେକୃଷ୍ଣ ବସ୍ତିରେ ଜଣେ ୨୧ବର୍ଷୀୟା ଯୁବତୀ ଆତ୍ମହତ୍ୟା କରିଛନ୍ତି। ପାରିବାରିକ କଳହରୁ ଏଭଳି ଘଟିଥିବା ଜଣାପଡ଼ିଛି। ସୂଚନାମୁତାବକ ବସ୍ତିରେ ପରିବାର ସହ ରହୁଥିବା ସମ୍ପୃକ୍ତା ଯୁବତୀ ମଙ୍ଗଳବାର ସକାଳେ ଉଠିବାରେ ବିଳମ୍ବ ହୋଇଥିଲା। ପରିବାର ଲୋକ ସନ୍ଦେହରେ ଘରର କବାଟ ଭାଙ୍ଗି ଦେଖିବା ବେଳକୁ ଯୁବତୀଜଣକ ବେକରେ ଶାଢ଼ି ବାନ୍ଧି ଆଜବେଷ୍ଟସ୍ ଓରାରେ ଝୁଲୁଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ତୁରନ୍ତ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ପୋଲିସ ଅପମୃତ୍ୟୁ ମାମଲା (ନଂ.୨୪/୨୦୨୦) ରୁଜୁ କରିଛି।

### ସୁନ୍ଦରଗଡ଼ ଫେରିଲେ ୩୮ ଶ୍ରମିକ

ବାରଙ୍ଗ,୧୯।୫(ଡି.ଏନ୍.ଏ.): ରାଜଧାନୀ ଉପକଣ୍ଠ ବରିମୁଣ୍ଡା ପଞ୍ଚାୟତର ବିଭିନ୍ନ ଜାଗାରେ ରହି ଇଟାଭାଟି, କମ୍ପାନି ସହ ଦିନମଜୁରିଆ ଭାବେ କାର୍ଯ୍ୟ କରୁଥିବା ୩୮ଜଣ ପ୍ରବାସୀ ଶ୍ରମିକ ମଙ୍ଗଳବାର ନିଜ ଘରକୁ ଫେରିଛନ୍ତି। ସେମାନେ ସୁନ୍ଦରଗଡ଼ ଜିଲା ଲାଠିକଟା ବ୍ଲକର। ଲକଡାଉନ ଯୋଗୁ ଶ୍ରମିକମାନେ ରୋଜଗାର ହରାଇ କଷ୍ଟରେ ଥିଲେ। ଗଚ୍ଛିତ ଅର୍ଥ ସରିଯିବାରୁ ଘରକୁ ଫେରିବାକୁ ସେମାନେ ସ୍ଥାନୀୟ ସରପଞ୍ଚ ବିରେନ୍ଦ୍ର ଜେନାଙ୍କୁ କହିଥିଲେ। ସରପଞ୍ଚ ଭୁବନେଶ୍ୱର ବିଡିଓଙ୍କ ସହ ଯୋଗାଯୋଗ କରିବାପରେ ସେଠାକାର ଜିଲାପାଳ ୨ଟି ବସ୍ ମଙ୍ଗଳବାର ବରିମୁଣ୍ଡ ପଞ୍ଚାୟତ କାର୍ଯ୍ୟାଳୟକୁ ପଠାଇଥିଲେ।

### ସ୍ୱର୍ଗଧାମରେ ସ୍ମୃତିସଭା

କଟକ ଅଫିସ,୧୯।୫: ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ ଓ ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ସଭାପତି ଡ. ରତ୍ନାକର ଚଇନୀଙ୍କ ଉଦ୍ଦେଶ୍ୟରେ ଖାନ୍‌ନଗରସ୍ଥିତ ସ୍ୱର୍ଗଧାମରେ ଏକ ସ୍ମୃତିସଭା ହୋଇଛି। ସ୍ୱର୍ଗଧାମ ପରିବାର ସଭାପତି ଶରତ ସାହୁ ଏଥିରେ ଅଧକ୍ଷତା କରିଥିଲେ। ସ୍ୱର୍ଗତଃ ପଟ୍ଟନାୟକ କିଛି ମାସ ତଳେ ସ୍ୱର୍ଗଧାମରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ଉଦ୍ୟମକୁ ପ୍ରଶଂସା କରିଥିଲେ। ସ୍ୱର୍ଗତଃ ଚଇନୀ ଉପଦେଷ୍ଟା ଭାବେ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ଉଭୟଙ୍କ ବିୟୋଗ ଓଡ଼ିଆ ସମାଜ ପାଇଁ ଅପୂରଣୀୟ କ୍ଷତି ବୋଲି ମତ ପ୍ରକାଶ ପାଇଥିଲା। ସଭାରେ ସରୋଜିନୀ ମିଶ୍ର, କୃଷ୍ଣଚନ୍ଦ୍ର ପଣ୍ଡା, ବିଜୟ ଦାସ, କଲ୍ୟାଣୀ ନାୟକ, ପ୍ରେମାନନ୍ଦ ସ୍ୱାଇଁ, ଅଜୟ ବିଶ୍ୱାଳ ଉପସ୍ଥିତ ଥିଲେ।



ବାତ୍ୟା ଅମ୍ଫନ ପାଇଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବା ପାଇଁ ବାରଣ ପରେ ମଙ୍ଗଳବାର ଚନ୍ଦ୍ରଭାଗା ବେଳାଭୂମି ଶୂନ୍‌ଶାନ୍ ହୋଇପଡ଼ିଛି।

# ସହରକୁ ଅଣାୟତ୍ତ କରିବ ବର୍ଷାଜଳ

କଟକ ଅଫିସ,୧୯।୫

- ଜଳବନ୍ଦୀ ସମସ୍ୟା ଆଣିଦେବ ‘ଅମ୍ଫନ୍’
- ସମସ୍ୟା ବଢ଼ାଇବ ଜାଇକାର ଅଧାପନ୍ତରିଆ କାର୍ଯ୍ୟ
- ଜଳ ନିଷ୍କାସନ ପାଇଁ ଶତାଧିକ ପମ୍ପସେଟ୍ ପ୍ରସ୍ତୁତ
- ଖୋଲା ସରିଛି ସ୍ଲୁଇସ୍ ଗେଟ୍, ଜିରୋ ପଏଣ୍ଟ

ସାମୁଦ୍ରିକ ଝଡ଼ ‘ଅମ୍ଫନ୍’ ପ୍ରଭାବରେ ମଙ୍ଗଳବାର ମଧ୍ୟାହ୍ନରୁ ବର୍ଷା ଲାଗିରହିଛି। ଲଗାଣ ବର୍ଷାରେ କଟକ ଜଳବନ୍ଦୀ ହେବା ଏକ ନିୟମିତ ଘଟଣା। ଏବେ ଅମ୍ଫନ ପାଇଁ ବର୍ଷା ଲାଗିରହିଲେ କଟକ ଜଳବନ୍ଦୀ ହେବା ନିଶ୍ଚିତ। ଜାଇକା କାର୍ଯ୍ୟ ବନ୍ଦ ରହିବା, କଟକ ମହାନଗର ନିଗମ (ସିଏମ୍‌ସି) ପଙ୍କୋଦ୍ଧାର କାର୍ଯ୍ୟରେ ହେଳା କରିବା ଜଳବନ୍ଦୀ ସମସ୍ୟାକୁ ଡାକିଆଣିବ। ଏଭଳି ସ୍ଥିତିରେ ସହରବାସୀଙ୍କ ପାଇଁ କେବଳ ପମ୍ପସେଟ୍ ହିଁ ଏକମାତ୍ର ଭରସା।

ଅମ୍ଫନ୍ ପ୍ରଭାବରୁ ପାଗ କୋହଲା ରହିବା ସହ ସାମାନ୍ୟ ବର୍ଷା ଲାଗି ରହିଛି। ଦୁଇଘଣ୍ଟା ନିର୍ଘୂମ ବର୍ଷା ହେଲେ କଟକର ୪୦ ଭାଗରୁ ଅଧିକ ଅଞ୍ଚଳ ଜଳାର୍ଣ୍ଣବ ହୁଏ। ପଟାପୋଲ, କାଜିବଜାର, ଷ୍ଟିୱାର୍ଟପାଟଣା, ସୂତାହାଟ, ରକ୍ସିଲେନ, କେଶରପୁରଠାରୁ ଆରମ୍ଭ କରି ବାଦାମବାଡ଼ି ଅଞ୍ଚଳର ବାସିନ୍ଦା ଏହି ସମସ୍ୟାରେ ଘାଣ୍ଟି ହୁଅନ୍ତି। ଏହି ସବୁ ସ୍ଥାନରେ ଆଣ୍ଠୁଏ ବର୍ଷାଜଳ ଜମି ରହେ। ପ୍ରତ୍ୟେକ ବର୍ଷ ଖରା ଦିନେ ସିଏମ୍‌ସି ପକ୍ଷରୁ ପଙ୍କୋଦ୍ଧାର କରାଯାଏ। ମାତ୍ର ଚଳିତବର୍ଷ କରୋନା କଟକଣା ଯୋଗୁ ଏହି ପ୍ରକ୍ରିୟା ମଧ୍ୟ ଠିକ ଭାବେ ତ୍ୱରାନ୍ୱିତ ହୋଇନାହିଁ। ମୁଖ୍ୟ କେନାଲଗୁଡ଼ିକୁ ଦୃଷ୍ଟି ପକାଇଲେ ଚଳିତବର୍ଷ ସିଏମ୍‌ସି ପଙ୍କୋଦ୍ଧାର କାର୍ଯ୍ୟରେ ଫେଲ ମାରିଛି ବୋଲି କହିହେବ। ଅନ୍ୟପକ୍ଷରେ କରୋନା କଟକଣା ଯୋଗୁ ଜାଇକା କାର୍ଯ୍ୟ ମଧ୍ୟ ବନ୍ଦ ରହିଛି। ବିଭିନ୍ନ ଗଳିରେ ଅଧାପନ୍ତରିଆ ଭାବେ ଜାଇକାର ପ୍ରକଳ୍ପ କାର୍ଯ୍ୟ ପଡ଼ି ରହିଛି, ଯାହା ଜଳବନ୍ଦୀ ସମସ୍ୟାକୁ ବହୁଗୁଣିତ କରିବ। ଏଭଳି ପରିସ୍ଥିତିରେ ୧୦୦ରୁ ଅଧିକ ପମ୍ପସେଟ କେବଳ ଜଳ ନିଷ୍କାସନ ପାଇଁ ପ୍ରସ୍ତୁତ ରଖାଯାଇଥିବା ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି। ସିଏମ୍‌ସି ପାଖରେ ୨୭୦ ପମ୍ପସେଟ୍ ମହଜୁଦ ରହିଛି। ଏଥିରୁ ୧୦୦ଟି ପମ୍ପସେଟ୍ ବିଭିନ୍ନ ସ୍ଥାନକୁ ପଠା ସରିଛି। ପୂର୍ବରୁ ଯେଉଁ ଅଞ୍ଚଳଗୁଡ଼ିକ ଜଳବନ୍ଦୀ ରହେ, ସେଠାରେ ଏଗୁଡ଼ିକ ଲଗାଯିବ। ଅନ୍ୟପକ୍ଷରେ ଜାଇକା ଓ ଅଗ୍ନିଶମ ବିଭାଗ ପକ୍ଷରୁ ୧୦ଟି ଲେଖାଏ ଉଚ୍ଚକ୍ଷମତା ସମ୍ପନ୍ନ ପମ୍ପସେଟ୍ ବ୍ୟବସ୍ଥା ହୋଇଥିବା ଜଣାପଡ଼ିଛି। ଜାଇକା ପକ୍ଷରୁ ୪୨ ଏଚ୍‌ପିର ୪ଟି ପମ୍ପସେଟ୍ ମଧ୍ୟ ଜଳ ନିଷ୍କାସନରେ ବ୍ୟବହୃତ ହେବା ପାଇଁ ପ୍ରସ୍ତୁତ ରହିଛି। ବର୍ଷାଜଳ ନିଷ୍କାସନ ପାଇଁ ଖାନ୍‌ନଗର, ମାତୃଭବନ ସହ ଅନ୍ୟ ସ୍ଥାନରେ ଥିବା ସ୍ଲୁଇସ୍ ଗେଟ୍ ଓ ଜିରୋ ପଏଣ୍ଟ ଖୋଲା ସରିଛି।

## ୮୫୫ ଆଶ୍ରୟସ୍ଥଳରେ ରହିବେ ୮୬ହଜାର ଲୋକ

ଖୋର୍ଦ୍ଧା ଅଫିସ,୧୯।୫

- ପ୍ରତି ବାତ୍ୟା ଆଶ୍ରୟସ୍ଥଳ ଦାୟିତ୍ୱରେ ଜଣେ ନୋଡାଲ ଅଫିସର
- ୨ ଓଡ୍ରାଫ ଟିମ୍ ପ୍ରସ୍ତୁତ

‘ଅମ୍ଫନ’ ମୁକାବିଲା ଲାଗି ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏ ନେଇ ଜିଲାର ସମସ୍ତ ବିଡିଓ ଏବଂ ତହସିଲଦାରଙ୍କ ସହ ଜିଲାପାଳ ଆଲୋଚନା କରିଛନ୍ତି। ବାତ୍ୟାରେ ଯେପରି କାହାରି ପ୍ରାଣହାନି ନ ଘଟିବ ସେଥିପ୍ରତି ଗୁରୁତ୍ୱ ଦେଇଛି ପ୍ରଶାସନ। ୮୫୫ ବାତ୍ୟା ଆଶ୍ରୟସ୍ଥଳରେ ୮୬ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯିବା ପାଇଁ ବ୍ୟବସ୍ଥା ହୋଇଛି। ପ୍ରତି ବାତ୍ୟା ଆଶ୍ରୟସ୍ଥଳରେ ଜଣେ ସରକାରୀ ଅଧିକାରୀଙ୍କୁ ନୋଡାଲ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ଆଶ୍ରୟସ୍ଥଳୀରେ ଖାଦ୍ୟ ଓ ପାଣିର ବ୍ୟବସ୍ଥା କରାଯିବ ବୋଲି ମଙ୍ଗଳବାର ଜିଲାପାଳ ଶିତାଂଶୁ କୁମାର ରାଉତ କହିଛନ୍ତି। ମତ୍ସ୍ୟଜୀବୀଙ୍କୁ ସତର୍କ ରହିବା ସହ ଚିଲିକା ଭିତରକୁ ଯିବାକୁ ବାରଣ କରାଯାଇଛି। ଏହା ସହ ଚିଲିକା ଉପକୂଳରେ ରହୁଥିବା ମତ୍ସ୍ୟଜୀବୀଙ୍କୁ ଅନ୍ୟସ୍ଥାନକୁ ସ୍ଥାନାନ୍ତରିତ କରାଯିବ। ଅତି ଜରୁରୀ ନ ଥିଲେ ଘରୁ ନ ବାହାରିବାକୁ ଜିଲାପାଳ ଲୋକମାନଙ୍କୁ ନିବେଦନ କରିଛନ୍ତି। ବାତ୍ୟାକୁ ଦୃଷ୍ଟିରେ ରଖି ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରହିଛି। ଏ ନେଇ ଅଗ୍ନିଶମ ବାହିନୀଙ୍କୁ ସମସ୍ତ ଉପକରଣ ସହ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଛି। ୨ଟି ଓଡ୍ରାଫ ଟିମ୍ ପ୍ରସ୍ତୁତ ରହିଛନ୍ତି। ସମସ୍ତ ପରିସ୍ଥିତିକୁ ମୁକାବିଲା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ ରହିଛି ବୋଲି ଜିଲାପାଳ ରାଉତ କହିଛନ୍ତି।

## ୮ଶହ ପରିବାର ସ୍ଥାନାନ୍ତର

କୋଣାର୍କ,୧୯।୫(ଡି.ଏନ୍.ଏ.)

ଅମ୍ଫନ୍‌କୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ଏମ. ଶ୍ରୀନିବାସଙ୍କ ନେତୃତ୍ୱରେ ୮ଶହ ପରିବାରଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନାଯୋଗ୍ୟ, କୋଣାର୍କ ଏନ୍‌ଏସି ପକ୍ଷରୁ ଚନ୍ଦ୍ରଭାଗା ତେଲୁଗୁ ବସ୍ତି, ଡାଳିମ୍ବଗୋରଡି, କୋଣାର୍କ ଆଶ୍ରମ ସ୍କୁଲ, ବେରୁହଁ, ଅରକୁନ୍ଦ, ବିରିଜଙ୍ଗା ସମେତ ଏନ୍‌ଏସି ଅଧୀନସ୍ଥ ଚାଳଘର ଓ କଚାଘରେ ବସବାସ କରୁଥିବା ୮ଶହ ପରିବାର ବିପଦସଙ୍କୁଳ ଅବସ୍ଥାରେ ରହୁଥିଲେ। ବାତ୍ୟା ପାଇଁ ଏମାନଙ୍କୁ ସ୍ଥାନାନ୍ତରିତ କରାଯାଇ ଚନ୍ଦ୍ରଭାଗାସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ, ଡାଳିମ୍ବଗୋରଡି ପ୍ରାଥମିକ ବିଦ୍ୟାଳୟ, ଆଶ୍ରମ ସ୍କୁଲ, ବେରୁହଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟରେ ରଖାଯାଇଛି। ଏହି କାର୍ଯ୍ୟକ୍ରମରେ କୋଣାର୍କ ଏନଏସି ନୋଡାଲ ଅଫିସର ଭାଗୀରଥି ବରାଳ, କନିଷ୍ଠ ଯନ୍ତ୍ରୀ ଜଗଦୀଶ ନାୟକ, ନଳିନୀ ରଞ୍ଜନ ସାହୁ, ପଞ୍ଚାନନ ଲେଙ୍କା ଉପସ୍ଥିତ ଥିଲେ।

## ଉଦ୍ଧାର ପାଇଁ ଗଲା ସବୀରଙ୍କ ଟିମ୍

କଟକ ଅଫିସ,୧୯।୫: ଲିମ୍କା ବୁକ୍ ରେକର୍ଡଧାରୀ ତଥା ଅନ୍ତର୍ଜାତୀୟ ସମୁଦ୍ର ବୁଡ଼ାଳି ସବୀର ବକ୍ସଙ୍କ ଟିମ୍ ଭଦ୍ରକ ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ସାମୁଦ୍ରିକ ଝଡ଼ ‘ଅମ୍ଫନ୍’ରେ କ୍ଷୟକ୍ଷତି ଘଟିଲେ ଏହି ଟିମ୍ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବ। ଭଦ୍ରକର ଧାମରା ନିକଟସ୍ଥ ବିଦେଇଠାରେ ଏହି ଟିମ୍‌ର ରହଣୀ ବ୍ୟବସ୍ଥା କରାଯାଇଛି। ଟିମରେ ରଞ୍ଜିତ ମହାନ୍ତି, ପି. ରାଉତ, ପ୍ରଦୀପ ନାୟକ, ବିଜୟ ସେଠୀ, କୌଶିକ ଦାସ ଓ ମହମ୍ମଦ ଆସିଫ ରହିଛନ୍ତି। ଧାମରା ବନ୍ଦରରେ କାର୍ଯ୍ୟ କରୁଥିବା କେତେକ କର୍ମଚାରୀ ଓ ସ୍ଥାନୀୟ ଅଞ୍ଚଳର ସମୁଦ୍ର ବୁଡ଼ାଳି ଟିମ୍ ସହଯୋଗ ଦେବେ ବୋଲି ସବୀର କହିଛନ୍ତି।

## ୪୧ ପଞ୍ଚାୟତ ପାଇଁ ୧୦୦ ବାତ୍ୟା ଆଶ୍ରୟସ୍ଥଳ

ନିଶ୍ଚିନ୍ତକୋଇଲି,୧୯।୫(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକରେ ସମ୍ଭାବ୍ୟ ବାତ୍ୟା ଅମ୍ଫନ୍ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବ୍ଲକର ୪୧ ପଞ୍ଚାୟତ ପାଇଁ ୧୦୦ ବାତ୍ୟା ଆଶ୍ରୟସ୍ଥଳ କରାଯାଇଛି। ସେଠାକୁ ୯୨୯୧ ଜଣଙ୍କୁ ସ୍ଥାନାନ୍ତର କରିବା ପାଇଁ ବ୍ୟବସ୍ଥା କରାଯାଇଛି। ପଞ୍ଚାୟତ ପକ୍ଷରୁ ଶୁଖିଲା ଖାଦ୍ୟ ଚୁଡ଼ା ଓ ଚିନି ମହଜୁଦ୍ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାନୀୟ ଜଳ ଯୋଗାଣ ପାଇଁ ୧୦ ଟ୍ୟାଙ୍କର ସହ ଜେନେରେଟର ବ୍ୟବସ୍ଥା କରାଯାଇଛି । ବିଦ୍ୟୁତ୍ ସରବରାହ ପାଇଁ କର୍ମଚାରୀ ଓ ବିଦ୍ୟୁତ୍ ଠିକାଦାରଙ୍କୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କଳାବଜାର ରୋକିବାକୁ ଯୋଗାଣ ଅଧିକାରୀଙ୍କୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କଟକ ସଦର ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ନିଶ୍ଚିନ୍ତକୋଇଲିର ପଞ୍ଚାୟତଗୁଡିକ ପାଇଁ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ବ୍ଲକ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ କରିଛନ୍ତି । ଅପରାହ୍ନରେ ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର ବ୍ଲକ ଗସ୍ତ କରି ସ୍ଥିତି ସମୀକ୍ଷା କରିଛନ୍ତି।

## ସମୂହ ନମାଜ ପାଠ ଅନୁମତି ଦିଅ

କଟକ ଅଫିସ,୧୯।୫

**ଇଦ୍ ପାଇଁ ସ୍ମାରକପତ୍ର**
- ଘଣ୍ଟାଏ ପାଇଁ କଟକଣା କୋହଳ ହେଉ
- ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କଲା ଇସ୍‌ଲାମ୍ ସଙ୍ଗଠନ

କରୋନା ଭୂତାଣୁର ସଂକ୍ରମଣକୁ ରୋକିବା ପାଇଁ ସାରା ଦେଶରେ ଲକ୍‌ଡାଉନ୍ ଜାରି କରାଯାଇଛି। ତଦନୁଯାୟୀ, ଧାର୍ମିକ ସଭା ଓ କାର୍ଯ୍ୟକ୍ରମ ଉପରେ କଟକଣା ଲାଗିଛି। ଏଭଳିସ୍ଥଳେ ଇସ୍‌ଲାମ୍ ଧର୍ମର ଇଦ୍-ଉଲ୍-ଫିତର୍‌ରେ ସାରା ରାଜ୍ୟରେ ସମୂହ ନମାଜ୍ ପାଠ ପାଇଁ ନିବେଦନ କରିଛି ଅଞ୍ଜୁମନ ଇସ୍‌ଲାମିଆ ଅହେଲେ ସୁନ୍ନତ-ଓ-ଜମାତ୍ ସଙ୍ଗଠନ। ମଙ୍ଗଳବାର ଏନେଇ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଛି। ରାଜ୍ୟର ପ୍ରାୟ ୪ ହଜାର ମସ୍‌ଜିଦ୍‌ରେ କରୋନା ଗାଇଡ୍‌ଲାଇନ୍ ଅନୁଯାୟୀ ଇମାମ୍ (ମୌଲବୀ), ମୌସଜନ୍ ସହ ସର୍ବାଧିକ ୩ ଜଣ ଶ୍ରଦ୍ଧାଳୁ ନମାଜ ପାଠ ଓ ତରାବି ରୋଜା ପାଳୁଛନ୍ତି। ରାଜ୍ୟର ଅଗଣିତ ଇସ୍‌ଲାମ୍ ଧର୍ମାବଲମ୍ବୀ ମସ୍‌ଜିଦ୍‌କୁ ନ ଯାଇ କୌଣସି ପ୍ରକାର ଭିଡ଼ ନ କରି ଘରେ ରହି ରମଜାନ୍ ତରାବି, ରୋଜା ପାଳନ କରୁଛନ୍ତି। ମାତ୍ର ଇସ୍‌ଲାମ୍ ଧର୍ମର ପ୍ରଥା ଅନୁସାରେ ଇଦ୍‌ରେ ନମାଜ୍ କେବଳ ମସ୍‌ଜିଦ୍ ଓ ଇଦ୍‌ଘାରେ ହିଁ ହୋଇଥାଏ। ଚଳିତ ମାସ ୨୪ କିମ୍ବା ୨୫ ତାରିଖରେ ଇଦ୍ ପାଳନ ହେବ। ଉକ୍ତ ଦିନ ସାରା ରାଜ୍ୟରେ ଏକକ ସମୟରେ ଅର୍ଥାତ୍ ସକାଳ ୮ଟା ୩୦ରୁ ୯ଟା ୩୦ ପର୍ଯ୍ୟନ୍ତ ମାତ୍ର ଗୋଟିଏ ଘଣ୍ଟା ପାଇଁ ସମୂହ ନମାଜ୍ ପାଠ ପାଇଁ ନିୟମ କୋହଳ କରିବାକୁ ନିବେଦନ କରାଯାଇଛି।



ଭୁବନେଶ୍ୱରସ୍ଥିତ ରାଜମହଲ ଛକରେ ମଙ୍ଗଳବାର ସିପିଆଇ ପକ୍ଷରୁ ଶ୍ରମିକଙ୍କ ପେନସନ୍, ରାଶନ, ଶ୍ରମ ଆଇନକୁ ଭଣ୍ଡୁର କରା ନ ଯିବା ଦାବି ନେଇ ବିକ୍ଷୋଭ କରାଯାଉଛି।

## ଗାଡ଼ି ଲଗାଇବାକୁ କେନ୍ଦ୍ରକରି ଗୋଷ୍ଠୀସଂଘର୍ଷ, ୪ ଆହତ

ଖୋର୍ଦ୍ଧା ଅଫିସ,୧୯।୫

ବାଘମାରୀ ଥାନା ଅନ୍ତର୍ଗତ ସାରୁଆରେ ଏକ ପ୍ରକଳ୍ପ କାର୍ଯ୍ୟରେ ଗାଡି ଲଗାଇବାକୁ କେନ୍ଦ୍ରକରି ମଙ୍ଗଳବାର ଗୋଷ୍ଠୀ ସଂଘର୍ଷ ଘଟିଛି।ଏଥିରେ ୪ଜଣ ଆହତ ହୋଇଛନ୍ତି। ଏ ନେଇ ଉଭୟ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ସୂଚନା ଅନୁଯାୟୀ, ଅଞ୍ଚଳର ଜଣେ ଠିକାଦାର ସାରୁଆରେ ଏକ ପ୍ରକଳ୍ପ କାମ କରୁଛନ୍ତି। ଏହି ପ୍ରକଳ୍ପରେ ସ୍ଥାନୀୟ ଅଞ୍ଚଳର ଜଣେ ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତିଙ୍କ ସମର୍ଥକ ସେଠାରେ ଗାଡି ଲଗାଇବା ଲାଗି କହିଥିଲେ। ତେବେ ପ୍ରକଳ୍ପ କରୁଥିବା ବ୍ୟକ୍ତି ତାଙ୍କୁ ମନା କରିଥିଲେ। ଅନ୍ୟପଟେ ସେ ଅପରଗୋଷ୍ଠୀର ଜଣେ ବ୍ୟକ୍ତିଙ୍କୁ ଗାଡି ଲଗାଇବା ଲାଗି ଅନୁମତି ଦେଇଥିଲେ। ଏ ନେଇ ଗତ କିଛି ଦିନ ତଳେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଠାରେ ଆମ ଗାଡି ଯଦି ଲାଗିବ ନାହିଁ, ତେବେ ଅନ୍ୟ କାହାକୁ ମଧ୍ୟ ସୁଯୋଗ ଦିଆଯିବ ନାହିଁ ବୋଲି ସେମାନେ ଧମକ ଦେଇଥିଲେ। ମଙ୍ଗଳବାର ରାତିରେ ସମ୍ପୃକ୍ତ ଯୁବକ ମାନେ ହଠାତ୍ ସମ୍ପୃକ୍ତ ପ୍ରକଳ୍ପ କାମ କରୁଥିବା ଠିକାଦାରଙ୍କୁ ଆକ୍ରମଣ କରିଥିଲେ। ସେଠାରେ ଥିବା କର୍ମଚାରୀ ପ୍ରତିବାଦ କରିବାରୁ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏଥିରେ ୪ ଜଣ ଆହତ ହୋଇଛନ୍ତି। ଏ ନେଇ ଠିକାଦାର ଥାନାରେ ଏତଲା ଦେଇଛନ୍ତି। ଅନ୍ୟପଟେ ଆକ୍ରମଣକାରୀ ମାନେ ସେଠାରୁ ଫେରି ଆସି ସେହି ପ୍ରକଳ୍ପରେ ଗାଡି ଲଗାଇଥିବା ଅପରଗୋଷ୍ଠୀର ଯୁବକଙ୍କ ଘରେ ପଶି ଗାଳିଗୁଲଜ କରିବା ସହ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏ ନେଇ ଆକ୍ରମଣ ଶିକାର ବ୍ୟକ୍ତି ସେମାନଙ୍କ ବିରୋଧରେ ଥାନାରେ ଏତଲା ଦେଇଛନ୍ତି। ଏ ନେଇ ଉକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

## କମ୍ପାନୀ ଷ୍ଟୋରରୁ ଔଷଧ ଚୋରି

ଭୁବନେଶ୍ୱର,୧୯।୫ (ବ୍ୟୁରୋ): ଖଣ୍ଡଗିରି ଥାନା ଅଧୀନ ପାତ୍ରପଡ଼ାରେ ଥିବା ଏକ ଆୟୁର୍ବେଦିକ ମେଡିସିନ୍ କମ୍ପାନୀର ୬ ଲକ୍ଷ ୪୨ ହଜାର ଟଙ୍କାର ଔଷଧ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏହି ଅଭିଯୋଗ କରିଛନ୍ତି କମ୍ପାନୀର ସିନିୟର ମ୍ୟାନେଜର ଶିଲ୍ପା ବକ୍ସି। ଆଇପିସି ଦଫା ୪୦୬ରେ ମାମଲା ନଂ. ୨୭୬/୨୦ ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷେ ଅଭିଯୁକ୍ତ ଷ୍ଟୋର କର୍ମଚାରୀ ଫେରାର ହୋଇଯାଇଛନ୍ତି।

## ଖୋର୍ଦ୍ଧା ଉପଖଣ୍ଡରେ ୧୨ ଘଣ୍ଟିଆ କର୍ଫ୍ୟୁ

ଖୋର୍ଦ୍ଧା ଅଫିସ,୧୯।୫

କରୋନା ଲାଗି ଦେଶରେ ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ୍ ଜାରି ରହିଛି। ଏହି ସମୟରେ ସରକାର କେତେକ ନିୟମ କୋହଳ କରିଛନ୍ତି। ମଙ୍ଗଳବାର ଖୋର୍ଦ୍ଧା ଉପଜିଲାପାଳ ଶାନ୍ତନୁ କୁମାର ରାଉତ ସଂକ୍ରମଣ ନିୟନ୍ତ୍ରଣ ଲାଗି ଖୋର୍ଦ୍ଧା ଉପଖଣ୍ଡରେ ରାତି ୭ଟା ରୁ ସକାଳ ୭ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି କରିଛନ୍ତି। ଏହି କର୍ଫ୍ୟୁ ଲକ୍‌ଡାଉନ୍ ପର୍ଯ୍ୟନ୍ତ ଜାରି ରହିବ। ଅତି ଜରୁରୀ ନ ଥିଲେ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ଏହି ନିୟମକୁ ଉଲ୍ଲଂଘନ କଲେ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହାକୁ କାର୍ଯ୍ୟକାରୀ କରିବା ଲାଗି ଉପଜିଲାପାଳ ସମସ୍ତ ଥାନାର ଅଧିକାରୀ, ବିଡିଓ ଏବଂ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ କିଛି ଦିନ ମଧ୍ୟରେ ଖୋର୍ଦ୍ଧା ଉପଖଣ୍ଡରେ କରୋନା ପିଜିଟିଭ ଚିହ୍ନଟ ହୋଇଛନ୍ତି।

## ଆକାଉଣ୍ଟରୁ ୩ ଲକ୍ଷ ଲୁଟିନେଲେ ସାଇବର ଠକ

ଭୁବନେଶ୍ୱର,୧୯।୫(ବ୍ୟୁରୋ):

ଲକ୍‌ଡାଉନ୍ ସମୟରେ ସାଇବର ଅପରାଧୀମାନେ ସକ୍ରିୟ ହୋଇଉଠିଛନ୍ତି। ଘରେ ବସି ଲୋକଙ୍କୁ ଅନ୍‌ଲାଇନ୍‌ରେ ଲୋଭନୀୟ ସ୍କିମ୍ ଦେଖାଇ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଲୁଟି ନେଉଛନ୍ତି। ଏହି କ୍ରମରେ ଚନ୍ଦ୍ରଶେଖରପୁର ଥାନା ଶୈଳଶ୍ରୀବିହାର ଅଞ୍ଚଳରେ ଜଣେ ଯୁବକ ଠକାମିର ଶିକାର ହୋଇଛନ୍ତି। ଏନେଇ ସେ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଆଇପିସି ଦଫା ୪୧୯, ୪୨୦, ୪୬୫, ୪୭୧, ଏବଂ ଆଇଟି ଆକ୍ଟ ୬୬(ସି) ଓ ୬୬(ଡି)ରେ ଏକ ମାମଲା (ନଂ-୧୬୩/୨୦) ରୁଜୁ କରି ତଦନ୍ତ ଚଳାଇଛି। ଟଙ୍କା ହରାଇଥିବା ବ୍ୟକ୍ତି ଜଣଙ୍କ ନିଜର ନାମ ଗୋପନ ରଖି କହିଛନ୍ତି ଯେ, ଏକ ବିଦେଶୀ ଉତ୍ପାଦ କ୍ରୟ ପାଇଁ ଇଚ୍ଛା କରି ନିର୍ଦ୍ଦିଷ୍ଟ ଏକ ୱେବ୍‌ସାଇଟ୍ ଖୋଲିଥିଲେ। ଏହାପରେ ତାଙ୍କୁ ବିଭିନ୍ନ ଲୋଭନୀୟ ଅଫର ଆସିଥିଲା। ସେ ଉତ୍ସାହିତ ହୋଇ କିଛି ଶପିଂ ଓ ଭିଡ଼ିଓ ଡାଉନ ଲୋଡ୍ କରି ଦେଖୁଥିବା ବେଳେ ଟଙ୍କା ପଇଠ କରିବାକୁ ନିର୍ଦ୍ଦେଶ ଆସିଥିଲା। ସେ ଉକ୍ତ ସାଇଟ୍‌ରେ ନିଜର ବ୍ୟାଙ୍କ୍ ଆକାଉଣ୍ଟ ତଥ୍ୟ ପ୍ରଦାନ କରିଥିଲେ। ଏହାପରେ ତାଙ୍କ ଆକାଉଣ୍ଟରୁ ୩ଟି କିସ୍ତିରେ ୩ ଲକ୍ଷ ଟଙ୍କା କଟିଯାଇଥିଲା। ସବୁଠୁ ଆଶ୍ଚର୍ଯ୍ୟର କଥା ଏହି ଟଙ୍କା ଅଷ୍ଟ୍ରେଲିଆ ଡଲାରରେ କଟିଥିବା ଜଣାପଡ଼ିଛି। ସେ ଠକାମିର ଶିକାର ହୋଇଥିବା ଜାଣିବା ପରେ ଏନେଇ ପୋଲିସରେ ଅଭିଯୋଗ କରିଛନ୍ତି।

## ସହରରେ ଖୋଲିଲା ଆଧାର କେନ୍ଦ୍ର

କଟକ ଅଫିସ,୧୯।୫

**ଆରମ୍ଭରୁ ବ୍ୟତିକ୍ରମ**
- ସିଏମ୍‌ସି ଅଧୀନରେ ରହିଛି ୭ ଆଧାର କେନ୍ଦ୍ର
- ସାନିଟାଇଜର ନାହିଁ, ରହୁନି ସାମାଜିକ ଦୂରତ୍ୱ
- ଜଣଙ୍କ ଫିଙ୍ଗରପ୍ରିଣ୍ଟ ପରେ ସଫା ହେଉନି ବାୟୋମେଟ୍ରିକ



କଟକରେ ଲକ୍‌ଡାଉନ୍ କଟକଣା କୋହଳ ହେବା ପରେ ସହରରେ ଥିବା ଆଧାର କେନ୍ଦ୍ରଗୁଡ଼ିକ ଖୋଲିଛି। ଏବେଠାରୁ ସହରବାସୀ ଆଧାର କାର୍ଡ ସଂଶୋଧନ ଓ ଆବେଦନ କରିପାରିବେ। କିନ୍ତୁ ଏବେ ଆଧାର ସେବା ଆରମ୍ଭରୁ ବ୍ୟତିକ୍ରମ ଦେଖିବାକୁ ମିଳିଛି। କୋଭିଡ୍-୧୯ ରୋକିବା ପାଇଁ ଥିବା ଗାଇଡ୍‌ଲାଇନ ଆଧାର କେନ୍ଦ୍ରରେ ଉଲ୍ଲଂଘନ ହେଉଥିବା ଅଭିଯୋଗ ଉଠିଛି।

କଟକ ମହାନଗର ନିଗମ (ସିଏମ୍‌ସି) ଅଞ୍ଚଳରେ ୭ଟି ଆଧାର କେନ୍ଦ୍ର ରହିଛି। ସିଏମ୍‌ସିର ବିଜୁ ଭବନ, ବିକାଶ ଭବନ, ସିଡିଏ ସେକ୍ଟର-୯, ଜିଲାପାଳ କାର୍ଯ୍ୟାଳୟ, ବକ୍ସିବଜାର, ନୂଆପଡ଼ା ଓ ଶିଖରପୁରରେ ଏହି କେନ୍ଦ୍ର ଅଛି। କଟକକୁ ଗ୍ରୀନ୍ ଜୋନ୍ ଘୋଷଣା କରାଯିବା ପରେ ଲକ୍‌ଡାଉନ୍ କଟକଣା କୋହଳ କରାଯାଇଥିଲା। ସେଥିପାଇଁ ଦୁଇଦିନ ହେବ ଆଧାର ସେବା ଆରମ୍ଭ ହୋଇଛି। ରାଜ୍ୟ ସରକାର ଆଧାର କେନ୍ଦ୍ର ଖୋଲିବା ପାଇଁ କିଛି ଗାଇଡଲାଇନ ରଖିଥିଲେ ମଧ୍ୟ ଆରମ୍ଭରୁ କେନ୍ଦ୍ରର ଅପରେଟରମାନେ ଏହାର ଉଲ୍ଲଂଘନ କରୁଛନ୍ତି। ଆବେଦନକାରୀ ଓ ଅପରେଟରଙ୍କ ମଧ୍ୟରେ ସର୍ବନିମ୍ନ ୧ ମିଟର ଦୂରତା ରହୁନାହିଁ। ବିକାଶ ଭବନସ୍ଥିତ କେନ୍ଦ୍ରରେ ସାନିଟାଇଜର, ସାବୁନ କିମ୍ବା ହ୍ୟାଣ୍ଡ ୱାଶ୍ ବ୍ୟବସ୍ଥା ନାହିଁ। କୌଣସି ବ୍ୟକ୍ତିଙ୍କ ବାୟୋମେଟ୍ରିକ ନେବା ପରେ ତାହାକୁ ସଫା କରାଯାଉନାହିଁ। ଫଳରେ କରୋନା ସଂକ୍ରମଣର ଆଶଙ୍କା ରହୁଛି।

**ବଢ଼ିଲା ଆଧାର ସଂଶୋଧନ ଦେୟ**

ଆଧାର କେନ୍ଦ୍ର ପୁନର୍ବାର ଖୋଲିବା ପରେ ଆଧାର ସଂଶୋଧନ ଦେୟ ବୃଦ୍ଧି ପାଇଛି। ପୂର୍ବରୁ ସଂଶୋଧନ ପାଇଁ ୫୦ ଟଙ୍କା ଓ ନୂତନ ଆଧାର ଆବେଦନ ପାଇଁ କୌଣସି ମୂଲ୍ୟ ଦେବାକୁ ପଡୁ ନ ଥିଲା। ମାତ୍ର ଏବେ ସଂଶୋଧନ ପାଇଁ ଦେୟ ବୃଦ୍ଧି କରାଯାଇ ୧୦୦ ଟଙ୍କା କରାଯାଇଛି।

## ସଂକ୍ଷେପରେ

### ମାଙ୍କଡ଼ା ପଥର ଚାଲାଣ ବେଳେ ୪ ଗାଡ଼ି ଜବତ

**ଓଡ଼ଗାଁ,୧୯।୫(ସ୍ୱ.ପ୍ର.):** ଓଡ଼ଗାଁ ତହସିଲଦାର ବିଜୟିତା ସାମନ୍ତସିଂହାର କୋଭିଡ୍-୧୯ ନିୟମ ଉଲ୍ଲଂଘନ କରି ମାଙ୍କଡା ପଥର ଚାଲାଣ କରିବା ଅଭିଯୋଗରେ ସୋମବାର ରାତିରେ ୨ ମିନି ଟ୍ରକ୍ ଓ ୨ ଟ୍ରାକ୍ଟର ଜବତ କରିଛନ୍ତି। କୋଭିଡ୍-୧୯ ଆଇନ ଅନୁସାରେ ସନ୍ଧ୍ୟା ୭ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ଜରୁରିକାଳୀନ ସେବା ବ୍ୟତୀତ ଅନ୍ୟ ସମସ୍ତ ଚଳପ୍ରଚଳକୁ ସରକାର ନିଷେଧ କରିଛନ୍ତି। ଏପରିସ୍ଥଳେ କୋମଣ୍ଡ, ରୋହିବାଙ୍କ ଓ ଭଗବତୀପ୍ରସାଦରେ ଥିବା ବେଆଇନ ମାଙ୍କଡା ଖଣିରୁ ମାଙ୍କଡା ପଥର ଚାଲାଣ ହେଉଥିବା ଖବର ମିଳିଥିଲା। ତହସିଲଦାର ଦୁଇଟି ଟିମ୍ ଗଠନ କରି ରାତିରେ ଉକ୍ତ ଖଣିରେ ଚଢାଉ କରିଥିଲେ। ଏହି ସମୟରେ ଓଡି୨୫ ୨୬୬୬, ଓଆର୦୨ଏକ୍ସ ୪୯୦୩ ମିନିଟ୍ରକ୍, ଓଡି୨୫ଇ ଓ ଓଡି୨୫ଏଫ୍୨୮୪୩ ନମ୍ବର ବିଶିଷ୍ଟ ମାଙ୍କଡା ବୋଝେଇ ଟ୍ରାକ୍ଟର ଜବତ କରିଥିଲେ। ଚାଳକ ଫେରାର ହୋଇଯାଇଥିବାବେଳେ ଗାଡି ସବୁ ଥାନାକୁ ଅଣାଯାଇଛି। ସେହିପରି କୋଭିଡ୍-୧୯ ଆଇନ ଉଲ୍ଲଂଘନ କରି ଅପରାହ୍ନ ୧ଟାପରେ ଦୋକାନ ଖୋଲିବା ଅଭିଯୋଗରେ ଶରଣକୁଳ, ବଡପୁଟ ଛକ ଓ ସ୍ଥାନୀୟ ଏନ୍ଏସି ସ୍ଥିତ ଲକ୍ଷ୍ମୀବଜାରରେ ତହସିଲଦାର ୨୬ ଦୋକାନୀଙ୍କଠାରୁ ୮୨୦୦ ଟଙ୍କା ଜରିମାନା ଆଦାୟ କରିଥିବା ପ୍ରକାଶ କରିଛନ୍ତି।

### ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ଦାବିପତ୍ର

**ଏରସମା,୧୯।୫(ସ୍ୱ.ପ୍ର.):** ଏରସମା ବ୍ଲକ୍ ସିପିଆଇ ପକ୍ଷରୁ ମଙ୍ଗଳବାର ଏକ ଶୋଭାଯାତ୍ରା କରାଯିବା ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ଦାବିପତ୍ର ଦିଆଯାଇଛି। ଶୋଭାଯାତ୍ରା ସିପିଆଇ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରୁ ବାହାରି ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସିପିଆଇ ଜିଲା ସମ୍ପାଦକ ଅଭିଜିତ୍ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରାରେ ଶଶିଭୂଷଣ ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧକ୍ଷ ରାମଚନ୍ଦ୍ର ମୁଦୁଲି, ବଂଶୀଧର ବେହେରା, ସର୍ବେଶ୍ୱର ବେଉରା ପ୍ରମୁଖ ଶତାଧିକ କର୍ମୀ ସାମିଲ ହୋଇଥିଲେ। ଦାବିପତ୍ରରେ ରାଜ୍ୟ ସରକାରଙ୍କୁ କେନ୍ଦ୍ର ସରକାର ପର୍ଯ୍ୟାପ୍ତ ପାଣ୍ଠି ଯୋଗାଇ ଦେବା, ପ୍ରବାସୀ ଶ୍ରମିକଙ୍କୁ ସରକାରୀ ଖର୍ଚ୍ଚରେ ଘରକୁ ପଠାଇବା ବ୍ୟବସ୍ଥା କରିବା, ପ୍ରବାସୀ ଶ୍ରମିକଙ୍କ ପରିବାରକୁ ୧୦,୦୦୦ ଟଙ୍କା ସହାୟତା ପ୍ରଦାନ, ଛାତ୍ରୀଛାତ୍ରଙ୍କ ଫି’ ଛାଡ, ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଓ ଉପଯୁକ୍ତ ବ୍ୟକ୍ତିଙ୍କୁ ଭତ୍ତା ପ୍ରଦାନ କରିବା ନେଇ ଦର୍ଶାଯାଇଛି। ଦାବିପତ୍ରକୁ କର୍ମୀମାନେ ଏରସମା ଅତିରିକ୍ତ ତହସିଲଦାର ଜ୍ଞାନୀ ମହାନ୍ତିଙ୍କୁ ପ୍ରଦାନ କରିଛନ୍ତି।

### ଜଳିଗଲା ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି

**ନୟାଗଡ଼ ଅଫିସ,୧୯।୫:** ନୟାଗଡ଼ ତହସିଲ ଲାଠିପଡା ଟାଙ୍ଗିସାହିରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ଗୋପୀନାଥ ଦଳବେହେରା ଓ ପ୍ରକାଶ ଦଳବେହେରାଙ୍କ ୨ବଖରା ଜଳିଯାଇଛି। କ୍ଷୟକ୍ଷତିର ପରିମାଣ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଶର୍ଟ ସର୍କିଟ ହୋଇ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ନୟାଗଡ ଦମକଳ କେନ୍ଦ୍ର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଅମ୍ଫାନ ପାଇଁ ୧୦୦ ବିଦ୍ୟାଳୟ ପ୍ରସ୍ତୁତ

**ରସୁଲପୁର, ୧୯।୫ (ଡି.ଏନ୍.ଏ.):** ବାତ୍ୟା ‘ଅମ୍ଫାନ୍’ ପ୍ରଭାବରେ ଉପକୂଳ ଓଡ଼ିଶାର ବିଭିନ୍ନ ଜିଲା ପ୍ରଭାବିତ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବା ବେଳେ କେତେକ ଜିଲାରେ ବର୍ଷା ଆରମ୍ଭ ହୋଇଯାଇଛି। ଏହାକୁ ନେଇ ରସୁଲପୁର ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପ୍ରବାସୀ ଶ୍ରମିକମାନେ ରହୁଥିବା ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ଅନ୍ତେବାସୀଙ୍କ କିପରି ଅସୁବିଧା ନ ହେବ ସେ ନେଇ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ସଙ୍ଗରୋଧ କେନ୍ଦ୍ର ଦାୟିତ୍ୱରେ ଥିବା ସ୍ଥାନୀୟ ସରପଞ୍ଚ, ନୋଡାଲ ଅଫିସର, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସ୍‌ମାନଙ୍କୁ ଏ ନେଇ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି। ଏହାଛଡ଼ା ଆବଶ୍ୟକସ୍ଥଳେ ଲୋକଙ୍କୁ ସ୍ଥାନାନ୍ତର କରିବା ସକାଶେ ବ୍ଲକ ଅଧୀନ ୧୦୦ଟି ବିଦ୍ୟାଳୟକୁ ପ୍ରସ୍ତୁତ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# କାମ କରୁଛି ମେଶିନ: ଜୀବିକା ହରାଉଛନ୍ତି ଶ୍ରମିକ

**ଯାଜପୁର ଅଫିସ୍,୧୯।୫**

କରୋନା ଭୂତାଣୁ ସଂକ୍ରମଣ ରୋକିବା ସକାଶେ ଦେଶବ୍ୟାପୀ ଲକ୍‌ଡାଉନ୍ ଘୋଷଣା ହୋଇଥିବା ବେଳେ ଏଥିଯୋଗୁ ଅନେକ ଶ୍ରମିକ, ଦିନ ମଜୁରିଆଙ୍କ କାମଧନ୍ଦା ବନ୍ଦ ହୋଇଯାଇଛି। ଏହି ସମୟରେ ଶ୍ରମିକମାନଙ୍କୁ ରୋଜଗାର ଦେବା ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟାରମ୍ଭ କରାଯାଇ ଶ୍ରମିକ ନିୟୋଜିତ କରାଯାଉଥିବା ବେଳେ ଯାଜପୁର ଜିଲା ପ୍ରଶାସନ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାକୁ ଗୁରୁତ୍ୱାରୋପ କରୁଛନ୍ତି। କିନ୍ତୁ କୋରେଇ ବ୍ଲକ ବୈତରଣୀ ନଦୀପଠାର ସାଆଁଳା ବାଲି ଖାଦାନରେ ଶ୍ରମିକ ବଦଳରେ ବେଆଇନ ଭାବେ ମେଶିନ ବ୍ୟବହାର କରାଯାଇ ଶ୍ରମିକଙ୍କ ଜୀବିକାକୁ କ୍ଷତି ପହଞ୍ଚାଯାଉଛି। ଏହାବାଦ ଗାଁ ରାସ୍ତା ଦେଇ ହାଇୱା ଗାଡ଼ି ଚଳାଚଳ ଯୋଗୁ ରାସ୍ତା ନଷ୍ଟ ହେଉଥିବା ବେଳେ ପ୍ରଦୂଷଣ ସମସ୍ୟା ଉତ୍କଟ ହେଉଛି ବୋଲି ଓଁ ମା’ସାଆଁଳାଶୁଣୀ ମହୋତ୍ସବ କମିଟି ଓ କୋରେଇ ବ୍ଲକ ରଣପୁର ସରପଞ୍ଚ ଅଜୟ ହାତୀ ତହସିଲଦାରଙ୍କୁ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ ୨୦୧୭ ଏପ୍ରିଲ ୨୮ ତାରିଖରେ ସାଆଁଳା ବାଲିଘାଟରୁ ବେଆଇନ ବାଲି ଉତ୍ତୋଳନ ମାମଲା (କେସ୍ ନଂ.୧୬୨/୨୦୧୬/ଇଜେଡ୍)ର ଶୁଣାଣି କରି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ପକ୍ଷରୁ ହୋଇଥିବା ନିର୍ଦ୍ଦେଶକୁ ମଧ୍ୟ ଉଲ୍ଲଂଘନ କରାଯାଇଛି।



ସାଆଁଳା ବାଲି ଘାଟରେ ଜେସିବି ମେଶିନ୍ ସାହାଯ୍ୟରେ ବାଲି ଉତ୍ତୋଳନ କରାଯାଉଛି।

୨୦୧୭ରେ ବାଲି ଖାଦାନ ଓ ପରିବହନରେ ପ୍ରଭାବିତ ସାଆଁଳା ଓ ଆଖପାଖ ଗ୍ରାମବାସୀ ବ୍ୟାସନଗର ତହସିଲଦାରଙ୍କ ସମେତ ଉପଜିଲାପାଳ, ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ସମ୍ପୃକ୍ତ ବାଲି ବ୍ୟବସାୟୀଙ୍କ କବ୍‌ଜାରେ ଜିଲା ରାଜସ୍ୱ ବିଭାଗର ଅଧିକାଂଶ ଅଧିକାରୀ ଛନ୍ଦି ହୋଇଥିବାରୁ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏହାପରେ ସାଆଁଳା ଗ୍ରାମବାସୀ ଏନ୍‌ଜିଟିର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ହେଭି ଭେଇକିଲ୍ ଚଳାଚଳ ନ କରିବା ଓ ମେଶିନ ସହାୟତାରେ ବାଲି ଉତ୍ତୋଳନ ନ କରି ଶ୍ରମିକ ନିୟୋଜିତ କରିବାକୁ ଏନଜିଟି ପକ୍ଷରୁ ନିର୍ଦ୍ଦେଶ ହୋଇଥିଲା। ଆଇନ ଉଲ୍ଲଂଘନ କରୁଥିବା ଲିଜ୍‌ଧାରୀଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ

**ସାଆଁଳା ବାଲିଘାଟ**
- ଚୁକ୍ତି ମାନୁନାହାନ୍ତି ଲିଜ୍‌ଧାରୀ
- ମେଶିନରେ ହେଉଛି ବାଲି ଉତ୍ତୋଳନ
- ଏନ୍‌ଜିଟି ନିର୍ଦ୍ଦେଶକୁ ବେଖାତିର

ନେବାକୁ ଜିଲା ପ୍ରଶାସନକୁ ପରାମର୍ଶ ଦିଆଯାଇଥିଲା। ଏହାପରେ କିଛିଦିନ ଏନ୍‌ଜିଟିର ନିର୍ଦ୍ଦେଶକୁ ମାନି ସାଆଁଳା ବାଲି ଘାଟ ବନ୍ଦ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ନିର୍ଦ୍ଦେଶକୁ ଫୁ କରି ପ୍ରତ୍ୟହ ମେଶିନ ସାହାଯ୍ୟରେ ବାଲି ଉତ୍ତୋଳନ ହେଉଛି। ଏହି ମର୍ମରେ ରଣପୁର ସରପଞ୍ଚ ହାତୀ ବ୍ୟାସନଗର ତହସିଲଦାରଙ୍କୁ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି, ସାଆଁଳା ଗ୍ରାମ ବାଲିଘାଟ ଲିଜଧାରୀ ଦେବେନ୍ଦ୍ର ଘଡ଼େଇ ଡମ୍ପିଂ କରିଥିବା ବାଲିକୁ ଗତ ୧୦।୫।୨୦୨୦ ତାରିଖରୁ ମେଶିନ ଲଗାଇ ହାଇୱାରେ ଲୋଡ୍ କରି ଚାଲାଣ କରୁଛନ୍ତି। ତହସିଲଦାର ଏଥିପାଇଁ ଅନୁମତି ଦେଇଥିବା ଲିଜ୍‌ଧାରୀ କହୁଛନ୍ତି। ଗତ ୫ ବର୍ଷରେ ଓଭରଲୋଡିଂ ବାଲି ଚାଲାଣରେ ପଞ୍ଚାୟତର ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ତେଣୁ ବାଲି ଚାଲାଣ ବନ୍ଦ କରିବାକୁ ସରପଞ୍ଚ ହାତୀ ଅନୁରୋଧ କରିଛନ୍ତି। ସେହିପରି ଓଁ ମା ସାଆଁଳାଶୁଣୀ ମହୋତ୍ସବ କମିଟି ସଭାପତି ରାଧାଶ୍ୟାମ କର, ସମ୍ପାଦକ ହରେକୃଷ୍ଣ ବାରିକ ପ୍ରମୁଖ କୋରେଇ ଥାନାଧିକାରୀଙ୍କୁ ଦେଇଥିବା ସ୍ମାରକପତ୍ରରେ ଦର୍ଶାଇଛନ୍ତି ଯେ, ସାଆଁଳା ବାଲିଘାଟରେ ପୋଲିସ ଉପସ୍ଥିତିରେ ମେଶିନରେ ସାହାଯ୍ୟରେ ବାଲି ଉଠାଯାଇ ହାଇୱାରେ ଲୋଡ୍ କରାଯାଉଛି। ଲିଜ୍‌ଧାରୀମାନେ ଚୁକ୍ତିଠାରୁ ବହୁ ଅଧିକ ପରିମାଣର ବାଲି ଉଠାଇ ଜାତୀୟ ସମ୍ପତ୍ତିକୁ ଲୁଟ୍ କରୁଛନ୍ତି। ପ୍ରତିବାଦ କଲେ ଅବସ୍ଥା ଭୟଙ୍କର ହେବ ବୋଲି ଗ୍ରାମବାସୀଙ୍କୁ ଧମକ ଦିଆଯାଉଛି। ତେଣୁ ପ୍ରଶାସନ ତରଫରୁ ଉକ୍ତ ବାଲିଘାଟ ବନ୍ଦ କରିବାକୁ କମିଟି ପକ୍ଷରୁ ଦାବି ହୋଇଛି। ଏ ସଂକ୍ରାନ୍ତରେ ବ୍ୟାସନଗର ତହସିଲଦାର ଶରତ ମହାପାତ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ବି ସେ ଫୋନ୍ ରିସିଭ୍ ନ କରିବାରୁ ତାଙ୍କ ମତାମତ ନିଆଯାଇପାରିନାହିଁ।

## ଅମ୍ଫାନ ମୁକାବିଲା: ଜିଲା ପ୍ରଶାସନର ତତ୍ପରତା

**ଯାଜପୁର ଟାଉନ୍, ୧୯।୫ (ଡି.ଏନ୍.ଏ.)**

ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ପ୍ରତ୍ୟେକେ ସତର୍କ ରହିବାକୁ ଜିଲାପାଳ ରଞ୍ଜନ କୁମାର ଦାସ ଜିଲାବାସୀଙ୍କୁ ଅନୁରୋଧ କରିଛନ୍ତି। ବାତ୍ୟା ମୁକାମିଲା ପାଇଁ ମଙ୍ଗଳବାର ପୂର୍ବାହ୍ନରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଅଧ୍ୟକ୍ଷତା କରିଥିଲେ। ଏକାଧିକବାର ବୈଠକ କରାଯାଇ ବିଡିଓ, ତହସିଲଦାର, ଅନ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ବାତ୍ୟା ମୁକାବିଲା ନିମନ୍ତେ ଦିଆଯାଇଥିବା ଦାୟିତ୍ୱର ସମୀକ୍ଷା କରାଯାଇଥିଲା। ଜିଲାରେ ଓଡ୍ରାଫ୍ ଓ ଏନ୍‌ଡିଆରଏଫ୍‌ର ୨ଟି ଟିମ୍ ଓ ଅଗ୍ନିଶମ ବାହିନୀର ୧୩ଟି ଟିମ୍ ପ୍ରସ୍ତୁତ ରହିଥିବା ଜଣାପଡ଼ିଛି। ଜିଲାର ୨୦ଟି ବାତ୍ୟା ଆଶ୍ରୟସ୍ଥଳ ଓ ହଜାରେରୁ ଊର୍ଦ୍ଧ୍ୱ ସ୍କୁଲକୁ ତଳିଆ ଅଞ୍ଚଳର ଲୋକଙ୍କୁ ସ୍ଥାନାନ୍ତର କରିବାକୁ ପ୍ରସ୍ତୁତ ରଖାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ବିଭିନ୍ନ ସ୍ଥାନରେ ଲଗାଯାଇଥିବା ହୋର୍ଡିଂ ଓ ବ୍ୟାନର ହଟାଇଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, କଳିଙ୍ଗ ନଗର ଅତିରିକ୍ତ ଜିଲପାଳ ସନ୍ତୋଷ କୁମାର ମିଶ୍ର, ରାଜସ୍ୱ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ, ଅତିରିକ୍ତ ଜିଲପାଳ ମିହିର ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରମିକଙ୍କ ପ୍ରତି ଅବହେଳାକୁ ଏସ୍‌ୟୁସିଆଇର ବିରୋଧ

**ଧର୍ମଶାଳା, ୧୯।୫ (ଡି.ଏନ୍.ଏ.)**

ଧର୍ମଶାଳା ଶାଖା ଏସ୍‌ୟୁସିଆଇର ଜାରକା ଆଞ୍ଚଳିକ କମିଟି ପକ୍ଷରୁ ପ୍ରବାସୀ ଓଡିଆ ଶ୍ରମିକମାନଙ୍କୁ ସୁରକ୍ଷିତ ଭାବେ ଘରେ ପହଞ୍ଚାଇବା ସହ ଖାଦ୍ୟପେୟ ବ୍ୟବସ୍ଥା କରିବା ଆଦି ସମ୍ପର୍କରେ ବିଡିଓଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। କମ୍ରେଡ ମଧୁସ୍ମିତା ସାହୁଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଜାରକା ବଜାର ପରିକ୍ରମା କରିଥିଲେ। ଏହାପରେ ୭ ଦଫା ଦାବି ସମ୍ବଳିତ ଉକ୍ତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦିଆଯାଇଥିବା ଜଣାପଡ଼ିଛି। ଲକ୍‌ଡାଉନ୍ ଯୋଗୁ ରୋଜଗାର ହରାଇବା ପରେ ଶ୍ରମିକମାନେ ଘରକୁ ଫେରୁଛନ୍ତି। କିନ୍ତୁ ସେମାନଙ୍କ ଫେରିବା ଲାଗି ବ୍ୟବସ୍ଥା ହେଉ ନ ଥିବାରୁ ପ୍ରବାସୀ ଶ୍ରମିକମାନେ ଚାଲି ଚାଲି ଫେରିବା ସମୟରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କରୁଥିବା ଅବହେଳାକୁ ଏସ୍‌ୟୁସିଆଇ ପକ୍ଷରୁ ଦୃଢ ବିରୋଧ କରାଯାଇଛି। ଶ୍ରମିକମାନଙ୍କୁ ୧୦ ହଜାର ଟଙ୍କା ଲେଖାଏ ସହାୟତା ଯୋଗାଇଦେବା ସହ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ କମ୍ରେଡ୍ ସଞ୍ଜୁକ୍ତା ସାହୁ, ପ୍ରଭାତୀ ମଲ୍ଲିକ, ଦମୟନ୍ତୀ ମୁଦୁଲି, ସସ୍ମିତା ସାହୁ, ପ୍ରଶାନ୍ତ ସ୍ୱାଇଁ, ଉଦୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




ଏସ୍‌ୟୁସିଆଇ କର୍ମକର୍ତ୍ତା ପ୍ଲାକାର୍ଡ ଦେଖାଇ ପ୍ରତିବାଦ କରୁଛନ୍ତି।

## ଜଗତ୍‌ସିଂହପୁରରେ ଆଉ ୩ ପଜିଟିଭ ଚିହ୍ନଟ

**ବାଲିକୁଦା,୧୯।୫(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲାରେ ମଙ୍ଗଳବାର ଆଉ ୩ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନେ ବାଲିକୁଦା ବ୍ଲକ ଅଧୀନ ଗରାମ ପଞ୍ଚାୟତର ଜଣେ ଓ ଅନ୍ୟ ଦୁଇ କାଳିଓ ପଞ୍ଚାୟତର। ସମସ୍ତେ ସୁରଟରୁ ଫେରିଥିଲେ। ସେମାନଙ୍କୁ ମିଶାଇ ଜିଲାରେ ପଜିଟିଭ ସଂଖ୍ୟା ୨୮ରେ ପହଞ୍ଚିଛି। ଏଥିରୁ ନାଉଗାଁର ୫ ସୁସ୍ଥ ହୋଇ ଫେରିଛନ୍ତି। ଏବେ ୨୩ଜଣ ଚିକିତ୍ସାଧୀନ ଅଛନ୍ତି। ସୋମବାର ୨୦ ପଜିଟିଭ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୯ ନାଉଗାଁର ହୋଇଥିବାବେଳେ ଜଣେ କୁଜଙ୍ଗର ଥିଲେ। କାଳିଓ ପଞ୍ଚାୟତ ପଜିଟିଭଙ୍କ ମଧ୍ୟରୁ ଜଣେ ତଣ୍ଡାଉଣୀର ହୋଇଥିବାବେଳେ ଅନ୍ୟ ଜଣେ ଭୋଦାରର। ଗରାମରୁ ବାହାରଥିବା ପଜିଟିଭଙ୍କ ଘର ଚଅଁରପୁର। କାଳିଓର ଦୁଇ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରର ୪୨ଜଣଙ୍କ ମଧ୍ୟରୁ ପୂର୍ବରୁ ନେଗେଟିଭ୍ ଆସିଥିବା ୮ଙ୍କୁ ହୋମ କ୍ୱାରାଣ୍ଟାଇନକୁ ପଠାଇ ଦିଆଯାଇଛି। ଅନ୍ୟ ୧୧ଜଣଙ୍କ ଟେଷ୍ଟ ପାଇଁ ପଠା ଯାଇଥିଲା। ସେମାନଙ୍କ ମଧ୍ୟରୁ ଦୁଇ ରିପୋର୍ଟ ପଜିଟିଭ ଆସିଛି। ଅନ୍ୟ ପ୍ରବାସୀଙ୍କ ସ୍ୱାବ ସଂଗ୍ରହ ହୋଇନାହିଁ। ଗରାମର ଦୁଇ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ୩୩ଙ୍କ ମଧ୍ୟରୁ ପୂର୍ବରୁ ନେଗେଟିଭ ଥିବା ୨ଜଣଙ୍କୁ ହୋମ କ୍ୱାରାଣ୍ଟାଇନକୁ ପଠାଇ ଦିଆଯାଇଥିଲା। ଅନ୍ୟ ୯ଜଣଙ୍କ ସ୍ୱାବ ପରୀକ୍ଷା ପାଇଁ ଯାଇଥିଲା। ସେଥିରୁ ଜଣଙ୍କ ନମୁନା ପଜିଟିଭ ଆସିଥିବା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ସୂଚନା ଦେଇଛନ୍ତି।

## ଯାଜପୁର: ଗୋଟିଏ ଦିନରେ ୩୧ ଚିହ୍ନଟ

**ଯାଜପୁର ଅଫିସ୍/ରସୁଲପୁର/ ବିଞ୍ଝାରପୁର/ଯାଜପୁର ଟାଉନ୍ (ଡି.ଏନ.ଏ.), ୧୯।୫**

- କରୋନା ସଂକ୍ରମିତ ସଂଖ୍ୟା ୧୬୮ରେ ପହଞ୍ଚିଲା
- ବରୀରୁ ୯, ଯାଜପୁରରୁ ୭, ଧର୍ମଶାଳାରୁ ଜଣେ, ରସୁଲପୁରରୁ ୫, ବିଞ୍ଝାରପୁରରୁ ୩ ଓ ଦଶରଥପୁର ବ୍ଲକରୁ ୬ ଚିହ୍ନଟ

ଯାଜପୁର ଜିଲାରେ ମଙ୍ଗଳବାର ୩୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତ ସଂଖ୍ୟା ୧୬୮ରେ ପହଞ୍ଚିଛି। ସଂକ୍ରମିତଙ୍କ ମଧ୍ୟରୁ ଧର୍ମଶାଳା ବ୍ଲକ ନେଉଳପୁରର ୫୧ ବର୍ଷୀୟ ପୁରୁଷ ତେଲେଙ୍ଗାନା ଫେରନ୍ତା ହୋଇଥିବାବେଳେ ଅନ୍ୟ ୩୦ ଜଣ କୋଲକୋତା ଫେରନ୍ତା ବୋଲି ସୂଚନା ମିଳିଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସୂଚନା ଅନୁସାରେ, ବରୀ ବ୍ଲକ ଅଧୀନ ଗହପାଳ ଗ୍ରାମର ୪୦ ବର୍ଷୀୟ ପୁରୁଷ, ମହମ୍ମଦପୁରର ୪୭ ବର୍ଷୀୟ ପୁରୁଷ, ତଳକାଇପଡାର ୫୧ ବର୍ଷୀୟ ପୁରୁଷ, ଚନ୍ଦନପୁରର ୨୬ ଓ ୫୧ ବର୍ଷୀୟ ପୁରୁଷ, ମିର୍ଜାପୁରର ୮ ବର୍ଷୀୟ ପୁରୁଷ ଏବଂ ଗହପାଳର ୩୪ ଓ ୯ ବର୍ଷୀୟ ପୁରୁଷ, ମିର୍ଜାପୁରର ୩୯ବର୍ଷୀୟ ମହିଳା ସଂକ୍ରମିତ ହୋଇଛନ୍ତି। ସେହିପରି ଯାଜପୁର ବ୍ଲକ ନାଥସାହି ଗ୍ରାମର ୫୬ ଓ ୩୭ ବର୍ଷୀୟ ପୁରୁଷ, ବଡସୁଆରର ୫୨ ବର୍ଷୀୟ ପୁରୁଷ, ନୂଆକୁଳ ୬୨, ଜହଲର ୫୮ ବର୍ଷୀୟ ପୁରୁଷ, ଉପରବରୁହାଁର ୪୮ ଓ କହିପୁରର ୨୮ ବର୍ଷୀୟ ପୁରୁଷ, ରସୁଲପୁର ବ୍ଲକ ଅଧୀନ ବୀରଭଦ୍ରପୁରର ୩୫ ବର୍ଷୀୟ ପୁରୁଷ, ମୁଗୁପାଳର ୫୮ ବର୍ଷୀୟ ପୁରୁଷ, ମଙ୍ଗଳପୁରର ୬୫ ବର୍ଷୀୟ ପୁରୁଷ, କୋଳଥଳ ୪୮ ଓ ଗୋରୁଆଳ ଗ୍ରାମର ୪୨ ବର୍ଷୀୟ ପୁରୁଷ, ବିଞ୍ଝାରପୁର ବ୍ଲକ ଜଗନ୍ନାଥପୁରର ୩୨ ବର୍ଷୀୟ ପୁରୁଷ, ବୈତାଙ୍ଗିର ୪୬ ଓ ରଣପୁରର ୫୦ ବର୍ଷୀୟ ପୁରୁଷ ଏବଂ ଦଶରଥପୁର ବ୍ଲକ ଓଡେଇର ୩୨ ବର୍ଷୀୟ ପୁରୁଷ, ଅର୍ଦ୍ଧଉଳିଆ ୫୨ ଓ ୨୭ ବର୍ଷୀୟ ପୁରୁଷ, ଖାନନଗର ୫୩ ଓ ୩୮ ବର୍ଷୀୟ ପୁରୁଷ, ରାହାସାହି ଗ୍ରାମର ୫୭ ବର୍ଷୀୟ ପୁରୁଷ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

## ଶ୍ରମିକଙ୍କୁ ଘରକୁ ପଠାଇବାକୁ ବସ୍ ବ୍ୟବସ୍ଥା କଲା ପୋଲିସ



ଶ୍ରମିକମାନେ ବସ୍‌ରେ ଚଢୁଛନ୍ତି।

**ରସୁଲପୁର, ୧୯।୫ (ଡି.ଏନ୍.ଏ.)**

ଦେଶବ୍ୟାପୀ ଲକ୍‌ଡାଉନ୍ ଯୋଗୁ ଜିଲା ବା ରାଜ୍ୟ ବାହାରେ ଫସିଥିବା ଶ୍ରମିକମାନେ ଘରକୁ ଫେରିବାକୁ ଉଦ୍ୟମ ଚଳାଇଛନ୍ତି। ଅନେକ ଶ୍ରମିକ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ସେମାନଙ୍କ ପ୍ରତି ଯତ୍ନବାନ ହେବାକୁ ଡିଜି ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି। ଏହାପରେ ଯାଜପୁର ଜିଲାର କୁଆଖିଆ ଥାନା ପୋଲିସ ପକ୍ଷରୁ ୧୬ନଂ. ଜାତୀୟ ରାଜପଥ ଦେଇ ଚାଲି ଚାଲି ଯାଉଥିବା ଶ୍ରମିକମାନଙ୍କୁ ଏକ ବସ୍ ଯୋଗେ ସେମାନଙ୍କ ଘରକୁ ଫେରିବା ପାଇଁ ବନ୍ଦୋବସ୍ତ କରାଯାଇଛି। ଏହାଛଡ଼ା ଥାନାର ସବୁ କର୍ମଚାରୀ ଏ ଦିଗରେ ସଚେତନ ରହିବାକୁ ପରାମର୍ଶ ଦିଆଯାଇଛି ବୋଲି ଥାନାଧିକାରୀ ମନୋଜ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ଏ ଦିଗରେ ଜନସାଧାରଣଙ୍କ ସହଯୋଗ ମଧ୍ୟ ଏକାନ୍ତ କାମ୍ୟ ବୋଲି। ପାଦରେ ଚାଲି ଯାଉଥିବା ଲୋକଙ୍କ ସମ୍ପର୍କରେ ଥାନକୁ ଖବର ଦେଲେ, ସେମାନଙ୍କୁ ଗାଡ଼ି ଯୋଗେ ପଠାଯିବାର ବନ୍ଦୋବସ୍ତ କରାଯିବ ବୋଲି ସେ କହିଛନ୍ତି।

## ବାତ୍ୟା ପ୍ରସ୍ତୁତି: ୨ ବ୍ଲକରେ ହାଇ ଆଲର୍ଟ

**ନୟାଗଡ଼ ଅଫିସ,୧୯।୫**

ବାତ୍ୟା ଅମ୍ଫନ୍ ପାଇଁ ନୟାଗଡ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏ ନେଇ ଜିଲାପାଳ ପୋମା ଟୁଡ୍ଡୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଜିଲାର ବିଡିଓ ଓ ତହସିଲଦାରଙ୍କ ସହ ଆଲୋଚନା କରିଛନ୍ତ। ଓଡଗାଁ ଓ ରଣପୁର ବ୍ଲକରେ ହାଇ ଆଲର୍ଟ ଜାରି କରାଯାଇଛି। ଅତିରିକ୍ତ ଜିଲପାଳ ବିଧାନ ଚନ୍ଦ୍ର ରାୟ, ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ ଓ ଉପଜିଲାପାଳ ଲଗ୍ନଜିତ ରାଉତ ସମସ୍ତ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଅଛନ୍ତି।

## ନୟାଗଡ଼ରେ ଆଉ ଜଣେ କରୋନା ଆକ୍ରାନ୍ତ

**ନୟାଗଡ଼ ଅଫିସ/ଗଣିଆ,୧୯।୫ (ଡି.ଏନ୍.ଏ.)**

ନୟାଗଡ ଜିଲା ଗଣିଆ ବ୍ଲକ କିଶୋରପ୍ରସାଦ ପ୍ରାଥମିକ ବିଦ୍ୟାଳୟର କ୍ୱାରାଣ୍ଟାଇନ୍ ସେଣ୍ଟରରେ ଆଉ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ପାଣ୍ଡରାସିଂହ ଅଞ୍ଚଳର ପୁରୁଷ ଆକ୍ରାନ୍ତଙ୍କ ବୟସ ୫୩। ସେ ସୁରଟରୁ ଆସିଥିଲେ। ଏହି କ୍ୱାରାଣ୍ଟାଇନ୍ ସେଣ୍ଟରରେ ୨୧ ଜଣ ପ୍ରବାସୀଙ୍କ ମଧ୍ୟରୁ ୨ଜଣଙ୍କ ସ୍ୱାବ୍ ଟେଷ୍ଟ ପାଇଁ ଯାଇଥିଲା। ଜିଲାର ଓଡଗାଁ ବ୍ଲକ ଅଞ୍ଚଳରୁ ୬ଜଣ ଓ ଗଣିଆ ବ୍ଲକରୁ ୪ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଅକ୍ରାନ୍ତଙ୍କ ସଂଖ୍ୟା ୧୦ରେ ପହଞ୍ଚିଛି। ତେବେ ଏଥିରୁ ବଡପୁଟ ଅଞ୍ଚଳର ପ୍ରଥମ ରୋଗୀ ସୁସ୍ଥ ହେବା ପରେ ୯ଜଣ ଭୁବନେଶ୍ୱରରେ ଚିକିତ୍ସିତ ଅଛନ୍ତି।

## ଖରିଫ ଧାନକିଣାରେ ଅନିୟମିତତା ଅଭିଯୋଗ

**କେନ୍ଦ୍ରାପଡ଼ା ଅଫିସ, ୧୯।୫**

କେନ୍ଦ୍ରାପଡ଼ା ଜିଲାରେ ଖରିଫ ଧାନକିଣାରେ ଅନିୟମିତତା ଅଭିଯୋଗ ହୋଇଛି। ୨୦୧୬-୧୭ ଆର୍ଥିକ ବର୍ଷରେ ପଟ୍ଟାମୁଣ୍ଡାଇ ବ୍ଲକରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଧାନ ହେରଫେର ହୋଇଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ରାଜ୍ୟ ସରକାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଅଦ୍ୟାବଧି ଏହାର ନିର୍ଯ୍ୟାସ ବାହାରି ନ ଥିବାବେଳେ ଗତ ଆର୍ଥିକ ବର୍ଷରେ ପୁଣି ଥରେ ପଟ୍ଟାମୁଣ୍ଡାଇ ବ୍ଲକରେ ଧାନ କିଣାରେ ଅନିୟମିତତା ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକ ବେଲତଳ ଗ୍ରାମର ସମବାୟବିତ୍ ବ୍ରଜବନ୍ଧୁ ଦାଶ ଏ ସମ୍ପର୍କରେ ଜିଲାପାଳଙ୍କୁ ଅଭିଯୋଗ କରିବା ସହ ଘଟଣାର ତଦନ୍ତ ପାଇଁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଖାଦ୍ୟ ଯୋଗାଣ ବିଭାଗ ମନ୍ତ୍ରୀ, ଶାସନ ସଚିବ, ଜିଲା ଯୋଗାଣ ଅଧିକାରୀ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ପ୍ରଶାସକ, ସମ୍ପାଦକ, ସମବାୟ ସମିତି ନିବନ୍ଧକଙ୍କୁ ଚିଠି ଦ୍ୱାରା ଅବଗତ କରିଛନ୍ତି । ତାଙ୍କ କହିବା କଥା ଧାନ କ୍ରୟ କ୍ଷେତ୍ରରେ ସୁଧାର ପାଇଁ ରାଜ୍ୟ ସରକାର ଇ ପାସ୍ ସହିତ ଅନ୍ୟାନ୍ୟ ବ୍ୟବସ୍ଥା କରିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକର ୧୨ଟି ସମିତି ଧାନ କ୍ରୟରେ ଯୋଗ ଦେଇଥିବା ବେଳେ ପଞ୍ଜୀକୃତ ଚାଷୀଙ୍କ ସହିତ ବହୁ ବ୍ୟବସାୟୀଙ୍କଠାରୁ ଧାନ କ୍ରୟ ହୋଇଛି। କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖାର ସ୍କ୍ରଲ ଖାତା, ରଫ କ୍ୟାଶ ବୁକ, କମ୍ପ୍ୟୁଟର ଓ ସିସିଟିଭି ଫୁଟେଜକୁ ଅନୁଧ୍ୟାନ କଲେ ଅନିୟମିତତାର ସ୍ପଷ୍ଟ ପ୍ରମାଣ ମିଳିବ। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାସ କହିଛନ୍ତି, ଅଭିଯୋଗ ସମ୍ପର୍କରେ ତଦନ୍ତ ପାଇଁ ଏଆର୍‌ସିଏସ୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ‘ପ୍ରଭାବିତ ହେବାକୁ ଥିବା ଅଞ୍ଚଳ ପ୍ରତି ଧ୍ୟାନ ଦିଅ’

**ଜଗତ୍‌ସିଂହପୁର ଅଫିସ,୧୯।୫**

କରୋନା ଭୂତାଣୁ ସଂକ୍ରମଣ ସାଙ୍ଗକୁ ବାତ୍ୟା ଅମ୍ଫନ୍‌ର ଭୟ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ତେଣୁ ଏବେ ଏହାର ମୁକାବିଲା ପାଇଁ କାର୍ଯ୍ୟ ଶୈଳୀର ଗତିକୁ ଦ୍ୱିଗୁଣିତ କରିବାକୁ ପଡ଼ିବ। ବିଶେଷକରି ତଳିଆ ଅଞ୍ଚଳରୁ ଲୋକଙ୍କୁ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବା, ସେଠାରେ ଯେପରି ସାମାଜିକ ଦୂରତ୍ୱ ରହିବ ଓ ଲୋକେ ମାସ୍କ, ସାନିଟାଇଜର୍ ଆଦି ବ୍ୟବହାର କରିବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ପଡ଼ିବ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ସମ୍ଭାବ୍ୟ ବାତ୍ୟା ମୁକାବିଲା ସଂକ୍ରାନ୍ତୀୟ ସମୀକ୍ଷା ବୈଠକରେ ଯୋଗଦେଇ ଶିଳ୍ପ ବିଭାଗ ଶାସନ ସଚିବ ହେମନ୍ତ କୁମାର ଶର୍ମା ଏହି ପରାମର୍ଶ ଦେଇଛନ୍ତି।

ସେ କହିଛନ୍ତି, ଜଗତ୍‌ସିଂହପୁର ଜିଲାର ଏରସମା, ବାଲିକୁଦା, କୁଜଙ୍ଗ ଓ ପାରାଦୀପ ପୌରାଞ୍ଚଳ ବାତ୍ୟା ପ୍ରଭାବରେ ଅଧିକ ପ୍ରଭାବିତ ହେବାର ସମ୍ଭାବନା ରହିଛି। ତେଣୁ ସେସବୁ ଅଞ୍ଚଳକୁ ବିଶେଷ ଧ୍ୟାନ ଦେବାକୁ ପଡ଼ିବ। ବାତ୍ୟା ପରେ ଲୋକଙ୍କୁ ରିଲିଫ ଦେବା ସହ ଚିକିତ୍ସା, ପାନୀୟଜଳ, ଗୋଖାଦ୍ୟ ଯୋଗାଇବାକୁ ହେବ। ରାସ୍ତା ସଫା

**ଶିଳ୍ପ ବିଭାଗ ଶାସନ ସଚିବଙ୍କ ବାତ୍ୟା ମୁକାବିଲା ସମୀକ୍ଷା**



ସମୀକ୍ଷା ବୈଠକରେ ସଚିବ, ଜିଲାପାଳ ଓ ଅନ୍ୟ ଅଧିକାରୀ ଉପସ୍ଥିତ।

କରିବା ସାଙ୍ଗକୁ ପୁନରୁଦ୍ଧାର ଓ ବିଦ୍ୟୁତ୍ ସରବରାହ ସ୍ୱାଭାବିକ କରିବା ଉପରେ ଶାସନ ସଚିବ ପ୍ରାଥମିକତା ଦେଇଥିଲେ।

ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ସୂଚନା ଦେଇ କହିଥିଲେ, ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ଜିଲାରେ ୪୨ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ଓ ୫୪୨ଟି ବିଦ୍ୟାଳୟ ଗୃହ ଚିହ୍ନଟ ହୋଇଛି। କିନ୍ତୁ ଏରସମା, ବାଲିକୁଦା ଓ କୁଜଙ୍ଗ ବ୍ଲକର ୫୨ଟି ଗ୍ରାମ ପଞ୍ଚାୟତ ସହିତ ପାରାଦୀପ ପୌରାଞ୍ଚଳ ଅଧିକ ପ୍ରଭାବିତ ହେବାର ସମ୍ଭାବନା ରହିଛି। ସମ୍ଭାବ୍ୟ ପରିସ୍ଥିତି ନେଇ ୬,୨୬୪ ପଲିଥିନ୍ ସିଟ୍, ବିଭିନ୍ନ ବ୍ଲକରେ ୧୬ ହଜାର ଲିଟର କିରୋସିନ, ୩ଟି ଗୋଦାମରେ ୧୪୦୦୩.୨୯ କୁଇଣ୍ଟାଲ ଚାଉଳ ଓ ପାରାଦୀପରେ ୫୦ ହଜାର ପ୍ୟାକେଟ୍ ଶୁଖିଲା ଖାଦ୍ୟ ମହଜୁତ କରି ରଖାଯାଇଛି। ବାତ୍ୟା ପରେ ବିଦ୍ୟୁତ୍ ସରବରାହକୁ ସ୍ୱାଭାବିକ ପାଇଁ ୮୫୦ଟି ବିଦ୍ୟୁତ ଖୁଣ୍ଟ, ୨୦୦ ଗ୍ୟାଙ୍ଗମ୍ୟାନଙ୍କୁ ସଜାଗ ରଖାଯାଇଛି। ୬,୯୮,୦୪୦ ଓଆର୍‌ଏସ୍ ପ୍ୟାକେଟ୍, ୪୫ ହଜାର ହାଲୋଜିନ ଟାବ୍‌ଲେଟ୍, ୭,୫୦୫ଟି ସାପକାମୁଡ଼ା ଇଞ୍ଜେକ୍ସନ୍ ମହଜୁତ ଅଛି। ୨୬ଟି ଯନ୍ତ୍ରଚାଳିତ ଡଙ୍ଗା, ୪୦ଟି ଦେଶୀ ଡଙ୍ଗା, ୫୦ କୁଇଣ୍ଟାଲ ଗୋଖାଦ୍ୟ, ୮ଟି ଭ୍ରାମ୍ୟମାଣ ପ୍ରାଣୀସମ୍ପଦ ଦଳ ସଜାଗ ଅଛନ୍ତି। ୩ଟି ଓଡ୍ରାଫ ଦଳ ମଧ୍ୟରୁ ପାରାଦୀପ ୨ ଓ ଜଗତ୍‌ସିଂହପୁରରେ ୧ଟି ରହିଛି। ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ଶାସନ ସଚିବ ସୁରେଶ ଚନ୍ଦ୍ର ଦଳାଇ, ଆରକ୍ଷୀ ଅଧୀକ୍ଷକ ପ୍ରକାଶ ଆର୍, ଅତିରିକ୍ତ ଜିଲାପାଳ ସଚିଦାନନ୍ଦ ସାହୁ, ନିବେଦିତା ମିଶ୍ର, ସରୋଜକାନ୍ତ ମହାନ୍ତି, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

**ଜିଲାପାଳଙ୍କ ସହ ଆଲୋଚନା କଲେ ସଚିବ ଶାଶ୍ୱତ ମିଶ୍ର**

ସମ୍ଭାବ୍ୟ ବାତ୍ୟା ମୁକାବିଲା ନିମନ୍ତେ ଜଗତ୍‌ସିଂହପୁର ଜିଲା ଦାୟିତ୍ୱରେ ଥିବା ଉଚ୍ଚଶିକ୍ଷା ବିଭାଗ ସଚିବ ଶାଶ୍ୱତ ମିଶ୍ର ମଙ୍ଗଳବାର ଜିଲା ଗସ୍ତ କରି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ସହ ଆଲୋଚନା କରିଥିଲେ। ସେ କହିଥିଲେ, ସୂଚନା ମୁତାବକ ଅମ୍ଫନ୍ ମହାବାତ୍ୟା ରୂପ ନେବନାହିଁ। ତଥାପି ଏରସମା, ବାଲିକୁଦା, କୁଜଙ୍ଗ ଓ ପାରାଦୀପ ପୌରାଞ୍ଚଳରୁ ୨୦/୨୫ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯିବାକୁ ଯୋଜନା ହୋଇଛି। ପରିସ୍ଥିତି ଅନୁଯାୟୀ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ପରାମର୍ଶ ଦିଆଯାଇଥିବା ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

**ସ୍ଥାନାନ୍ତର ହେଲେ ୪୬୬୫**

ମଙ୍ଗଳବାର ସୁଦ୍ଧା ଏରସମା ବ୍ଲକର ୧୬୬୭ ଲୋକଙ୍କୁ ୨୪ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ସେହିପରି ବାଲିକୁଦାର ୪୯୯ଙ୍କୁ ୧୧ ଆଶ୍ରୟସ୍ଥଳ, କୁଜଙ୍ଗର ୬୪୦ ଜଣଙ୍କୁ ୪ ଆଶୟସ୍ଥଳ ଓ ପାରାଦୀପ ପୌରାଞ୍ଚଳର ୧୮୫୯ ଜଣଙ୍କୁ ୧୯ ଆଶ୍ରୟସ୍ଥଳ ଏହିପରି ମୋଟ ୪୬୬୫ଜଣଙ୍କୁ ୫୮ଟି ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ଏରସମା, କୁଜଙ୍ଗ, ବାଲିକୁଦା ବ୍ଲକ ଅଞ୍ଚଳକୁ ୧୫ ହଜାର ଲେଖାଏ ବିସ୍କୁଟ୍ ପ୍ୟାକେଟ୍ ପଠାଯାଇଛି।

## ସଂକ୍ଷେପରେ

### ବର୍ଷା, ପବନ ଦେଖି ଲୋକେ ଛାନିଆ

ଆରଡି, ୧୯।୫, (ଡି.ଏନ.ଏ.): ଭଦ୍ରକ ଜିଲାର ଆରଡି ଓ ଏହାର ଆଖପାଖ ଅଞ୍ଚଳରେ ବର୍ଷା, ପବନ ଦେଖି ଅଞ୍ଚଳବାସୀ ଛାନିଆ ହୋଇପଡିଛନ୍ତି। ମଙ୍ଗଳବାର ଅପରାହ୍ନରୁ ମେଘ ସହ ପବନ ବହିବା ଆରମ୍ଭ ହୋଇଯାଇଛି। ଆରଡି, ସୁନ୍ଦରପୁର, ନାନ୍ଦପୁର, ଓଳଗ, ପାଳସାହି, ରଇପୁର, ଶ୍ୟାମସୁନ୍ଦରପୁର ଆଦି ପଞ୍ଚାୟତରେ ସୋମବାରଠାରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ବାତ୍ୟା ସମ୍ପର୍କିତ ପ୍ରଚାର କରାଯାଇଥିବାରୁ ଲୋକେ ସତର୍କ ହୋଇ ଖାଦ୍ୟ ସାମଗ୍ରୀ ଘରେ ମହଜୁଦ ରଖୁଥିବା ଦେଖିବାକୁ ମିଳିଛି। ଉକ୍ତ ଅଞ୍ଚଳର କଚ୍ଚାଘରେ ରହୁଥିବା ଗର୍ଭବତୀ, ପ୍ରସୂତି, ବିଧବା, ଅସହାୟ, ଶିଶୁମାନଙ୍କୁ ନିକଟସ୍ଥ ପକ୍କାଘରକୁ ଚାଲିଯିବା ପାଇଁ ଅଙ୍ଗନୱାଡି କର୍ମୀମାନେ ଘର ଘର ବୁଲି ସତର୍କ କରିଛନ୍ତି। ବୁଧବାର ସନ୍ଧ୍ୟା ପର୍ଯ୍ୟନ୍ତ ସମସ୍ତେ ସତର୍କତା ଅବଲମ୍ବନ କରିବାକୁ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଆରଡି ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ବାତ୍ୟାକୁ ନ ଡରି ବରଂ ମୁକାବିଲା କରିବାକୁ ପ୍ରସ୍ତୁତ ରହିବାକୁ ଚାନ୍ଦବାଲି ତହସିଲଦାର ସୁଶାନ୍ତ ସୁତାର ପରାମର୍ଶ ଦେଇଛନ୍ତି।

### ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ତଦାରଖ କଲେ କମିଶନର

ବାହାନଗା,୧୯।୫(ଡି.ଏନ.ଏ.)-ବାତ୍ୟା ଅମ୍ଫାନର ପ୍ରଭାବକୁ ନଜରରେ ରଖି ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ଦୃଢ ପଦକ୍ଷେପ ନିଆଯାଇଛି । ତେବେ ବାଲେଶ୍ୱର ଜିଲା ଦାୟିତ୍ୱରେ ଥିବା ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ତଥା କମିଶନର ମଧୁସୂଦନ ପାଢୀ ବାହାନଗା ବ୍ଲକରବିଭିନ୍ନ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ବୁଲି ତଦାରଖ କରିଛନ୍ତି। ବାହାନଗା ବ୍ଲକର ସମୁଦ୍ର ଉପକୂଳବର୍ତ୍ତୀ ୬ଟି ପଞ୍ଚାୟତ କଲ୍ୟାଣି, ବରିପଦା, ଆରୁହାବାଡ, ଖରାସାହାପୁର, ଅଭଣା, ଚିତ୍ତଳର ୭ଶହ ପରିବାରର ୩ ହଜାର ୫ଶହ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି । ଅଟାସପୁର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ କମିଶନର ପାଢୀ ଓ ଜିଲା ପ୍ରୋଗ୍ରାମ ମ୍ୟାନେଜର ଚନ୍ଦନ କୁମାର ବେହେରା, ବାହାନଗା ତହସିଲଦାର ରାଜେନ୍ଦ୍ର ନାରାୟଣ କର, ସରପଞ୍ଚ ନିବେଦିତା ପ୍ରଧାନ, ବିଧାୟକଙ୍କ ପ୍ରତିନିଧି ରମାକାନ୍ତ ଦାଶ ପ୍ରମୁଖ ମିଳିତ ଭାବେ ଆଶ୍ରୟସ୍ଥଳୀରେ ଥିବା ଲୋକମାନଙ୍କ ସହ ଆଲୋଚନା କରିଥିଲେ। ତେବେ ସେଠାରେ ପାଣି ଅଭାବ ଥିବା ନେଇ ଲୋକେ କମିଶନରଙ୍କୁ ଅବଗତ କରାଇଥିଲେ। ଲୋକଙ୍କ ଅଭିଯୋଗ ପାଇବା ପରେ ଜିଲାପାଳଙ୍କୁ ବାତ୍ୟା ଆଶ୍ରୟସ୍ଥଳୀରେ ପାଣିର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବିଡିଓ ରଘୁନାଥ ପାଣିଗ୍ରାହୀଙ୍କୁ ତୁରନ୍ତ ଶୁଖିଲା ଖାଦ୍ୟ ପଞ୍ଚାୟତକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ବିଦ୍ୟାଳୟ ବା କୋଭିଡି-୧୯ର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଛାଡିଦେଲେ ଅନ୍ୟସବୁ ବାତ୍ୟା ଆଶ୍ରୟସ୍ଥଳୀକୁ ଲୋକମାନଙ୍କୁ ସ୍ଥାନାନ୍ତରିତ କରିବାକୁ ତହସିଲଦାର କର, ଆରଆଇ ଓ ପୋଲିସ୍ କର୍ମଚାରୀମାନେ ନିୟୋଜିତ ହୋଇଛନ୍ତି ।

### ଦୁର୍ଘଟଣାରେ ଗଲା ୨ ଜୀବନ

ବାହାନଗା, ୧୯।୫(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ୧୬ନମ୍ବର ଜାତୀୟ ରାଜପଥର ପୃଥକ ସ୍ଥାନରେ ଦୁର୍ଘଟଣା ଘଟି ୨ ଜଣଙ୍କ ଜୀବନ ଯାଇଛି। କୋଲକାତାରୁ କେତେଜଣ ପ୍ରବାସୀ ଓଡ଼ିଆଙ୍କୁ ଆଣିଥିବା ବସ୍ (ନଂ.ଓଡି୦୨ବିଏଚ-୬୬୧୧) ଭୁବନେଶ୍ୱରରେ ଛାଡି ଫେରୁଥିବା ବେଳେ ପଣପଣା ଛକଠାରେ ଏକ ମାଲ ବୋଝେଇ ଟ୍ରକ(ନଂ. ଓଡି ୦୧କ୍ୟୁ-୨୬୭୪) ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଟ୍ରକ୍ ଡ୍ରାଇଭର ଢେଙ୍କାନାଳ ଥାନା ସଦର ଥାନା ଗଡସିଲା ଗ୍ରାମର କୃଷ୍ଣଚନ୍ଦ୍ର ନାୟକ(୨୭) ଘଟଣାସ୍ଥଳରେ ଚାପି ହୋଇଯାଇଥିଲେ। ସେଠାରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ସେହିପରି ଏକ ମାଲ ବୋଝେଇ ଟ୍ରକ( ନଂ.ଏପି-୩୭-୫୬୬୭)ର ଚକା ଫାଟିଯିବାରୁ ଓଲିଆପାଟଣାସ୍ଥିତ ଜାତୀୟ ରାଜପଥ କଡରେ ଛିଡା ହୋଇଥିଲା । ଏହି ସମୟରେ କୋଲକାତା ଆଡୁ ଲୁହାପ୍ଲେଟ ବୋଝେଇ କରି ଆସୁଥିବା ଆଉ ଏକ ଟ୍ରକ (ନଂ. ଓଡି-୦୪-ଏନ-୯୩୯୫) ରାସ୍ତାକଡରେ ଛିଡା ହୋଇଥିବା ଟ୍ରକ୍‌କୁ ଧକ୍କା ଦେଇଥିଲା । ଫଳରେ ଲୁହାପ୍ଲେଟ ଉପରେ ବସି ଆସୁଥିବା ପ୍ରବାସୀ ଓଡିଆ ବାରିପଦା ଅଞ୍ଚଳର ସାମଲ ଟୁଡୁ(୨୫) ଚାପି ହୋଇ ପ୍ରାଣ ହରାଇଛନ୍ତି। ପୋଲିସ୍ ଦୁର୍ଘଟଣାଗ୍ରସ୍ତ ଗାଡିଗୁଡିକୁ କ୍ରେନ ଦ୍ୱାରା ରାସ୍ତାରୁ ଉଠାଇ ଖନ୍ତାପଡା ଥାନାରେ ଜବତ କରି ରଖିଛି।


ବାତ୍ୟା ପୂର୍ବରୁ ତାଳସାରୀ ବେଳାଭୂମିରେ ମତ୍ସ୍ୟଜୀବୀମାନେ ଡଙ୍ଗାଗୁଡିକୁ ବାନ୍ଧି ରଖିଛନ୍ତି।


ଦୀଘା ବେଳାଭୂମିରେ ଅଶାନ୍ତ ସମୁଦ୍ର।



ଚାନ୍ଦିପୁର ବେଳାଭୂମିରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଓ ଏସ୍‌ପି ବି. ଯୁଗଳକିଶୋର।

# ଭୟରେ ଉପକୂଳବାସୀ

**ଭୋଗରାଇ, ୧୯।୫(ଡି.ଏନ.ଏ.)**

- ଉଦୟପୁର-ତାଳସାରୀରେ ଏନ୍‌ଡିଆର୍‌ଏଫ୍ ସଜାଗ
- ଝିପିଝିପି ବର୍ଷା ସହ ବଢୁଛି ବତାଶର ବେଗ

ବାତ୍ୟା ଅମ୍ଫାନ ଲାଗି ବାଲେଶ୍ୱର ଜିଲାର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକେ ଭୟଭୀତ ହୋଇପଡିଛନ୍ତି। ସମସ୍ତଙ୍କ ମନରେ ଛନକା ପଶିଛି। ମଙ୍ଗଳବାର ଅପରାହ୍ନରୁ ଆକାଶ ମେଘାଚ୍ଛନ୍ନ ଥିବା ବେଳେ ଝିପିଝିପି ବର୍ଷା ଲାଗି ରହିଛି। ଏଥିସହିତ ଧୀରେ ଧୀରେ ବତାଶର ବେଗ ବଢୁଛି। ବିଳମ୍ବିତ ରାତିରେ ସମ୍ଭାବ୍ୟ ବାତ୍ୟାକୁ ନେଇ ଜିଲାବାସୀ ଚିନ୍ତାରେ ରହିଛନ୍ତି। କରୋନା ମାଡ଼ ପରେ 'ଅମ୍ଫାନ' ବାତ୍ୟା ଚାଷୀକୁଳକୁ ଅଧିକ କ୍ଷତିଗ୍ରସ୍ତ କରିପାରେ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ଭୋଗରାଇ, ବାଲିଆପାଳ, ବସ୍ତା ଉପକୂଳରେ ବାସବାସ କରୁଥିବା ଶତାଧିକ ଗାଁର ଲକ୍ଷାଧିକ ଲୋକେ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି।

ଅପରପକ୍ଷରେ ତାଳସାରୀ, ଉଦୟପୁର, କୀର୍ତ୍ତନିଆ, ଡଗରା, ଚଉମୁଖ, କଷାଫଳ ଉପକୂଳରେ ବାତ୍ୟା ମୁକାବିଲା ପାଇଁ ଏନ୍‌ଡିଆର୍‌ଏଫ୍ ଟିମ୍ ସଜାଗ ରହିଛନ୍ତି। ଅଗ୍ନିଶମ ବିଭାଗ, ଓଡ୍ରାଫ୍ ଟିମ୍‌କୁ ମୁତୟନ କରାଯାଇଛି। ରବି ଋତୁରେ ହୋଇଥିବା ପାଚିଲା ଧାନ ଅମଳକୁ ନେଇ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ତରବରିଆ ଭାବେ ଚାଷୀମାନେ ଧାନ କାଟି ଖଳାକୁ ଆଣିଥିବା ବେଳେ ୫୦ ଶତାଂଶ ଧାନଚାଷୀ ଧାନ ଅମଳ କରିପାରିନାହାନ୍ତି। ପ୍ରଶାସନ ପକ୍ଷରୁ ଘନ ଘନ ଡାକବାଜି ଯନ୍ତ୍ରରେ ସମ୍ଭାବ୍ୟ ବାତ୍ୟାକୁ ନେଇ ସତର୍କ ରହିବା ସହିତ ମାଟିଘର, ଟାଇଲ ଓ ଆଜବେଷ୍ଟସ ଘର ଛାଡ଼ି ନିରାପଦ ସ୍ଥାନକୁ ଚାଲି ଯିବାକୁ ପ୍ରଚାର କରାଯାଉଛି। ଚାଳ ଘରେ ବାସ କରୁଥିବା ଗରିବ ଲୋକେ ନିଜ ନଡ଼ାଛପର ଘରକୁ ଓ ପଲିଥିନ୍ ତଳେ ବାସ କରୁଥିବା ଲୋକେ ରଶି ଲଗାଇ ବାନ୍ଧି ଦେଇଛନ୍ତି। ପକ୍କା ଘରକୁ ଚାଲିଯିବାକୁ ସମୁଦ୍ରକୂଳବାସୀଙ୍କୁ ବିଧାୟକ ଅନନ୍ତ ଦାସ, ଜିଲା ପ୍ରକଳ୍ପ ଅଧିକାରୀ ପରାମର୍ଶ ଦେଇଛନ୍ତି।

## ଘର ଛାଡ଼ିଲେ ୨ ହଜାରରୁ ଊର୍ଦ୍ଧ୍ୱ ଲୋକ


ଓଡ୍ରାଫ ଟିମ୍ ପକ୍ଷରୁ ଗଛ କଟାଯାଇ ରାସ୍ତା ସଫା କରାଯାଉଛି।

**ଭଦ୍ରକ ଅଫିସ, ୧୯।୫**

ସମ୍ଭାବ୍ୟ ବାତ୍ୟା ଅମ୍ଫାନ ମୁକାବିଲା ପାଇଁ ଭଦ୍ରକ ଜିଲା ପ୍ରଶାସନ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ କରିଛି। ଜିଲାରେ ମୋଟ ୩ଟି ଏନ୍‌ଡିଆର୍‌ଏଫ୍ ଓ ୨ଟି ଓଡ୍ରାଫ୍ ଟିମ୍ ମୁତୟନ ହୋଇଛନ୍ତି। ଏହା ବ୍ୟତୀତ ଅଗ୍ନିଶମ ବିଭାଗ ମଧ୍ୟ ସଜାଗ ରହିଛି। ସମୁଦ୍ରକୂଳିଆ ଅଞ୍ଚଳ ବାସୁଦେବପୁର ଓ ଚାନ୍ଦବାଲି ବ୍ଲକର ୭୨ଟି ଗାଁକୁ ହାଇଆଲର୍ଟ ଜାରି କରାଯାଇଛି। ଆବଶ୍ୟକ ପଡ଼ିଲେ ପ୍ରାୟ ୧ ଲକ୍ଷ ୬୦ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯିବ ବୋଲି ପ୍ରଶାସନ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି। ରିପୋର୍ଟ ଲେଖା ହେବା ସୁଦ୍ଧା ଧାମରା ଅଞ୍ଚଳର ପ୍ରାୟ ୨ହଜାର ମହିଳା ଓ ପୁରୁଷ ଘର ଛାଡ଼ି ବାତ୍ୟାଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ ହୋଇଛନ୍ତି। ୧୦୪ଟି ବାତ୍ୟାଶ୍ରୟସ୍ଥଳୀ ମଧ୍ୟରୁ ୩୦ଟି ବାତ୍ୟାଶ୍ରୟସ୍ଥଳୀକୁ କ୍ୱାରାଣ୍ଟାଇନ୍ ସେଣ୍ଟର ଭାବେ ବ୍ୟବହାର କରାଯାଉଛି। ଅନ୍ୟ ୭୪ଟି ବାଦ୍ ପଡ଼ିଥିବା ବାତ୍ୟାଶ୍ରୟସ୍ଥଳୀ ଓ ୫୪୮ଟି ସ୍କୁଲ ଗୃହକୁ ପ୍ରଶାସନ ପକ୍ଷରୁ ଅସ୍ଥାୟୀ କ୍ୟାମ୍ପ ଭାବେ ପ୍ରସ୍ତୁତ କରାଯାଇଛି। ମଙ୍ଗଳବାର ଅପରାହ୍ନରେ ଝିପିଝିପି ବର୍ଷା ଓ କୋହଲା ପବନ ଆରମ୍ଭ ହୋଇଛି। ସମୁଦ୍ର ଅଶାନ୍ତ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ ପ୍ରାୟ ୩ଶହ ଜଣ ଗର୍ଭବତୀଙ୍କୁ ପ୍ରାଥମିକତା ଭିତ୍ତିରେ ସ୍ଥାନାନ୍ତର କରାଯିବ ବୋଲି ଚିହ୍ନଟ କରାଯାଇଛି। ବାତ୍ୟା ମୁକାବିଲା ପାଇଁ ୯୨ଟି ପାଣି ଟାଙ୍କି, ୫୦ଟି ଜେସିବି ମେସିନ, ୩ଶହ ଜଣ ଇଲେକ୍ଟ୍ରିସିଆନ ପ୍ରସ୍ତୁତ ହୋଇ ରହିଥିବା ପ୍ରଶାସନ ସୂଚନା ଦେଇଛି। ୨୦୧୯ 'ଫନୀ' ବାତ୍ୟା ମୁକାବିଲାରେ ପ୍ରଶାସନ ସଫଳତା ହାସଲ କରିଥିବାରୁ ଚଳିତ ବାତ୍ୟା ଅମ୍ଫାନ୍‌କୁ ମଧ୍ୟ ସଫଳତାର ସହ ମୁକାବିଲା କରିପାରିବ ବୋଲି ଜିଲା ପ୍ରଶାସନ ଆଶା ରଖିଛି। କରୋନା ମହାମାରୀ ଆତଙ୍କ ଥମି ନ ଥିବା ବେଳେ ଏବେ ଅମ୍ଫାନ୍‌ର କମ୍ପନକୁ ନେଇ ସମୁଦ୍ରକୂଳିଆ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି।

## ୧୦ ବାତ୍ୟା ଆଶ୍ରୟସ୍ଥଳୀରେ ରହିବେ ଲୋକ


ବାରିପଦାରେ ପହଞ୍ଚିଥିବା ଏନଡିଆର୍‌ଏଫ୍ ଟିମ୍।

**ବାରିପଦା ଅଫିସ, ୧୯।୫**

ବାତ୍ୟା ଅମ୍ଫାନର ମୁକାବିଲା ଲାଗି ମୟୂରଭଞ୍ଜ ଜିଲା ପ୍ରଶାସନ ପ୍ରସ୍ତୁତି ଜାରି ରଖିଛି। ବାତ୍ୟାରେ ଯେପରି କମ୍ କ୍ଷତି ହେବ ସେ ନେଇ ସଜାଗ ରହିଛି। ଅମ୍ଫାନର ପ୍ରଭାବରେ ମଙ୍ଗଳବାର ଜିଲାର ବିଭିନ୍ନ ଅଞ୍ଚଳରେ କୋହଲା ପାଗ ଲାଗି ରହିଥିବା ବେଳେ ଅପରାହ୍ନରେ କେତେକ ସ୍ଥାନରେ ଝିପଝିପି ବର୍ଷା ହୋଇଥିଲା। ରାସଗୋବିନ୍ଦପୁର, ମୋରଡ଼ା, ବାରିପଦା, ବେତନଟୀ, ଉଦଳା, କପ୍ତିପଦା, ଶୁଳିଆପଦା ଓ ବଡ଼ସାହି ଆଦି ୮ଟି ବ୍ଲକର ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବା ନିଷ୍ପତ୍ତି ନିଆଯାଇଛି। ଏହି ଅଞ୍ଚଳର ୧୦ଟି ବାତ୍ୟା ଆଶ୍ରୟସ୍ଥଳୀରେ ଲୋକଙ୍କୁ ରଖାଯିବ ବୋଲି ପ୍ରଶାସନ ସୂଚନା ଦେଇଛି। ଏ ନେଇ ଜିଲାପାଳ ବିନୀତ ଭରଦ୍ୱାଜ ଏକ ଜରୁରୀ ବୈଠକ ଡକାଇ ସମସ୍ତ ବ୍ଲକର ବିଡିଓ ଏବଂ ଅଧିକାରୀମାନଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ୨୫ଟି ଅଗ୍ନିଶମ କେନ୍ଦ୍ରକୁ ପ୍ରସ୍ତୁତ ରଖାଯାଇଥିବା ବେଳେ ଗୋଟିଏ ଏନ୍‌ଡିଆରଏଫ୍ ଟିମ୍ ବାରିପଦାରେ ପ୍ରସ୍ତୁତ ହୋଇ ରହିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ୨୪ ଘଣ୍ଟିଆ ସୂଚନା କେନ୍ଦ୍ର ଖୋଲାଯାଇଛି।

## ସବୁ ବ୍ଲକରେ ଜରୁରିକାଳୀନ କଣ୍ଟ୍ରୋଲ ରୁମ୍

**ବାଲେଶର ଅଫିସ, ୧୯।୫**

ବାତ୍ୟା ଅମ୍ଫାନ ପ୍ରଭାବରେ ବାଲେଶ୍ୱର ଜିଲାରେ ଅଧିକ କ୍ଷୟକ୍ଷତି ହେବାର ଆଶଙ୍କା ରହିଥିବାରୁ ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଏସ୍‌ପି ବି. ଯୁଗଳ କିଶୋର ମିଳିତ ଭାବେ ଚାନ୍ଦିପୁର ଓ ବଳରାମପୁରସ୍ଥିତ ସମୁଦ୍ର କୂଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଜିଲାର ସମସ୍ତ ବ୍ଲକରେ ଜରୁରୀକାଳୀନ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ମଙ୍ଗଳବାର ଅପରାହ୍ନ ସୁଦ୍ଧା ୧୦୩ଟି ପଞ୍ଚାୟତରୁ ୮୮୯୧ ଜଣଙ୍କୁ ସ୍ଥାନାନ୍ତରିତ କରି ଆଶ୍ରୟସ୍ଥଳୀରେ ରଖାଯାଇଥିବା ଜିଲା ଜରୁରୀକାଳୀନ ଅଧିକାରିଣୀ ରିଙ୍କୁଆନା କକଓ୍ୱକ ସୂଚନା ଦେଇଛନ୍ତି । ଏନଡ଼ିଆରଏଫର ୪ଟିଟିମ ଭୋଗରାଇ, ବାଲିଆପାଳ, ସଦର ଓ ରେମୁଣା ବ୍ଲକରେ ପହଞ୍ଚି ପ୍ରସ୍ତୁତି ଆରମ୍ଭ କରିଛନ୍ତି।

## ଖରିଦାବିନାୟକପୁର ପଞ୍ଚାୟତ ଶଟ୍‌ଡାଉନ

**ପଦ୍ମପୁର,୧୯।୩(ଡି,ଏନ୍.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଖରିଦା ବିନାୟକପୁର ପଞ୍ଚାୟତକୁ ସ୍ଥାନୀୟ ସରପଞ୍ଚ ନିରଞ୍ଜନ ବଳ ୫ ଦିନ ପାଇଁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଏହି ପଞ୍ଚାୟତ ଅଧୀନ ୩ଟି ରାଜସ୍ୱ ଗ୍ରାମ ଖରିଦାବିନାୟକପୁର, ବେଲସାଉଁଳିଆ ଓ ବାଗଦା ବିନାୟକପୁର ଗ୍ରାମକୁ ଶଟ୍‌ଡାଉନ ଘୋଷଣା କରାଯାଇଛି। ଜିଲାପାଳଙ୍କ କ୍ଷମତା ପ୍ରୟୋଗ କରି ସରପଞ୍ଚ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏନେଇ ସରପଞ୍ଚ ତାଙ୍କ ଚିଠି ନଂ. ୫୮୮ରେ ଭଦ୍ରକ ଜିଲାପାଳ, ବାସୁଦେବପୁର ତହସିଲଦାର ଓ ଥାନାଧିକାରୀଙ୍କୁ ଅବଗତ କରାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏହି ପଞ୍ଚାୟତକୁ ୫ଶହରୁ ଉର୍ଦ୍ଧ୍ୱ ପ୍ରବାସୀ ଓଡ଼ିଆ ଆସିଛନ୍ତି। ଗତ ରବିବାର ସଙ୍ଗରୋଧ ଗୃହରେ ରହିବାକୁ ନେଇ ପ୍ରବାସୀ ଓଡ଼ିଆ ଓ ସରପଞ୍ଚଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଏହି ପଞ୍ଚାୟତ ଦେଇ ପ୍ରତ୍ୟେହ ବହୁ ପ୍ରବାସୀ ଓଡ଼ିଆ ଯାତାୟାତ କରୁଥିବାରୁ ଶୃଙ୍ଖଳା ରକ୍ଷା ନିମନ୍ତେ ଶଟ୍‌ଡାଉନ ଘୋଷଣା କରାଯାଇଛି ବୋଲି ସରପଞ୍ଚ ବଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ମଝିଗଡ଼ିଆରୁ ହରିଣ ଉଦ୍ଧାର

**କପ୍ତିପଦା,୧୯।୫ (ଡି.ଏନ.ଏ.)**



ମୟୂରଭଞ୍ଜ ଜିଲା କପ୍ତିପଦା ରେଞ୍ଜ ଅଧୀନ ମଝିଗଡ଼ିଆ ଗ୍ରାମରେ ମଙ୍ଗଳବାର ଏକ ହରିଣକୁ ଉଦ୍ଧାର କରାଯାଇଛି । ଉଦ୍ଧାର ହରିଣଟିକୁ ଶିମିଳିପାଳ ଅଭୟାରଣ୍ୟ ସଂଲଗ୍ନ ଜାମୁଦଲକି ଜଙ୍ଗଲରେ ଛାଡ଼ି ଦିଆଯାଇଛି। ହରିଣଟି ଶିମିଳିପାଳରୁ ବାଟବଣା ହୋଇ ଗ୍ରାମ ଭିତରକୁ ପଶି ଆସିଥିଲା। ଖବରପାଇ କପ୍ତିପଦା ରେଞ୍ଜର ମହେଶ୍ୱର ସିଂ, ବନରକ୍ଷୀ ଅଞ୍ଜନ କୁମାର ଲେଙ୍କା, ସବୁଜବାହିନୀ କର୍ମଚାରୀମାନେ ଉକ୍ତ ଗ୍ରାମରେ ପହଞ୍ଚି ହରିଣକୁ ଉଦ୍ଧାର କରିଥିଲେ।

## ଅନୁମତି ପାଇ କୋଭିଡ୍ ପାଣ୍ଠିକୁ ଦାନ କଲେ ଦାରା ସିଂ

**କେନ୍ଦୁଝର, ୧୯।୫(ଡି.ଏନ୍.ଏ./ସ୍ୱ.ପ୍ର.)**

ବହୁଚର୍ଚ୍ଚିତ ଅଷ୍ଟ୍ରେଲିୟ ମିସନାରୀ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କର ଦୁଇ ପୁଅଙ୍କୁ ଜିଅନ୍ତା ଜାଳି ମାରି ଦେବା ଅପରାଧ ସହ ଅନ୍ୟ ଅପରାଧିକ ମାମଲାରେ ସମ୍ପୃକ୍ତ ଥିବା ଦାରା ସିଂ ଓରଫ ରବୀନ୍ଦ୍ର କୁମାର ପାଲଙ୍କୁ କୋଭିଡ ମୁକାବିଲା ପାଇଁ ସହାୟତା ପ୍ରଦାନ କରିବାକୁ ଅନୁମତି ମିଳିଛି । ଓଡିଶା ସରକାରଙ୍କ ଜେଲ ବିଭାଗର ଆଇଜିଙ୍କ ଅନୁମତି ମିଳିବା ପରେ ସେ ପ୍ରଧାନମନ୍ତ୍ରୀ ଓ ଓଡିଶା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୬ ହଜାର ଟଙ୍କା ଲେଖାଏ ଦାନ କରିଛନ୍ତି। ଜେଲ ବିଭାଗର ଡିଆଇଜି ତାଙ୍କ ପତ୍ର ସଂଖ୍ୟା ୭୩୮୦ ମେ ୧୬ ତାରିଖରେ ଏକ ପତ୍ର ଲେଖି କେନ୍ଦୁଝର କାରାଗାର ଅଧୀକ୍ଷକଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଅନୁମତି ଦେଇଛନ୍ତି। କୋଭିଡ ମୁକାବିଲା ପାଇଁ ଦାନ କରିବାକୁ ଗତ ଏପ୍ରିଲ ୬ ତାରିଖରେ ସେ ଅନୁମତି ମାଗିଥିବାବେଳେ ତାଙ୍କର ଆବେଦନକୁ କେନ୍ଦୁଝର ଜେଲ ଅଧୀକ୍ଷକ ସେହିଦିନ ଆଇଜିଙ୍କ ଅନୁମତି ପାଇଁ ପଠାଇଥିଲେ। ଏକ ବର୍ଷ ମଧ୍ୟରେ ସଶ୍ରମ କାରାଦଣ୍ଡରୁ ରୋଜଗାର କରିଥିବା ଏହି ୧୨ ହଜାର ଟଙ୍କା ସେ ମଙ୍ଗଳବାର ଦିନ ନିଜ ଆଇନଜୀବୀଙ୍କ ଜରିଆରେ ପ୍ରଦାନ କରିଛନ୍ତି। ଏହି ଘଟଣା ଦେଶରେ ପ୍ରଥମ ହୋଇଥିବାବେଳେ ସମଗ୍ର ରାଜ୍ୟରେ ଆଲୋଚନାର ବିଷୟବସ୍ତୁ ହୋଇଛି ।

## ସୁରକ୍ଷିତ ସ୍ଥାନକୁ ଯିବାକୁ ପରାମର୍ଶ

**ଚାନ୍ଦବାଲି,୧୯।୫(ଡି.ଏନ.ଏ.):** ବାତ୍ୟା ମୁକାବିଲା ନେଇ ଭଦ୍ରକ ଜିଲା ଧାମରାରେ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଚାନ୍ଦବାଲି ବ୍ଲକର ୧୭ଟି ବାତ୍ୟା ଆଶ୍ରୟସ୍ଥଳୀ, ୪୨ଟି ବିଦ୍ୟାଳୟ ଏବଂ ୨୫ଟି ଅଙ୍ଗନବାଡି କେନ୍ଦ୍ରରେ ପ୍ରାୟ ୧୫ହଜାର ଲୋକଙ୍କୁ ଥଇଥାନ କରାଯିବାକୁ ପ୍ରଶାସନ ପକ୍ଷରୁ ଯୋଜନା କରାଯାଇଛି । କଚ୍ଚା ଘର, ସମୁଦ୍ର ଓ ମନ୍ତେଇ ନଦୀକୂଳିଆ ୮ଟି ଗ୍ରାମ ପଞ୍ଚାୟତର ଲୋକଙ୍କୁ ସ୍ଥାନାନ୍ତର କରାଯିବ ବୋଲି ନିଷ୍ପତ୍ତି ହୋଇଛି। ତଳିଆ ଅଞ୍ଚଳରେ ରହୁଥିବା ଲୋକେ ସୁରକ୍ଷିତ ସ୍ଥାନକୁ ଚାଲି ଯିବାକୁ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ପରାମର୍ଶ ଦିଆଯାଇଛି। ଧାମରା ଅତିରିକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ଯୋଗଦେଇ ବାତ୍ୟାଜନିତ ସାମ୍ଭାବ୍ୟ ପରିସ୍ଥିତି ପ୍ରତି ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଦ୍ରକ ଜିଲା ପାଇଁ ନିଯୁକ୍ତ ଅତିରିକ୍ତ ଶାସନ ସଚିବ ଅଶୋକ ବେହୁରିଆ, ଚାନ୍ଦବାଲି ତହସିଲଦାର ସୁଶାନ୍ତ ସୂତାର, ଧାମରା ଅତିରିକ୍ତ ତହସିଲଦାର ଚୈତନ୍ୟ ପ୍ରସାଦ ମୁର୍ମୁ, ସୁପରଭାଇଜର ଦାଶରଥି ଦାସ, ଧାମରା ଥାନାଧିକାରୀ ଶ୍ରୀକାନ୍ତ ପତି, ଧାମରା ମେରାଇନ ଥାନାଧିକାରୀ ତୁସୀଲ ମାଝୀ, ଏନଡିଆରଏଫ ଟିମର ଟିମ ଲିଡର ସୁବ୍ରତ କୁମାର ଭୋଇ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

## ୯୫ ଛୁଇଁଲା ଭଦ୍ରକ ଆକ୍ରାନ୍ତଙ୍କ ସଂଖ୍ୟା

**ଭଦ୍ରକ ଅଫିସ/ବାଲେଶ୍ୱର ଅଫିସ/ ବନ୍ତ,୧୯।୫(ଡି.ଏନ୍.ଏ.)**

- ଏକାଦିନରେ ୨୧ ଚିହ୍ନଟ
- ବାଲେଶ୍ୱରରେ ପୁଣି ୨ ସଂକ୍ରମିତ

ଭଦ୍ରକ ଜିଲାରେ ମଙ୍ଗଳବାର ୨୧ କରୋନା ରୋଗୀ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଏହି ନୂଆ ରୋଗୀଙ୍କୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୯୫ ଛୁଇଁଛି। ଏକାଦିନରେ ୨୧ ରୋଗୀ ଚିହ୍ନଟ ହେବା ଜିଲାବାସୀଙ୍କୁ ଆତଙ୍କିତ କରିଛି। ଅପରପକ୍ଷରେ ସମସ୍ତ ଆକ୍ରାନ୍ତ ସଙ୍ଗରୋଧ ଗୃହରୁ ଚିହ୍ନଟ ହୋଇଥିବାରୁ ଆତଙ୍କିତ ନ ହେବାକୁ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ପରାମର୍ଶ ଦେଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ କୋଲକାତାରୁ ୧୨, ସୁରଟରୁ ୬, ତାମିଲନାଡୁରୁ ୨ ଓ ଜଣେ ଆନ୍ଧ୍ର ଫେରନ୍ତା ବୋଲି ଜଣାପଡ଼ିଛି। ୨୧ ଆକ୍ରାନ୍ତଙ୍କ ମଧ୍ୟରୁ ବନ୍ତ ବ୍ଲକର ୭, ଧାମନଗରର ୬, ବାସୁଦେବପୁରରୁ ୪, ଭଣ୍ଡାରିପୋଖରୀରୁ ୨, ଚାନ୍ଦବାଲିରୁ ୨ ଜଣ ଥିବା ପ୍ରଶାସନ ସୂଚନା ଦେଇଛି।

ବନ୍ତ ବ୍ଲକରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯ରେ ପହଞ୍ଚିଛି । ମଙ୍ଗଳବାର ଚିହ୍ନଟ ୭ ଆକ୍ରାନ୍ତ କୋଲକାତା ଫେରନ୍ତା ଓ ସମସ୍ତେ ଗଣିଜାଙ୍ଗ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହୁଥିଲେ। ସମ୍ପୃକ୍ତ ୭ ଜଣଙ୍କ ମଧ୍ୟରୁ ଗୋପୀନାଥପୁର ପଞ୍ଚାୟତରେ ୩, ପୁରୁଷଣ୍ଡ ପଞ୍ଚାୟତର ୨, ଗଣିଜାଙ୍ଗ ଓ ଷେଣ୍ଢତୀରା ପଞ୍ଚାୟତରେ ଜଣେ ଲେଖାଏଁ ବୋଲି ଜଣାଯାଇଛି । ଏଥିପୂର୍ବରୁ ଚାରିଗାଁ ଓ ଗୋବିନ୍ଦପୁରରୁ ଜଣେ ଲେଖାଏଁ ଚିହ୍ନଟ ହୋଇଥିଲେ। ଅପରାହ୍ନରେ ସରପଞ୍ଚ ରଞ୍ଜନ କୁମାର ସାହୁ ଓ ନୋଡାଲ ଅଫିସର ଅଭୟ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ସାନିଟାଇଜ୍ କରାଯାଇଥିବା ଜଣାଯାଇଛି।

ସେହିପରି ବାଲେଶ୍ୱର ଜିଲା ରେମୁଣା ଓ ଖଇରା ବ୍ଲକ ଅଞ୍ଚଳର ଦୁଇ ବ୍ୟକ୍ତି କରୋନା ଆକ୍ରାନ୍ତ ହୋଇଥିବା ମଙ୍ଗଳବାର ଚିହ୍ନଟ ହୋଇଛନ୍ତି। ଖଇରା ବ୍ଲକ ଅଞ୍ଚଳର ସଂକ୍ରମିତ ଜଣକ ଜଣେ ଅବସରପ୍ରାପ୍ତ ଶିକ୍ଷକ ଓ ସେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ରେମୁଣା ବ୍ଲକ ଅକ୍ରାନ୍ତ ଜଣେ ୨୪ ବର୍ଷୀୟ ଯୁବକ ଓ ସେ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ସଂକ୍ଷେପରେ

### ବୁଗୁଡ଼ା ଓକିଲ ସଂଘର ୩ ଜଣିଆ ଅନ୍ତରୀଣ କମିଟି ଗଠିତ

**ବୁଗୁଡ଼ା,୧୯।୫(ଡି.ଏନ.ଏ.):** ବୁଗୁଡ଼ା ଓକିଲ ସଂଘର ୩ ଜଣିଆ ଅନ୍ତରୀଣ କମିଟି ଗଠିତ ହୋଇଛି। ଲକ୍‌ଡାଉନ୍ ଯୋଗୁ ଓକିଲ ସଂଘ ନିର୍ବାଚନ ହୋଇ ପାରି ନ ଥିଲା। ତେଣୁ ରାଜ୍ୟ ବାର୍ କାଉନ୍‌ସିଲ ଓଡ଼ିଶାଙ୍କ ନିର୍ଦ୍ଦେଶକ୍ରମେ ବୁଗୁଡ଼ା ଓକିଲ ସଂଘର ଅନ୍ତରୀଣ କମିଟି ସର୍ବସମ୍ମତିକ୍ରମେ ଗଠିତ ହୋଇଛି। ପରବର୍ତ୍ତୀ ନିର୍ବାଚନ ପର୍ଯ୍ୟନ୍ତ ଏହା କାମ କରିବ। ବୁଗୁଡ଼ା କୋର୍ଟର ବାର୍ ରୁମରେ ସରୋଜ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇ ସଭାପତି ରୂପେ ମିହିର କାନ୍ତ ପାଣିଗ୍ରାହୀ ନିର୍ବାଚିତ ହୋଇଥିବାବେଳେ ଆଡ୍‌ଭୋକେଟ ରଞ୍ଜନ କୁମାର ଦାଶ ଓ ସୁଦର୍ଶନ ପାତ୍ରଙ୍କୁ ସଭ୍ୟ ରୂପେ ମନୋନିତ କରାଯାଇଛି।

### କାର୍‌ରୁ ଗଞ୍ଜେଇ ଜବତ, ଜଣେ ଗିରଫ

**ଶଙ୍କରାଖୋଲ,୧୯।୫(ଡି.ଏନ୍.ଏ.):** ଚକାପାଦ ଥାନା ଘୁଡକାପଦର ପୋଲଠାରେ ମଙ୍ଗଳବାର ଚକାପାଦ ପୋଲିସ ଏକ ଓଲା କାର୍ (ନଂ.ଓଡି-୦୨ଏ ଆର-୦୨୮୮)ରୁ ୧୫ କେଜି ଗଞ୍ଜେଇ ଜବତ କରି ଚାଳକଙ୍କୁ ଗିରଫ କରିଛି। ସେ ହେଲେ ଟିକାବାଲି ଥାନା ଡିମୁଣ୍ଡା ଗ୍ରାମର ଟଙ୍କଧର ଦିଗାଳ। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଫିରିଙ୍ଗିଆ ଅଞ୍ଚଳରୁ ଗଞ୍ଜେଇ ନେଇ ଟିକାବାଲି, ଚକାପାଦ ଦେଇ କାରଟି ଭୁବନେଶର ଅଭିମୁଖେ ଯାଇଥିଲା। ଘୁଡୁକାପଦରଠାରେ ବିପରୀତ ଦିଗରୁ ଆସୁଥିବା ଜି.ଉଦୟଗିରି ଏସ୍‌ଡିପିଓ ଜୟକୃଷ୍ଣ ବେହେରା କାରଟିକୁ ଅଟକାଇ ଯାଞ୍ଚବେଳ ଗଞ୍ଜେଇ ମିଳିଥିଲା। ଏନେଇ ଚକାପାଦ ଥାନାରେ ନଂ.୨୩/୨୦ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ତପନ ତରୁଣ ବେହେରା ସୂଚନା ଦେଇଛନ୍ତି ।

### ବୁଢ଼ୀ ଠାକୁରାଣୀ ମନ୍ଦିରରୁ ରୁପା ଅଳଙ୍କାର, ଦାନ ହୁଣ୍ଡି ଚୋରି

**ବ୍ରହ୍ମପୁର ଅଫିସ,୧୯।୫:** ସଦର ଥାନା ଅନ୍ତର୍ଗତ ଲାଠୀ ଗ୍ରାମରେ ଥିବା ବୁଢ଼ୀ ଠାକୁରାଣୀ ମନ୍ଦିରରେ ଚୋରମାନେ ସୋମବାର ବିଳମ୍ବିତ ରାତିରେ ୩ ଗୋଟ ତାଲା ଭାଙ୍ଗି ସମସ୍ତ ରୁପା ଅଳଙ୍କାର ଓ ଦାନ ହୁଣ୍ଡି ନେଇଯାଇଛନ୍ତି। ଖବର ପାଇ ସଦର ଥାନା ପୋଲିସ ପହଞ୍ଚି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରୁଛି ବୋଲି ଥାନାଧିକାରୀ ସନ୍ତୋଷିନୀ ଓରାମ୍ ସୂଚନା ଦେଇଛନ୍ତି। ଦୁର୍ବୃତ୍ତମାନେ ପ୍ରାୟ ଅଢେଇ ଲକ୍ଷ ଟଙ୍କାର ରୁପା ଓ ଦାନ ହୁଣ୍ଡିରେ ଥିବା ୨୫ ହଜାର ଟଙ୍କା ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି ବୋଲି ମନ୍ଦିର ଟ୍ରଷ୍ଟି ଗୋପାଳ ସାହୁ ସୂଚନା ଦେଇଛନ୍ତି।

### ଲକ୍‌ଡାଉନ୍ ନିୟମ ଭାଙ୍ଗି ଜରିମାନା ଗଣିଲେ

**ବୁଗୁଡ଼ା,୧୯।୫(ଡି.ଏନ.ଏ.):** ବୁଗୁଡ଼ାରେ ଲକ୍‌ଡାଉନ୍ ନିୟମ ଅବମାନନା ଯୋଗୁ ମଙ୍ଗଳବାର ଏନ୍‌ଏସି ମଦନ ମୋହନ ଛକଠାରେ ତହସିଲଦାର ସଂଗ୍ରାମ କେଶରୀ ଜେନା ୨୩ ଜଣଙ୍କଠାରୁ ୪୬୦୦ ଟଙ୍କା ଜରିମାନା ଆଦାୟ କରିଥିଲେ। ମାସ୍କ ନ ପିନ୍ଧିବା ଅଭିଯୋଗରେ ୭ ଜଣଙ୍କଠାରୁ ୧୪୦୦ ଟଙ୍କା, ସାମାଜିକ ଦୂରତ୍ୱ ନ ରଖିବା ନେଇ ୭ ଜଣଙ୍କଠାରୁ ୧୪୦୦, ୫ ଜଣ ବାଇକ୍ ଚାଳକଙ୍କଠାରୁ ୧୦୦୦ ଏବଂ ଏଣେତେଣେ ଛେପ ପକାଇବା ଅଭିଯୋଗରେ ୪ ଜଣଙ୍କଠାରୁ ୮୦୦ ଟଙ୍କା ଆଦାୟ କରାଯାଇଛି।

# ଗଞ୍ଜାମରେ ସୁସ୍ଥ ହେଲେଣି ୧୦୯

## ସୁଗମ ଯୋଜନାରେ ଉପକୃତ ହେଲେଣି ଅନ୍ୟ ଜିଲାର ୨,୩୩୧

**ଛତ୍ରପୁର,୧୯।୫(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ ମଙ୍ଗଳବାର ୨୦ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ଏ ପର୍ଯ୍ୟନ୍ତ ୧୦୯ ଜଣ ସୁସ୍ଥ ହୋଇଥିବା ନେଇ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ସୂଚନା ଦେଇଛନ୍ତି। ମଙ୍ଗଳବାର ସୁସ୍ଥ ହୋଇଥିବା ୨୦ ଜଣଙ୍କୁ ଶୀତଳାପଲ୍ଲୀସ୍ଥିତ କୋଭିଡ୍ ହସ୍ପିଟାଲରୁ ଡିସଚାର୍ଜ କରାଯାଇଛି। ଏମାନେ ଘରେ କ୍ୱାରାଣ୍ଟାଇନ୍‌ରେ ୭ ଦିନ ରହିବେ। ସ୍ୱାସ୍ଥ୍ୟ ବିଭାଗର ଟିମ୍ ପ୍ରତ୍ୟେକ ଦିନ ଏମାନଙ୍କର ସ୍ୱାସ୍ଥ୍ୟାବସ୍ଥା ବୁଝିବ ବୋଲି ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଅନ୍ୟ ରାଜ୍ୟରୁ ଚାଲିକି ଗଞ୍ଜାମ ଜିଲା ଦେଇ ନିଜ ନିଜ ଜିଲାକୁ ଫେରୁଥିବା ଲୋକଙ୍କୁ ସୁଗମ ଯୋଜନାରେ ପ୍ରଶାସନ ଉଦ୍ଧାର କରୁଛି। ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ୨,୩୩୧ ଜଣଙ୍କୁ ବସ୍ ଯୋଗେ ସେମାନଙ୍କ ନିଜ ଜିଲାକୁ ପଠାଯାଇଛି। ସେମାନଙ୍କୁ ଖାଦ୍ୟ ପ୍ୟାକେଟ୍ ଦିଆଯାଇଛି। ସୁଗମ କାର୍ଯ୍ୟକ୍ରମରେ ୧୨୦୫ ଗରିବଙ୍କୁ ଶୁଖିଲା ଖାଦ୍ୟ ପ୍ୟାକେଟ୍ ବଣ୍ଟନ ହୋଇଛି। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହ ମିଶି ଛତ୍ରପୁରସ୍ଥିତ ଜିଲା କୋଭିଡ୍ ସେଲ୍ ପକ୍ଷରୁ ଏହା ତ୍ୱରାନ୍ୱିତ ହୋଇଛି। ସେହିପରି ଶକ୍ତି ଗାଁ ଯୋଜନାରେ କୋଭିଡ୍-୧୯ ମୁକାବିଲା କାର୍ଯ୍ୟରେ ସାମିଲ ଗାଡି ଚାଳକ, ଗୋଦାମ ଶ୍ରମିକ, ଡେଲିଭରି ବଏ ଏବଂ ସମସ୍ତ ଏଲପିଜି ରିଟେଲ ଆଉଟଲେଟ୍‌କୁ ଗ୍ଲୋବସ୍, ମାସ୍କ, ସାନାଟାଇଜର ବଣ୍ଟନ ହୋଇଛି। ବର୍ତ୍ତମାନ ସୁଦ୍ଧା ମିଲ୍ ଯୋଜନାରେ ବିଭିନ୍ନ ଅନୁଷ୍ଠାନ ଓ ଲୋକଙ୍କ ପକ୍ଷରୁ କୋଭିଡ୍ ସେଲ୍‌କୁ ୨୧ ହଜାର ୧୩୩ ଶୁଖିଲା ଖାଦ୍ୟ ପ୍ୟାକେଟ୍ ମିଳିଛି।

# ୨୪ ଜଣଙ୍କୁ ଛତିଶଗଡ଼ ପଠାଇଲା ପ୍ରଶାସନ



ଉପଜିଲାପାଳ ଶୁଖିଲା ଖାଦ୍ୟ ପ୍ରଦାନ କରୁଛନ୍ତି।

**ଭଞ୍ଜନଗର,୧୯।୫(ଡି.ଏନ.ଏ):** ଭଞ୍ଜନଗର ଠାକୁରାଣୀ ଯାତ୍ରାରେ ଚୁଡ଼ି ବିକିବା ଉଦ୍ଦେଶ୍ୟରେ ଆସି ଫସି ରହିଥିବା ଛତିଶଗଡ଼ର ଲୋକଙ୍କୁ ପ୍ରଶାସନ ପକ୍ଷରୁ ଘରକୁ ପଠାଯାଇଛି। ୫ ପରିବାରର ୨୪ ଜଣ ବସ୍ ଯୋଗେ ଛତିଶଗଡ଼ ଯାଇଛନ୍ତି। କରୋନା ପାଇଁ ଠାକୁରାଣୀ ଯାତ୍ରା ବନ୍ଦ ହେବା ଓ ଲକ୍‌ଡାଉନରେ ଗାଡିମୋଟର ନ ଚାଲିବାରୁ ଏମାନେ ଭିଟାମାଟିକୁ ଫେରି ନ ପାରି ଭଞ୍ଜନଗର ବ୍ଲକ ତୁଳସିପଲ୍ଲୀ ପାହାଡ଼ ତଳେ ପାଲରେ ଅସ୍ଥାୟୀ ଘର କରି ରହୁଥିଲେ। ପ୍ରଶାସନ ଏବଂ କେତେଜଣ ସାମାଜିକ କର୍ମୀ ସେମାନଙ୍କ ଖାଦ୍ୟ ବ୍ୟବସ୍ଥା କରିଥିଲେ। ମଙ୍ଗଳବାର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ଉଦ୍ୟମକ୍ରମେ ସେମାନଙ୍କୁ ବସ୍ ଯୋଗେ ଛତିଶଗଡ଼ ପଠାଇବା ବ୍ୟବସ୍ଥା କରାଯାଇଛି। ଉପଜିଲାପାଳ ଶୁଖିଲା ଖାଦ୍ୟ ଦେଇଛନ୍ତି। ଅନ୍ୟପକ୍ଷରେ ଉପଜିଲାପାଳ ମଙ୍ଗଳବାର କୁଲାଡ଼, ତୁରୁମୁ, ଢ଼ିହପଢ଼ାଳ, କୋଟିବିରାଡ଼ି, ବାରୁଡ଼ା, ବୋରିବନ୍ଧ, ଗୁଜୁରାଳି ସଙ୍ଗରୋଧ କେନ୍ଦ୍ର ପରିଦର୍ଶନ କରି ଲୋକଙ୍କ ସୁବିଧା ଅସୁବିଧା ବୁଝିଥିଲେ।

### ଲକ୍ଷାଧିକ ଟଙ୍କାର ଗୁଟ୍‌ଖା ଜବତ

**ପାତ୍ରପୁର,୧୯।୫(ଡି.ଏନ୍.ଏ.):** ପାତ୍ରପୁର ତହସିଲଦାର ଡ଼. ଶ୍ରୀନିବାସ ବେହେରା ମଙ୍ଗଳବାର ପାତ୍ରପୁର ଗ୍ରାମର ୨ଟି ଦୋକାନରେ ଚଢାଉ କରି ଲକ୍ଷାଧିକ ଟଙ୍କାର ଗୁଟ୍‌ଖା ଜବତ କରିଛନ୍ତି। ପରେ ଏହାକୁ ନିଆଁ ଲଗାଇ ପୋଡା ଯାଇଥିଲା। କରୋନା ପାଇଁ ସରକାର ପାନ ପୁଡ଼ିଆ, ଗୁଟୁଖା ବିକ୍ରି ସମ୍ପୂର୍ଣ୍ଣ ବନ୍ଦ ପାଇଁ ଘୋଷଣା କରିଥିବାବେଳେ ଏଠାରେ ବିଭିନ୍ନ ଅଞ୍ଚଳରେ ଖୋଲାଖୋଲି ଭାବେ ବିକ୍ରି ହେଉଛି।

### ଗୋଷ୍ଠୀ ସଂଘର୍ଷରେ ୫ ଆହତ

**ପାତ୍ରପୁର,୧୯।୫(ଡି.ଏନ୍.ଏ.):** ଜରଡ଼ା ଥାନା ଗୋପାଳପଲ୍ଲୀ ଗ୍ରାମରେ ସୋମବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷରୁ ୫ ଜଣ ଆହାତ ହୋଇଛନ୍ତି। ପୂର୍ବରୁ ଶ୍ରୀରାମ ନବମୀବେଳେ ଉଭୟ ଗୋଷ୍ଠୀ ଦର୍ଶନ ପାଇଁ ମାର୍‌ପିଟ ହୋଇ ୮ରୁ ଉର୍ଦ୍ଧ୍ୱ ଆହାତ ହୋଇଥିଲେ। ସୋମବାର ରାତିରେ କଥାକଟାକଟିକୁ ନେଇ ପୁଣି ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପୋଲିସ ପହଞ୍ଚି ୧୪ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି।

### ଜେଲ ଫେରନ୍ତା ଯୁବକଙ୍କ ଆତଙ୍କ, ଥାନାରେ ଏତଲା

**ଦିଗପହଣ୍ଡି,୧୯।୫(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ପଞ୍ଚାୟତ ନରସିଂହପୁର ଗାଁରେ ଜଣେ ଜେଲ ଫେରନ୍ତା ଯୁବକ ମଙ୍ଗଳବାର ଆତଙ୍କ ସୃଷ୍ଟି କରିଛନ୍ତି। ସେ ଅନ୍ୟ ୪ ଜଣଙ୍କ ସହ ଗାଁରେ ପହଞ୍ଚି ମଣ୍ଡପରେ ବସିଥିବା ଲୋକଙ୍କୁ ଗାଳିଗୁଲଜ କରିଥିଲେ। ପ୍ରତିବାଦ କରିବାରୁ ଗାଁ ମୁଖିଆ ଜେ.ଦେବରାଜ ରେଡ୍ଡୀ ଓ ତାଙ୍କ ୨ ପୁଅଙ୍କ ସମେତ କିଛି ଗ୍ରାମବାସୀଙ୍କୁ ମାଡ଼ମାରି ଚମ୍ପଟ ମାରିଛନ୍ତି। ଗାଁ ମୁଖିଆ ସନ୍ଧ୍ୟାରେ ଏନେଇ ଥାନାରେ ଏତଲା ଦେଇଛନ୍ତି। ଗାଁରେ ଚାପା ଉତ୍ତେଜନା ଲାଗି ରହିଛି। ନିୟନ୍ତ୍ରଣାଧୀନ ଥିବା ଆଇଆଇସି ବସନ୍ତ କୁମାର ସେଠୀ ଜଣାଇଛନ୍ତି।

### ଅମ୍ଫନ୍: ୪୩୧ ଲୋକଙ୍କୁ ସ୍ଥାନାନ୍ତର



ପ୍ରଶାସନ ପକ୍ଷରୁ ଲୋକଙ୍କୁ ସ୍ଥାନାନ୍ତର କରାଯାଉଛି।

**ଆର.ଉଦୟଗିରି, ୧୯।୫(ଡି.ଏନ.ଏ.)** ନୂଆଗଡ ବ୍ଲକର ୧୦ ପାହାଡ ତଳି ଅଞ୍ଚଳ ଗ୍ରାମକୁ ବ୍ଲକ ପକ୍ଷରୁ ଚିହ୍ନଟ କରାଯାଇଥିଲା। ମଙ୍ଗଳବାର ବ୍ଲକ ପ୍ରଶାସନ ପୁଟୁପଡା ପଞ୍ଚାୟତର ପାରାଜୀ ଗ୍ରାମର ୪୬ ପରିବାରର ୨୭୦ ଲୋକଙ୍କୁ ପାରାଜୀ ଅଙ୍ଗନୱାଡି କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଆର.ଉଦୟଗିରି ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ଅଞ୍ଜବା ଏବଂ ଅନଗାଁ ପଞ୍ଚାୟତ ଭୂଇଁପଡା ଗ୍ରାମର ୧୬୧ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ସେହିପରି ସମ୍ବଲପୁର ପଞ୍ଚାୟତ ଚଡିଆପଦା ଗ୍ରାମର ଲୋକଙ୍କୁ ସ୍ଥାନାନ୍ତର କରିବା ପାଇଁ ପିଇଓମାନଙ୍କୁ ପଠାଯାଇଥିବା ଜିପିଇଓ ସାହୁ କହିଛନ୍ତି।

# ସାଇକେଲରେ ତାମିଲନାଡୁରୁ ପୋଲସରା ଫେରିଲେ ଯୁବକ

**ପୋଲସରା,୧୯।୫(ଡି.ଏନ.ଏ.)**



ଅରୁଣ ନାୟକ।

ପୋଲସରା ଇଚ୍ଛାପୁର ଗ୍ରାମର ଅରୁଣ ନାୟକ ତାମିଲନାଡୁର ଅମ୍ବାତୁରରୁ ସାଇକେଲରେ ଆସି ସୋମବାର ନିଜ ଅଞ୍ଚଳରେ ପହଞ୍ଚିଛନ୍ତି। ଅମ୍ବାତୁରର ଏକ କମ୍ପାନୀରେ ଅରୁଣ କାମ କରୁଥିଲେ। ଲକ୍‌ଡାଉନ୍ ଯୋଗୁ କାମ ବନ୍ଦ ପରେ ଚଳିବାକୁ ଅସୁବିଧା ହୋଇଥିଲା। ଦୀର୍ଘ ୮ଦିନ ସାଇକେଲ ଚଳାଇ ସେ ପୋଲସରା ଅଞ୍ଚଳରେ ପହଞ୍ଚିଥିଲେ। ସେଠାରୁ ତାଙ୍କ ଘର ଆହୁରି ୨୫କିମି ଥିବାବେଳେ ଥକି ପଡିବାରୁ ଆଉ ଯାଇ ପାରି ନ ଥିଲେ। ଖବର ପାଇ ପୋଲସରା ବ୍ଲକର କୋଭିଡ-୧୯ର ନୋଡାଲ ଅଫିସର ଅଶ୍ୱିନୀ କୁମାର ସାହୁ ଓ ସରପଞ୍ଚ ପ୍ରତିନିଧି ଲଡୁ କିଶୋର ସାହୁ ତାଙ୍କୁ ନେଇ ସାନବରଗାଁ ସ୍ଥିତ ସଙ୍ଗରୋଧ ଗୃହରେ ରଖିଥିଲେ।

# ୧୧୬୭ କ୍ୱାରାଣ୍ଟାଇନ୍ ସେଣ୍ଟରରେ ୫୫,୦୨୫ ପ୍ରବାସୀ

**ଛତ୍ରପୁର,୧୯।୫(ଡି.ଏନ୍.ଏ.)**

**ନଜର ରଖୁଛି ୫୮ ପୋଲିସ ମୋବାଇଲ ଟିମ୍**

ଗଞ୍ଜାମ ପୋଲିସ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ୧,୧୬୭ଟି କ୍ୱାରାଣ୍ଟାଇନ୍ ସେଣ୍ଟର ରହିଛି। ଏଥିରେ ମୋଟ ୫୫,୦୨୫ ପ୍ରବାସୀ ଅଛନ୍ତି। କ୍ୱାରାଣ୍ଟାଇନ୍ ସେଣ୍ଟର ବାହାରେ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ୫୮ ଟି ପୋଲିସ ମୋବାଇଲ ଟିମ କ୍ୱାରାଣ୍ଟାଇନ୍ ସେଣ୍ଟରଗୁଡିକ ଉପରେ ନଜର ରଖିଥିବା ଏସ୍‌ପି ବ୍ରିଜେଶ କୁମାର ରୟ ସୂଚନା ଦେଇଛନ୍ତି। ଉକ୍ତ ଅଞ୍ଚଳରେ ସ୍ଥାନୀୟ ପୋଲିସ ନିୟମିତ ପାଟ୍ରୋଲିଂ କରୁଛି। ଏଥିସହ କୋଭିଡ-୧୯ ଓ କ୍ୱାରାଣ୍ଟାଇନ ସେଣ୍ଟର ପାଇଁ ଥିବା ସରକାରୀ ଗାଇଡଲାଇନକୁ କାର୍ଯ୍ୟକାରୀ କରାଯାଉଥିବା ଏସପି କହିଛନ୍ତି। କ୍ୱାରାଣ୍ଟାଇନ ସେଣ୍ଟରର କ'ଣ ସୁବିଧା ଅସୁବିଧା ଅଛି, ଦୈନିକ ରିପୋର୍ଟ ମୋବାଇଲ ଟିମ ଓ ସ୍ଥାନୀୟ ଥାନା ପୋଲିସ ପକ୍ଷରୁ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ପଠାଯାଉଛି। ଏହି ରିପୋର୍ଟକୁ ମନିଟରିଂ କରି ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ସୂଚନା ମିଳିଛି।

# ସୀତାଢ଼ିମ୍ବିରା ସାହିରେ ବୋମାମାଡ଼

**ବ୍ରହ୍ମପୁର ଅଫିସ,୧୯।୫**

ବଡ଼ବଜାର ଥାନା ଅନ୍ତର୍ଗତ ସୀତାଢ଼ିମ୍ବିରା ସାହିରେ ମଙ୍ଗଳବାର ସନ୍ଧ୍ୟାରେ ବୋମାମାଡ଼ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହା ହୋଇଥିବା ପୋଲିସ ସୂଚନା ଦେଇଛି। ଅନ୍ୟପଟେ ଏଥିରେ କେହି ଆହତ ହୋଇ ନ ଥିବା ବେଳେ ବୋମା ଶବ୍ଦରେ ଅଞ୍ଚଳରେ ଆତଙ୍କ ଖେଳିଯାଇଛି।

ଘଟଣାରୁ ପ୍ରକାଶ, ଗତ ଦୁଇଦିନ ତଳେ ସୀତାଢ଼ିମ୍ବିରା ସାହିରେ ରହୁଥିବା ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ଏହାର ପ୍ରତିଶୋଧ ନେବା ପାଇଁ ଉକ୍ତ ଗୋଷ୍ଠୀର କେତେକ ଯୁବକ ଅନ୍ୟ ଗୋଷ୍ଠୀ ଉପରେ ଆକ୍ରମଣ କରିବା ପାଇଁ ଏଭଳି ବୋମାମାଡ଼ କରିଥିବା ପୋଲିସ ସନ୍ଦେହ କରୁଛି। ଅଞ୍ଚଳରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାରୁ ବଡ଼ବଜାର ଥାନାଧିକାରୀ ପ୍ରଶାନ୍ତ କୁମାର ଭୂପତି ଓ ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି ସେଠାରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି।

# ସାବିତ୍ରୀ ବ୍ରତ ପାଇଁ ବଜାରରେ ଭିଡ଼



ମୁଖ୍ୟରାସ୍ତାରେ ଟ୍ରାଫିକ ଜାମ୍।

**କବିସୂର୍ଯ୍ୟନଗର,୧୯।୫(ଡି.ଏନ୍.ଏ.)**

**ଭୁଲିଗଲେ ସାମାଜିକ ଦୂରତ୍ୱ**

କରୋନାର ଭୟାବହତା କମିନାହିଁ। ତେଣୁ ଲକ୍‌ଡାଉନ୍ ମେ' ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଚତୁର୍ଥ ପର୍ଯ୍ୟାୟରେ ଏହାକୁ ସାମାନ୍ୟ କୋହଳ କରି ଦୋକାନ ବଜାର ଖୋଲିବାକୁ ଅନୁମତି ମିଳିଛି। ମାତ୍ର ସାମାଜିକ ଦୂରତା ଓ ମାସ୍କ ବ୍ୟବହାରକୁ ଆହୁରି କଡାକଡି କରାଯାଇଛି। କବିସୂର୍ଯ୍ୟନଗର ଅଞ୍ଚଳରେ ଏହାର ଖୋଲା ଉଲ୍ଲଘଂନ ହେଉଥିବା ମଙ୍ଗଳବାର ଦେଖିବାକୁ ମିଳିଥିଲା। କବିସୂର୍ଯ୍ୟନଗର ବସ୍‌ଷ୍ଟପ୍ ସ୍ଥିତ ଲୁଗା ଦୋକାନ, ଷ୍ଟେସନାରୀ, ଫଳ ଦୋକାନରେ ମଙ୍ଗଳବାର ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଦୋକାନୀ ଗ୍ରାହକ ସମସ୍ତେ କୋଭିଡ୍ ନିୟମକୁ ଭୁଲି ଯାଇଥିଲେ। ସ୍ଥାନୀୟ ପ୍ରଶାସନର ଦେଖା ମିଳି ନ ଥିଲା।

### ଶ୍ମଶାନରୁ ନବବଧୂଙ୍କ ଅଧାପୋଡ଼ା ମୃତଦେହ ଜବତ

**ସୋରଡା,୧୯।୫(ଡି.ଏନ୍.ଏ.):** ସୋରଡା ବ୍ଲକ ରାଇବନ୍ଧ ଶ୍ମଶାନରୁ ବଡଗଡ ପୋଲିସ ଜଣେ ନବବଧୂଙ୍କ ଅଧାପୋଡା ମୃତଦେହ ମଙ୍ଗଳବାର ଜବତ କରିଛି। ସେ ହେଲେ କୁଲାଙ୍ଗି ଗ୍ରାମର କୃଷ୍ଣ ସ୍ୱାଇଁଙ୍କ ଝିଅ ଟିକିନା (୨୦)। ରାଇବନ୍ଧ ଗ୍ରାମର କବିରାଜ ସ୍ୱାଇଁଙ୍କୁ ୨ ମାର୍ଚ୍ଚରେ ଟିକିନା ବିବାହ କରିଥିଲେ। ମଙ୍ଗଳବାର ଝିଅଦେହ ଖରାପ ଥିବା ଶାଶୁଘର ଲୋକେ ଫୋନ୍ କରି କୃଷ୍ଣଙ୍କୁ ଜଣାଇଥିଲେ। ସେ ପହଞ୍ଚିବାବେଳକୁ ଝିଅର ମୃତ୍ୟୁ ହୋଇ ସାରିଥିଲା। ଖବର ପାଇ ବଡଗଡ ଥାନା ଅଧିକାରୀ ପ୍ରତାପ କୁମାର ତ୍ରିପାଠୀ ସଦଳବଳ ଶ୍ମଶାନରେ ପହଞ୍ଚି ଅଧାପୋଡା ମୃତଦେହ ଜବତ କରିଥିଲେ। ମନା କରିବା ସତ୍ତ୍ୱେ ଶାଶୁଘର ଲୋକେ ନେଇ ମୃତଦେହ ପୋଡି ଦେଉଥିଲେ, ଯୌତୁକ ଦାବିରେ ତାଙ୍କ ଝିଅଙ୍କୁ ହତ୍ୟା କରାଯାଇଛି ବୋଲି କୃଷ୍ଣ ପୋଲିସ ଆଗରେ କହିଛନ୍ତି। ଦରପୋଡା ମୃତଦେହ ବ୍ରହ୍ମପୁର ଏଫ୍ଏମ୍‌ଟିକୁ ପଠାଯିବ, ସ୍ୱାମୀ, ଶଶୁର ଓ ଦିଅରଙ୍କୁ ଅଟକ ରଖାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ କହିଛନ୍ତି।

# କରୋନା ପଜିଟିଭ୍ ଚିହ୍ନଟ ପରେ ଲିଆଖାଇ ଗାଁ ସିଲ୍

**ଚିକିଟି,୧୯।୫(ଡି.ଏନ.ଏ.)**



ଲିଆଖାଇ ଗ୍ରାମରେ ପ୍ରଶାସନିକ ଅଧିକାରୀ ଓ ପୋଲିସ ପ୍ରଶାସନ।

ଚିକିଟି ବ୍ଲକ୍ ଲିଆଖାଇ ଗ୍ରାମକୁ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ପ୍ରଶାସନ ସିଲ୍ କରିଛି। ମସ୍ତିଷ୍କ କର୍କଟ ରୋଗରେ ଭୁବନେଶ୍ୱର ଏମ୍‌ସ ହସ୍‌ପିଟାଲରେ ଚିକିତ୍ସିତ ହେଉଥିବା ଉକ୍ତ ଗ୍ରାମର ଜଣେ ବ୍ୟକ୍ତିଙ୍କ କୋଭିଡ୍-୧୯ ରିପୋର୍ଟ ପଜିଟିଭ୍ ଆସିବା ପରେ ଜିଲା ପ୍ରଶାସନର ନିଷ୍ପତ୍ତି ପ୍ରକାରେ ଏପରି ପଦକ୍ଷେପ ନିଆଯାଇଥିବା ତହସିଲଦାର ହରପ୍ରସାଦ ଭୋଇ କହିଛନ୍ତି।

ପ୍ରକାଶ ଯେ, ସମ୍ପୃକ୍ତ ବ୍ୟକ୍ତି ଜଣକ ମସ୍ତିଷ୍କ କର୍କଟ ରୋଗରେ ପୀଡିତ ଥାଇ କିଛିଦିନ ହେଲା ବ୍ରହ୍ମପୁର ବଡ ମେଡିକାଲ ଓ କେତେକ ବେସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିଲେ। ସପ୍ତାହ ତଳେ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ଏମ୍‌ସ୍ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ରିପୋର୍ଟ ପଜିଟିଭ୍ ଆସିବାପରେ ଗଞ୍ଜାମ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଅପରାହ୍ନରେ ଚିକିଟି ବିଡିଓ ଫାଲ୍‌ଗୁନି ମାଝି, ତହସିଲ୍‌ଦାର ହରପ୍ରସାଦ ଭୋଇ ପ୍ରମୁଖ କ.ନୂଆଗାଁ ପୋଲିସ ସହ ଉକ୍ତ ଗାଁରେ ପହଞ୍ଚି ସିଲ୍ କରିଛନ୍ତି। ଉକ୍ତ ବ୍ୟକ୍ତିଙ୍କ ଘରେ ତାଲା ପଡିଥିବାବେଳେ ପାଖ ପଡୋଶୀଙ୍କ ଠାରୁ ରିପୋର୍ଟ ସଂଗ୍ରହ କରାଯାଇଛି। ସେ କିଭଳି କରୋନା ସଂକ୍ରମିତ ହେଲେ ସେ ନେଇ ଜଣାପଡିନାହିଁ।

# ସାମାଜିକ ଦୂରତ୍ୱ ଉଲ୍ଲଂଘନ, ୫ ଦୋକାନ ସିଲ୍

## ମାସ୍କ ନ ପିନ୍ଧି ୧୦୧ ଦେଲେ ଜରିମାନା

**ଛତ୍ରପୁର,୧୯।୫(ଡି.ଏନ.ଏ)**



ଦୋକାନକୁ ସିଲ୍ କରାଯାଉଛି।

ଛତ୍ରପୁର ତହସିଲ ଓ ଏନ୍‌ଏସି ପକ୍ଷରୁ ବିଭିନ୍ନ ଦୋକାନରେ ମଙ୍ଗଳବାରଠାରୁ ଯାଞ୍ଚ ଆରମ୍ଭ ହୋଇଛି। ସାମାଜିକ ଦୂରତା ରକ୍ଷା ଏବଂ ମାସ୍କ, ଗ୍ଲୋବ୍ସ ବ୍ୟବହାର କରାଯାଉ ନ ଥିଲେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତହସିଲଦାର, ଅତିରିକ୍ତ ତହସିଲଦାର ଓ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ଟିମ୍ ବିଭିନ୍ନ ଦୋକାନ ବଜାର ଓ ସର୍ବସାଧାରଣ ସ୍ଥାନରେ ଯାଞ୍ଚ କରିଛନ୍ତି। ସାମାଜିକ ଦୂରତା ରଖି ନ ଥିବା, ମାସ୍କ ଓ ଗ୍ଲୋବ୍ସ ବ୍ୟବହାର କରି ନ ଥିବା ନେଇ ଛତ୍ରପୁର ସହର ଓ ଗ୍ରାମାଞ୍ଚଳରେ ୫ ଦୋକାନକୁ ପ୍ରଶାସନ ସିଲ୍ କରିଛି। ଛତ୍ରପୁର ବଜାରରେ ୨, ନରେନ୍ଦ୍ରପୁର, ଟାଙ୍ଗଣାପଲ୍ଲୀ ଓ ସୁନ୍ଦରପୁରରେ ଗୋଟିଏ ଲେଖାଏ ଦୋକାନ ସିଲ୍ କରାଯାଇଛି। ସିଲ୍ ହୋଇଥିବା ଦୋକାନର କବାଟ ଓ ସଟରରେ ସୋସିଆଲ୍ ଡିଷ୍ଟାନ୍ସିଂ ଉଲ୍ଲଂଘନ ନେଇ ଷ୍ଟିକର ମରାଯାଇଛି। ସେହିପରି ମାସ୍କ ପିନ୍ଧି ନ ଥିବାରୁ ୧୦୧ ଜଣଙ୍କ ଠାରୁ ୨ଶହ ଟଙ୍କା ଲେଖାଏଁ ମୋଟ ୨୩ ହଜାର ୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ତହସିଲଦାର ଙ୍କ ଟିମ୍ ୩୫ ଜଣଙ୍କ ଠାରୁ ଜରିମାନା ଆଦାୟ କରିଥିବାବେଳେ ଅତିରିକ୍ତ ତହସିଲଦାରଙ୍କ ଟିମ୍ ୫୨ ଜଣ ଏବଂ ଏନଏସି ନିର୍ବାହୀ ଅଧିକାରୀ ଙ୍କ ଟିମ୍ ୧୪ ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଛି।

# ସଂକ୍ଷେପରେ

## ବିଲରୁ ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

ଉଲୁଣ୍ଡା,୧୯।୫ (ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଗଣ୍ଡାବାହାଲ ଗ୍ରାମର ମହିମାଟିକିରା ନିକଟ ଏକ ବିଲରୁ ମଙ୍ଗଳବାର ସକାଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ସ୍ଥାନୀୟ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ଲସ୍ତଲା ଗ୍ରାମର ନୀଳାଞ୍ଚଳ ସାହୁ (୪୫)। ପାରିପାର୍ଶ୍ୱିକ ସ୍ଥିତିରୁ ନୀଳାଞ୍ଚଳଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୋମବାର ସନ୍ଧ୍ୟାରେ ସେ ଘରୁ ବାହାରିଥିବାବେଳେ ରାତିରେ ଆଉ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ସକାଳୁ ପୋଲିସ ବିଲରେ ଏକ ମୃତଦେହ ପଡ଼ିଥିବା ନେଇ ଖବର ପାଇଥିଲା। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ସନ୍ଧାନୀ କୁକୁର ସହ ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ କରି ଫେରିଛନ୍ତି। ମୃତକଙ୍କ ମୁଣ୍ଡରେ ମାଡ ଚିହ୍ନ ଥିବା ବେଳେ ତାଙ୍କୁ ଅନ୍ୟସ୍ଥାନରେ ହତ୍ୟା କରାଯାଇ ଉକ୍ତ ସ୍ଥାନରେ ପକାଇ ଦିଆଯାଇଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସମ୍ବଲପୁର : ଆଉ ୨ କରୋନା ପଜିଟିଭ ଚିହ୍ନଟ

ସମ୍ବଲପୁର,୧୯।୫(ବ୍ୟୁରୋ): ସମ୍ବଲପୁର ଜିଲାରେ ମଙ୍ଗଳବାର ୨ଜଣଙ୍କଠାରେ କରୋନା ପିଜିଟିଭ ଚିହ୍ନଟ ହୋଇଛି। ଏହାକୁ ମିଶାଇ ଏବେ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩ରେ ପହଞ୍ଚିଛି। ମଙ୍ଗଳବାର ଚିହ୍ନଟ ଆକ୍ରାନ୍ତମାନେ ପଶ୍ଚିମବଙ୍ଗ ଫେରନ୍ତା। ସେମାନେ ଗତ ୧୧ତାରିଖରୁ ହୀରାକୁଦ ଲରପଙ୍କସ୍ଥିତ କ୍ୱାରାଣ୍ଟାଇନ ସେଣ୍ଟରରେ ରହିଥିଲେ। ସ୍ୱାବ ପରୀକ୍ଷା ପରେ ରିପୋର୍ଟ ପଜିଟିଭ ଆସିବାରୁ ଉଭୟଙ୍କୁ ରାଉରକେଲା କୋଭିଡ ୧୯ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ କ୍ୱାରାଣ୍ଟାଇନ ସେଣ୍ଟରରେ ଥିବାରୁ ପରିସ୍ଥିତି ନିୟନ୍ତ୍ରଣରେ ରହିଛି ବୋଲି ଜିଲାପାଳ ଶୁଭମ ସକସେନା କହିଛନ୍ତି। ସେଣ୍ଟରରେ ରହୁଥିବା ଅନ୍ୟମାନଙ୍କ ସ୍ୱାବ ପରୀକ୍ଷା କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୧୧ତାରିଖ ଏକ ବସ୍ ଯୋଗେ ୨୫ ଶ୍ରମିକ ସମ୍ବଲପୁର ଆସିଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ସମ୍ବଲପୁର ସହରର ହୋଇଥିବା ବେଳେ ଅନ୍ୟମାନେ ବଲାଙ୍ଗୀର ଜିଲାର ଥିଲେ।

# କାୟା ବିସ୍ତାର କରୁଛି ପିଏଲ୍ଏଫ୍ଆଇ

**ନୂଆଗାଁ ବ୍ଲକ**
- ନିଲମ୍ବିତ ସରପଞ୍ଚଙ୍କୁ ଆକ୍ରମଣ ଘଟଣାରେ ଜଣେ ଗିରଫ
- ଗିରଫ ଯୁବକଙ୍କଠାରୁ ମିଳିଛି ବହୁ ତଥ୍ୟ
- ଠିକାଦାର, ଇଟାଭାଟି ମାଲିକ ଓ ବ୍ୟବସାୟୀ ଦେଉଛନ୍ତି ଲେଭି

ନୂଆଗାଁ,୧୯।୫(ଡି.ଏନ୍.ଏ.)

ଗତ ୧୨ ତାରିଖ ରାତିରେ କର୍କଟନାସା ପଞ୍ଚାୟତର ନିଲମ୍ବିତ ସରପଞ୍ଚ ଆଗ୍ନେସିୟୁସ ହୋରଙ୍କୁ କେତେଜଣ ଯୁବକ ବନ୍ଧୁକ ଦେଖାଇ ଅପହରଣ କରିନେଇଥିଲେ । ପରେ ତାଙ୍କୁ ଜଙ୍ଗଲକୁ ନେଇ ମାଡ ମରାଯିବା ସହ ୩ ଲକ୍ଷ ଟଙ୍କା ଲେଭି ଦାବି କରି ଛାଡ଼ି ଦେଇଥିଲେ। ଏହି ଘଟଣାରେ ସୋମବାର ରାତିରେ ହାତୀବାରି ଓ ନୂଆଗାଁ ଫାଣ୍ଡି ପୋଲିସ ଝାଡ଼ଖଣ୍ଡର ପରବା ଅଞ୍ଚଳରୁ ମନୀସ ବୈଠା (୨୨)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । ତାଙ୍କ ବୟାନ ଆଧାରରେ ପୋଲିସ ଅନ୍ୟ ଅପରାଧିଙ୍କୁ ଠାବ କରିବାକୁ ଜୋରସୋର ଉଦ୍ୟମ ଜାରି ରଖିଛି । ଗିରଫ ମନୀସ ପିଏଲଏଫ୍ ଆଇ ସଙ୍ଗଠନରେ ପୂର୍ବରୁ ଥିଲେ । ହେଲେ ବର୍ତ୍ତମାନ ସେ ସେହି ସଙ୍ଗଠନରେ ନ ଥିବା ପ୍ରକାଶ କରିଛନ୍ତି । ହେଲେ ଘଟଣା ଦିନ ସେ ପିଏଲ୍ଏଫ୍ଆଇର ଏରିଆ କମାଣ୍ଡର ସଚ୍ଚିଦ ସିଂ ଓ ସାମୁଏଲ ଲୁଗୁନଙ୍କ ଚାପରେ ସେ ତାଙ୍କ ସହିତ ଯାଇ ନିଲମ୍ବିତ ସରପଞ୍ଚଙ୍କୁ ଆକ୍ରମଣ କରିଥିଲେ ବୋଲି ମନୀସ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଏହି ଘଟଣାରୁ ପିଏଲ୍ଏଫ୍ଆଇ ଓଡ଼ିଶା ସୀମାନ୍ତ ଅଞ୍ଚଳରେ ତାର କାୟାବିସ୍ତାର କରିବାରେ ଲାଗିଛି ବୋଲି ସ୍ପଷ୍ଟ ହୋଇଛି।

ପିଏଲ୍ଏଫ୍ଆଇ (ପିପୁଲ୍ସ ଲିବରେଶନ୍ ଫ୍ରଣ୍ଟ ଅଫ୍ ଇଣ୍ଡିଆ) ଝାଡ଼ଖଣ୍ଡର ଏକ ଜଣାଶୁଣା ଅପରାଧି ସଙ୍ଗଠନ। ଯାହାର ମୁଖ୍ୟ ହେଉଛନ୍ତି ଦିନେଶ ଗୋପ। ଗତ ୧୩ ବର୍ଷ ହେଲା ଏହି ସଙ୍ଗଠନ ଝାଡ଼ଖଣ୍ଡ ଓ ଓଡ଼ିଶା ସୀମାନ୍ତରେ ନିଜର ଉପସ୍ଥିତି ଜାହିର କରି ଚାଲିଛି। ହତ୍ୟା, ଲୁଟ୍, ଛିନତାଇ, ଦାଦାବଟି ଆଦାୟ ଆଦି ଘଟଣାରେ ଏହି ସଙ୍ଗଠନର ସଦସ୍ୟମାନେ ସାମିଲ ହୋଇଛନ୍ତି । ସଙ୍ଗଠନର ମୁଖ୍ୟ ଦିନେଶଙ୍କ ନିର୍ଦ୍ଦେଶରେ ଓଡିଶା ଝାଡ଼ଖଣ୍ଡ ସୀମାନ୍ତ ଅଞ୍ଚଳରେ ଜଣେ ପରେ ଜଣେ ଏରିଆ କମାଣ୍ଡର ମୁତୟନ କରାଯାଇ ଏଭଳି ଅପରାଧ ଘଟଣା ଘଟାଇ ଚାଲିଛନ୍ତି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗତ ରବିବାର ଝାଡଖଣ୍ଡର ଜଲଡେଗା ଥାନା ଅନ୍ତର୍ଗତ ବନ୍ଦସେରା ଜଙ୍ଗଲରେ ଝାଡଖଣ୍ଡ ପୋଲିସ ଓ ପିଏଲ୍ଏଫ୍ଆଇ ମଧ୍ୟରେ ହୋଇଥିବା ଗୁଳିକାଣ୍ଡ ଘଟଣାରେ ଗିରଫ ହୋଇଥିବା ଦୁର୍ଦ୍ଦାନ୍ତ ଅପରାଧି ଜନସନ ବାର୍ଲା ଅଧିକାଂଶ ସମୟରେ ଓଡ଼ିଶା ସୀମାବର୍ତ୍ତି ଗ୍ରାମରେ ବିଭିନ୍ନ ଇଟାଭାଟି ମାଲିକ, ଠିକାଦାରଙ୍କଠାରୁ ଦାଦା ବଟି ଆଦାୟ କରୁଥିଲେ । ବର୍ତ୍ତମାନ ଓଡିଶା– ଝାଡଖଣ୍ଡ ସୀମା ଓ ସୀମାବର୍ତ୍ତି ଗାଁ ଗୁଡିକରେ ଗଢ଼ି ଉଠିଥିବା ଏକାଧିକ ଇଟାଭାଟି ମାଲିକମାନେ ପିଏଲ୍ଏଫ୍ଆଇ ସଙ୍ଗଠନକୁ ମୋଟା ଅଙ୍କରେ ଲେଭି ଦେଉଛନ୍ତି ବୋଲି ଜଣାପଡିଛି। ସେହିଭଳି ପିଏଲ୍ଏଫ୍ଆଇ ସଙ୍ଗଠନରେ ପ୍ରଥମ କରି ୨ ମହିଳା ଗିରଫ ହେବା ଚିନ୍ତାର ବିଷୟ । ବନ୍ଦସେରା ଜଙ୍ଗଲରୁ ଝାଡଖଣ୍ଡ ପୋଲିସ ଦ୍ୱାରା ଗିରଫ ହୋଇଥିବା ହେମନ୍ତି ଟୋପ୍ନ ଓ ମୋଇଲେନ ବୋଡିଂ ସଙ୍ଗଠନରେ କେବେଠାରୁ ଅଛନ୍ତି ତାହା ସ୍ପଷ୍ଟ ହୋଇ ନ ଥିଲେ ହେଁ ଆଗାମୀ ଦିନରେ ପିଏଲ୍ଏଫ୍ଆଇ ସଙ୍ଗଠନରେ ମହିଳାଙ୍କ ସଂପୃକ୍ତିକୁ ଏଡାଇ ଦିଆଯାଇ ନ ପାରେ । ଦୀର୍ଘ ୧୩ ବର୍ଷ ଭିତରେ ପିଏଲ୍ଏଫ୍ଆଇ ତାର କାୟାବିସ୍ତାର କରିବା ଓଡିଶା ପୋଲିସ ପାଇଁ ଏକ ଚିନ୍ତାର ବିଷୟ ହୋଇଛି।



ପ୍ରବାସୀ ଶ୍ରମିକମାନେ ରାସ୍ତା ଅବରୋଧ କରିଛନ୍ତି ।

# ଲୁହୁରାଚଟିରେ ପ୍ରବାସୀ ଶ୍ରମିକଙ୍କ ହଙ୍ଗାମା

**ସୋହେଲା**
- କ୍ୱାରାଣ୍ଟାଇନ ସେଣ୍ଟରରେ ଅବ୍ୟବସ୍ଥା
- ଘରକୁ ପଠାଇବା ଦାବିରେ ରାସ୍ତା ଅବରୋଧ

ସୋହେଲା,୧୯।୫(ଡି.ଏନ.ଏ)

ବରଗଡ଼ ଜିଲା ସୋହେଲା ବ୍ଲକ ସୀମାନ୍ତ ଲୁହୁରାଚଟି ଦେଇ ଚାଲି ଚାଲି ଆସୁଥିବା ଶତାଧିକ ପ୍ରବାସୀ ଶ୍ରମିକଙ୍କୁ ପ୍ରଶାସନ ଅଟକାଇ ଲୁହୁରାଚଟି ଓ ସୋହେଲା ସ୍ଥିତ ଶିବିରରେ ରଖିଥିଲା । କିନ୍ତୁ ଲୁହୁରାଚଟି ଶ୍ରୀ ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ର ଶିବିରରେ ରଖାଯାଇଥିବା ରାଜ୍ୟର କେନ୍ଦ୍ରାପଡା, କଟକ, ଗଞ୍ଜାମ, ଗଜପତି, ବାଲେଶ୍ୱର ଆଦି ଜିଲାର ଶତାଧିକ ଶ୍ରମିକ ଶିବିରରେ ଖାଦ୍ୟପେୟର ଅସୁବିଧା ହେଉଥିବା ଅଭିଯୋଗ କରିଛନ୍ତି । ସେମାନଙ୍କୁ ତୁରନ୍ତ ନିଜ ନିଜ ଜିଲାକୁ ପଠାଇବା ପାଇଁ ଦାବି କରି ହଙ୍ଗାମା କରିବା ସହିତ ଜାତୀୟ ରାଜପଥ ଅବରୋଧ କରିଥିଲେ । ଖବର ପାଇ ସୋହେଲା ବିଡିଓ ବିଶ୍ୱରଞ୍ଜନ କର, ପଦ୍ମପୁର ଏସଡିପିଓ ପ୍ରଦୀପ କୁମାର ସାହୁ, ଆଇଆଇସି ନିର୍ମଳ କୁମାର ମହାପାତ୍ର, ଅତିରିକ୍ତ ତହସିଲଦାର ମାନସ ରଞ୍ଜନ ସ୍ୱାଇଁ, ସହକାରୀ ଯନ୍ତ୍ରୀ ନରେଶ ଅଗ୍ରୱାଲ, କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ର ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ କରିଥିବା ପ୍ରବାସୀ ଶ୍ରମିକମାନଙ୍କ ସହିତ ଆଲୋଚନା କରିଥିଲେ । ସେମାନଙ୍କୁ ନିଜ ନିଜ ଜିଲାକୁ ପଠାଯିବା ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଶ୍ରମିକମାନେ ରାସ୍ତା ଅବରୋଧରୁ ଉଠିଥିଲେ। ଏହାପରେ ପ୍ରଶାସନିକ ଅଧିକାରୀମାନେ ଜାତୀୟ ରାଜପଥ ଦେଇ ଯାଉଥିବା ବସ୍ ଓ ଟ୍ରକ୍ ଅଟକାଇ ସେଥିରେ ପ୍ରବାସୀ ଶ୍ରମିକମାନଙ୍କୁ ନିଜ ଜିଲାକୁ ପଠାଇବା ବ୍ୟବସ୍ଥା କରିଥିଲେ ।

# ଉପରେ ପିଆଜ ବସ୍ତା, ତଳେ ଗଞ୍ଜେଇ

ମନମୁଣ୍ଡା, ୧୯।୫ (ଡି.ଏନ.ଏ)

ବୌଦ୍ଧ ଜିଲା ଅଧୀନ କନ୍ଧମାଳରୁ ଏକ ଟ୍ରକ ଯୋଗେ ମନମୁଣ୍ଡା ଦେଇ ଚୋରାଚାଲାଣ ହେଉଥିବା ୧୧ କୁଇଣ୍ଟାଲ ଗଞ୍ଜେଇ ଓ ୩୫ ବସ୍ତା ପିଆଜକୁ ସ୍ଥାନୀୟ ପୋଲିସ ସୋମବାର ଜବତ କରିଛି । ଏହି ଘଟଣାରେ ଡ୍ରାଇଭର ସମେତ ୩ ଜଣଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ପୋଲିସ ଏକ ପିସ୍ତଲ ଓ ୫ଗୁଳି ଜବତ କରିଛି ।

ମିଳିଥିବା ସୂଚନା ଅନୁଯାୟୀ, ସୋମବାର କନ୍ଧମାଳରୁ ମନମୁଣ୍ଡା ଆଡକୁ ଏକ ଟ୍ରକରେ ଗଞ୍ଜେଇ ଚୋରାଚାଲାଣ ହେବା ନେଇ ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା । ଫଳରେ ଏସଆଇ ସୁସ୍ମିତା ମଗରଙ୍କ ନେତୃତ୍ୱରେ ଏସଆଇ ଅରୁଣ କୁମାର ସିଂ, କନଷ୍ଟେବଳ ସୁରେନ୍ଦ୍ର ଦନ୍ତା, ବିପିନ ବିହାରୀ ପ୍ରଧାନଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ଗୋପାଳମାଳ ଛକକୁ ପଠାଯାଇଥିଲା । ଆଇଆଇସି ଗୋପୀନାଥ ପ୍ରଧାନ ସାଧା ପୋଷାକରେ ଅନ୍ୟ ପୋଲିସ ବଳ ସହ ଆଉ ଏକ ସ୍ଥାନରେ ଜଗି ରହିଥିଲେ । ସୋମବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ସମୟରେ ଏକ ଟ୍ରକ (ନଂ. ଏମପି ୦୯ ଏଚଜି- ୮୮୭୬ )କନ୍ଧମାଳ ପଟରୁ ଦ୍ରୁତ ଗତିରେ ଆସୁଥିବା ବେଳେ ଗୋପାଳମାଳ ଛକଠାରେ ଏସଆଇ ମଗର ଉକ୍ତ ଟ୍ରକକୁ ଅଟକାଇଥିଲେ । ପୋଲିସ ପଚରାଉଚୁରା କରିବାରୁ ଟ୍ରକରେ ପିଆଜ ବୋଝେଇ ହୋଇଥିବା ଡ୍ରାଇଭର କହିଥିଲେ । କନ୍ଧମାଳରୁ ପିଆଜ ରପ୍ତାନିର ନଜିର ନ ଥିବାରୁ ଏସଆଇ ମଗର ଟ୍ରକରେ ଥିବା ୩ ଜଣଙ୍କୁ ଅଲଗା ଅଲଗା ଜେରା କରିବାରେ ସେମାନଙ୍କ ଉତ୍ତରରେ ତାଳମେଳ ରହି ନ ଥିଲା । ସନ୍ଦେହରେ ପୋଲିସ ଉକ୍ତ ତିନି ଜଣଙ୍କ ପ୍ୟାକେଟ ଚେକ କରିବାରେ ଜଣଙ୍କ ପାଖରୁ ଏକ ପିସ୍ତଲ ଓ ୫ଟି ଗୁଳି ମିଳିଥିଲା। ପୋଲିସ ପୁଣି ଜେରା କରିବାରେ ଟ୍ରକରେ ଗଞ୍ଜେଇ ଥିବା ସେମାନେ ସ୍ୱୀକାର କରିଥିଲେ । ଖବରପାଇ ଆଇଆଇସି ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିବା ସହ ପିସ୍ତଲ ଓ ଗୁଳି ଜବତ କରିଥିଲେ। ଅଭିଯୁକ୍ତମାନେ ହେଲେ ମଧ୍ୟପ୍ରଦେଶ ସାଗର ଜିଲା ସେମାଧନାର ଡ୍ରାଇଭର ଅରବିନ୍ଦ ଅହିରୱାର(୩୨), ଭରତ ଅହିରୱାର (୨୭) ଏବଂ ମନମୁଣ୍ଡା ଥାନା ଷାଣ୍ଢପାଲିର ରୋହିତ ଭୋଣ ଓରଫ ଗଦି (୨୦) । ଉକ୍ତ ଗଞ୍ଜେଇ ମନମୁଣ୍ଡା ଥାନା ଶଗଡା ଏବଂ କନ୍ଧମାଳ ଗୋଛାପଡାର ଜଙ୍ଗଲ ଅଞ୍ଚଳରୁ ସଂଗ୍ରହ କରାଯାଇ ମଧ୍ୟପ୍ରଦେଶର ମାକ୍ରୋନିଆକୁ ଚୋରା ଚାଲାଣ ହେଉଥିଲା ବୋଲି ଅଭିଯୁକ୍ତମାନେ ପୋଲିସ ନିକଟରେ ପ୍ରକାଶ କରିଛନ୍ତି । ଉକ୍ତ ଟ୍ରକରୁ ୨୬ ବସ୍ତା ଗଞ୍ଜେଇ ଓ ୩୫ ବସ୍ତା ପିଆଜ ଜବତ କରାଯାଇଥିଲା। ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ ସୁଶିଲ କୁମାର କୁଅଁରଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯିବାରେ ତାହା ୧୧.୨୦ କୁଇଣ୍ଟାଲ ହୋଇଥିଲା । ଚୋରାଚାଲାଣରେ ବ୍ୟବହୃତ ଟ୍ରକକୁ ମଧ ପୋଲିସ ଜବତ କରିଛି । ଏ ନେଇ ଥାନାରେ ଏକ ମାମଲା (ନଂ. ୮୦/୨୦ ) ରୁଜୁ କରାଯାଇଛି।



ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।

**ମନମୁଣ୍ଡା**
- ଗଞ୍ଜେଇ ଚୋରାଚାଲାଣ ଧରପଗଡ଼
- ୧୧ କୁଇଣ୍ଟାଲ ଗଞ୍ଜେଇ, ପିସ୍ତଲ ଓ ଅଫୁଟା ଗୁଳି ଜବତ
- ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

# ସୁନ୍ଦରଗଡରେ ଗୋଷ୍ଠୀ ସଂଘର୍ଷ, ୭ ରାଉଣ୍ଡ ଗୁଳିଚାଳନା

ସୁନ୍ଦରଗଡ଼, ୧୯।୫(ଡି.ଏନ.ଏ.)

ସୁନ୍ଦରଗଡ଼ ଟାଉନ ଥାନା ଅଧୀନ ବସନ୍ତ ବଗିଚାରେ ମଙ୍ଗଳବାର ରାତିରେ ପିଲା କଳିକୁ ନେଇ ଗୋଷ୍ଠୀ ସଂଘର୍ଷ ହୋଇଛି। ଗୋଟିଏ ଗୋଷ୍ଠୀର ଲୋକମାନେ ଅପର ଗୋଷ୍ଠୀର ଜଣେ ବ୍ୟକ୍ତିଙ୍କ ଘରେ ଭଙ୍ଗାରୁଜା କରିବା ସହ ପୋଡାଜଳା କରିଛନ୍ତି । ଏଥିରେ ୨ଟି ବାଇକ୍ ଜଳିଯାଇଛି । ସେହିପରି ଉକ୍ତ ବ୍ୟକ୍ତିଙ୍କ ଘର ଉପରକୁ ସାତ ରାଉଣ୍ଡ ଗୁଳି ଚଳାଇଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ୨ଜଣ ଆହତ ହୋଇଛନ୍ତି । ଉକ୍ତ ଘଟଣାକୁ ନେଇ ଉଭୟ ଗୋଷ୍ଠୀ ପକ୍ଷରୁ ଟାଉନ ଥାନାରେ ଅଭିଯୋଗ ହୋଇଛି ।

# ପୋଲରେ ପିଟି ହେଲା ପ୍ରବାସୀଙ୍କ ବସ୍

ଜୁନାଗଡ,୧୯।୫(ଡି.ଏନ୍.ଏ): କର୍ଣ୍ଣାଟକରୁ ୧୭ ଜଣ ପ୍ରବାସୀଙ୍କୁ ଧରି ଝାଡ଼ଖଣ୍ଡ ଅଭିମୁଖେ ଯାଉଥିବା ଏକ ମିନିବସ୍ ସୋମବାର ବିଳମ୍ବିତ ରାତିରେ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାଲୋପଲା ନିକଟରେ ଏକ ପୋଲରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ତେବେ ବସ୍‌ରେ ଥିବା ପ୍ରବାସୀ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ମଙ୍ଗଳବାର ସକାଳେ ଖବର ପାଇ ମହିଚଲା ସରପଞ୍ଚ ଅଜୟ କୁମାର ବେହେରା,କାଲୋପଲା ସରପଞ୍ଚଙ୍କ ପ୍ରତିନିଧି ରାଜକୁମାର ସିଂ, ପୂର୍ବତନ ଏନ୍ଏସି ଅଧକ୍ଷ ମହେଶ କୁମାର ସାହୁ,ସାମାଜିକ କର୍ମୀ ଅର୍ଜୁନ ବାଗ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା କରିଥିଲେ। ପରେ ସ୍ଥାନୀୟ ତହସିଲଦାର ଉପେନ୍ଦ୍ର ଲୁହାଙ୍କ ସହଯୋଗରେ ଅନ୍ୟ ଏକ ବସ୍‌ରେ ସେହି ଶ୍ରମିକମାନଙ୍କୁ ପଠାଯିବାର ବ୍ୟବସ୍ଥା କରାଯାଇଥିଲା।

## ଫଟୋରେ ଖବର



**ଆଗକୁ ସାବିତ୍ରୀ ବ୍ରତ:** ମଙ୍ଗଳବାର ସମ୍ବଲପୁର ଗୋଲବଜାର ଛକରେ ପୂଜା ସାମଗ୍ରୀ ଦୋକାନରେ ସାବିତ୍ରୀ ବ୍ରତ ପାଇଁ ଭିଡ ଜମିଛି ।

# ପ୍ରବାସୀ ଶ୍ରମିକଙ୍କ ଦୁଃଖ, ଗଛତଳେ ନେଲେ ଆଶ୍ରୟ

ବରଗଡ଼ ଅଫିସ୍,୧୯।୫

ବରଗଡ଼ ଜିଲା ବିଜେପୁର ଅଞ୍ଚଳରେ ସୋଲାର୍ ଲାଇଟ୍ ସ୍ଥାପନରେ ନିୟୋଜିତ ପଶ୍ଚିମବଙ୍ଗର ୧୧ଜଣ ପ୍ରବାସୀ ଶ୍ରମିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଘରକୁ ଫେରିବା ବାଟରେ ସେମାନଙ୍କୁ ହଟହଟା ହେବାକୁ ପଡ଼ିଛି। ଚାଲିଚାଲି ଯାଉଥିବା ଯୋଗୁ ଗଛମୂଳ ସେମାନଙ୍କ ଆଶ୍ରୟସ୍ଥଳ ପାଲଟିଛି। ସୂଚନା ଅନୁଯାୟୀ, ଲକ୍ ଡାଉନ୍–୧ ପରେ ସେମାନଙ୍କୁ ବିଜେପୁର ବ୍ଲକର ଏକ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇ ଖାଇବାକୁ ଦିଆଯାଉଥିଲା। ମାତ୍ର ଲକ୍ ଡାଉନ୍–୪ ପରେ ଖାଦ୍ୟ ବନ୍ଦ କରି ଦିଆଯାଇ ଘରକୁ ଫେରି ଯିବାକୁ କୁହାଯାଇଥିଲା ବୋଲି ସେମାନେ କହିଛନ୍ତି। ଫଳରେ ସେମାନେ ମଙ୍ଗଳବାର ସେଠାରୁ ବାହାରି ଚାଲିଚାଲି ପଶ୍ଚିମବଙ୍ଗ ଅଭିମୁଖେ ବାହାରିଥିଲେ। ତେବେ ବାଟରେ ବରପାଲିର ଏକ କ୍ୱାରାଣ୍ଟାଇନ ସେଣ୍ଟରକୁ ନିଆଯାଇ କିଛି ସମୟ ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିଲା। ସେଠାରେ ମଧ୍ୟାହ୍ନ ଭୋଜନ ପରେ ଶ୍ରମିକମାନେ ପୁଣି ନିଜ ଗନ୍ତବ୍ୟ ପଥକୁ ଚାଲିଚାଲି ଯାଉଥିଲେ । ତେବେ ସେ ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ ପରେ କଳାପାଣି ଛକରେ ସ୍ଥାନୀୟ କାର୍ଯ୍ୟନିର୍ବାହୀ ଅଧିକାରୀ କେ.ସି ଦାଶ ସେମାନଙ୍କ ଖାଇବା ବ୍ୟବସ୍ଥା କରିଥିଲେ। ରାସ୍ତାରେ ଯାଉଥିବା ଏକ ଟ୍ରକ ଯୋଗେ ସେମାନଙ୍କୁ ପଠାଇ ଦିଆଯାଇଥିଲା।



ଗଛତଳେ ପ୍ରବାସୀ ଶ୍ରମିକମାନେ ଆଶ୍ରୟ ନେଇଛନ୍ତି ।

# ଶଟ୍ ଡାଉନ୍ ସହିତ ସାନିଟାଇଜ୍ ହେଲା କୁମ୍ଭାରୀ ଗାଁ

ବରଗଡ଼ ଅଫିସ୍,୧୯।୫

ତାମିଲନାଡୁରୁ ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ କୁମ୍ଭାରୀକୁ ମଙ୍ଗଳବାର ୬ପ୍ରବାସୀ ଶ୍ରମିକ ଫେରିଛନ୍ତି । ତେବେ ସେମାନେ ଏଠାକୁ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ସରପଞ୍ଚ ରଜନୀ କର୍ତ୍ତି ଜିଲାପାଳ କ୍ଷମତା ବଳରେ କୁମ୍ଭାରୀ ଗ୍ରାମକୁ ସକାଳ ୬ଟାରୁ ୨୪ଘଣ୍ଟିଆ ସଟ୍ ଡାଉନ୍ ଘୋଷଣା କରିଛନ୍ତି । ଫେରିଥିବା ଶ୍ରମିକମାନେ କୁମ୍ଭାରୀ ପଞ୍ଚାୟତ ଅନ୍ତର୍ଗତ ବାଦପାଲି ଗ୍ରାମର ଅଟନ୍ତି । ସେମାନଙ୍କୁ କୁମ୍ଭାରୀରେ ରହିଥିବା କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଛି । ସେହିପରି କୁମ୍ଭାରୀ ଗ୍ରାମକୁ ସାନାଟାଇଜ୍ ମଧ୍ୟ କରାଯାଇଥିବା ସୂଚନା ମିଳିଛି ।

# ତାମିଲନାଡୁରୁ ଫେରିଲେ ବରଗଡ଼ର ପ୍ରବାସୀ ଶ୍ରମିକ

ବରଗଡ଼ ଅଫିସ୍,୧୯।୫

ତାମିଲନାଡୁରୁ ୧୮ଜଣ ପ୍ରବାସୀ ମଙ୍ଗଳବାର ଘରକୁ ଫେରିଛନ୍ତି । ସେମାନେ ସମସ୍ତେ ଜିଲାର ପଦ୍ମପୁର ଉପଖଣ୍ଡର ଅଟନ୍ତି। ଏକ ସ୍ୱତନ୍ତ୍ର ବସ୍ ଯୋଗେ ଆସି ସେମାନେ ବରଗଡ଼ ଗାନ୍ଧୀ ଛକରେ ଓହ୍ଲାଇଥିଲେ । ସେମାନେ ଏଠାରେ ବସ୍‌ରୁ ଓହ୍ଲାଇବା ଦେଖି ସ୍ଥାନୀୟ ଲୋକେ କରୋନା ସଂକ୍ରମଣ ଆଶଙ୍କାରେ ଭୟଭୀତ ହୋଇ ପଡ଼ିଥିଲେ। ପରେ ପୋଲିସ ସେଠାରେ ପହଞ୍ଚି ସେମାନଙ୍କୁ ସେମାନଙ୍କ ଗ୍ରାମକୁ ପହଞ୍ଚାଇବା ବ୍ୟବସ୍ଥା କରିଥିଲା।

# ଜନଗହଳି ସ୍ଥାନକୁ ପଶୁଛି ରାଜ୍ୟ ବାହାର ବସ୍

**କେଉଁଠିକୁ ଯିବେ ଜାଣି ପାରୁନାହାନ୍ତି ପ୍ରବାସୀ**

ବଲାଙ୍ଗୀର ଅଫିସ, ୧୯।୫

ବଲାଙ୍ଗୀର ଜିଲାର ଲକ୍ଷାଧିକ ପ୍ରବାସୀ ଜିଲାକୁ ଫେରିବା ପାଇଁ ପଞ୍ଜୀକରଣ କରିଛନ୍ତି। ଶ୍ରମିକ ସ୍ପେଶାଲ ଟ୍ରେନ୍, ବିଭିନ୍ନ ରାଜ୍ୟରୁ ଆସୁଥିବା ବସ୍, ଅନ୍ୟାନ୍ୟ ଯାନବାହନରେ ପ୍ରବାସୀମାନେ ପ୍ରତିଦିନ ଜିଲାକୁ ଫେରୁଛନ୍ତି । ଅନ୍ୟ ରାଜ୍ୟରୁ ବଲାଙ୍ଗୀରକୁ ଶ୍ରମିକ ସ୍ପେଶାଲ ଟ୍ରେନ୍ ଆସିବା ନେଇ ସୂଚନା ମିଳୁଛି। ହେଲେ, ବସ୍ ଓ ଅନ୍ୟାନ୍ୟ ଯାନବାହାନ ଆସିବା ନେଇ ପ୍ରଶାସନ ପାଖରେ ସମ୍ପୂର୍ଣ୍ଣ ଓ ନିର୍ଦ୍ଦିଷ୍ଟ ସୂଚନା ମିଳୁନାହିଁ। ଫଳରେ ପ୍ରବାସୀ ଶ୍ରମିକଙ୍କ ଆଗମନ ପରେ ସିଧାସଳଖ ନିର୍ଦ୍ଦିଷ୍ଟ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ଯିବାରେ ପରିଚାଳନାଗତ ଅବ୍ୟବସ୍ଥା ପରିଲକ୍ଷିତ ହେଉଛି । ମଙ୍ଗଳବାର ସକାଳେ ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶରୁ ଫେରିଥିବା କେତେକ ପ୍ରବାସୀ ଶ୍ରମିକ ବଲାଙ୍ଗୀର ସହରରେ ପହଞ୍ଚିଥିଲେ । ଅନ୍ୟ ରାଜ୍ୟରୁ ଆସିଥିବା ବସ୍ ସରକାରୀ ବସ୍‌ଷ୍ଟାଣ୍ଡ, ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ ଓ ଟାଉନ ଥାନା ପାଖାପାଖି ଅଞ୍ଚଳରେ ପ୍ରବାସୀଙ୍କୁ ଛାଡି ଫେରିଯାଇଥିଲା। ଓହ୍ଲାଇଥିବା ପ୍ରବାସୀମାନେ ସେଠାରୁ କେଉଁଠିକୁ ଯିବେ ଜାଣି ନ ପାରି ଟାଉନ ଥାନା ସମ୍ମୁଖରେ ବସି ରହିଥିଲେ । ଏହାପରେ ସେମାନଙ୍କୁ ପ୍ରଶାସନ ପକ୍ଷରୁ କୌଣସି ଏକ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ନିଆଯାଇଛି । ସୋମବାର ମଧ୍ୟ କେତେକ ପ୍ରବାସୀଙ୍କୁ ଥାନା ସମ୍ମୁଖ ଓ ପ୍ୟାଲେସଲାଇନ୍ ପେଟ୍ରୋଲ ପମ୍ପ ନିକଟରେ ଛାଡି ବସ୍ ଫେରିଯାଇଥିଲା। ଗୋଟିଏ ପ୍ରବାସୀ ବସ୍ ସମଲେଶ୍ୱରୀ ମନ୍ଦିର ଛକକୁ ପଶି ଯିବାରୁ ସେଠାରେ ଟ୍ରାଫିକ୍ ଜାମ ହୋଇଯାଇଥିଲା। ଏହାକୁ ନେଇ ସ୍ଥାନୀୟ ଲୋକେ ପ୍ରତିକ୍ରିୟା ପ୍ରକାଶ କରିଥିଲେ । ସହର ଭିତରେ ଭିଡ ଥିବାବେଳେ ପ୍ରବାସୀଙ୍କ ବସ୍ ଓ ଯାନବାହାନ ପଶି ଆସୁଥିବାରୁ କରୋନା ସଂକ୍ରମଣ ଭୟ ବଢ଼ି ଯାଉଛି ବୋଲି କେତେକ ମତବ୍ୟକ୍ତ କରିଛନ୍ତି । ଏନେଇ ପ୍ରଶାସନ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରୁ ବୋଲି ବିଭିନ୍ନ ମହଲରେ ଦାବି କରାଯାଇଛି ।





ବସରୁ ଓହ୍ଲାଇବା ପରେ ବଲାଙ୍ଗୀର ଟାଉନ୍ ଥାନା ସମ୍ମୁଖରେ ପ୍ରବାସୀମାନେ ବସି ରହିଛନ୍ତି ।

**ସଂକ୍ଷେପରେ**

## ରବିଧାନ ବିକ୍ରି ପାଇଁ ୧୪୨୪ ଚାଷୀଙ୍କ ନାଁ ପଞ୍ଜୀକୃତ

**ଝାରସୁଗୁଡା ଅଫିସ,୧୯ା୫:** ଝାରସୁଗୁଡା ଜିଲା ଯୋଗାଣ ବିଭାଗ ପକ୍ଷରୁ ଗତ ୮ ତାରିଖଠାରୁ ରବି ଧାନ ସଂଗ୍ରହ କରାଯାଉଛି। ଏଥିପାଇଁ ଜିଲାର ଝାରସୁଗୁଡା, କୋଲାବିରା, ଲଇକେରା ଓ ଲଖନପୁର ବ୍ଲକ୍‌ରେ ୧୭ଟି ପ୍ୟାକ୍ସ ଖୋଲା ଯାଇଛି। ଧାନ କ୍ରୟ ପାଇଁ ଜିଲାର ୫ଟି ମିଲ୍ ଅଂଶ ଗ୍ରହଣ କରିଛନ୍ତି। ମୋଟ ୧୪୨୪ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୧, ୭୬୪ କୁଇଣ୍ଟାଲ ଧାନ କ୍ରୟ ପାଇଁ ଅନୁମତି ମିଳିଛି। ବର୍ତ୍ତମାନ ସୁଦ୍ଧା ୨୨ ଜଣ ଚାଷୀ ୧୪୭୫ କୁଇଣ୍ଟାଲ ଧାନ ବିକ୍ରି ହୋଇଛି। କରୋନା କଟକଣା ପାଇଁ ସକାଳ ୭ରୁ ଦିନ ଗୋଟାଏ ପର୍ଯ୍ୟନ୍ତ ଧାନ କ୍ରୟ କରାଯାଉଛି। ପ୍ୟାକ୍ସକୁ ଚାଷୀଙ୍କ ବ୍ୟତୀତ ଅନ୍ୟ ବ୍ୟକ୍ତିଙ୍କ ପ୍ରବେଶକୁ ବାରଣ କରାଯାଇଛି। ୩ଟି ପର୍ଯ୍ୟାୟରେ ୧୦ ଜଣ ଲେଖାଏଁ ଚାଷୀ ପ୍ୟାକ୍ସରେ ଉପସ୍ଥିତ ରହି ଧାନ ବିକ୍ରୟ କରିବା ନେଇ କଟକଣା କରାଯାଇଛି। ଜିଲା ଯୋଗାଣ ଅଧିକାରୀ ଉଦିତ ନାରାୟଣ ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି।

## ବଢ଼େଇମୁଣ୍ଡା ଛକକୁ ଝାରୁ କିଶାନ ଛକ ନାମରେ ନାମିତ କର

**ଝାରସୁଗୁଡା ଅଫିସ,୧୯ା୫:** ଝାରସୁଗୁଡା ସହର ବଢ଼େଇମୁଣ୍ଡା ଛକକୁ ଝାରୁ କିଶାନଙ୍କ ଛକ ନାମରେ ନାମିତ କରିବା ପାଇଁ ଦାବି ହୋଇଛି। ୫୫୦ ଜିଲା କିଶାନ ଜାତି ସମାଜ ପକ୍ଷରୁ ଝାରସୁଗୁଡା ଜିଲା ପ୍ରଶାସନକୁ ଲିଖିତ ଭାବେ ମଙ୍ଗଳବାର ଏକ ଲିଖିତ ଦାବି ପତ୍ର ପ୍ରଦାନ କରାଯାଇଛି। ସମାଜ ପକ୍ଷରୁ ଦର୍ଶାଯାଇଛି ଯେବ୍, ଦ୍ୱାଦଶ ଶତାବ୍ଦୀରେ କିଶାନ ଜାତି ସମାଜର ୧୨ଟି ପରିବାରକୁ ନେଇ ଝାରୁ କିଶାନଙ୍କ ନେତୃତ୍ୱରେ ଇଂରେଜ ଶାସନ ସମୟରେ ବାମଣ୍ଡା ରାଜ୍ୟରୁ ଆସି ଘଞ୍ଚ ଜଙ୍ଗଲ ମଧରେ ବନବାସୀ ଭାବେ ବସବାସ କରିଥିଲେ। ଏହି ୧୨ଟି ପରିବାରର ସର୍ଦ୍ଦାର ବା ମୁଖ୍ୟ ଥିଲେ ଝାରୁ କିଶାନ। ଏହା ପରେ ତାଙ୍କ ନାମରେ ଏହି ଛୋଟ ଗାଁକୁ ଝାରୁଗୁଡା ବୋଲି ନାମିତ କରାଯାଇଥିଲା। ତେବେ ୧୮୮୪ ମସିହାରେ ଇଂରେଜ ଶାସନ ସମୟରେ କଲିକତା-ନାଗପୁର ରେଳ ଲାଇନ ମଝିରେ ଏକ ରେଳ ଷ୍ଟେସନ ସ୍ଥାପନ କରାଯାଇଥିଲା। ଏହି ଷ୍ଟେଶନର ନାମ ଝାରସୁଗୁଡା ବୋଲି ନାମକରଣ କରାଯାଇଥିଲା। ସ୍ୱାଧୀନତା ପରେ ଜନବସତି ବଢ଼ିବାରୁ ସରକାର ଏଠାରେ ଅନେକ ସରକାରୀ କାର୍ଯ୍ୟାଳୟ, ସ୍କୁଲ ଓ କଲେଜ ସ୍ଥାପନ କରି ଏହି ଅଞ୍ଚଳର ସମସ୍ତ ଜମିକୁ ନିଜ ଅଧୀନକୁ ନେଇଥିଲେ। ଏଣୁ ଜିଲା ପ୍ରଶାସନ ଏହି ଦାବିକୁ ଗୁରୁତ୍ୱ ଦେଉ ବୋଲି ସମାଜ ଦାବି କରିଛି।

## ଦେବଗଡ଼ରେ ୧୦ହଜାର ଟଙ୍କା ଜରିମାନା ଆଦାୟ



**ଦେବଗଡ଼,୧୯ା୫(ଡ଼ି.ଏନ୍.ଏ.):** ଦେଶରେ କରୋନା ସଂଗ୍ରମଣକୁ ରୋକିବା ପାଇଁ ୪ର୍ଥ ପର୍ଯ୍ୟାୟ ଲକ୍‌ଡ଼ାଉନ୍ ଜାରି ରହିଛି। ଏହି ପର୍ଯ୍ୟାୟରେ କିନ୍ତୁ କେତେକ ନିୟମକୁ କୋହଳ କରାଯାଇଛି। ଫଳରେ ମଙ୍ଗଳବାରଠାରୁ ସକରାରୀ କାର୍ଯ୍ୟାଳୟ ଖୋଲା ରହିବା ସଙ୍ଗେ ସଙ୍ଗେ କେତେକ ନିୟମ ସଙ୍ଗତ ଦୋକାନ ମଧ ଖୋଲା ଯାଇଛି। ମେ ୨୨ ତାରିଖରେ ସାବିତ୍ରୀବ୍ରତ ପଡୁଥିବାରୁ ବଜାରରେ କପଡ଼ା ଦୋକାନ, ଫଳ ଓ ପୂଜା ସାମଗ୍ରୀ ଦୋକାନ ଗୁଡ଼ିକରେ ଭିଡ଼ ଦେଖା ଦେଇଛି। ହେଲେ ଲୋକେ ସାମାଜିକ ଦୂରତା ରଖୁଛନ୍ତି କି ନାହିଁ, ମାସ୍କ ଲଗାଉଛନ୍ତି କି ନାହିଁ ଏ ସବୁ ଜିଲା ପ୍ରଶାସନ ଓ ପୋଲିସ ନଜରରେ ରଖିଛି। ମଙ୍ଗଳବାର ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ଡ଼େପୁଟି କଲେକ୍ଟର ଦିବ୍ୟଶଙ୍କର ଜୟପୁରିଆଙ୍କ ନେତୃତ୍ୱରେ ରାଜସ୍ୱ କର୍ମଚାରୀ ଓ ପୋଲିସ ସଦରମହକୁମା ମୁଖ୍ୟ ବଜାରଠାରେ ସାମାଜିକ ଦୂରତା, ମାସ୍କ ପରିଧାନ ଓ ଜନଗହଳି ତଦାରଖ କରିଛି। ଏହି ସମୟରେ ନିର୍ଦ୍ଧାରିତ ସମୟ ମଧରେ ଦୋକାନ ବନ୍ଦ ନ କରିବା, ମାସ୍କ ପିନ୍ଧି ନ ଥିବା ଲୋକଙ୍କଠାରୁ ମୋଟ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

# ଅପହଞ୍ଚ ଇଲାକାରେ ମେଣ୍ଟରଶିପ୍ ପ୍ରୋଗ୍ରାମ

- କରୋନା କଟକଣା ବେଳେ ଅଭିନବ ଶିକ୍ଷାଦାନ ବ୍ୟବସ୍ଥା
- ୧୧୬ ଶିକ୍ଷକ,୨ହଜାର ଛାତ୍ରୀଛାତ୍ର ସାମିଲ

**ସମ୍ବଲପୁର,୧୯ା୫(ବ୍ୟୁରୋ)**

କରୋନା କଟକଣା ତଥା ଲକ୍‌ଡାଉନ ଯୋଗୁ ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ଲକ୍‌ଡାଉନ ଅବଧି ବଢ଼ି ଚାଲିଛି। ସାମାଜିକ ଦୂରତ୍ୱ ଉପରେ ସରକାର ଗୁରୁତ୍ୱାରୋପ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସ୍କୁଲ ଖୋଲିଲେ ଛାତ୍ରୀଛାତ୍ରଙ୍କ ପ୍ରତି ବିପଦ ରହିଛି। ଅନ୍ୟପକ୍ଷେ ଏଥିଯୋଗୁ ଛାତ୍ରୀଛାତ୍ରୀ ଓ ଅଭିଭାବକ ଚଳିତ ଶିକ୍ଷାବର୍ଷକୁ ନେଇ ଚିନ୍ତାରେ ପଡିଛନ୍ତି। ଏହି ପରିସ୍ଥିତିରେ ସୁଧାର ଆଣିବା ପାଇଁ ଘରୋଇ ଶିକ୍ଷା ଅନୁଷ୍ଠାନ ଓ ସରକାରୀ ସ୍କୁଲ ପକ୍ଷରୁ ଅନ୍‌ଲାଇନ୍ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରାଯାଇଛି। ଜୁମ୍‌ଆପ୍, ହ୍ୱାଟ୍ସଆପ୍, ୟୁଟ୍ୟୁବ୍ ଜରିଆରେ ପାଠପଢା ଚାଲିଛି। ହେଲେ ଦୁର୍ଗମ ତଥା ଅପହଞ୍ଚ ଅଞ୍ଚଳରେ ଏପରି ଅନ୍‌ଲାଇନ୍ ଶିକ୍ଷାଦାନ ବ୍ୟବସ୍ଥା କାମ କରୁନାହିଁ। ବିଶେଷକରି ସବୁଠି ବିଦ୍ୟୁତ୍ ବ୍ୟବସ୍ଥା ନ ଥିବ ବେଳେ ମୋବାଇଲ ନେଟ୍‌ୱର୍କ ମିଳୁନାହିଁ। ଅଧିକାଂଶ ଆଦିବାସୀ ପରିବାର ସଦସ୍ୟଙ୍କ ପାଖରେ ମୋବାଇଲ ଫୋନ୍ ବି ନାହିଁ। ଯାହା ଅନ୍‌ଲାଇନ ଶିକ୍ଷାଦାନ ବ୍ୟବସ୍ଥାରେ ପ୍ରତିବନ୍ଧକ ସୃଷ୍ଟି କରିଛି। ଏଥିପାଇଁ ରାଜ୍ୟ ସରକାରଙ୍କ ଆଦିବାସୀ ହରିଜନ ଉନ୍ନୟନ ବିଭାଗ ପକ୍ଷରୁ ଅଲ୍‌ଟରନେଟିଭ ଲର୍ନିଂ ଆଣ୍ଡ ମେଣ୍ଟରଶିପ୍ ପ୍ରୋଗ୍ରାମ ହାତକୁ ନିଆଯାଇଛି। ଏହି ଯୋଜନାରେ ନିଜ ବିଭାଗ ଅଧୀନ ସ୍କୁଲର ଛାତ୍ରୀଛାତ୍ରଙ୍କ ସହ ଅନ୍ୟ ସରକାରୀ ସ୍କୁଲର ପିଲାମାନଙ୍କୁ ପାଠ ପଢାଯାଉଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ସମ୍ବଲପୁର ଜିଲାରେ ମଧ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି।

ସୂଚନା ଅନୁଯାୟୀ, ଜିଲାରେ ଆଦିବାସୀ ହରିଜନ ଉନ୍ନୟନ ବିଭାଗର ୧୧ ହାଇସ୍କୁଲ ରହିଥିବା ବେଳେ ୧୫୦ରୁ ଊର୍ଦ୍ଧ୍ୱ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲ ରହିଛି। ୫ ଗ୍ରାମ ପାଇଁ ଜଣେ ଲେଖାଏଁ ସ୍ଥାନୀୟ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ସେମାନେ ସକାଳ ୭ ଟାରେ ଗାଁକୁ ଯାଇ ଗଛମୂଳେ କିମ୍ବା ନିଛାଟିଆ ସ୍ଥାନରେ ପାଠ ପଢାଇବେ। ଛାତ୍ରୀଛାତ୍ର ଓ ଶିକ୍ଷିୟିତ୍ରୀ, ଶିକ୍ଷକମାନେ ସାମାଜିକ ଦୂରତା ଅନୁଯାୟୀ ବସି ପାଠ ପଢିବେ। ହୋମ୍‌ୱାର୍କ ଦିଆଯିବ। ଯଦିଓ ବିଭାଗର ଛାତ୍ରୀଛାତ୍ରମାନଙ୍କୁ ଛାଡି ଅନ୍ୟ ସରକାରୀ ସ୍କୁଲର ପିଲା ପାଠ ପଢିବାକୁ ଆସିବେ ସେମାନଙ୍କୁ ମଧ ଶିକ୍ଷାଦାନ କରାଯିବ।



ସମ୍ବଲପୁର ଜିଲା ଯୁଯୁମୁରା ଅଞ୍ଚଳରେ ମେଣ୍ଟରଶିପ୍ ପ୍ରୋଗ୍ରାମରେ ଶିକ୍ଷାଦାନ କରାଯାଉଛି।

ପାଠ୍ୟକ୍ରମ ସହିତ ସେମାନଙ୍କୁ କରୋନା ସଂକ୍ରମଣ ଓ ଏହାର ମୁକାବିଲା ସମ୍ପର୍କରେ ସଚେତନ କରାଯାଇଛି। ହାତ ଧୋଇବା, ଘର ଓ ପରିବେଶ ସଫାସୁତୁରା ରଖିବାକୁ ଶିକ୍ଷୟିତ୍ରୀ,ଶିକ୍ଷକମାନେ ପରାମର୍ଶ ଦେଉଛନ୍ତି। ଜଣେ ଶିକ୍ଷକ ୫ ଗ୍ରାମ ଦାୟିତ୍ୱରେ ଥିବାରୁ ପର୍ଯ୍ୟାୟକ୍ରମେ ଯାଇ ଶିକ୍ଷାଦାନ କରାଯାଉଛି।

ଏ ସଂକ୍ରାନ୍ତରେ ଜଣେ ଶିକ୍ଷକ କୁହନ୍ତି, ଏହି ବ୍ୟବସ୍ଥା ଦ୍ୱାରା ଛାତ୍ରୀଛାତ୍ରଙ୍କ ମନ ପାଠପଢାରେ ଲାଗି ରହିବ। ସ୍କୁଲ ବନ୍ଦ ଥିବାରୁ ଅନେକ ଛାତ୍ରୀଛାତ୍ର ପାଠରୁ ଦୂରେଇ ଯାଇଥିଲେ। ଗ୍ରାମାଞ୍ଚଳ ପିଲାମାନେ ଖେଳକୁଦ୍‌ରେ ସମୟ ବିତାଇ ଚାଲିଥିଲେ। ଅଧିକାଂଶ ଛାତ୍ରୀଛାତ୍ର ମା'ବାପାଙ୍କ ସହିତ କାମ କରିବା ଚାଲି ଯାଉଥିଲେ। ହେଲେ ଏପରି ପ୍ରୋଗ୍ରାମ ଆରମ୍ଭ ହେବା ପରେ ପିଲାମାନଙ୍କ ମନରେ ଭୟ ସୃଷ୍ଟି ହୋଇଛି। ସେମାନେ ପାଠ ପଢ଼ିବା ପାଇଁ ଇଚ୍ଛା ପ୍ରକାଶ କରୁଛନ୍ତି। ଏହି ବ୍ୟବସ୍ଥା ଦ୍ୱାରା ସ୍କୁଲ ଶିକ୍ଷାଦାନ ଭଳି ଲାଭ ମିଳି ନ ପରେ, ହେଲେ ଜଣେ ପିଲା ଚାହିଁଲେ ଭଲ ଭାବେ ପଢି ପାରିବ।

ଜିଲା ମଙ୍ଗଳ ଅଧିକାରୀ ଗୀତାଂଶୁ ମୋହନ ଦାସ କହିଛନ୍ତି, ଜିଲାରେ ପ୍ରାୟ ୨ ହଜାର ପିଲାଙ୍କ ଗ୍ରାମକୁ ଯାଇ ଶିକ୍ଷାଦାନ କରାଯାଉଛି। ଏଥିପାଇଁ ୧୧୬ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ଶିକ୍ଷାଦାନ ସକାଳ ୭ରୁ ୧୦ ଟା ପର୍ଯ୍ୟନ୍ତ ଚାଲିଛି। ଅନ୍ୟପଟେ ହ୍ୱାଟ୍ସଆପ୍‌ରେ ମଧ ଶ୍ରେଣୀକୁ ନେଇ ଗ୍ରୁପ୍ କରାଯାଉଛି। ସେଥିରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ,ଶିକ୍ଷକ ଓ ବିଭାଗୀୟ ଅଧିକାରୀମାନେ ଅଛନ୍ତି। ଦ୍ୱିତୀୟରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ପାଠ ପଢୁଛନ୍ତି। ସେମାନେ ସରକାରୀ ଯୋଜନାରେ ବହି ପାଇଛନ୍ତି କି ନାହିଁ ସେ କଥା ଜାଣି ହେଉଛି। ଯେଉଁ ପିଲାମାନେ ବହି ପାଉ ପାରୁନାହାନ୍ତି ସେମାନଙ୍କୁ ପାଠ୍ୟପୁସ୍ତକ ପ୍ରଦାନ କରାଯାଉଛି। ଅନ୍ୟସ୍କୁଲ ଛାତ୍ରୀଛାତ୍ରଙ୍କୁ କୌଣସି ବାରଣ କରାଯାଉ ନାହିଁ। ସେମାନେ ମଧ ଏହି ପାଠପଢ଼ାରେ ସାମିଲ ହେଉଛନ୍ତି। ଏହାଦ୍ୱାରା ଅଭିଭାବକଙ୍କ ସହିତ ସୁସମ୍ପର୍କ ବି ରହିପାରୁଛି ବୋଲି ସେ କହିଛନ୍ତି।

## ଉତ୍ତରପ୍ରଦେଶ ଫେରିଲେ ୨୧ ଶ୍ରମିକ

**ରାଉରକେଲା ଅଫିସ,୧୯ା୫:** ଲକ୍‌ଡାଉନ ଯୋଗୁ ଦେବଗଡ଼ ଜିଲା ବାରକୋଟ ଅଞ୍ଚଳରେ ଫସି ରହିଥିବା ଉତ୍ତରପ୍ରଦେଶର ୨୧ଶ୍ରମିକଙ୍କୁ ମଙ୍ଗଳବାର ଏକ ସ୍ୱତନ୍ତ୍ର ବସ୍‌ରେ ସେମାନଙ୍କ ରାଜ୍ୟକୁ ପଠାଯାଇଛି। ସେମାନଙ୍କୁ ଉତ୍ତର ପ୍ରଦେଶ ଫତେପୁରରୁ ଆଣିଥିବା ଠିକାଦାର ଆଉ ଧରାଛୁଆଁ ଦେଇ ନଥିଲେ। ଫଳରେ ଏହି ଶ୍ରମିକମାନେ ଖାଦ୍ୟ ଓ ପାଣି ବିନା କଷ୍ଟ ଭୋଗିଥିଲେ। ଜାତୀୟ ରାଜପଥ ସମ୍ପ୍ରସାରଣରେ ନିୟୋଜିତ ଶ୍ରମିକମାନେ କାମଧନ୍ଦା ହରାଇ ଅର୍ଥଶୂନ୍ୟ ହୋଇ ପଡିଥିଲେ। ଶେଷରେ ଚାଲି ଚାଲି ନିଜ ରାଜ୍ୟକୁ ଫେରିବାକୁ ନିଷ୍ପତ୍ତି ନେଇଥିଲେ। ମଙ୍ଗଳବାର ରାଉରକେଲା ବିଶ୍ରା ଛକ ଦେଇ ସେମାନେ ଚାଲିଚାଲି ଯାଉଥିବା ବେଳେ ରାଉରକେଲା ପୋଲିସ ସମସ୍ତଙ୍କୁ ଉଦ୍ଧାର କରିଥିଲା। ପ୍ଲାଣ୍ଟସାଇଟ ପୋଲିସ ସେମାନଙ୍କୁ ଖାଦ୍ୟ ଦେଇଥିଲା। ପରେ ଏକ ବସ୍‌ରେ ସେମାନଙ୍କୁ ଉତ୍ତରପ୍ରଦେଶ ପଠାଯାଇଥିଲା। ପୋଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶାନୁସାରେ କୌଣସି ପ୍ରବାସୀ ଶ୍ରମିକ ରାଜ୍ୟ ଦେଇ ଚାଲିଚାଲି ଯିବେ ନାହିଁ। ଏଥିଯୋଗୁ ସମ୍ପୃକ୍ତ ଶ୍ରମିକଙ୍କୁ ସୀମାନ୍ତ ଯାଏ ପଠାଯିବା ବ୍ୟବସ୍ଥା କରାଯାଇଛି।

**ଫଟୋରେ ଖବର**



ମଙ୍ଗଳବାର ରାଉରକେଲା ସହରକୁ ଆର୍‌ଏମସି ପକ୍ଷରୁ ସାନିଟାଇଜ୍ କରାଯାଉଛି।

# ୧୫୨ ବଦଳରେ ଅଛନ୍ତି ୭୮ ଡାକ୍ତର

## କରୋନା ଭୟ: ଚିନ୍ତାରେ ସୁବର୍ଣ୍ଣପୁର ଜିଲାବାସୀ

**ସୋନପୁର,୧୯ା୫(ନି.ପ୍ର.)**

ରାଜ୍ୟରେ କରୋନା ମହାମାରୀ ତାର କାୟା ବିସ୍ତାର କରି ଚାଲିଛି। ଦିନକୁ ଦିନ ନୂଆ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ପ୍ରବାସୀ ଶ୍ରମିକ ନିଜ ରାଜ୍ୟକୁ ଫେରିବା ପରେ ଏହି ସଂଖ୍ୟା ଅଶାତୀତ ଭାବେ ବୃଦ୍ଧି ପାଇଛି। ଏଭଳି ପରିସ୍ଥିତିରେ ସୁବର୍ଣ୍ଣପୁର ଜିଲାରେ ଥିବା ବିଭିନ୍ନ ଡାକ୍ତରଖାନାରେ ଡାକ୍ତର ଅଭାବ ଚିନ୍ତାର ବିଷୟ ହୋଇଛି। ଜିଲାରେ ୧୫୨ ବଦଳରେ ୭୮ ଡାକ୍ତର ଅଛନ୍ତି।

ସୁବର୍ଣ୍ଣପୁର ଜିଲାରେ ବର୍ତ୍ତମାନ ସୁଦ୍ଧା କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ନାହାନ୍ତି। ଜିଲା ଏବେ ବି ଗ୍ରୀନ୍ ଜୋନରେ ରହିଛି। ସମସ୍ତ ସନ୍ଦିଗ୍ଧଙ୍କ ସ୍ୱାବ୍ ରିପୋର୍ଟ ନେଗେଟିଭ୍ ଆସିବା ଜିଲା ପାଇଁ ଆଶ୍ୱସ୍ତିର ବିଷୟ ହୋଇଛି। କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ଜିଲା ପ୍ରଶାସନ, ପୋଲିସ ଓ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟ କରୁଛି। ଜନସାଧାରଣ ମଧ ସଚେତନ ହୋଇ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ରାଜ୍ୟର ୨୩ରୁ ଊର୍ଦ୍ଧ୍ୱ ଜିଲାକୁ କରୋନା ପ୍ରବେଶ କରି ସାରିଛି। ପଡୋଶୀ ଜିଲା ବୌଦ୍ଧ, ବଲାଙ୍ଗୀର, ଅନୁଗୋଳ ଓ ସମ୍ବଲପୁରରେ କରୋନା ସଂକ୍ରମିତ ଚିହ୍ନଟ ହୋଇ ସାରିଛନ୍ତି। ସୁବର୍ଣ୍ଣପୁର ଜିଲାକୁ ଗତ କିଛିଦିନ ମଧରେ ଦେଢ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ ଓଡିଆ ଫେରିଛନ୍ତି। ସେମାନେ ବିଭିନ୍ନ କ୍ୱାରାଣ୍ଟାଇନ ସେଣ୍ଟରରେ ରହିଛନ୍ତି। ତେବେ ଜିଲାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଅଭାବ ରହିଛି। ଏଭଳି ସ୍ଥିତିରେ ସରକାରୀ ଆଇଟିଆଇକୁ ଅସ୍ଥାୟୀ ଭାବେ ୨୦୦ଶଯ୍ୟା ବିଶିଷ୍ଟ କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ର କରାଯାଇଛି। ଆଗକୁ କରୋନାର ମୁକାବିଲା କିଭଳି ହେବ, ତାହା ଚିନ୍ତାର ବିଷୟ ହୋଇଛି। ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ବୀରମହାରାଜପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ୫ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମୋଟ ୧୫୨ ଜଣ ଡାକ୍ତର ରହିବା କଥା। କିନ୍ତୁ ବର୍ତ୍ତମାନ ମାତ୍ର ୭୮ଜଣ ଡାକ୍ତର ଅଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ୫୮ଜଣ ଡାକ୍ତର ରହିବା ବଦଳରେ ମାତ୍ର ୩୯ଜଣ କାର୍ଯ୍ୟ କରୁଛନ୍ତି। ବୀରମହାରାଜପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୧ ବିଶେଷଜ୍ଞ/ଡାକ୍ତର ପଦବୀ ଖାଲି ପଡିଛି। ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ରେ ୯ଜଣ, ତରଭାରେ ୮ଜଣ, ଉଲୁଣ୍ଡାରେ ୬ଜଣ, ବିନିକାରେ ୮ଜଣ ଓ ଡୁଙ୍ଗୁରିପାଲି ସିଏଚ୍‌ସିରେ ୭ ଡାକ୍ତର ପଦବୀ ଖାଲି ଅଛି। କୋଟସମଲାଇ, ସିଣ୍ଡୋଲ, ବେହେରାମାଲ, ବାଙ୍କିଘିର୍ଡି, ଭୀମଟିକିରା, ହରିହରଯୋର, ଶଙ୍କରା, କମସରା ଓ ପୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଦୌ ଡାକ୍ତର ନାହାନ୍ତି। ଫାର୍ମାସିଷ୍ଟ ଓ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କ ଭରସାରେ ଏହିସବୁ ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି। ତେଣୁ ଆଗକୁ ସମସ୍ୟା ଦେଖା ଦେଇପାରେ। ସୁବର୍ଣ୍ଣପୁର ଜିଲାର ୧୩ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ଓ ସେମାନଙ୍କ ପରିବାର ବାହାର ରାଜ୍ୟରେ ଅଛନ୍ତି। ସେମାନଙ୍କ ମଧ୍ୟରୁ ୯ହଜାର ୫୮୮ଜଣ ଘରକୁ ଫେରିବା ନେଇ ପ୍ରଶାସନ ଆକଳନ କରିଛି। ଘରକୁ ଫେରିବା ପାଇଁ ପଞ୍ଜୀକରଣ କରିଥିବା ଶ୍ରମିକଙ୍କ ମଧ୍ୟରୁ ତାମିଲନାଡୁରେ ସର୍ବାଧିକ ୭ହଜାର ୪୩ଜଣ ଅଛନ୍ତି। ସେହିଭଳି ସର୍ବାଧିକ କରୋନା ସଂକ୍ରମିତ ମହାରାଷ୍ଟ୍ର, ଗୁଜରାଟ, ତେଲଙ୍ଗାନା, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗରୁ ଶ୍ରମିକମାନେ ଆସିବେ। ଏତେ ସଂଖ୍ୟକ ପ୍ରବାସୀଙ୍କୁ ସଙ୍ଗରୋଧରେ ରଖିବା ପାଇଁ ଅଦ୍ୟାବଧି ବ୍ୟବସ୍ଥା ହୋଇ ପାରିନାହିଁ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲିପ କୁମାର ପଣ୍ଡା କୁହନ୍ତି, କରୋନା ପ୍ରତିରୋଧ ପାଇଁ ସ୍ୱାସ୍ଥ୍ୟ ବିଭାଗର ପ୍ରୟାସ ଜାରି ରହିଛି। ଡାକ୍ତର ଓ କର୍ମଚାରୀଙ୍କ ଅଭାବ ନିଶ୍ଚିତ ଭାବେ ଚିନ୍ତାଜନକ ବିଷୟ। ଡାକ୍ତର ଅଭାବ ବିଷୟରେ ପ୍ରତି ମାସରେ ସରକାରଙ୍କୁ ଜଣାଉଛୁ। ଏବେ ପରିସ୍ଥିତି ମୁକାବିଲା ପାଇଁ ଆମେ ପ୍ରସ୍ତୁତ ଅଛୁ ବୋଲି କହିଛନ୍ତି।



ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ।

## ଆତ୍ମସମର୍ପଣ ପରେ ଠିକାଦାର ବାପ, ପୁଅଙ୍କୁ ଜାମିନ

**ସୁକତେଲ ବ୍ରିଜ ଭୁଶୁଡିବା ଘଟଣା**

**ବଲାଙ୍ଗୀର ଅଫିସ/ପାଟଣାଗଡ, ୧୯ା୫ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତମିଆଁ-ମୁଦଲସର ସୁକତେଲ ନଦୀ ବ୍ରିଜ ଭୁଶୁଡିବା ଘଟଣାରେ କଳା ତାଲିକାଭୁକ୍ତ ଠିକାସଂସ୍ଥାର ଠିକାଦାର ବାପ-ପୁଅ ମଙ୍ଗଳବାର ପାଟଣାଗଡ ଏସଡିଜେଏମ୍ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ପରେ ଉଭୟଙ୍କୁ କୋର୍ଟରୁ ଜାମିନ୍ ମିଳିଛି। ଗତ ୨୯ ତାରିଖ ଦିନ ସୁକ୍‌ତେଲ ବ୍ରିଜ୍ ଭୁଶୁଡିବା ପରେ ଠିକାସଂସ୍ଥା ରାମକୁମାର ଅଗ୍ରୱାଲ ଇଞ୍ଜିନିୟର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଠିକାଦାର ରାମକୁମାର ଅଗ୍ରୱାଲ ଓ ତାଙ୍କ ପୁଅ ସଞ୍ଜୟ ଅଗ୍ରୱାଲଙ୍କ ବିରୋଧରେ ଲରମ୍ବା ଥାନାରେ ଦଫା ୨୮୭, ୩୦୪ଏ, ୩୩୭, ୩୩୮, ୩୪ ଅନୁଯାୟୀ ମାମଲା (ନଂ.୪୮/୨୦) ରୁଜୁ ହୋଇଥିଲା। ଏହି ମାମଲା ବିରୋଧରେ ସେମାନେ ହାଇକୋର୍ଟରେ ଜାମିନ୍ ଆବେଦନ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଠିକାଦାର ବାପ-ପୁଅ ମଙ୍ଗଳବାର ପାଟଣାଗଡ ଏସଡିଜେଏମ୍ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଉଭୟଙ୍କୁ ଦୁଇ ଜାମିନଦାରଙ୍କ ସହ ୨୦ ହଜାର ଟଙ୍କା ଲେଖାଏ ଦାଖଲ ପରେ ଜାମିନ୍ ମିଳିଛି। ପୂର୍ବରୁ ଠିକାସଂସ୍ଥାର ଜଣେ କର୍ମଚାରୀ ଦିନେଶ ନାୟାରଙ୍କୁ ପୋଲିସ ଗିରଫ କରିଥିବାବେଳେ ପାଟଣାଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଣ୍ଟୋନୀ କିଶାନଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା।

## ପ୍ରବାସୀ ଓଡ଼ିଆଙ୍କୁ ସରକାର ଫେରାଇ ଆଣନ୍ତୁ

**ନୂଆପଡା ଅଫିସ,୧୯ା୫:** ଲକ୍‌ଡାଉନ୍ ଯୋଗୁ ଦେଶର ବିଭିନ୍ନ ପ୍ରାନ୍ତରେ ପ୍ରବାସୀ ଓଡିଆମାନେ ଫସି ରହିଛନ୍ତି। ସେମାନଙ୍କୁ ତୁରନ୍ତ ରାଜ୍ୟକୁ ଫେରାଇ ଆଣିବାରେ ସରକାର ପଦକ୍ଷେପ ନିଅନ୍ତୁ। ମଙ୍ଗଳବାର କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ଏବଂ ଜଲା ସଭାପତି ସୁବ୍ରତ କୁମାର ଠାକୁରଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଜିଲାପାଳ ମଧୁସ୍ମିତା ସାହୁଙ୍କୁ ଭେଟି ଏହି ଅନୁରୋଧ କରିଛନ୍ତି। ବର୍ତ୍ତମାନର ପରିସ୍ଥିତିରେ କରୋନା ଲଢେଇକୁ କିପରି ମୁକାବିଲା କରାଯାଇପାରିବ ସେ ଉପରେ ଜିଲାପାଳଙ୍କ ସହ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ଏହା ଉପରେ ପଦକ୍ଷେପ ନେବେ ବୋଲି ଜିଲାପାଳ ସାହୁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରସନ୍ନ କୁମାର ପାଢୀ, ସୁଶାନ୍ତ କୁମାର ପତି, ହୋମସିଂ ମାଝୀ, ମନିଜର ଆର୍ଯ୍ୟ, ତୁଲସ ପଟେଲ, ଗୋଲଡି ଅଗ୍ରୱାଲ, ମୂରଲୀଧର ସୁନା, ଚତୁର୍ଭୁଜ ଶର୍ମା, ଅଭିନନ୍ଦନ ପଣ୍ଡା, ମୁନ୍ନା ମହାପାତ୍ର, ମୁଳଚାନ୍ଦ ସୁନାନୀ, ବ୍ରଜସୁନ୍ଦର ନାଏକ ପ୍ରମୁଖ ଜିଲାପାଳଙ୍କୁ ଭେଟିଥିଲେ।

## ପ୍ରବାସୀଙ୍କୁ ଭଲମନ୍ଦ ପଚାରି ବୁଝିଲେ ଜିଲାପାଳ

**ନୂଆପଡା ଅଫିସ,୧୯ା୫**

ନୂଆପଡ଼ା ଜିଲାପାଳ ମଧୁସ୍ମିତା ସାହୁ ମଙ୍ଗଳବାର ଖଡିଆଳ ବ୍ଲକ ଅଞ୍ଚଳର କେତେକ କ୍ୱାରାଣ୍ଟାଇନ ସେଣ୍ଟର ବୁଲି ଦେଖିଥିଲେ। ଜିଲା ଗ୍ରାମ ପଞ୍ଚାୟତ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ବିଡିଓ ଉତ୍ତମ ବାଗ ତାଙ୍କ ସହ ପରିଦର୍ଶନରେ ଯାଇଥିଲେ। ପରେ କୋମନା ବ୍ଲକ ତରବୋଡରେ ୭୦ ଜଣ ପ୍ରବାସୀ ଅପରାହ୍ନ ସାଢେ ୨ଟା ପର୍ଯ୍ୟନ୍ତ ମଧ୍ୟାହ୍ନଭୋଜନ ଖାଇ ନ ଥିବା ଜାଣିଲା ପରେ ଜିଲାପାଳ ଉଦ୍‌ବେଗ ପ୍ରକାଶ କରିଥିଲେ। ନିମ୍ନମାନର ଖାଦ୍ୟ ଦିଆଯାଉଥିବା ସୁରଟ ଫେରନ୍ତା କୈଳାସ ମାଝି ଅଭିଯୋଗ କରିଛନ୍ତି। କ୍ୱାରାଣ୍ଟାଇନ ସେଣ୍ଟରଗୁଡିକରେ ଠିକ୍‌ଭାବେ ଖାଦ୍ୟ ଦିଆଯାଉ ନାହିଁ। ମୌଳିକ ସୁବିଧା ମିଳୁ ନ ଥିବା ପ୍ରବାସୀମାନେ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ପାଇଲା ପରେ ବ୍ୟବସ୍ଥା ପ୍ରତି ଧ୍ୟାନ ଦେବାକୁ ଜିଲାପାଳ କଡା ତାଗିଦ୍ କରିଛନ୍ତି।

## ୩୨୧୭ ନାଁ ପଞ୍ଜୀକୃତ, କ୍ୱାରାଣ୍ଟାଇନ୍‌ରେ ୬୨୫

**ମ.ରାମପୁର,୧୯ା୫(ଡି,ଏନ୍.ଏ.):** କଳାହାଣ୍ଡି ଜିଲା ମ.ରାମପୁର ଅଞ୍ଚଳର ଲୋକେ ବାହାର ରାଜ୍ୟରେ ରହି କାମଧନ୍ଦା କରୁଛନ୍ତି। ଏମାନଙ୍କ ଭିତରୁ ଏବେ ୩୨୧୭ ଜଣ ଘରକୁ ଫେରିବାକୁ ନାଁ ପଞ୍ଜୀକରଣ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୦ଟା ସୁଦ୍ଧା ୬୨୫ ଜଣ ଲୋକ ଏଠାକୁ ଫେରିଛନ୍ତି। ସେମାନଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଛି। ବିଡିଓ ରୁମାନା ଜାଫ୍ରି, ତହସିଲଦାର ସୟଦ ଇସାକ୍ ମଦିନା, ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ମାଝୀ, ଏସଆଇ ଜି. ସେଠ୍, ଏଏସଆଇ ଜୟ ଆଚାର୍ଯ୍ୟ, ଏଏସ୍‌ଆଇ କ୍ଷୀରସିନ୍ଧୁ ମାଝୀ, ଏଏସ୍‌ଆଇ ପି. ଜାଲ୍ ଓ ସରପଞ୍ଚମାନେ ପ୍ରମୁଖ ବାହାର ରାଜ୍ୟରୁ ଫେରୁଥିବା ପ୍ରବାସୀଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରେ ରହିବା ନେଇ ତଦାରଖ କରୁଛନ୍ତି।

## ଘରୋଇକରଣ ହେବ ନାହିଁ କୋଲ ଇଣ୍ଡିଆ

**ସମ୍ବଲପୁର, ୧୯ା୫ (ବ୍ୟୁରୋ):** ଘରୋଇକରଣ ହେବ ନାହିଁ କୋଲ ଇଣ୍ଡିଆ। ଏନେଇ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ସ୍ପଷ୍ଟ କରିଛନ୍ତି। ମନ୍ତ୍ରୀ ଯୋଶୀ କହିଛନ୍ତି, ଆତ୍ମନିର୍ଭର ଭାରତ ଅଭିଯାନରେ କୋଲ ଇଣ୍ଡିଆର ଭିତ୍ତିଭୂମି ବିକାଶ ଦିଗରେ ୫୦ ହଜାର କୋଟି ଟଙ୍କା ବିନିଯୋଗ କରିବାକୁ ସ୍ଥିର ହୋଇଛି। ତେଣୁ ଆର୍ଥିକ ବର୍ଷ ୨୦୨୩-୨୪ରେ କୋଲ୍ ଇଣ୍ଡିଆ ୧ ମିଲିୟନ ଟନ୍ କୋଇଲା ଉତ୍ପାଦନ ଲକ୍ଷ୍ୟ ହାସଲ କରିବା ଦିଗରେ ସହାୟକ ହୋଇପାରିବ। ଏଥିସହ କୋଲ ଇଣ୍ଡିଆର ନୂତନ ଖଣି ଖୋଲିବ ଓ କୋଇଲା ଉତ୍ପାଦନ ବୃଦ୍ଧି ହେବ। ଦେଶରେ ଆମଦାନୀ କରାଯାଉଥିବା କୋଇଲା ହ୍ରାସ ହେବା ସଙ୍ଗେ ଅର୍ଥନୈତିକ ବିକାଶରେ ସୁଯୋଗ ଆଣିଦେବ। ସରକାର କୋଲ ଇଣ୍ଡିଆକୁ ଘରୋଇ କରଣ କରିବାକୁ କୌଣସି ଉଦ୍ଦେଶ୍ୟ ନାହିଁ। ଅନ୍ୟପକ୍ଷେ ସରକାର ଏହାକୁ ଅଧିକ ଶକ୍ତିଶାଳୀ କରିବାକୁ ଚେଷ୍ଟା କରୁଛନ୍ତି। କୋଲ ଇଣ୍ଡିଆ ପାଖରେ ପର୍ଯ୍ୟାପ୍ତ ପରିମାଣର କୋଇଲା ଗଚ୍ଛିତ ଅଛି। ଯାହାକି ଶହେ ବର୍ଷରୁ ଅଧିକ ବର୍ଷ ପର୍ଯ୍ୟନ୍ତ ବିଦ୍ୟୁତ୍ ଉତ୍ପାଦନ କରିବାରେ ସହାୟକ ହୋଇପାରିବ। ବର୍ତ୍ତମାନ ସରକାର କୋଲ ଇଣ୍ଡିଆକୁ ୧୬ଟି ନୂତନ କୋଇଲା ବ୍ଲକ ଆବଣ୍ଟନ କରିଛନ୍ତି ବୋଲି ଯୋଶୀ କହିଥିବା ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ଲୋକସମ୍ପର୍କ ଓ ସୂଚନା ବିଭାଗ ପକ୍ଷରୁ ପ୍ରେସ ବିବୃତିରେ ସୂଚିତ କରାଯାଇଛି।

# ବରଗଡ଼ ଜିଲା: ତୁଟୁନି ଧାନ ବିକ୍ରି ସମସ୍ୟା

**ବରଗଡ଼ ଅଫିସ୍,୧୯ା୫**

ବରଗଡ଼ ଜିଲାରେ ଗତ ୮ତାରିଖରୁ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଧାନ କିଣାବିକା ପ୍ରକ୍ରିୟାକୁ ୧୧ଦିନ ବିତିଯାଇଥିଲେ ସୁଦ୍ଧା ଚାଷୀଙ୍କ ବିଭିନ୍ନ ସମସ୍ୟା ସମାଧାନ ହୋଇ ପାରିନାହିଁ। ଫଳରେ ଚାଷୀଙ୍କୁ ହଇରାଣ ହେବାକୁ ପଡୁଛି। ଅନ୍ୟପଟେ ବାରମ୍ବାର ଝଡ଼ବର୍ଷା ହେଉଥିବାରୁ ଏହା ଚାଷୀକୁଳକୁ ଚିନ୍ତାରେ ପକାଇ ଦେଇଛି।

ସୂଚନା ଅନୁଯାୟୀ, ରବିଋତୁ ଧାନ କିଣାବିକା ପାଇଁ ବରଗଡ଼ ନିୟନ୍ତ୍ରିତ ବଜାର କମିଟି (ଆରଏମସି) ଅଧୀନରେ ୫୩ ଏବଂ ଅତାବିରା ଆରଏମସି ଅଧୀନରେ ୩୯ଟି ମଣ୍ଡି ଖୋଲିଛି। ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ଦିନରୁ ବିଭିନ୍ନ ମଣ୍ଡିକୁ ବିକ୍ରି ପାଇଁ ଚାଷୀଙ୍କ ଧାନ ପହଞ୍ଚିଛି। ସୋମବାର ସୁଦ୍ଧା ଅତାବିରା ଆରଏମସି ଅଧୀନ ମଣ୍ଡିଗୁଡ଼ିକୁ ସମୁଦାୟ ୧୨ଲକ୍ଷ ୮୫ହଜାର ୮୧୧ ପ୍ୟାକେଟ ଧାନ ଆସିଥିବାବେଳେ ସେଥିରୁ ୧୨ଲକ୍ଷ ୫ହଜାର ୩୮୧ ବସ୍ତା ଧାନ ଉଠିଛି। ଏଠାରେ ଆହୁରି ୮୦ହଜାର ୪୩୦ ପ୍ୟାକେଟ ଧାନ ବିକ୍ରି ନ ହୋଇ ପଡ଼ି ରହିଛି। ବରଗଡ଼ ଆରଏମସି ଅଧୀନ ମଣ୍ଡି ଗୁଡ଼ିକୁ ୮ଲକ୍ଷ ୭୮ହଜାର ୨୭୩ ପ୍ୟାକେଟ ଧାନ ଆସିଛି। ସେଥିରୁ ୮ଲକ୍ଷ ୫୩ହଜାର ୯୩୮ ପ୍ୟାକେଟ୍ ଧାନ ବିକ୍ରି ହୋଇଥିବାବେଳେ ୨୪ହଜାର ୩୩୫ ପ୍ୟାକେଟ୍ ବିକ୍ରି ନ ହୋଇ ପଡ଼ି ରହିଛି।



ବରଗଡ଼ ଜିଲା ଲରମ୍ବା ମଣ୍ଡିରେ ବିକ୍ରି ଅପେକ୍ଷାରେ ପଡ଼ି ରହିଥିବା ଧାନ।

ତେବେ ମଣ୍ଡିରୁ ଧାନ ଉଠାଣ କରାଯାଉଥିଲେ ମଧ ସେଥିରେ ପକ୍ଷପାତ କରାଯାଉଥିବା ଅଭିଯୋଗ ହୋଇଛି। ଚାଷୀନେତା ହର ବଣିଆ ଅଭିଯୋଗ କରିଛନ୍ତି, ମଣ୍ଡିରେ ଦୀର୍ଘଦିନ ଧରି ଚାଷୀଙ୍କ ଧାନ ପଡ଼ି ରହିଛି। ତାକୁ ଉଠାଯିବା ବଦଳରେ ପ୍ରଭାବଶାଳୀ ତଥା ମଧ୍ୟସ୍ଥଙ୍କ ମାଧ୍ୟମରେ ଆସୁଥିବା ଧାନକୁ ତୁରନ୍ତ ଉଠାଯାଉଛି। ସେହିପରି ଟୋକନ ସମସ୍ୟା ଯୋଗୁ ଅନେକ ଚାଷୀ ଧାନ ବିକ୍ରି କରିପାରୁ ନ ଥିବା ସେ କହିଛନ୍ତି। ଅନ୍ୟପଟେ କୃଷି ଶ୍ରମିକ ସମସ୍ୟା ଚାଷୀଙ୍କୁ ଚିନ୍ତାରେ ପକାଇ ଦେଇଛି। କୃଷି ଶ୍ରମିକ ଅଭାବରୁ ଅନେକ ଚାଷୀ ଧାନ ଅମଳ କରିପାରୁ ନାହାନ୍ତି। ଏବେ ହାର୍ଭେଷ୍ଟର ହିଁ ଧାନ ଅମଳର ମାଧ୍ୟମ ପାଲଟିଛି। ମାତ୍ର ଜିଲାରେ ସେତେ ସଂଖ୍ୟକ ହାର୍ଭେଷ୍ଟର ଉପଲବ୍ଧ ନ ଥିବାରୁ ତାହା ଚାଷୀଙ୍କ ପାଇଁ ପର୍ଯ୍ୟାନ୍ତ ହୋଇପାରୁ ନାହିଁ।

ଏ ନେଇ ଗାଇସୀମାର ଚାଷୀ ନିରଞ୍ଜନ ପ୍ରଧାନ କୁହନ୍ତି, କୃଷି ଶ୍ରମିକ ମିଳୁ ନ ଥିବାରୁ ହାର୍ଭେଷ୍ଟର ଯୋଗେ ଧାନ ଅମଳ କରୁଛୁ। ଧାନ ଅମଳ ବିଳମ୍ବ ସାଙ୍ଗକୁ ଝଡବର୍ଷା ମାଡ଼ି ଆସୁଛି। ଏଭଳି ପରିସ୍ଥିତିରେ ଚାଷୀମାନେ ବହୁତ କ୍ଷତିଗ୍ରସ୍ତ ହେବେ ବୋଲି ସେ କହିଛନ୍ତି। ସେହିପରି କଲାପାଣି ଗ୍ରାମର ଅନ୍ୟ ଜଣେ ଚାଷୀ ସୁରେଶ ନେକାଣ୍ଟି କହିଛନ୍ତି, ବିଭିନ୍ନ ଆଳ ଦେଖାଇ ବସ୍ତା ପ୍ରତି ଦେଢ଼ରୁ ୨କି.ଗ୍ରା ପର୍ଯ୍ୟନ୍ତ ଧାନ କାଟି ଦିଆଯାଉଛି। ଏଥିପାଇଁ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି। ଗତ ୧୨ତାରିଖରୁ ଯେଉଁମାନେ ଧାନ ବିକିଛନ୍ତି, ସେମାନଙ୍କ ପ୍ରାପ୍ୟ ମଧ୍ୟ ଠିକ୍ ଭାବେ ମିଳୁ ନ ଥିବା ସେ କହିଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଦୁର୍ଗାଚରଣ ଭେସ୍ରାଙ୍କୁ ପଚାରିବାରୁ ଭୁବନେଶ୍ୱର ସହିତ ଯୋଗାଯୋଗ କରିଛି ଏବଂ ସମସ୍ତ ଚାଷୀଙ୍କ ବିକ୍ରିଧାନର ପ୍ରାପ୍ୟ ଅତିଶୀଘ୍ର ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇଯିବ ବୋଲି ସେ କହିଥିଲେ।

## ଛତିଶଗଡ଼ ଗଲେ ୨୭ ଶ୍ରମିକ

**ଅନୁଗୋଳ ଅଫିସ, ୧୯।୫:** ଅନୁଗୋଳ ଜିଲାରେ ଅଟକି ରହିଥିବା ଛତିଶଗଡ଼ର ୨୭ ଶ୍ରମିକଙ୍କୁ ମଙ୍ଗଳବାର ଏକ ବସ୍‌ରେ ସେମାନଙ୍କ ଘରକୁ ପଠାଇ ଦିଆଯାଇଛି। ଉପଜିଲାପାଳ ବାସୁଦେବ ଶତପଥୀ, ଆସିଷ୍ଟାଣ୍ଟ କଲେକ୍ଟର ଦୋଳଗୋବିନ୍ଦ ସାହୁ ପ୍ରମୁଖ ଉପସ୍ଥିତ ରହି ଶ୍ରମିକଙ୍କୁ ପଠାଇଥିଲେ। ପ୍ରଶାସନ ପକ୍ଷରୁ ଜିଲାରେ ଫସି ରହିଥିବା ଶ୍ରମିକଙ୍କୁ ବିଭିନ୍ନ ମାଧମରେ ସେମାନଙ୍କ ଜିଲାକୁ ପଠାଯିବା ବ୍ୟବସ୍ଥା କରାଯାଇଛି।



## ସଂକ୍ଷେପରେ

### ଅମାନିଆଙ୍କୁ ଜରିମାନା

**ଅନୁଗୋଳ ଅଫିସ, ୧୯।୫:** ଜିନିଷ କିଣିବାବେଳେ ସାମାଜିକ ଦୂରତ୍ୱ ନିୟମ ମାନୁ ନ ଥିବା ଏବଂ ମାସ୍କ ନ ପିନ୍ଧି ବୁଲୁଥିବା ଅମାନିଆଙ୍କ ଉପରେ କଠୋର ହୋଇଛି ଅନୁଗୋଳ ପୋଲିସ ପ୍ରଶାସନ। ମଙ୍ଗଳବାର ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ନିୟମ ଉଲ୍ଲଂଘନକାରୀ ବ୍ୟବସାୟୀ ଓ ଗ୍ରାହକଙ୍କଠାରୁ ଜରିମାନା ଆଦାୟ କରିଛି। ଦୋକାନରେ ଭିଡ଼ ନ କରାଇବାକୁ ଦୋକାନୀଙ୍କୁ ତାଗିଦ୍ କରାଯାଇଛି। ବିଭିନ୍ନ ଦୋକାନ ସମ୍ମୁଖରେ ଗାଡ଼ି ରଖିଥିବା ବ୍ୟବସାୟୀ ଏବଂ ଲୋକଙ୍କୁ ମଧ ତାଗିଦ୍ କରାଯାଇଛି। ଏସ୍‌ଆଇ ସତ୍ୟରଞ୍ଜନ ଲେଙ୍କା, ତୁଷାର ମହାନ୍ତି ପ୍ରମୁଖ ଯାଞ୍ଚ କରିଥିଲେ।

### କିରୋସିନ ପିଇ ମା' ଶିଶୁ ଗୁରୁତର

**ଛେଣ୍ଡିପଦା, ୧୯।୫(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କୋଶଳା ଗାଁରେ ପାରିବାରିକ କଳହକୁ କେନ୍ଦ୍ରକରି ସଞ୍ଜିତା ନାଏକ ମଙ୍ଗଳବାର କିରୋସିନ ପିଇଦେବା ସହ ତାଙ୍କ ୨ ମାସର ଶିଶୁକୁ ମଧ ପିଆଇ ଦେଇଛନ୍ତି। ଉଭୟଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସ୍ୱାମୀ ରାହାସ ନାଏକଙ୍କ ସହ ଝଗଡା ହେବାରୁ ସେ ଏପରି କରିଥିବା ପରିବାର ଲୋକେ ସୂଚନା ଦେଇଛନ୍ତି।

### ଅବକାରୀ ଚଢ଼ାଉ, ୫ ଗିରଫ

**ଆଠମଲ୍ଲିକ/ବଇଣ୍ଡା, ୧୯।୫(ଡି.ଏନ.ଏ.):** ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ହଣ୍ଡପା, କିଶୋରନଗର, ଆଠମଲ୍ଲିକ ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ୮୭ ଲିଟର ଦେଶୀ ମଦ, ୧୦ ଲିଟର ତାଡ଼ି ଜବତ କରାଯାଇଛି। ଏଥିରେ ହଣ୍ଡପା ଥାନା କଣ୍ଠାଳ ଗ୍ରାମର ଜୟନ୍ତ ବେହେରା, ନାକିଚି ଗ୍ରାମର ବେଣୁଧର ପ୍ରଧାନ, ଲୁହାମୁଣ୍ଡା ଗ୍ରାମର ନରେନ୍ଦ୍ର ସ୍ୱାଇଁ, ଆଠମଲ୍ଲିକ ଅଞ୍ଚଳର ଜଟାଧାରୀ ମୁଖୀ, କିଶୋରନଗର ଥାନା ତୁରୁଡା ଗ୍ରାମର ସୁଶାନ୍ତ ପ୍ରଧାନଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଅବକାରୀ ନିରୀକ୍ଷକ ସୁମତି ତ୍ରିପାଠୀ, ଉପନିରୀକ୍ଷକ ପ୍ରଫୁଲ୍ଲ ପତି, ଏଏସ୍‌ଆଇ ରମାକାନ୍ତ ଚାନ୍ଦ, ଅରୁଣ ଚାଉଳିଆ ପ୍ରମୁଖ ଚଢ଼ାଉ କରିଥିଲେ।

### ମୃତାଙ୍କ ପରିବାରକୁ ସହାୟତା

**ବନ୍ତଳା, ୧୯।୫(ଡି.ଏନ.ଏ.):** ବନ୍ତଳା ଥାନା କନ୍ତମେଘ ଗ୍ରାମରେ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିବା ପ୍ରମିଳା ବିଶ୍ୱାଳ(୪୦)ଙ୍କ ପରିବାରକୁ ମଙ୍ଗଳବାର ବନ ବିଭାଗ ପକ୍ଷରୁ ଶୁଦ୍ଧିକ୍ରିୟା ପାଇଁ ୪୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଆବଶ୍ୟକ କାଗଜପତ୍ର ପରେ ଅବଶିଷ୍ଟ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ଆନ୍ଦୋଳନ ସ୍ଥଗିତ

**ଅନୁଗୋଳ ଅଫିସ, ୧୯।୫:** ଛଟେଇ ପ୍ରତିବାଦରେ ବାବା ଚନ୍ଦ୍ରେଶ୍ୱର ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ସୋମବାର ସ୍ଥାନୀୟ ସେସୁ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଉପଜିଲାପାଳଙ୍କ ପ୍ରକୋଷ୍ଠରେ ସଂଘ ପ୍ରତିନିଧିଙ୍କ ସହ ଏକ ବୈଠକ ବସିଥିଲା। ଜିଲାପାଳ ଓ ସେସୁ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ ବାସୁଦେବ ଶତପଥୀ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ରହିଛି।

# ଖାଦ୍ୟ ପାର୍ସଲକୁ ଅନୁମତି

**ଢେଙ୍କାନାଳ ଅଫିସ, ୧୯।୫**



ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା।

■ ରେଷ୍ଟୁରାଣ୍ଟ, ମିଠା ଦୋକାନୀ ଆଶ୍ୱସ୍ତ
■ ବଳବତ୍ତର ରହିବ ରାତ୍ରିକାଳୀନ ୧୪୪ ଧାରା

ଚତୁର୍ଥ ପର୍ଯ୍ୟାୟ ଲାକ୍‌ଡାଉନ୍ ନିୟମକୁ କୋହଳ କରିଛନ୍ତି ସରକାର। ତଦନୁଯାୟୀ କରୋନା ପ୍ରଭାବିତ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ପରିବର୍ତ୍ତିତ ନିୟମ ଲାଗୁ କରାଯାଇଛି। ଏହି ଗାଇଡ୍ ଲାଇନ୍ ମେ ୩୧ ଯାଏ ଅପରିବର୍ତ୍ତିତ ରହିବ ବୋଲି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ନୂତନ ଗାଇଡ୍ ଲାଇନ୍‌ରେ ରେଷ୍ଟୁରାଣ୍ଟ ଏବଂ ମିଠା ଦୋକାନୀଙ୍କ ଲାଗି କଟକଣା ସାମାନ୍ୟ କୋହଳ କରାଯାଇଛି। ଦୋକାନୀମାନେ ଏଣିକି ଗ୍ରାହକଙ୍କୁ ପାର୍ସଲ ମାଧମରେ ଖାଦ୍ୟପଦାର୍ଥ ହୋମ୍ ଡେଲିଭରି କରିପାରିବେ। ତେବେ ଗ୍ରାହକଙ୍କୁ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ପଡ଼ିବ। ଏଥିରେ ବ୍ୟତିକ୍ରମ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସତର୍କ କରାଇଛନ୍ତି।

ସନ୍ଧ୍ୟା ୭ରୁ ସକାଳ ୭ଯାଏ ଜାରି ହୋଇଥିବା ୧୪୪ ଧାରା ଉଲ୍ଲଂଘନ କଲେ ଆଇପିସି ୧୮୮ ଧାରା ଅନୁଯାୟୀ ଦଣ୍ଡବିଧାନ କରାଯିବ। ସେହିପରି କାର୍, ଅଟୋରିକ୍ସା, ଟ୍ୟାକ୍ସି ଭଳି ୪ ଚକିଆ ଗାଡ଼ିରେ ଚାଳକଙ୍କୁ ବାଦ୍ ଦେଇ ୨ଜଣ ଯାଇପାରିବେ। ଜରୁରୀ କାମ ନ ଥିଲେ ୬୫ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି, ଗର୍ଭବତୀ, ୧୦ବର୍ଷରୁ କମ୍ ବୟସର ଶିଶୁଙ୍କୁ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ଖେଳାଳିଙ୍କ ଅଭ୍ୟାସ ଲାଗି ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଷ୍ଟାଡିୟମ ଖୋଲିବାକୁ ଅନୁମତି ମିଳିଛି। ହେଲେ ଏହା ମଧ୍ୟକୁ ଦର୍ଶକମାନେ ଯାଇପାରିବେ ନାହିଁ। ଏହାକୁ ବାଦ୍‌ଦେଲେ ପୂର୍ବରୁ ଲାଗୁ ହୋଇଥିବା ସମସ୍ତ କଟକଣା ବଳବତ୍ତର ରହିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଖୋଲିଲା ସ୍ପୋର୍ଟ୍ସ କମ୍ପ୍ଲେକ୍ସ

**ଅନୁଗୋଳ ଅଫିସ, ୧୯।୫:** ପରିବର୍ତ୍ତିତ ଲକ୍‌ଡାଉନ୍ ନିୟମ ଅନୁଯାୟୀ ଅନୁଗୋଳ ଜିଲାରେ ସ୍ପୋର୍ଟସ କମ୍ପ୍ଲେକ୍ସ ଖୋଲିଛି। ହେଲେ ଏହା ମଧ୍ୟକୁ କ୍ରୀଡ଼ାବିତ୍‌ଙ୍କ ବ୍ୟତୀତ ଅନ୍ୟ କାହାରି ପ୍ରବେଶକୁ ବାରଣ କରାଯାଇଥିବା ଜିଲାପାଳ ମନୋଜ କୁମାର ମହାନ୍ତି ମଙ୍ଗଳବାର ସୂଚନା ଦେଇଛନ୍ତି। କରୋନା ପ୍ରଭାବିତ ହୋଇଥିବାରୁ ଜିଲାରେ ବସ୍ ସେବା ବନ୍ଦ ରହିବ। ଛୋଟ ୪ ଚକିଆ ଏବଂ ଦୁଇ ଚକିଆ ଯାନ ଚଳାଚଳ କରିପାରିବ। ହୋଟେଲ ଓ ରେଷ୍ଟୁରାଣ୍ଟ ପାର୍ସଲ ଖାଦ୍ୟକୁ ହୋମ୍ ଡେଲିଭରି ଦେଇପାରିବେ। ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ରାତ୍ରିକାଳୀନ କର୍ଫ୍ୟୁ ବଳବତ୍ତର ରହିବ। ଅସ୍ଥାୟୀ ମେଡିକାଲ ଶିବିରର ୧୦୦ ମିଟର ପରିଧିରେ ୨୪ ଘଣ୍ଟିଆ କର୍ଫ୍ୟୁ ଜାରି ରହିବ। ସର୍ବସାଧାରଣ ସ୍ଥାନରେ ଛେପ ପକାଇଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଣ୍ଡ୍ରଏଡ୍ ମୋବାଇଲ ଥିବା ସମସ୍ତ ବ୍ୟକ୍ତି ଆରୋଗ୍ୟ ସେତୁ ଆପ୍ଲିକେଶନ ଡାଉନଲୋଡ କରି ଏହାର ବ୍ୟବହାର କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ରାଜ୍ୟ ସରକାରଙ୍କ ଅଧୀନ ସମସ୍ତ କାର୍ଯ୍ୟାଳୟ ୧୦୦% କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ। ପୂର୍ବରୁ ଲାଗୁ ହୋଇଥିବା ଅନ୍ୟ କଟକଣା ବଳବତ୍ତର ରହିଛି।

## କ୍ୱାରାଣ୍ଟାଇନ୍‌ରେ କୁକୁର

**ଟିକମଗଡ଼, ୧୯।୫**



କ୍ୱାରାଣ୍ଟାଇନ୍ ସେଣ୍ଟରରେ କୁକୁର।

କରୋନା ସଂକ୍ରମଣର ଶିକାର ଏକ ପରିବାରର ଦାବି ଆଗରେ ହାର୍ ମାନିଛି ପ୍ରଶାସନ। କୋଭିଡ୍ ସନ୍ଦିଗ୍ଧ ୧୬ ସଦସ୍ୟଙ୍କ ସହ ପାଳିତ କୁକୁର ବି ଯାଇଛି କ୍ୱାରାଣ୍ଟାଇନ୍ କେନ୍ଦ୍ରକୁ। ମଧ୍ୟପ୍ରଦେଶ ରାଜ୍ୟ ଟିକମଗଡ଼ ଜିଲାରୁ ଏପରି ଏକ ମାମଲା ସାମ୍ନାକୁ ଆସିଛି।

ସମ୍ପୂର୍ଣ୍ଣ ଘଟଣାଟି ଏହିପରି। ସମ୍ପୃକ୍ତ ପରିବାରର ୨ଭଉଣୀ ଇନ୍ଦୋରରେ ରହି ପାଠ ପଢୁଥିଲେ। ଲକ୍‌ଡାଉନ ପରେ ଗତ ମେ ୧୨ରେ ଦୁହେଁ ନିଜ ସହପାଠୀଙ୍କ ସହ ଟିକମଗଡ଼ ଫେରିଥିଲେ। ମେ ୧୩ରେ ସ୍ୱାବ୍‌ସଂଗ୍ରହ କରାଯିବା ପରେ ଉଭୟଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିଲା। ଶୁକ୍ରବାର ରାତିରେ ସେମାନଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ଏହାପରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଘରେ ପହଞ୍ଚି ସେମାନଙ୍କୁ ଆଇସୋଲେଶନ ୱାର୍ଡରେ ଭର୍ତ୍ତି କରିଥିଲା। ପରିବାରର ଅନ୍ୟ ସଦସ୍ୟଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିବାକୁ ପରାମର୍ଶ ଦିଆଯାଇଥିଲା। ପରିବାର ଲୋକେ ବାହାରକୁ ବାହାରିବା ମାତ୍ରେ ପୋଷା କୁକୁର 'ଶେରୁ' ଭୁକିବା ଆରମ୍ଭ କରିଥିଲା। ଘର ଲୋକେ ପଡ଼ୋଶୀଙ୍କୁ କୁକୁରର ଦାୟିତ୍ୱ ନେବାକୁ ନେହୁରା ହୋଇଥିଲେ ମଧ କେହି ଶୁଣି ନ ଥିଲେ। ୧୪ଦିନ କ୍ୱାରାଣ୍ଟାଇନ୍‌ରେ ରହିବା ଭିତରେ ଖାଇବାକୁ ନ ପାଇ କୁକୁର ମରିଯିବ ବୋଲି ପରିବାର ଲୋକେ ଆଶଙ୍କା ବ୍ୟକ୍ତ କରିଥିଲେ। ତେଣୁ କୁକୁରକୁ ମଧ ସାଥିରେ ନେବାକୁ ସେମାନେ ଅଡ଼ି ବସିଥିଲେ। ପ୍ରଥମେ ଏହାକୁ ନେଇ ଅମଙ୍ଗ ହୋଇଥିଲେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ। ହେଲେ ଘର ଲୋକଙ୍କ ଦାବି ଆଗରେ ଶେଷରେ ମୁଣ୍ଡ ନୁଆଁଇଥିଲେ। ପରିବାରର ସମସ୍ତ ୧୬ ସଦସ୍ୟ ଏବଂ 'ଶେରୁ' ଏବେ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଅଛନ୍ତି।

# ୯ ଦିନ ପରେ ୨ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧୯।୫**

ଅନୁଗୋଳ ଜିଲାରେ ୯ଦିନ ପରେ ପୁଣି ୨ଜଣ କରୋନା ପଜିଟିଭ୍ ବାହାରିଛନ୍ତି। ଏହି ଦୁଇଜଣଙ୍କୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୭ରେ ପହଞ୍ଚିଛି। କରୋନା ସଂକ୍ରମିତ ସୁରଟ ଫେରନ୍ତା ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଜିଲାରେ ଗତ ୧୦ ତାରିଖରେ ଏକାଥରକେ ୧୫ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ। ଏବେ ପୁଣି ଦୁଇ ଜଣ ଆକ୍ରାନ୍ତ ବାହାରିବା ପରେ ଚିନ୍ତା ବଢ଼ିଛି।

ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ସୂଚନା ମୁତାବକ, ଅନୁଗୋଳ ବ୍ଲକର ୨୨ ବର୍ଷୀୟ ଯୁବକ ଜଣକ ଗତ ୧୦ ତାରିଖରେ ଏବଂ ତାଳଚେର ଅଞ୍ଚଳର ୨୯ ବର୍ଷୀୟ ଯୁବକ ଗତ ୧୩ ତାରିଖରେ ସୁରଟରୁ ଅନୁଗୋଳ ଆସିଥିଲେ। ଉଭୟେ ଅନୁଗୋଳ ବ୍ଲକରେ ହୋଇଥିବା ପୃଥକ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିଲେ। ସେମାନଙ୍କ ନିକଟରେ କରୋନାର କୌଣସି ଲକ୍ଷଣ ପରିଲକ୍ଷିତ ହୋଇ ନ ଥିଲା। ନମୁନା ପରୀକ୍ଷା ପରେ ଉଭୟେ କରୋନା ପଜିଟିଭ ବୋଲି ରିପୋର୍ଟ ଆସିଥିଲା। ସେମାନଙ୍କୁ ତାଳଚେର କୋଭିଡ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏଥିସହ ଦୁଇଟି କ୍ୱାରେଣ୍ଟାଇନ୍ ସେଣ୍ଟରକୁ ସାନିଟାଇଜ କରାଯାଇଥିବା ଜିଲାପାଳ କହିଛନ୍ତି। ଅନ୍ୟପଟେ ଜିଲା ପ୍ରଶାସନ ପକ୍ଷରୁ ଏ ବାବଦରେ ତ୍ୱରିତ ସୂଚନା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦାନ କରାଯାଇ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି।

ଏ ନେଇ ଅନୁଗୋଳ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ କହିଛନ୍ତି, ସୋସିଆଲ ସାଇଟ୍ ଅପ୍‌ଡେଟ୍ ହେଉଛି। ଅଫିସିଆଲ ସାଇଟ୍ ହ୍ୟାଣ୍ଡେଲ କରୁଥିବା ଆସିଷ୍ଟାଣ୍ଟ କଲେକ୍ଟର ଏ ନେଇ ସୂଚନା ଦେଉଛନ୍ତି। ଯଦି କରାଯାଇ ନ ଥିବ ତେବେ ଅପ୍‌ଡେଟ କରିବାକୁ କୁହାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସମ୍ପର୍କ ହୋଇ ନ ପାରିବାରୁ ମତାମତ ମିଳିପାରିନାହିଁ।

## ମହିଳାଙ୍କୁ ବଳାତ୍କାର ଅଭିଯୋଗ

**ଅନୁଗୋଳ ଅଫିସ, ୧୯।୫:** ଅନୁଗୋଳ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ କୁମୁରିସିଂହା ଅଞ୍ଚଳର ଚନ୍ଦନ ନାଏକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂଚନା ମୁତାବକ, ମହିଳା ଜଣକ ଘରେ ଏକାକୀ ଥିବା ସୁଯୋଗରେ ଚନ୍ଦନ ତାଙ୍କୁ ପ୍ରେମ ନିବେଦନ କରିଥିଲେ। ଏହାର ପ୍ରତିବାଦ କରିବାରୁ ସେ ବଳାତ୍କାର କରିବା ସହ ହତ୍ୟା ଧମକ ଦେଇଥିଲେ। ଏ ନେଇ ମହିଳା ଜଣକ ଗତ ୧୭ ତାରିଖରେ ଥାନାରେ ଅଭିଯୋଗ କରିଥିଲେ।

## ପାଣିରେ ବୁଡ଼ି ମହିଳା ମୃତ

**ଛେଣ୍ଡିପଦା, ୧୯।୫(ସ୍ୱ.ପ୍ର):** ଛେଣ୍ଡିପଦା ଥାନା ବାହାଳସାହି ଗ୍ରାମର ରେଠେଇ ନାଏକ (୫୧)ଙ୍କ ମଙ୍ଗଳବାର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ ଘର ନିକଟ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ପାଣିରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

## ଗ୍ୟାସ୍ ନିଆଁରୁ ଅଗ୍ନିକାଣ୍ଡ

**ପରଜଙ୍ଗ, ୧୯।୫(ଡି.ଏନ.ଏ.):** ଗ୍ୟାସ୍ ନିଆଁରୁ ଅଗ୍ନିକାଣ୍ଡ ଘଟି ପରଜଙ୍ଗ ଥାନା ଡିହଡୋଳ ଗ୍ରାମ ପ୍ରଧାନସାହିର ବାଉରିବନ୍ଧୁ ସାହୁଙ୍କ ଦୁଇବଖରା ପୋଡ଼ିଯାଇଛି। ଘରେ ସିଲିଣ୍ଡର ସଂଯୋଗ ସମୟରେ ଭାଲ୍‌ବ ଖସିପଡ଼ି ଗ୍ୟାସ୍ ଲିକ୍ ହୋଇଥିଲା। ଉକ୍ତ ଗ୍ୟାସ୍ ରୋଷେଇ ନିଆଁ ସଂସ୍ପର୍ଶରେ ଆସି ବ୍ୟାପି ଯାଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିପନ୍ନଙ୍କୁ ସହାୟତା ଯୋଗାଇ ଦେବାକୁ ସରପଞ୍ଚ ପ୍ରିୟଜିତ ସାମଲ ଦାବି କରିଛନ୍ତି।

# ନକଲି ମଦ କାରଖାନା ଠାବ



ଜବତ ମଦ, ସାମଗ୍ରୀ ଗିରଫ ଅଭିଯୁକ୍ତ।

**ଢେଙ୍କାନାଳ ଅଫିସ, ୧୯।୫**

■ ଅବକାରୀ ବିଭାଗର ରାତିଅଧିଆ ଚଢ଼ାଉ
■ ବିପୁଳ ସାମଗ୍ରୀ ଜବତ, ୩ ଅଭିଯୁକ୍ତ ଗିରଫ

ଢେଙ୍କାନାଳ ସହର ଉପକଣ୍ଠ ରାମେଶ୍ୱରପୁର ଅଞ୍ଚଳରୁ ସୋମବାର ବିଳମ୍ବିତ ରାତିରେ ନକଲି ମଦ ତିଆରି କାରଖାନା ଠାବ କରାଯାଇଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ରାମେଶ୍ୱରପୁରର ବିକାଶ ପୁହାଣ (୪୮), ସିମିଳିଆର ଅଜୟ ଦଳେଇ (୪୧) ଏବଂ କାଇଁଶର ଅଦ୍ୱୈତ ପୃଷ୍ଟି (୩୯)ଙ୍କୁ ଗିରଫ କରାଯାଇଛି। ଘଟଣାସ୍ଥଳରୁ ୧୯୬ ଲିଟର ନକଲି ଦେଶୀମଦ, ୧୦ ପ୍ୟାକେଟ୍ ଜରି, ଗୋଟିଏ ବଡ଼ ମେଶିନ, ୩ ଛୋଟ ମେଶିନ, ୫ ଲିକୁଇଡ୍ ଫ୍ଲେଭର ବୋତଲ ଜବତ କରାଯାଇଛି।

କରୋନା କଟକଣା ଯୋଗୁ ସହରର ସମସ୍ତ ଦେଶୀଭାଟି, ବିକ୍ରି କେନ୍ଦ୍ର ଏବଂ ବିଦେଶୀ ମଦ ଦୋକାନ ସିଲ୍ କରାଯାଇଛି। ଏସବୁ ସତ୍ତ୍ୱେ ଚୋରାରେ ବିପୁଳ ପରିମାଣରେ ନକଲି ମଦ କାରିବାର ହେଉଛି। କାଇଁଶରେ ଏପରି ବେଆଇନ ମଦ କାରବାର ଚାଲିଥିବା ସୂଚନା ପାଇ ଜିଲାପାଳଙ୍କ ନିର୍ଦ୍ଦେଶରେ ଜିଲା ଅବକାରୀ ଅଧୀକ୍ଷକ ମନୋଜ ସେଠୀଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ଅଦ୍ୱୈତଙ୍କ ଘରୁ ୫୦ ଲିଟର ମଦ ଜବତ କରାଯାଇଥିଲା। ପଚରାଉଚୁରା ବେଳେ ସେ ରାମେଶ୍ୱରପୁରରେ ଚାଲିଥିବା ମଦ କାରଖାନା ସମ୍ପର୍କରେ ସୂଚନା ଦେଇଥିଲେ।

# ନିୟମ ଭିତରେ ରଥ ନିର୍ମାଣ



ରଥଗଡ଼ାରେ ରଥ ନିର୍ମାଣ କାର୍ଯ୍ୟ ଚାଲିଛି।

**ଢେଙ୍କାନାଳ ଅଫିସ, ୧୯।୫**

■ କ୍ୱାରାଣ୍ଟାଇନ୍‌ରେ ରହୁଛନ୍ତି ବିଶ୍ୱକର୍ମା
■ ସାମାଜିକ ଦୂରତ୍ୱକୁ ଦିଆଯାଉଛି ଗୁରୁତ୍ୱ

ଢେଙ୍କାନାଳର ପ୍ରସିଦ୍ଧ ରଥଯାତ୍ରା ଲାଗି ରଥ ନିର୍ମାଣ ଆଗେଇ ଚାଲିଛି। ଲକ୍‌ଡାଉନ୍ ନିୟମକୁ ମାନି ରଥ ତିଆରି କରାଯାଉଛି। ମହାରଣା ସେବକ ଏବଂ କାରିଗରମାନେ ସାମାଜିକ ଦୂରତ୍ୱ ନିୟମ ଭିତରେ ମାସ୍କ ପିନ୍ଧି କାମ କରୁଛନ୍ତି।

ଜୁନ୍ ୨୩ ତାରିଖରେ ରଥଯାତ୍ରା। ଏଥିଲାଗି ଗତ ୧୫ ତାରିଖରୁ ରଥ ତିଆରି କାର୍ଯ୍ୟ ଆରମ୍ଭ ହୋଇଛି। ନିର୍ମାଣ କାର୍ଯ୍ୟରେ ନିୟୋଜିତ ବିଶ୍ୱକର୍ମା ଏବଂ କାରିଗରମାନେ ଶ୍ରୀବଳରାମ ମନ୍ଦିର ନିକଟସ୍ଥ ଝୁଲଣ ଘରେ ସାମାଜିକ ଦୂରତା ରକ୍ଷା କରି କ୍ୱାରାଣ୍ଟାଇନ୍‌ରେ ରହୁଛନ୍ତି। ଦୈନିକ ସେମାନଙ୍କ ପରୀକ୍ଷା କରାଯାଉଛି। ଦେବୋତ୍ତର ବିଭାଗ ପକ୍ଷରୁ ସେମାନଙ୍କ ଲାଗି ଖାଦ୍ୟପାନୀୟ ବ୍ୟବସ୍ଥା କରାଯାଇଛି। ରଥ ନିର୍ମାଣ ସରିବା ଯାଏ ସେମାନେ କ୍ୱାରାଣ୍ଟାଇନ୍‌ରେ ରହିବେ। ଏହି ସମୟ ମଧ୍ୟରେ କାହା ନିକଟରେ କରୋନା ଲକ୍ଷଣ ଦେଖାଦେଲେ ସ୍ୱାବ୍ ସଂଗ୍ରହ କରି ପରୀକ୍ଷା ଲାଗି ପଠାଯିବ ବୋଲି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ବିଶ୍ୱକର୍ମା ଅଶୋକ କୁମାର ମହାପାତ୍ରଙ୍କ ସହିତ ୪ଜଣ ମିସ୍ତ୍ରି, ୨ଜଣ ସହଯୋଗୀ ରଥ ନିର୍ମାଣରେ ନିୟୋଜିତ ଅଛନ୍ତି। ଆସନ୍ତା ୨୨ ତାରିଖରୁ ଆଉ ୪ଜଣ ମିସ୍ତ୍ରି ଏବଂ ୨ଜଣ ସହଯୋଗୀ ଏଥିରେ ଯୋଗଦେବେ ବୋଲି ଦେବୋତ୍ତର ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ୮୫ ୟୁନିଟ ରକ୍ତ ସଂଗ୍ରହ

**ଛେଣ୍ଡିପଦା, ୧୯।୫(ସ୍ୱ.ପ୍ର.):** ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଟାଙ୍ଗୁଡିଆ ପଞ୍ଚାୟତଠାରେ ବିଜେଡି ପକ୍ଷରୁ ମଙ୍ଗଳବାର ଆୟୋଜିତ ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ୮୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଅନୁଗୋଳ ଜିଲା ଯୁବ ବିଜେଡି ସଭାପତି ଦୀନେଶ ପ୍ରଧାନ ଓ ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ସତ୍ୟବ୍ରତ ଦେହୁରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା ଯୋଗ ଦେଇଥିଲେ। ନନ୍ଦିନୀ ସାହୁ, ସୁଧୀର ନାଏକ, ପ୍ରଦୀପ ସାହୁ, ଖଗପତି ପ୍ରଧାନ, ସାରଥୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ୧୫୦ ମାସ୍କ ବଣ୍ଟନ କରାଯାଇଥିଲା।

## ଫଟୋରେ ଖବର



ଅନୁଗୋଳ ସହରରେ ଜଣେ ମହିଳା ତାଙ୍କ କୁନି ଝିଅ ଲାଗି ଅଳିଆରୁ ଫଳ ଖୋଜିବାରେ ବ୍ୟସ୍ତ।



ଲଗ୍‌ଡାଉନ୍ ଯୋଗୁ ଅନୁଗୋଳରେ ଅଟକି ରହିଥିବା ବାହାର ରାଜ୍ୟର ଜଣେ ଶିଶୁ ଘରକୁ ଯିବା ଲାଗି ସାମଗ୍ରୀ ବୋହି ନେଉଛନ୍ତି। (ଫଟୋ-ବୁବୁ)

**ସଂକ୍ଷେପରେ**

## ୧୦ରୁ ଉର୍ଦ୍ଧ୍ୱ ତାଳଗଛ ଜଳିଗଲା



**ପଡ଼ିଆ,୧୯।୫(ଡି.ଏନ୍.ଏ.):** ମାଲକାନଗିରି ଜିଲା ପଡ଼ିଆ ବ୍ଲକ କଲୋନୀରେ ବର୍ଷାପବନ ହୋଇ ଏକ ଦୁର୍ଘଟଣା ଘଟିଯାଇଛି। କଲୋନୀ ପଛପଟେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ଛିଡ଼ିପଡି ୧୦ ତାଳଗଛ ପୋଡିଯାଇଛି। ଖବରରୁ ଜଣାପଡିଛି ରବିବାର ସନ୍ଧ୍ୟାରେ ଉକ୍ତ ଅଞ୍ଚଳରେ ବର୍ଷା ସହ ପବନ ହୋଇଥିଲା। ଏହି ସମୟରେ ୧୧ କେଭି ବିଦ୍ୟୁତ୍ ତାର ଶର୍ଟ ହୋଇଯାଇଥିଲା। ଫଳରେ ଏହା ସଂସ୍ପର୍ଶରେ ଆସି ୧୦ରୁ ଉର୍ଦ୍ଧ୍ୱ ତାଳଗଛ ଜଳିଯାଇଥିଲା। ନିଆଁର ପ୍ରକୋପ ଦେଖି ଅଞ୍ଚଳବାସୀ ଭୟଭୀତ ହୋଇପଡିଥିଲେ। ଖବରପାଇ ଅଗ୍ନିଶମ ଅଧିକାରୀ ବୀରେନ୍ଦ୍ର କୁମାର ସିଂ କର୍ମଚାରୀଙ୍କ ସହ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିଯୋଗୁ କୌଣସି ଧନଜୀବନ ହାନି ହୋଇନାହିଁ।

## ନଦୀରେ ପଡ଼ି ଯୁବକ ନିଖୋଜ

**ବୈପାରୀଗଡା,୧୯।୫(ଡି.ଏନ୍.ଏ):** ବୈପାରୀଗୁଡା ବ୍ଲକ ତେନ୍ତୁଲିଗମ୍ମା ପଞ୍ଚାୟତ ଅନ୍ତର୍ଗତ ଭେଜନିଗଡା ନଦୀ ଘାଟରେ ମଙ୍ଗଳବାର ମାଛାଗଡା ଗ୍ରାମର ଗଙ୍ଗା ମାଡକାମି (୪୫ )ପଡି ନିଖୋଜ ହୋଇଛନ୍ତି। ସେ କୌଣସି କାମରେ ଟେକଗଡା ଠାରୁ ଫେରି ଭେଜାଗଡା ଘାଟରେ ଡଙ୍ଗାରେ ଚଢ଼ିବା ବେଳେ ନଦୀରେ ଖସି ଭାସି ଯାଇଥିଲେ। ଖବରପାଇ ମାଥିଲି ଅଗ୍ନୀଶମ ବିଭାଗ କର୍ମଚାରୀ ପହଞ୍ଚି ଖୋଜା ଖୋଜି କରିଥିଲେ ମଧ୍ୟ କୌଣସି ଖୋଜ ଖବର ପାଇନଥିଲେ। ଘଟଣାସ୍ଥଳେ ବ୍ଲକ ଉପାଧକ୍ଷ ତ୍ରିଲୋଚନ ଜେନା ,ସରପଞ୍ଚ ବଦ୍ରା ନାୟକ ଉପସ୍ଥିତ ଥିଲେ।

## ମହିଳାଙ୍କ ମୃତଦେହ ଉଦ୍ଧାର

**ରାୟଗଡ଼ା ଅଫିସ,୧୯।୫:** ରାୟଗଡ଼ା ସହରସ୍ଥିତ ଗଙ୍ଗା ଗ୍ୟାରେଜ ନିକଟରୁ ମଙ୍ଗଳବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ କେ. ଜୟଶ୍ରୀ(୩୧)। ଖବର ପାଇ ସ୍ଥାନୀୟ ପୋଲିସ ମୃତଦେହ ଉଦ୍ଧାରକରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବାବେଳେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଟାଉନ ପୋଲିସ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

## ଘର ଉପରେ ଗଛ ପଡ଼ିଲା

**ପଡିଆ,୧୯।୫(ଡି.ଏନ୍.ଏ.):** ମାଲକାନଗିରି ଜିଲା ପଡିଆ ବ୍ଲକ ଉଣ୍ଡୁରୁକୋଣ୍ଡା ପଞ୍ଚାୟତ ପଡୁପାନପଲି ଗ୍ରାମରେ ମଙ୍ଗଳବାର କାଳବୈଶାଖୀରେ ୨ଜଣଙ୍କ ଘର ଉପରେ ଗଛ ଉପୁଡିପଡିଛି। ଫଳରେ ସେମାନଙ୍କ ଅନେକ ସାମଗ୍ରୀ ନଷ୍ଟ ହୋଇଛି। ଖବରରୁ ଜଣାପଡିଛି ଗ୍ରାମର ଲାସା ମାଡକାମି ଓ ତାଙ୍କ ଝିଅ କମଳା କାଡ୍ରାକା ଆଶ୍ରମ ନିକଟରେ ଘର କରି ରହିଥିଲେ। ମଙ୍ଗଳବାର କାଳବୈଶାଖୀରେ ଲାସାଙ୍କ ଘର ଉପରେ ଏକ କୁରୁମ ଗଛ ଉପୁଡି ପଡିଥିଲା। ଫଳରେ ତାଙ୍କ ଆଜ୍‌ବେଷ୍ଟସ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସେହିପରି ତାଙ୍କ ଝିଅ କମଳାଙ୍କ ଘର ଉପରେ ଏକ ଚାକୁଣ୍ଡାଗଛ ଉପୁଡି ପଡିଥିଲା। ଗିତରକାନପାଲି ରାସ୍ତାରେ ଉପୁଡି ପଡିଥିବା ଗଛକୁ ଅଗ୍ନିଶମ କର୍ମଚାରୀ ପହଞ୍ଚି ହଟାଇ ରାସ୍ତା ସଫା କରିଥିବା ଜଣାପଡିଛି।

## ଛାତ୍ରୀଙ୍କ ଆତ୍ମହତ୍ୟା

**ଦଶମନ୍ତପୁର,୧୯।୫ (ଡି.ଏନ.ଏ.):** ଦଶମନ୍ତପୁର ବ୍ଲକ ଟିକାମ୍ପ ପଞ୍ଚାୟତସଦର ଗ୍ରାମର ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରୀ ମଙ୍ଗଳବାର ବିଷପିଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ ଇଷ୍ଟର ହିଆଲ(୧୩)। ଖବରରୁ ଜଣାପଡିଛି ତାଙ୍କ ମାଆବାପା କୌଣସି କାର୍ଯ୍ୟରେ ଟିକିରି ଅଞ୍ଚଳକୁ ଯାଇଥିଲେ। ଘରେ ଇଷ୍ଟରଙ୍କ ସହ ତାଙ୍କ ଭଉଣୀ ସମିଳନୀ ହିଆଲ ଥିଲେ। କୌଣସି କାରଣରୁ ଇଷ୍ଟରଙ୍କ ଭଉଣୀ ସମିଳନୀଙ୍କ ସହ ପାଟିତୁଣ୍ଡ ହୋଇଥିଲା। ଏଥିରେ ରାଗିଯାଇ ଇଷ୍ଟର ଘରେ ଥିବା କୀଟନାଶକ ଖାଇ ଦେଇଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଏସଆଇ ବାବୁଲା ପ୍ରଧାନ କହିଛନ୍ତି।

# କାର୍ଯ୍ୟରତ କର୍ମଚାରୀଙ୍କ ମୃତ୍ୟୁ ନେଇ ଉତ୍ତେଜନା

**ଦଶମନ୍ତପୁର,୧୯।୫(ଡି.ଏନ୍.ଏ.)**

- କାକିରିଗୁମ୍ମା ଷ୍ଟେଶନର କର୍ମଚାରୀ ଥିଲେ
- ବୁଝାଶୁଝା କରିଥିଲେ ବିଭାଗୀୟ ଅଧିକାରୀ
- ଦାବି ପୂରଣ ପାଇଁ ହେଲା ଚୁକ୍ତିପତ୍ର ସ୍ୱାକ୍ଷର

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଚଣାବାଡ ପଞ୍ଚାୟତ ପୋଡାଯୋଡି ଗ୍ରାମ ନିକଟରେ ମଙ୍ଗଳବାର ବିଦ୍ୟୁତ୍ ଖୁଣ୍ଟରେ ଚଢି କାର୍ଯ୍ୟ କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ନବୀନ ଜାନି(୨୦)। ଘର ଲକ୍ଷ୍ମୀପୁର ବ୍ଲକ ପୋଈଁଡା ପଞ୍ଚାୟତର ଟେମାରିଗୁଡା ଗ୍ରାମରେ। ନବୀନ ବର୍ଷେ ହେଲା କାକିରିଗୁମ୍ମା ସବ୍‌ଷ୍ଟେଶନରେ ଅସ୍ଥାୟୀ କର୍ମଚାରୀ ରୂପେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ୩ଜଣ କର୍ମଚାରୀ କାମ କରିବାକୁ ଯାଇ ପୋଡାଯୋଡି ଗ୍ରାମ ନିକଟରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ଚଢି ସେ କାମ କରୁଥିଲେ। ଏହି ସମୟରେ କେହି କାକିରିଗୁମ୍ମା ଷ୍ଟେଶନରେ ବିଦ୍ୟୁତ୍ ଚାର୍ଜ କରି ଦେଇଥିଲେ। ଫଳରେ ଘଟଣା ସ୍ଥଳରେ ନବୀନଙ୍କ ମୃତ୍ୟୁ ହୋଇଥିଲା। ଏନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଡାଯୋଡି ଗ୍ରାମବାସୀ କ୍ଷତିପୂରଣ ରୂପେ ପରିବାରର ଜଣକୁ ସ୍ଥାୟୀ ଚାକିରି ଏବଂ ୫ଲକ୍ଷ ଟଙ୍କା ପ୍ରଦାନ ଲାଗି ଦାବି କରିଥିଲେ। ବିଭାଗୀୟ ଅଧିକାରୀମାନେ ସମସ୍ତଙ୍କୁ ବୁଝାଶୁଝା କରି ପରିବାରର ଜଣକୁ ଚାକିରି ଓ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଚୁକ୍ତିପତ୍ର ସ୍ୱାକ୍ଷର କରି ଦେବା ପରେ ଉତ୍ତେଜନା ଶାନ୍ତ ପଡିଥିଲା। ଏହି ଅବସରରେ ମୃତଦେହ ସତ୍କାର ପାଇଁ ରେଡକ୍ରସ୍‌ରୁ ୧୦ ହଜାର ଟଙ୍କା, ବିଦ୍ୟୁତ୍ ବିଭାଗ ପକ୍ଷରୁ ୪୦ ହଜାର ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପରିବାର ଲୋକଙ୍କୁ ମିଳିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଅସୁସ୍ଥ ବୃଦ୍ଧଙ୍କୁ ଡାକ୍ତରଖାନା ପଠାଇଲେ ଥାନା ଅଧିକାରୀ



ଅସୁସ୍ଥ ବୃଦ୍ଧଙ୍କୁ ଆମ୍ବୁଲାନ୍ସରେ ନିଆଯାଉଛି।

**ନବରଙ୍ଗପୁର,୧୯।୫ (ବି.ପ୍ର.)**

ଅସହାୟ ଅବସ୍ଥାରେ ଅସୁସ୍ଥ ହୋଇ ରାସ୍ତା କଡରେ ପଡିରହିଥିଲେ ଜଣେ ବୃଦ୍ଧ । ରାସ୍ତାରେ ଯାଉଥିବା ଲୋକ ତାଙ୍କ କଥା ବୁଝି ପାରୁ ନ ଥିଲେ। କରୋନା ଯୋଗୁ ଅଜଣା ଲୋକଙ୍କ ନିକଟକୁ କେହି ବି ଯିବାକୁ ସାହସ କରି ପାରୁନଥିଲେ । ଶେଷରେ ପାପଡାହାଣ୍ଡି ଥାନା ଅଧିକାରୀ ପ୍ରତ୍ୟୁଷ ମହାପାତ୍ର ପହଞ୍ଚି ବୃଦ୍ଧଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସଦର ମହକୁମାର ମନ୍ଦିର ଛକ ନିକଟରେ ରବିବାର ବୃଦ୍ଧ ଜଣକ ପଡିରହିଥିବା ଦେଖିବାକୁ ମିଳିଥିଲା। ତାଙ୍କର ସ୍ୱାସ୍ଥ୍ୟବସ୍ଥା ଭଲ ନଥିଲା। କାହାକୁ ବି କିଛି କହିଲେ ତାଙ୍କ କଥା କେହି ବୁଝି ପାରୁନଥିଲେ। ତାଙ୍କ ନିକଟକୁ ଯିବାକୁ କେହି ସାହସ କରୁନଥିଲେ। ଥାନା ଅଧିକାରୀ ପ୍ରତ୍ୟୁଷ ମହାପାତ୍ର ଜାଣିବା ପରେ ବୃଦ୍ଧଙ୍କ ନିକଟରେ ପହଞ୍ଚିଥିଲେ । ତୁରନ୍ତ ଆମ୍ବୁଲାନ୍ସ ଡକାଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ । ବର୍ତ୍ତମାନ ବୃଦ୍ଧଙ୍କ ଚିକିତ୍ସା ଜାରି ରହିଛି। ବୃଦ୍ଧ ନିଜର ପରିଚୟ ଦେଇ ପାରୁ ନାହାନ୍ତି।

# ୫୪ ପ୍ରବାସୀ ଫେରିଲେ

**ଜୟପୁର/ ଦଶମନ୍ତପୁର, ୧୯।୫ (ଡି.ଏନ୍.ଏ.)**



ସୀମାନ୍ତରେ ପ୍ରବେଶ କରିଥିବା ପ୍ରବାସୀଙ୍କୁ ପୋଲିସ ପକ୍ଷରୁ ସ୍ୱାଗତ କରାଯାଉଛି।

୩୪ଜଣ ପ୍ରବାସୀ ମହାରାଷ୍ଟ୍ରର ପୁଣେ ସହରରୁ କୋରାପୁଟ ଜିଲାର ଛତିଶଗଡ଼ ସୀମାନ୍ତ ଚାନ୍ଦିଲି ଦେଇ ବସ୍‌ରେ ନିଜ ରାଜ୍ୟକୁ ପ୍ରବେଶ କରିଛନ୍ତି। ଏହି ପ୍ରବାସୀ ବସ୍ ଯୋଗେ ରାଜ୍ୟ ସୀମାନ୍ତରେ ପ୍ରବେଶ ପରେ ଜିଲା ପୋଲିସ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ରାଜ୍ୟର ବାଲେଶ୍ୱର ଜିଲାର ଜଣେ ମହିଳାଙ୍କ ସମେତ ୧୫ଜଣ, ଭଦ୍ରକ ୮, ଜଗତ୍‌ସିଂହପୁର ୫, ଯାଜପୁର, ଖୋର୍ଦ୍ଧା ଏବଂ ବୈପାରିଗୁଡ଼ା ବ୍ଲକର ଜଣେ ଲେଖାଏ ଏହି ବସ୍ ଯୋଗେ ଫେରିଛନ୍ତି। ସେହିପରି ଦଶମନ୍ତପୁର ବ୍ଲକ୍‌ର ୨୦ ପ୍ରବାସୀ ନିଜ ଅଞ୍ଚଳକୁ ଫେରିଛନ୍ତି। କାମ କରିବାକୁ ଯାଇ ବିଶାଖାପାଟଣାରେ ୬ ଶ୍ରମିକ, ଚେନ୍ନାଇରେ ଜଣେ, ହାଇଦ୍ରାବାଦରେ ୭ ଜଣ ଏବଂ ଓଡ଼ିଶାର ଖୋର୍ଦ୍ଧା ଏବଂ ଭୁବନେଶ୍ୱର ଅଞ୍ଚଳରେ ୬ ଜଣ ଫସି ରହିଥିଲେ। ନିଜ ଉଦ୍ୟମରେ ଶ୍ରମିକମାନେ ଟ୍ରକ୍ ଓ ବସ୍ ଯୋଗେ ରାୟଗଡ଼ାରେ ପହଞ୍ଚିଥିଲେ। ସେଠାରୁ ପ୍ରଶାସନ ସହାୟତାରେ ସେମାନଙ୍କୁ କୋରାପୁଟ ପଠାଯାଇଥିଲା। ମଙ୍ଗଳବାର ଏକ ସ୍ୱତନ୍ତ୍ର ବସ୍ ଯୋଗେ ସେମାନେ ଦଶମନ୍ତପୁରରେ ପହଞ୍ଚିଛନ୍ତି।

## ବିଦ୍ୟୁତ୍ କାଟ୍ ପ୍ରତିବାଦରେ ଦାବିପତ୍ର

**ନବରଙ୍ଗପୁର, ୧୯।୫ (ବି.ପ୍ର.):** ନବରଙ୍ଗପୁର ଜିଲାରେ ବିଦ୍ୟୁତକାଟ କରାଯାଉ ଥିବାରୁ ପ୍ରତିବାଦରେ ଭାଜପା ପକ୍ଷରୁ ମଙ୍ଗଳବାର ସାଉଥକୋ ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବାରମ୍ବାର ବିଦ୍ୟୁତକାଟ ଯୋଗୁ ଜିଲାର ଉପଭୋକ୍ତାମାନେ ବହୁ ହଇରାଣ ହେଉଛନ୍ତି। ବିଦ୍ୟୁତକାଟ ବନ୍ଦ ନ ହେଲେ ଭାଜପା ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି । ନିର୍ବାହୀ ଯନ୍ତ୍ରୀଙ୍କ ସହ ଭାଜପା ଜିଲା ସଭାପତି ଜଗଦିଶ ଚନ୍ଦ୍ର ବିଷୋୟୀ,ସତ୍ୟବାଦୀ ଷଡଙ୍ଗୀ, ରାଜେନ୍ଦ୍ର ତ୍ରିପାଠୀ, ରଘୁନାଥ ପାଢୀ, ମନୋଜ ମହାକୁଡ ଓ ଗୌରୀଶଙ୍କର ମାଝୀ ପ୍ରମୁଖ ଆଲୋଚନା କରିଥିଲେ । ବିଦ୍ୟୁତ ସମସ୍ୟାର ସମାଧାନ କରାଯିବ ବୋଲିନିର୍ବାହୀଯନ୍ତ୍ରୀପ୍ରତିଶ୍ରୁତିଦେଇଥିଲେ।

## ବିପଦପୂର୍ଣ୍ଣ ଅଞ୍ଚଳରୁ ସ୍ଥାନାନ୍ତର ହେଲେ ଲୋକେ

**ପାରଳାଖେମୁଣ୍ଡି,୧୯।୫(ସ୍ୱ.ପ୍ର.):** ସମ୍ଭାବ୍ୟ ବାତ୍ୟା ଅମ୍ଫନ୍‌କୁ ନେଇ ଗଜପତି ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ଜଣାପଡ଼ିଛି। ପ୍ରଶାସନ ପକ୍ଷରୁ ମଙ୍ଗଳବାର ଜିଲାର ବିପଦପୂର୍ଣ୍ଣ ତଥା ପାହାଡ଼ ତଳି ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଜିଲାର ରାୟଗଡ଼ ବ୍ଲକ୍ ଅଧୀନ କଇଁପୁର, ଗଙ୍ଗାବାଡ଼, କେରାଣ୍ଡି ଆଦି ପଞ୍ଚାୟତର ବିପଦପୂର୍ଣ୍ଣ ଅଞ୍ଚଳରୁ ଜନସାଧାରଣଙ୍କୁ କଇଁପୁରର ଅମରସିଂ ଏବଂ ଗାରାବନ୍ଧସ୍ଥିତ ଆଇଟିଡିଏ ହଷ୍ଟେଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ୁଛି। ସୂଚନାଯୋଗ୍ୟ ତିତ୍‌ଲି ବାତ୍ୟାରେ ରାୟଗଡ଼ ବ୍ଲକ୍‌ର ଗଙ୍ଗାବାଡ଼ ଏବଂ କଇଁପୁର ପଞ୍ଚାୟତ ବିଶେଷ କ୍ଷତିଗ୍ରସ୍ତ ହୋଇଥିଲା। ତେଣୁ ପ୍ରଶାସନ ଏହି ଅଞ୍ଚଳକୁ ଅଧିକ ଗୁରୁତ୍ୱ ଦେଇ ପୂର୍ବରୁ ପଦକ୍ଷେପ ନେଇଥିବା ଜଣାପଡ଼ିଛି।

# ବିଭିନ୍ନ ଦାବିରେ ସିପିଆଇର ବିକ୍ଷୋଭ

**ଜୟପୁର,୧୯।୫(ନି.ପ୍ର.)**

କୋରାପୁଟ ଜିଲା ସିପିଆଇ ପକ୍ଷରୁ ବିଭିନ୍ନ ଦାବି ନେଇ ଜୟପୁର ଶ୍ରମିକ ଭବନଠାରେ ପ୍ଲାକାର୍ଡ ଧରି ବିକ୍ଷୋଭ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କ ଜରିଆରେ ୭ ଦଫା ଦାବିପତ୍ର ପ୍ରଦାନ କରାଯାଇଛି ।

ଏଥିରେ ଉଲ୍ଲେଖ କରାଯାଇଛି ଯେ, ରାଜ୍ୟ ସରକାରଙ୍କୁ କେନ୍ଦ୍ର ସରକାର ପର୍ଯ୍ୟାପ୍ତ ପାଣ୍ଠି ଓ ଆର୍ଥିକ ସହାୟତା ଯୋଗାଇ ଦିଅନ୍ତୁ, ଅଟକି ରହିଥିବା ପ୍ରବାସୀ ଶ୍ରମିକମାନଙ୍କୁ ସୁବିଧାରେ ଫେରାଇ ଆଣିବା ପାଇଁ ଖାଦ୍ୟ ଓ ପାନୀୟ ଜଳ ବ୍ୟବସ୍ଥା ଥାଇ ଅଧିକ ଟ୍ରେନ ଓ ବସ୍ ପ୍ରଚଳନ କରାଯାଉ । ପ୍ରତ୍ୟେକ ପ୍ରବାସୀଙ୍କୁ ଯାତାୟାତ ଖର୍ଚ୍ଚ ସହିତ ପରିବାର ଭରଣପୋଷଣ ପାଇଁ ୧୦ ହଜାର ଟଙ୍କା ପ୍ରଦାନ କରାଯାଉ । ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ମାଧ୍ୟମରେ କର୍ମନିଯୁକ୍ତି ସୃଷ୍ଟି କରାଯାଉ । ସହରାଞ୍ଚଳରେ ବେକାର ଯୁବତୀ ଯୁବକମାନଙ୍କୁ କର୍ମନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି କରାଯାଉ, ରାଜ୍ୟରେ ସମସ୍ତ ବନ୍ଦ କଳକାରଖାନା ଖୋଲି ନିଯୁକ୍ତି ସୁଯୋଗ ସୃଷ୍ଟି କରି ଦାଦନ ଶ୍ରମିକ ସମସ୍ୟାର ସମାଧାନ କରାଯାଉ । ସିପିଆଇ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି, ରାମକୃଷ୍ଣ ଦାସ ପ୍ରମୁଖ ସେଠାରେ ଉପସ୍ଥିତ ଥିଲେ ।

## ମୋବାଇଲ ପାଇଁ ଆତ୍ମହତ୍ୟା କଲା ପୁଅ

**ପଟ୍ଟାଙ୍ଗୀ,୧୯।୫(ଡି.ଏନ୍.ଏ.)**

ବାପା ମୋବାଇଲ କିଣି ନ ଦେବାରୁ ପୁଅ(୧୪) ଆତ୍ମହତ୍ୟା କରିବା ପରି ଘଟଣା କୋରାପୁଟ ଜିଲା ପଟ୍ଟାଙ୍ଗୀ ଥାନା ତଥା ସେମିଳିଗୁଡା ବ୍ଲକ ଅଞ୍ଚଳରେ ଘଟିଛି। ଖବରରୁ ଜଣାପଡିଛି ସେମିଳିଗୁଡ଼ା ବ୍ଲକ୍‌ର ମରୁଆ ଗ୍ରାମର ବିଶ୍ୱନାଥ ଗେମେଲଙ୍କ ପୁଅ ରାଜେନ୍ଦ୍ର ରେଙ୍ଗା ଆଶ୍ରମ ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଥିଲେ। କରୋନା ଯୋଗୁ ସ୍କୁଲ ଛୁଟି ହେବାପରେ ଗାଁକୁ ଫେରିଥିଲେ। ମୋବାଇଲଟିଏ କିଣିଦେବା ପାଇଁ ସେ ବାପାଙ୍କୁ କହିଥିଲେ। ଏଥିରେ ବାପା ରାଜି ହେଉ ନ ଥିଲେ। ଏନେଇ ରାଜେନ୍ଦ୍ର ବାରମ୍ବାର ଜିଦ୍ କରୁଥିଲେ। ସୋମବାର ମାଆବାପା ଜମିକୁ କାମ କରିବାକୁ ଯାଇଥିବା ବେଳେ ଏହି ସୁଯୋଗରେ ରାଜେନ୍ଦ୍ର ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ଘରକୁ ଫେରିବା ପରେ ଘଟଣା ବିଷୟରେ ଜାଣିବାକୁ ପାଇଥିଲେ। ଖବର ପାଇ ପଟ୍ଟାଙ୍ଗୀ ଏସ୍‌ଆଇ ଗୋଲକ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାରକରି ବ୍ୟବଚ୍ଛେଦ ପାଇଁ ପଠାଇଥଲେ। ମଙ୍ଗଳବାର ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ପଟ୍ଟାଙ୍ଗୀ ଥାନାରେ କେସ୍ ନଂ. ୫/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁହୋଇ ତଦନ୍ତ ଜାରି ରହିଛି।

## କାମ କରି ଯାଇଥିଲେ: ବାପାଙ୍କ ମୃତଦେହ ଧରି ଫେରିଲେ

**ଏମ୍‌ଭି–୭୯,୧୯।୫ (ଡି.ଏନ୍.ଏ.):** କାମ କରିବାକୁ ବାପା ସହ ପୁଅ ଚେନ୍ନାଇ ଯାଇଥିଲେ। ଲକ୍‌ଡାଉନ ଯୋଗୁ ସବୁ ବନ୍ଦ ହୋଇଯିବାରୁ କିଛିଦିନ ପରେ ବାପା ଅସୁସ୍ଥ ହୋଇପଡ଼ିଲେ। ଏବେ ପୁଅ ଆମ୍ବୁଲାନ୍ସ ଭଡ଼ାକରି ବାପାଙ୍କ ମୃତଦେହ ଧରି ଗାଁକୁ ଫେରିଲେ । ଏପରି ଘଟଣା ଘଟିଛି ମାଲକାନଗିରି ଜିଲା କାଲିମେଲା ବ୍ଲକ ଏମ୍‌ପିଭି–୭୩ ଗ୍ରାମରେ। ଗ୍ରାମର ମୁରୁଗଙ୍ଗା ହାଲ୍‌ଦାର ପୁଅ ଆକାଶଙ୍କ ସହ ସେଣ୍ଟ୍ରି ମିସ୍ତ୍ରି ରୂପେ କାମ କରିବାକୁ ଚେନ୍ନାଇ ଯାଇଥିଲେ। ସେଠାରେ ବାପପୁଅ କାର୍ଯ୍ୟ କରୁଥିଲେ। ତେବେ ଦୁଇଦିନ ତଳେ ମୁରୁଗଙ୍ଗା ଅସୁସ୍ଥ ହୋଇପଡିଥିଲେ। ପୁଅ ତାଙ୍କୁ ନେଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ଆମ୍ବୁଲାନ୍ସ ଯୋଗେ ଗ୍ରାମକୁ ଅଣାଯିବା ପରେ ଆମ୍ବୁଲାନ୍ସ ଭଡା ବାବଦ ଟଙ୍କା ଦେବାକୁ ସକ୍ଷମ ହୋଇ ନ ଥିଲେ ଆକାଶ। ଗ୍ରାମବାସୀ ଚାନ୍ଦା ଆଦାୟକରି ଆମ୍ବୁଲାନ୍ସ ଭଡ଼ା ଦେବା ପରେ ମୁରୁଗଙ୍ଗାଙ୍କ ମୃତଦେହ ସତ୍କାର ହୋଇଥିଲା।

# ସଙ୍ଗରୋଧ କେନ୍ଦ୍ରରେ ଯୋଗ ଶିକ୍ଷା

**ଚନ୍ଦାହାଣ୍ଡି,୧୯।୫(ଡି.ଏନ.ଏ.)**



ପ୍ରବାସୀମାନେ ଯୋଗାଭ୍ୟାସ କରୁଛନ୍ତି।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଗମ୍ଭାରୀଗୁଡା ଜଗନ୍ନାଥ ହାଇସ୍କୁଲରେ କରାଯାଇଥିବା ସଙ୍ଗରୋଧ କେନ୍ଦ୍ରରେ ୫୨ ପ୍ରବାସୀ ଶ୍ରମିକ ରହୁଛନ୍ତି। ସେମାନଙ୍କୁ ବିଦ୍ୟାଳୟ ଖେଳ ପଡ଼ିଆରେ ବିଡିଓ ଧର୍ମରାଜ ମାଝି ଯୋଗାଭ୍ୟାସ କରାଉଥିବା ଦେଖିବାକୁ ମିଳିଛି। ଏଥିସହ ପ୍ରବାସୀ ଶ୍ରମିକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ବ୍ୟବସ୍ଥା, ଅନ୍ତାକ୍ଷରୀ ସହ ସେମାନଙ୍କ ଶାରୀରିକ ଦକ୍ଷତାକୁ ବିଶେଷଭାବେ ଧ୍ୟାନ ଦିଆଯାଉଛି। ଆୟୁଷ ଡାକ୍ତର ବସନ୍ତ କୁମାର ଷଡ଼ଙ୍ଗୀ ପ୍ରବାସୀ ଶ୍ରମିକଙ୍କୁ ପ୍ରତ୍ୟେକ ଦିନ ଉଷୁମ ପାଣି ପିଇବା, ଅଦା, ଗୋଲମରିଚ, ତୁଳସୀପତ୍ର, ତେଜପତ୍ରକୁ ସିଝାଇ ଦିନରେ ୨ ବେଳା ପିଇବା ପାଇଁ ପରାମର୍ଶ ଦେଉଛନ୍ତି। ଏଥିରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହେବା ସହ ଭୂତାଣୁ ହ୍ରାସ ପାଇବ ବୋଲି ବୁଝାଉଛନ୍ତି। ଶ୍ରମିକଙ୍କ ମନୋବଳ ବୃଦ୍ଧି ପାଇଁ ସଙ୍ଗରୋଧ କେନ୍ଦ୍ରର ନୋଡାଲ ଅଧିକାରୀ ନିମାଇଁ ସରକାର, ସୁପରଭାଇଜର ପ୍ରଦୀପ କୁମାର ପତି, ସ୍ୱାସ୍ଥ୍ୟକର୍ମୀ ଝୁନୁବାଳା ସାହୁ, କୁମୁଦିନୀ ସାହୁ ଚେଷ୍ଟା କରୁଛନ୍ତି।

## ଖବରଦାତାଙ୍କ ମାତୃ ବିୟୋଗ

**ଜୟପୁର, ୧୯।୫ (ଡି.ଏନ.ଏ):** କୋରାପୁଟ ଜିଲା ଲମତାପୁଟ ବ୍ଲକର ଧରିତ୍ରୀ ଖବରଦାତା ଭକ୍ତରାମ ବାଙ୍କିଆଙ୍କ ମାଆ କମଳା ବାଙ୍କିଆ (୯୦)ଙ୍କ ଶନିବାର ରାତିରେ ଡାବୁଗୁଡା ପଞ୍ଚାୟତର କଡ୍ରି ଗ୍ରାମରେ ପରଲୋକ ହୋଇଯାଇଛି। ରବିବାର ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ଶେଷ ହୋଇଛି। ସେ ଗତ ୧୫ଦିନ ଧରି ହୃଦ୍‌ଘାତଜନିତ ରୋଗରେ ପୀଡ଼ିତ ହୋଇ କୋରାପୁଟ ମେଡିକାଲ କଲେଜରେ ଚିକିତ୍ସିତ ହୋଇ ଗତ ୨ଦିନ ତଳେ ଘରକୁ ଫେରିଥିଲେ । ମୃତ୍ୟୁ ବେଳକୁ ତାଙ୍କ ନିକଟରେ ସ୍ୱାମୀ, ୪ପୁଅ, ବୋହୂ ଏବଂ ନାତିନାତୁଣୀମାନେ ଉପସ୍ଥିତ ଥିଲେ ।

## ସାଇକେଲରେ ଫେରିଲେ ୭ ଶ୍ରମିକ

**ପାରଳାଖେମୁଣ୍ଡି,୧୯।୫(ସ୍ୱ.ପ୍ର.):** ଆନ୍ଧ୍ରପ୍ରଦେଶରେ ଫସିରହିଥିବା ୭ ଶ୍ରମିକ ସାଇକେଲ ଯୋଗେ ନିଜ ଅଞ୍ଚଳକୁ ଫେରିଛନ୍ତି। ପ୍ରଶାସନ ପକ୍ଷରୁ ଏମାନଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି। ସୂଚନା ଅନୁଯାୟୀ, ଗଜପତି ଜିଲା ଗୁମ୍ମା ବ୍ଲକ୍ ଉଖୁରା ପଞ୍ଚାୟତ ଅଧୀନ ସାରା ଗ୍ରାମର ଏହି ଶ୍ରମିକମାନେ ଆନ୍ଧ୍ରପ୍ରଦେଶର ନେଲୋର ଅଞ୍ଚଳରେ କାମ କରୁଥିଲେ। ଲକ୍‌ଡାଉନ୍‌ରେ କାମ ବନ୍ଦ ଯୋଗୁ ବହୁ କଷ୍ଟରେ ଚଳୁଥିଲେ। ଶେଷରେ ସେମାନେ ବାଧ୍ୟ ହୋଇ ସାଇକେଲ ଯୋଗେ ପ୍ରାୟ ୮୦୦ କି.ମି. ଦୂର ଅତିକ୍ରମକରି ଜିଲାକୁ ଫେରିଛନ୍ତି।

## ରାୟଗଡ଼ାରେ କଟକଣା କୋହଳ

**ରାୟଗଡ଼ା ଅଫିସ,୧୯।୫:** ରାୟଗଡ଼ା ଜିଲା ଗ୍ରୀନ୍ ଜୋନ୍‌ରେ ରହିଛି। ଜିଲାପାଳ ପ୍ରମୋଦ ବେହେରା ଜିଲାରେ କେତେକ କଟକଣାକୁ କୋହଳ କରିଛନ୍ତି। ସାମାଜିକ ଦୂରତା ରଖି ରିକ୍ସା, ଅଟୋ ଚଳାଚଳ କରିପାରିବ। ସେହିପରି ସେଲୁନ, ପାର୍ଲର, ସ୍ପା, ମିଠାଦୋକାନ (କେବଳ ପାର୍ସଲ), ଚା’ ଦୋକାନ ଖୋଲିପାରିବ ବୋଲି ମଙ୍ଗଳବାର ବିଜ୍ଞପ୍ତି ଜାରି କରାଯାଇଛି। ସକାଳ ୭ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲିବା ପାଇଁ ନିର୍ଦ୍ଦେଶ ରହିଛି। ତେବେ ଅନାବଶ୍ୟକ କାର୍ଯ୍ୟରେ ସନ୍ଧ୍ୟା ୭ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ଗମନାଗମନକୁ ନିଷେଧ କରାଯାଇଛି।

# ମିଥ୍ୟା ପ୍ରଚାର ଅଭିଯୋଗ: ଏଆଇସିସି ସଦସ୍ୟ ଅଟକ

**ଜୟପୁର,୧୯।୫(ଡି.ଏନ୍.ଏ.):** ମହାରାଷ୍ଟ୍ରରୁ ଫେରିଥିବା ଜଣେ ସ୍ଥାନୀୟ ଅଞ୍ଚଳର ବ୍ୟକ୍ତିଙ୍କ ବିରୋଧରେ ଫେସ୍‌ବୁକ୍‌ରେ ମିଥ୍ୟା ଏବଂ ବିଭ୍ରାନ୍ତିକର ପ୍ରଚାର କରୁଥିବା ନେଇ କୋରାପୁଟ ଜିଲା ଜୟପୁର ଟାଉନ ଥାନାରେ ୩ ଜଣଙ୍କ ବିରୋଧରେ ଆଇନଜୀବୀ ଅରବିନ୍ଦ ସାହୁ ଅଭିଯୋଗ କରିଥିଲେ । ପୋଲିସ ମଙ୍ଗଳବାର ଏକ ମାମଲା ରୁଜୁ କରି ଏହାର ତଦନ୍ତ ଆରମ୍ଭ କରିଛି। ଫେସ୍‌ବୁକ୍ ମାଧ୍ୟମରେ ଅପପ୍ରଚାର କରିଥିବା ୩ଜଣଙ୍କ ମଧ୍ୟରୁ ପୋଲିସ ଏଆଇସିସି ସଦସ୍ୟ ରବୀନ୍ଦ୍ର ମହାପାତ୍ରଙ୍କୁ ଆଣି ଅଟକ ରଖି ପଚରାଉଚରା କରୁଛି। ଅନ୍ୟ ଦୁଇଜଣଙ୍କୁ ମଧ୍ୟ ପଚରାଉଚରା କରାଯିବ ବୋଲି ଥାନା ଅଧିକାରୀ ବାଲେଶ୍ୱର ଗିଧି କହିଛନ୍ତି । ଖବରରୁ ଜଣାପଡିଛି ଗତ ଏପ୍ରିଲ ୨୫ରେ ମହାନ୍ତିସାହିର ବାସିନ୍ଦା ଆଇନଜୀବୀ ସାହୁ ମହାରାଷ୍ଟ୍ରରୁ ଜୟପୁରକୁ ଫେରିଥିଲେ । ନିଜେ ୧୦୪ ନମ୍ବରକୁ ଫୋନ କରି ନାମ ପଞ୍ଜୀକରଣ କରିଥିଲେ । ନିୟମ ଅନୁଯାୟୀ ନିଜ ଘରେ ହୋମ୍ କ୍ୱାରାଣ୍ଟାଇନରେ ଥିଲେ। ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ, କାର୍ଯ୍ୟକାରୀ ମାଜିଷ୍ଟ୍ରେଟ ଏବଂ ପୋଲିସ ତାଙ୍କ ଘରେ ପହଞ୍ଚି ମହାରାଷ୍ଟ୍ର ଏବଂ ଛତିଶଗଡ଼ର ଅନୁମତିପତ୍ର ସହ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରିଥିଲେ । ଏହା ସତ୍ତ୍ୱେ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ତାଙ୍କ ଘର ସମ୍ମୁଖରେ ପାଟିତୁଣ୍ଡ କରିବା ସହିତ ଫେସ୍‌ବୁକ୍ ମାଧ୍ୟମରେ ତାଙ୍କ ବିରୋଧରେ ଅପପ୍ରଚାର ଚଳାଇଥିବା ସାହୁ କହିଛନ୍ତି।

# କେରଳରେ ଫସିଛନ୍ତି ୪୦ରୁ ଉର୍ଦ୍ଧ୍ୱ ଯୁବତୀ

**ରାୟଗଡ଼ା ଅଫିସ,୧୯।୫**



କେରଳରେ ଫସିରହିଥିବା ଯୁବତୀ।

କରୋନା ସମସ୍ତ ବର୍ଗର ଲୋକଙ୍କୁ ପ୍ରଭାବିତ କରିଛି। ହେଲେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ଶ୍ରମିକ ଶ୍ରେଣୀର ଲୋକ। ବିଭିନ୍ନ ରାଜ୍ୟରେ ଓଡ଼ିଆମାନେ କାମ କରିବାକୁ ଯାଇ ଫସିଥିବାବେଳେ କେରଳରେ ୪୦ରୁ ଉର୍ଦ୍ଧ୍ୱ ଯୁବତୀ ଅଟକି ରହିଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ରାୟଗଡ଼ା ଜିଲାର ୧୨, ନବରଙ୍ଗପୁରର ୨୭ ଏବଂ ଜଗତ୍‌ସିଂପୁର ଜିଲାର ଜଣେ ରହିଛନ୍ତି। ୬ ମାସ ହେଲା କେରଳର ମାଲାପୁରସ୍ଥିତ ଆବା ଆପାରେଲ୍ ନାମକ କପଡ଼ା କାରଖାନାରେ ଏମାନେ କାମ କରୁଥିଲେ। ଓର୍‌ମାସ ସହାୟତାରେ ଯୁବତୀମାନେ ତାଲିମ ନେବାପରେ କେରଳ ଚାଲିଯାଇଥିଲେ। ତେବେ ଲକ୍‌ଡାଉନ୍ ଯୋଗୁ କମ୍ପାନୀ ଦୀର୍ଘଦିନ ହେଲା ବନ୍ଦ ରହିଛି। କମ୍ପାନୀ ପକ୍ଷରୁ କେବଳ ଏମାନଙ୍କ ରହିବା ସୁବିଧା କରାଯାଇଥିବାବେଳେ ଅନ୍ୟ କୌଣସି ବ୍ୟବସ୍ଥା କରାଯାଇ ନ ଥିବା ଯୁବତୀମାନେ ସୋସିଆଲ ମିଡିଆ ସହାୟତାରେ ଅଭିଯୋଗ କରିଛନ୍ତି। ଏପରିକି କାମ କରିବା ପାଇଁ ୬ମାସ ଅବଧି ରହିଥିବାବେଳେ ଏବେ ବର୍ଷେ ରହିବାକୁ କହୁଥିବା ସେମାନେ କହିଛନ୍ତି। ସେଠାରେ ଠିକ୍‌ଭାବେ ଖାଇବାକୁ ମଧ୍ୟ ମିଳୁ ନ ଥିବାବେଳେ ବହୁ କଷ୍ଟରେ ଚଳୁଥିବା କହିଛନ୍ତି। ଏନେଇ ବାରମ୍ବାର ଜଣାଇଥିଲେ ମଧ୍ୟ ସେମାନେ ଶୁଣୁ ନ ଥିବା ଯୁବତୀମାନେ କହିଛନ୍ତି। ତେଣୁ ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନ ଶୀଘ୍ର ଫେରାଇନେବାକୁ ଏମାନେ ଅନୁରୋଧ କରିଛନ୍ତି।

**ଓଡ଼ିଶା ଫେରାଇନେବାକୁ ନିବେଦନ**

ତେବେ ସେମାନେ ଦାଦନ ଶ୍ରମିକ ନୁହନ୍ତି। ତେଣୁ ଜିଲା ପ୍ରଶାସନ ସେମାନଙ୍କୁ ଆଣିପାରିବ ନାହିଁ। ନିଜ ବ୍ୟବସ୍ଥାରେ ଫେରିବା ପାଇଁ ଆମେ କେବଳ ଅନୁମତି ଦେଇପାରିବୁ ବୋଲି ଓର୍‌ମାସ ପ୍ରକଳ୍ପ ଅଧିକାରୀ ମନୋଜ ପାତ୍ର କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବୁଧବାର, ମେ ୨୦/୨୦୨୦ Wednesday, May 20/2020

# ସାମଗ୍ରୀ ବିକ୍ରି ଚିନ୍ତାରେ ଏମ୍ଏସ୍ଏମ୍ଇ

ଭୁବନେଶ୍ୱର,୧୯।୫

ଗତ କିଛି ତ୍ରୈମାସ ଧରି ଘରୋଇ ବଜାରର ଅଭିବୃଦ୍ଧି ନିମ୍ନଗାମୀ ହୋଇଥିବା ବେଳେ କରୋନା ଜନିତ ଲକ୍‌ଡାଉନ ସ୍ଥିତିକୁ ଆହୁରି ସଙ୍ଗୀନ କରିଛି। ଦେଶର ଅର୍ଥନୈତିକ କାର୍ଯ୍ୟକଳାପ ବର୍ତ୍ତମାନ ଠପ୍ ହୋଇ ରହିଛି। ଲକ୍‌ଡାଉନ ଧୀରେ ଧୀରେ କୋହଳ ହେଉଥିବାରୁ ସରକାର କିଛି କିଛି କ୍ଷେତ୍ରରେ କାରବାରକୁ ଅନୁମତି ଦେଇଛନ୍ତି। ହେଲେ ଦୀର୍ଘ ଦିନ ଧରି ବନ୍ଦ ପଡିଥିବା ଶିଳ୍ପକୁ ପୁଣି ଥରେ ଛିଡା କରାଇବା ବର୍ତ୍ତମାନ କଷ୍ଟକର ହେଉଛି। ୟୁନିଟଗୁଡିକରେ ସାମାଜିକ ଦୂରତ୍ୱ ନିୟମ ରକ୍ଷା କରି କମ୍ ଶ୍ରମ ଶକ୍ତି ସହ କାର୍ଯ୍ୟ ହେଉଛି। କମ୍ ସଂଖ୍ୟକ ଲୋକଙ୍କୁ ନେଇ କାମ କରିବା ଅସୁବିଧା ସୃଷ୍ଟି ହେଉଥିବା ଶିଳ୍ପ ସୂତ୍ରରୁ ସୂଚନା ରହିଛି। ଦେଶର ମୋଟ ରପ୍ତାନି କ୍ଷେତ୍ରରେ ଏକ ପ୍ରମୁଖ ଯୋଗଦାନ ରଖୁଥିବା ଅଣୁ କ୍ଷୁଦ୍ର ମଧ୍ୟମ ଶିଳ୍ପ(ଏମ୍ଏସ୍ଏମ୍ଏ)ଗୁଡିକ କଥା ବିଚାର କଲେ ସ୍ଥିତି ପୂରା ବିଗିଡି ଯାଇଛି। ଲକ୍‌ଡାଉନ ଯୋଗୁ ଶିଳ୍ପଗୁଡିକ ଉପରେ ସମସ୍ୟା ମାଡି ପଡିଛି। ଶିଳ୍ପଗୁଡିକ ଉତ୍ପାଦନରେ ସମସ୍ୟା ସାମ୍ନା କରୁଛନ୍ତି। ବଜାର ନ ଥିବାରୁ ଉତ୍ପାଦିତ ସାମଗ୍ରୀ ବିକ୍ରି ବଟା କରିବା ବର୍ତ୍ତମାନ ସେମାନଙ୍କ ପାଇଁ ବଡ ସମସ୍ୟା ଭାବେ ଉଭା ହୋଇଛି। କାରଣ ବଜାର କେବେ ସୁଧୁରିବ ସେ ନେଇ କିଛି ଠିକ୍ ଭାବେ କହି ହେବନି। କିନ୍ତୁ ବଜାରକୁ ନେଇ ଶିଳ୍ପଗୁଡିକ ଆଶାବାଦୀ ଅଛନ୍ତି। ସ୍ଥିତି ସୁଧୁରିବା ନେଇ ସରକାର ଏମ୍ଏସ୍ଏମ୍ଇଗୁଡିକ ଲାଗି ପ୍ୟାକେଜରେ କିଛି ବିଶେଷ ଘୋଷଣା କରିବେ ବୋଲି ଅଂଶୀଦାରମାନେ ଆଶା ରଖିଥିଲେ। ହେଲେ ସରକାର ନିକଟରେ ଗ୍ରହଣ କରିଥିବା ପଦକ୍ଷେପ ସବୁ ବର୍ଗର ଏମ୍ଏସ୍ଏମ୍ଇଗୁଡିକ ଲାଗି ଫଳପ୍ରଦ ହେବ ବୋଲି ସେ ନେଇ ଶିଳ୍ପ ଜଗତ ସନ୍ଦୀହାନ ରହିଛି। ରାଜ୍ୟରେ ବର୍ତ୍ତମାନ ୨ ଲକ୍ଷରୁ ଅଧିକ ଏମ୍ଏସ୍ଏମ୍ଇ ପ୍ରଭାବିତ ହୋଇଛନ୍ତି। ୮୦% ୟୁନିଟ ବେଶି କ୍ଷତିଗ୍ରସ୍ତ ହୋଇଛନ୍ତି। ବିଦ୍ୟୁତ ଦେୟ ସହ ଅନ୍ୟ କ୍ଷେତ୍ରରେ କମ୍ପାନୀଗୁଡିକ ସାମ୍ନା କରୁଥିବା ସମସ୍ୟାକୁ ସରକାର ବିଚାର କରନ୍ତୁ ବୋଲି ଦାବି ହୋଇଛି।

ବର୍ତ୍ତମାନର ସଙ୍କଟ ସମୟରେ ସରକାରଙ୍କ ପକ୍ଷରୁ କିଛି ବିଶେଷ ସୁବିଧା ସୁଯୋଗ ମିଳିବ ବୋଲି କ୍ଷୁଦ୍ରଶିଳ୍ପଗୁଡିକ ଆଶାବାନ୍ଧି ରହିଥିଲେ। ହେଲେ ସରକାର ତାଙ୍କ ପ୍ୟାକେଜରେ ଋଣ ନେଇ ଋଣ ଶୁଝିବା ପଦକ୍ଷେପ ଆଣିଲେ। କ୍ଷତିଗ୍ରସ୍ତ ସ୍ଥିତିରେ ରହିଥିବାରୁ ସରକାର ଆଶ୍ୱସ୍ତି ପ୍ୟାକେଜ ଦେବେ ବୋଲି ଆଶା କରାଯାଉଥିଲା। ଏହି ପ୍ୟାକେଜରେ ସରକାରୀ ସବ୍‌ସିଡି, ଋଣ ଉପରେ ସୁଧ ହାର ରିହାତି ଭଳି ଅନ୍ୟ ପଦକ୍ଷେପ ଆସିବ ବୋଲି ଶିଳ୍ପ ଆଶାବାନ ଥିଲା। ହେଲେ ବର୍ତ୍ତମାନ ଶିଳ୍ପଗୁଡିକ ପୂର୍ବଭଳି ସମାନ ସୁଧହାରରେ ଋଣ ନେବେ। ଯଦି ବର୍ତ୍ତମାନ କମ୍ ସୁଧହାରରେ କ୍ଷୁଦ୍ର ଶିଳ୍ପଙ୍କୁ ଋଣ ମିଳିଥାନ୍ତା ଏହା ସୁବିଧା ପ୍ରଦାନ କରିଥାନ୍ତା। ବିନା ଗ୍ୟାରେଣ୍ଟିରେ ଯେଉଁ ଋଣ ସରକାର ଘୋଷଣା କରିଛନ୍ତି ତାହା କିଛି ନୂଆ କଥା ନୁହେଁ। ବର୍ତ୍ତମାନ ମଧ୍ୟ ବ୍ୟାଙ୍କଗୁଡିକ ବିନା ଗ୍ୟାରେଣ୍ଟିରେ ଋଣ ଦେଉଛନ୍ତି। ଏହି ନିୟମ ରହିଥିଲେ ମଧ୍ୟ ଯୋଜନା କାର୍ଯ୍ୟକାରୀ ବେଳକୁ ଏହାକୁ ଅଣଦେଖା କରାଯାଉଥିବା ଶିଳ୍ପ ସୂତ୍ରରୁ ଜଣାପଡିଛି। ଏଠାରେ କେବଳ ଗୋଟିଏ କଥା ଭଲ ବୋଲି କୁହାଯାଇ ପାରେ। ପ୍ୟାକେଜରେ ଆସିଥିବା 'ଫଣ୍ଡସ ଅଫ୍ ଫଣ୍ଡସ' କିଛି ଲାଭ ଦେବ ବୋଲି କୁହାଯାଉଛି। କାରଣ ଭଲ ସ୍ଥିତିରେ ଥିବା କ୍ଷୁଦ୍ରଶିଳ୍ପଗୁଡିକର ସମ୍ପ୍ରସାରଣ ଏବଂ ଆଧୁନିକୀକରଣ ଦିଗରେ ଏହା ସହାୟକ ହେବ। ଏହା ମଧ୍ୟ ଋଣ ଆକାରରେ ମିଳିବ। ଏଥିରେ ମଧ୍ୟ ପ୍ରୋତ୍ସାହନ କଣ ରହିଛି ବୋଲି ଶିଳ୍ପପକ୍ଷରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉଦ୍ୟୋଗୀଙ୍କୁ ବ୍ୟାଙ୍କ ସୁଧ ଖାଇ ଯାଉଥିବା ବେଳେ ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ ମଧ୍ୟ ରିହାତି ହାରରେ ସୁଧ ପାଇବା ଆଶା ମଧ୍ୟ ମଉଳିଗଲା। ଭାୟାବିଲିଟି ପାଣ୍ଠି ବ୍ୟବସ୍ଥା ନେଇ ମଧ୍ୟ ସରକାର ପଦକ୍ଷେପ ନେବେ ବୋଲି କୁହାଯାଉଥିଲା। ହେଲେ ସେଭଳି କିଛି ହେଲା ନାହିଁ। ସରକାର କର୍ପୋରେଟ ସୁଧ ବେପାରୀ ଭଳି କାମ କରୁଥିବାରୁ ଶିଳ୍ପ ଅଂଶୀଦାରଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି।

ବର୍ତ୍ତମାନର ପଦକ୍ଷେପ କେବଳ ପ୍ରତିଷ୍ଠିତ ଏମ୍ଏସ୍ଏମ୍ଇଗୁଡିକ ଲାଗି ସହାୟକ ହେବ ବୋଲି କୁହାଯାଉଛି। ବଜାରରେ ଏବେ ଖାଦ୍ୟ ସାମଗ୍ରୀ ଏବଂ ମେଡିସିନ ବାଦ୍ ଅନ୍ୟ ବର୍ଗରେ ଏମ୍ଏସ୍ଏମ୍ଇଗୁଡିକର କାରବାର ପ୍ରାୟତଃ ନାହିଁ। ସାମଗ୍ରୀ ଉତ୍ପାଦନ କରିଲେ ମଧ୍ୟ ଏହାକୁ ବିକ୍ରି କରିବା ଚିନ୍ତାରେ ଏମ୍ଏସ୍ଏମ୍ଇ ରହିଛି। ଏଭଳି ସ୍ଥିତିରେ ଋଣ ଘୋଷଣା କଲେ ମଧ୍ୟ କ୍ଷୁଦ୍ର ଶିଳ୍ପ କିଭଳି ଋଣ ଆଣିବ। କାରଣ ବାଣିଜ୍ୟ କାରବାର ବଢାଇବା ଏବେ ଯୋଜନା ନାହିଁ। ନିବେଶ ଯୋଜନା ନେଇ ଚିନ୍ତା କରିବା ଆଗରୁ ଅନେକ ପ୍ରସଙ୍ଗକୁ କ୍ଷୁଦ୍ର ଶିଳ୍ପ ବିଚାର କରୁଛନ୍ତି। କାରଣ ସାମଗ୍ରୀ ଉତ୍ପାଦନ ହେଲେ ଅଧିକ ଖର୍ଚ୍ଚ କରିବାକୁ ପଡିବ। ଏହାବାଦ ସାମଗ୍ରୀ ବିକ୍ରିରେ ଅସୁବିଧା, କାରବାର ନ ହେଲେ ଋଣ ପଇଠ ଭଳି ସମସ୍ୟା କମ୍ପାନୀଙ୍କୁ ମାଡି ପଡୁଛି। ଦେବାଳିଆ ହେଲେ ମଧ୍ୟ କମ୍ପାନୀଗୁଡିକ ଉଠାଇବା ଲାଗି ସେମିତି କିଛି ଠୋସ ପଦକ୍ଷେପ ନାହିଁ। ଏଣୁ ଏଭଳି ସମୟରେ ଋଣ ଆଣି କାରବାର କରିବାକୁ କ୍ଷୁଦ୍ର ବ୍ୟବସାୟୀ ମାନେ ଡରୁଛନ୍ତି।



- କୋଭିଡ୍-୧୯ ଯୋଗୁ ରାଜ୍ୟର ୨ ଲକ୍ଷ କ୍ଷୁଦ୍ରଶିଳ୍ପ କ୍ଷତିଗ୍ରସ୍ତ
- ପ୍ୟାକେଜ୍‌ରେ ନାହିଁ ବିଶେଷ ସୁବିଧା
- ରାଜ୍ୟ ସରକାରଙ୍କ ସହଯୋଗ ଲୋଡ଼ିଲେ କ୍ଷୁଦ୍ରଶିଳ୍ପ

" କ୍ଷୁଦ୍ର ଶିଳ୍ପ ଲାଗି ପ୍ୟାକେଜରେ ସରକାର ବିଶେଷ କିଛି ପଦକ୍ଷେପ ଆଣିଲେ ନାହିଁ। ଯାହା ବି ଆସିଲା ସବୁ ବର୍ଗର ଏମ୍ଏସ୍ଏମ୍ଇ ଏହା ଦ୍ୱାରା ଲାଭବାନ ହେବେ ନାହିଁ। ସରକାରଙ୍କ ପ୍ୟାକେଜରେ ସମସ୍ତେ ଋଣ ପାଇଯିବେ ବୋଲି ଲୋକେ ବିଚାର କରୁଛନ୍ତି। ମାତ୍ର ଏହା ପ୍ରକୃତ ପକ୍ଷେ ଠିକ୍ ନୁହେଁ। ଭଲ ଭାବେ ଚାଲୁଥିବା କ୍ଷୁଦ୍ର ଶିଳ୍ପଗୁଡିକୁ ହିଁ ଋଣ ମିଳିବ। ନୂଆ ମାନଙ୍କ ପାଇଁ କିଛି ଲାଭ ଏ ଥିରେ ନାହିଁ। ସରକାରଙ୍କ ଘୋଷଣାକୁ ୮ ଦିନ ବିତି ଯାଇଥିଲେ ମଧ୍ୟ ଏଯାଏ କିଛି ଗାଇଡଲାଇନ ଆସିନାହିଁ। କ୍ଷୁଦ୍ର ଶିଳ୍ପଗୁଡିକ ସମସ୍ୟାରେ ଅଛନ୍ତି। ଅନେକ କ୍ଷୁଦ୍ରଶିଳ୍ପ ଉତ୍ପାଦନ ଆରମ୍ଭ କରି ନାହାନ୍ତି। ଲୋକମାନେ ଏବେ ନଗଦ ଅର୍ଥ ଖର୍ଚ୍ଚ କରିବାକୁ ଚାହୁଁ ନାହାନ୍ତି। ଯାହାର ପ୍ରଭାବ ବଜାର ଉପରେ ରହିଛି। ସରକାର ବଜାରରେ ଚାହିଦା ଫେରାଇ ଆଣିବା ଲାଗି ଲୋକଙ୍କ ନିକଟରୁ କିଭଳି ଅଧିକ ଅର୍ଥ ଆସି ପାରିବ ସେ ଦିଗରେ ପଦକ୍ଷେପ ନେବା ଆବଶ୍ୟକ। ସରକାର କ୍ଷୁଦ୍ର ଶିଳ୍ପକୁ କମ୍ ସୁଧ ହାରରେ ଋଣ ପ୍ରଦାନ କରିବା ଉଚିତ। କେନ୍ଦ୍ର ସରକାରଙ୍କ ଘୋଷଣାକୁ ନେଇ ବେଶି କିଛି ଆଶା ନାହିଁ। ରାଜ୍ୟ ସରକାରଙ୍କ ଉପରେ ବହୁତ ବଡ ଆଶା ରହିଛି। ଏମ୍ଏସ୍ଏମ୍ଇକୁ ପୁନରୁଦ୍ଧାର କରିବା ଲାଗି ରାଜ୍ୟ ସରକାର ଏକ ଆନ୍ତଃ ମନ୍ତ୍ରୀ ସ୍ତରୀୟ ଗୋଷ୍ଠୀ ଗଠନ କରିଛନ୍ତି। ରାଜ୍ୟ ଅର୍ଥମନ୍ତ୍ରୀ ଏହାର ଅଧକ୍ଷ ଭାବେ କାମ କରୁଛନ୍ତି।

**-ସାତ୍ତ୍ୱିକ ସ୍ୱାଇଁ, ମହାସଚିବ, ଓସମେ**

" କେନ୍ଦ୍ର ସରକାର ଶିଳ୍ପଗୁଡିକୁ ସହାୟତା ଦେବା ପରିବର୍ତ୍ତେ ଲୋନ ମେଳା କରିଲେ। ମୋରାଟୋରିୟମ ଦିଆଗଲେ ମଧ୍ୟ ସୁଧ ରିହାତି ମିଳିଲା ନାହିଁ। ଯେତିକି ଆଶା ଥିଲା ସରକାର ପ୍ରଦାନ କରିଲେ ନାହିଁ। ସରକାରଙ୍କ ଉପରେ ଲୋକମାନଙ୍କର ବୃହତ ପରିମାଣର ରିଫଣ୍ଡ ରହିଛି। ହେଲେ ସରକାର ବର୍ତ୍ତମାନ ପ୍ରଦାନ କରିଥିବା ପ୍ୟାକେଜରେ ଦେଇଥିବା ରିଫଣ୍ଡକୁ ଷ୍ଟିମୁଲସ ବୋଲି ବିଚାର କରିଛନ୍ତି। ବର୍ତ୍ତମାନ କ୍ଷୁଦ୍ର ଶିଳ୍ପ ଏକ ଅସୁବିଧା ସମୟ ଦେଇ ଗତି କରୁଥିବା ବେଳେ ସରକାର କିଛି କରିବେ ବୋଲି ଭାବୁ ଥିଲୁ, ହେଲେ ଯାହା ଘୋଷଣା ହେଲା ତାହା ଆମ ପାଇଁ ବିଶେଷ ଲାଭ ଦାୟକ ହେବ ବୋଲି ଆଶା ନାହିଁ।ବଜାରରେ ଏବେ ଡିମାଣ୍ଡ ନାହିଁ। ଏ ଦିଗରେ ପଦକ୍ଷେପ ନିଆଗଲେ କ୍ଷୁଦ୍ର ଶିଳ୍ପଗୁଡିକ ଏହା ଦ୍ୱାରା ସୁବିଧା ପାଇବେ। ସେହିଭଳି ଏମ୍ଏସ୍ଏମ୍ଇଗୁଡିକ କଥା ବୁଝିବାରେ ରାଜ୍ୟଗୁଡିକ ଭଲ ଭାବେ କାମ କରିପାରିବେ। ଏଣୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ମାଧ୍ୟମରେ ଏମ୍ଏସ୍ଏମ୍ଇଗୁଡିକୁ ସହାୟତା ଯୋଗାଣ ଦିଗରେ କାମ କରନ୍ତୁ।

**-ବିଦ୍ୟୁତ୍ ମହାନ୍ତି, ସଭାପତି, ଆସୋସିଏଶନ ଅଫ୍ ଇଣ୍ଡଷ୍ଟ୍ରିଆଲ ଏଣ୍ଟରପ୍ରିନ୍ୟୋର ଅଫ୍ ଭୁବନେଶ୍ୱର**

" ଶ୍ରମିକ କ୍ଷମତା କମିବା ଯୋଗୁ ଏବେ ଉତ୍ପାଦନ ପ୍ରଭାବିତ ରହିଛି। ଚାହିଦା ପୂରଣ କରିବା ଲାଗି କଞ୍ଚାମାଲ ମିଳିବା ସମସ୍ୟା ଉପୁଜୁଛି। କାରଣ ସାରା ଦେଶରେ ଲକ୍‌ଡାଉନ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇ ନ ଥିବାରୁ କଞ୍ଚାମାଲ ଆସିବା ଅସୁବିଧା ରହିଛି। କଞ୍ଚାମାଲ ମୂଲ୍ୟ ମଧ୍ୟ ବଢିଛି। ଲଜିଷ୍ଟିକ ଖର୍ଚ୍ଚ ବଢିବା, ଶ୍ରମିକ ନ ଥିବାରୁ ଲୋଡିଂ ଅନଲୋଡିଂ ଚାର୍ଜ ପ୍ରାୟ ୨ରୁ ୩ ଗୁଣ ବଢିଛି। ପରିବହନ ଖର୍ଚ୍ଚ ବଢିଛି। ସାମଗ୍ରୀ ଉତ୍ପାଦନ କରିଲେ ମଧ୍ୟ ଯୋଗାଣ କ୍ଷେତ୍ରରେ ସମସ୍ୟା ଉପୁଜୁଛି। ୧୨ ଘଣ୍ଟା କାମ କରିବା ଲାଗି ଲୋକ ରାଜି ହେଉ ନାହାନ୍ତି। ୩୦ରୁ ୪୦% କର୍ମଚାରୀଙ୍କୁ ନେଇ କାମ କରିବା ସମସ୍ୟା ଉପୁଜୁଛି।

**-ଜ୍ୟୋତିର୍ମୟୀ ମହାନ୍ତି, ସ୍ୱତ୍ୱାଧିକାରୀ, ୟୁନିଭର୍ସାଲ ସ୍ପାଇସେସ୍ ଆଣ୍ଡ୍ ପଲସେସ୍ ଲିମିଟେଡ**

## ଅଭିପ୍ସା ଦି ଇଣ୍ଟରନ୍ୟାଶନାଲ ସ୍କୁଲ ଉଦ୍‌ଘାଟିତ

**କଟକ, ୧୯।୫:** ସ୍ଥାନୀୟ ନେତାଜୀ ନଗରଠାରେ ଅଭିପ୍ସା ଦ ଇଣ୍ଟରନ୍ୟାଶନାଲ ସ୍କୁଲ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଛି। ଯୁବଉଦ୍ୟୋଗୀ ଜୀବନଜ୍ୟୋତି ବାରିକ ମୁଖ୍ୟ ଅତିଥି ଭାବେ ଏହାକୁ ଶୁଭାରମ୍ଭ କରିଥିଲେ। ୧୫ ହଜାର ବର୍ଗଫୁଟ ପରିମିତ ସ୍ଥାନରେ ଏହା ଖୋଲିଛି। ଗୁଣାତ୍ମକ ଶିକ୍ଷା ପ୍ରଦାନ ଲକ୍ଷ୍ୟ ନେଇ ବିଭିନ୍ନ ସୁବିଧା କରାଯାଇଥିବା ବାରିକ ସୂଚନା ଦେଇଛନ୍ତି। ବର୍ତ୍ତମାନ ଏଲ୍‌କେଜିରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଏହି ସ୍କୁଲ ଚାଲିବ। ଆସନ୍ତା ଦିନରେ ଏହା ପର୍ଯ୍ୟାୟ କ୍ରମେ ବୃଦ୍ଧି ପାଇବ।

## ସିଆଇଆଇର କ୍ରେତା, ବିକ୍ରେତା ସମ୍ମିଳନୀ

**ଭୁବନେଶ୍ୱର, ୧୯।୫:** କନଫେଡେରେଶନ ଅଫ୍ ଇଣ୍ଡିଆଜ ଇଣ୍ଡଷ୍ଟ୍ରିଜ(ସିଆଇଆଇ) ଭୁବନେଶ୍ୱର ଶାଖା ପକ୍ଷରୁ କ୍ରେତା ବିକ୍ରେତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସିଆଇଆଇ ଓଡିଶା ଷ୍ଟେଟ୍ କାଉନସିଲର ଭାଇସ ଚେୟାରମ୍ୟାନ ମନୀଷ ଖରବନ୍ଦା ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ।

ପଞ୍ଚମ ଜନ୍ମଦିନ ଶୁଭେଚ୍ଛା

ଅଦ୍‌ବିକା ମହାପାତ୍ର
ମାନପୁର, ଶଗଡଭଙ୍ଗା, ଖୋର୍ଦ୍ଧା
ବାବା ଚନ୍ଦ୍ରଶେଖରଦେବଙ୍କ ନିକଟରେ ପ୍ରାର୍ଥନା କରୁଛୁ, ସେ ତୋତେ ଦୀର୍ଘାୟୁ କରିବା ସହିତ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ ଏବଂ ତୋ ଚଲାପଥରେ ପୁଷ୍ପ ବର୍ଷା ହେଉ।
-:ଶୁଭେଚ୍ଛା ସହ:-
ଅଶୋକ, ଜ୍ୟୋତିର୍ମୟୀ ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ-୧୭୩୧୬

# ଖେଳ ଖବର

## ବାପା ହେଲେ ସ୍ପ୍ରିଣ୍ଟ ଲିଜେଣ୍ଡ ବୋଲ୍ଟ

**କିଙ୍ଗଷ୍ଟନ,୧୯।୫(ଏଏଫପି):** ଜାମାଇକା କିମ୍ବଦନ୍ତୀ ଧାବକ ଉସେନ୍ ବୋଲ୍ଟ ପ୍ରଥମଥର ପାଇଁ ବାପା ହେବାର ସୌଭାଗ୍ୟ ଲାଭ କରିଛନ୍ତି। ତାଙ୍କ ବାନ୍ଧବୀ କାସି ବେନ୍ନେଟ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ଜମାଇକା ପ୍ରଧାନମନ୍ତ୍ରୀ ଆଣ୍ଡ୍ରୁ ହୋଲ୍‌ନେସ୍ ସୋସିଆଲ ମିଡିଆରେ ଏ ନେଇ ସୂଚନା ଦେଇଛନ୍ତି। ମାତାପିତା ହେବାର ସୌଭାଗ୍ୟ ଅର୍ଜନ କରିଥିବାରୁ ସେ ବୋଲ୍ଟ ଓ ବେନ୍ନେଟଙ୍କୁ ଟୁଇଟ୍ କରି ଅଭିନନ୍ଦନ ଜଣାଇଛନ୍ତି। ଏହି ଯୋଡିଙ୍କ କନ୍ୟା ରବିବାର ଜନ୍ମ ଗ୍ରହଣ କରିଛି ବୋଲି କେତେକ ସ୍ଥାନୀୟ ଗଣମାଧ୍ୟମ ଉଲ୍ଲେଖ କରିଛି। ତେବେ ଏ ସଂକ୍ରାନ୍ତରେ ଅଧିକ କିଛି ସୂଚନା ଦିଆଯାଇନାହିଁ। ୮ଥର ଅଲିମ୍ପିକ୍ ସ୍ୱର୍ଣ୍ଣପଦକ ଜିତିଥିବା ବୋଲ୍ଟ ଅବଶ୍ୟ ମଜାରେ କହିଥିଲେ ଯେ, 'କୌଣସି ବ୍ୟକ୍ତି! କୌଣସି ପିଲା!' ମୋ ସହିତ ଖେଳିବାକୁ ପ୍ରୟାସ ନ କରନ୍ତୁ'। ୧୦୦ମି. ଓ ୨୦୦ ମି.ରେ ବିଶ୍ୱ ରେକର୍ଡ ସ୍ଥାପନ କରିଥିବା ବୋଲ୍ଟ ଦୀର୍ଘ ଏକ ଦଶନ୍ଧିଧରି ଆଥଲେଟିକ୍ସରେ ନିଜର ପତିଆରା ଜାରି କରିବା ପରେ ୨୦୧୭ରେ ଆଥଲେଟିକ୍ସରୁ ଅବସର ଘୋଷଣା କରିଥିଲେ।

## 'ଲାଞ୍ଚ ନ ଦେବାରୁ ଚୟନ ହୋଇ ନ ଥିଲି'

ନୂଆଦିଲ୍ଲୀ, ୧୯।୫

ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ଏବେ ଅନ୍ତର୍ଜାତୀୟ କ୍ରିକେଟରେ ଜଣେ ଚର୍ଚ୍ଚିତ ବ୍ୟକ୍ତିତ୍ୱ। ମାତ୍ର ଏକଦା ତାଙ୍କ ବାପା ଲାଞ୍ଚ ଦେବାକୁ ମନାକରି ଦେବାରୁ ତାଙ୍କୁ ଦିଲ୍ଲୀ ଜୁନିୟର ଦଳରେ ଚୟନ କରାଯାଇ ନ ଥିଲା । ମୋ ରାଜ୍ୟ ଦିଲ୍ଲୀରେ ଅନେକ ସମୟରେ ଏପରି କାର୍ଯ୍ୟ ହୁଏ, ଯାହା ନ୍ୟାୟସଙ୍ଗତ ହୋଇ ନ ଥାଏ । ଥରେ ଚୟନ ପ୍ରକ୍ରିୟା ସମୟରେ ଜଣେ ନିୟମ ବହିର୍ଭୂତ କାର୍ଯ୍ୟ କରିଥିଲେ ବୋଲି କୋହଲି କହିଛନ୍ତି। "ମୋ ନିକଟରେ ପ୍ରତିଭା ଅଛି। ମାତ୍ର ଜୁନିୟର ଦଳରେ ସ୍ଥାନ ନିଶ୍ଚିତ କରିବାକୁ ହେଲେ କିଛି ଅଧିକ(ଲାଞ୍ଚ) ଆବଶ୍ୟକ" ବୋଲି ମୋ ବାପାଙ୍କୁ ଉକ୍ତ ବ୍ୟକ୍ତି କହିଥିଲେ। ଭାରତୀୟ ଫୁଟବଲ ଅଧିନାୟକ ସୁନୀଲ ଛେତ୍ରୀଙ୍କ ସହ ୱେବ୍ ଚାଟ୍ ଅବସରରେ କୋହଲି ଏହା ପ୍ରକାଶ କରିଛନ୍ତି। ମୋ ବାପା ଜଣେ ସଚ୍ଚୋଟ ମଧ୍ୟବିତ୍ତ ଶ୍ରେଣୀର ବ୍ୟକ୍ତି। ନିଜ ଜୀବନରେ କଠିନ ପରିଶ୍ରମ କରି ସେ ଜଣେ ସଫଳ ଆଇନଜୀବୀ ହୋଇ ପାରିଥିଲେ। ମୋ ଚୟନ ପାଇଁ ଆଉଟିକେ ଅଧିକ (ଲିଟିଲ ଏକ୍ସଟ୍ରା) କ'ଣ ଆବଶ୍ୟକ ବୋଲି ସେ ଠିକ୍‌ଭାବେ ବୁଝିପାରି ନ ଥିଲେ। ତେଣୁ ସେ ସହଜ ଭାବରେ ଉତ୍ତର ଦେଇଥିଲେ ଯେ, "ତୁମେ ଯଦି ବିରାଟକୁ ଚୟନ କରିବାକୁ ଚାହୁଁଛ ତେବେ କେବଳ ମେରିଟ ଉପରେ ଧ୍ୟାନ ଦିଅ, ମୁଁ ଆଉକିଛି ଅଧିକ ଦେଇ ପାରିବି ନାହିଁ"। ଫଳରେ ମୁଁ ଚୟନ ହୋଇପାରି ନ ଥିଲି। ମୁଁ ବହୁତ କାନ୍ଦିଥିଲି ଏବଂ ଭାଙ୍ଗିପଡ଼ିଥିଲି ବୋଲି କୋହଲି କହିଛନ୍ତି। ଏଥିରୁ ଅନେକ କିଛି ବୁଝିପାରିଥିଲେ ବୋଲି କହିଛନ୍ତି କୋହଲି। "ଏହି ଘଟଣା ପରେ ମୁଁ ବହୁତ କିଛି ଚିନ୍ତା କରିଥିଲି। ସମ୍ପୂର୍ଣ୍ଣ ବିଶ୍ୱ ଏପରି ଚାଲିଛି ବୋଲି ମୋର ଅନୁଭବ ହୋଇଥିଲା। ଆଗକୁ ବଢ଼ିବାକୁ ହେଲେ ଏପରି କିଛି କରିବାକୁ ପଡ଼ିବ ଯାହାକି ଅନ୍ୟକେହି କରିପାରୁ ନ ଥିବେ। ସଫଳ ହେବାକୁ ହେଲେ ମୋତେ ଅଧିକ କିଛି ଦେଖାଇବାକୁ ହେବ ବୋଲି ଅନୁଭବ କରିଥିଲି। ଆଜି ମୁଁ ଯେଉଁଠି ବି ପହଞ୍ଚିଛି ତାହା କେବଳ କଠିନ ପରିଶ୍ରମ ଏବଂ ପ୍ରଚେଷ୍ଟା ଯୋଗୁ। ମୋ ବାପା ମୋତେ ଠିକ୍ ମାର୍ଗରେ ନେଇଥିଲେ। ତାଙ୍କ ବ୍ୟକ୍ତିତ୍ୱ ମୋ ଉପରେ ଗଭୀର ପ୍ରଭାବ ପକାଇଛି" ବୋଲି କୋହଲି ପ୍ରକାଶ କରିଛନ୍ତି। ୨୦୦୬ରେ ଦିଲ୍ଲୀ ପକ୍ଷରୁ କର୍ନାଟକ ବିପକ୍ଷରେ ରଣଜୀ ଟ୍ରଫି ଖେଳୁଥିବାବେଳେ କୋହଲି ୧୮ ବର୍ଷ ବୟସରେ ବାପାଙ୍କୁ ହରାଇଥିଲେ। ପରଦିନ ସକାଳେ ଗ୍ରାଉଣ୍ଡକୁ ଫେରି ମୂଲ୍ୟବାନ ଇନିଂସ ଖେଳି ଦିଲ୍ଲୀକୁ ବିପଦରୁ ରକ୍ଷା କରିଥିଲେ। "ମୁଁ ବାପାଙ୍କ ମୃତ୍ୟୁରେ ମର୍ମାହତ ହୋଇଥିଲେ ହେଁ କ୍ୟାରିୟର ପ୍ରତି ସଚେତନ ଥିଲି। ତେଣୁ ରଣଜୀ ଟ୍ରଫିରେ ଖେଳିବା ଜାରି ରଖିଥିଲି। ଅବସର ପରେ ଶାନ୍ତିପୂର୍ଣ୍ଣ ଜୀବନ ଯାପନ କରିବା ପାଇଁ ବାପା ହକ୍‌ଦାର ଥିଲେ। ଯଦି ତାହା ହୋଇପାରିଥାନ୍ତା ତେବେ ଖୁବ୍ ଭଲ ହୋଇଥାନ୍ତା। ଅନେକ ସମୟରେ ତାଙ୍କ କଥା ଭାବି ମୁଁ ଭାବପ୍ରବଣ ହୋଇପଡ଼େ" ବୋଲି କୋହଲି କହିଛନ୍ତି।



Birthday Wish

Bubu Bhai
Bhubaneswar
Cos today is your day. It is an opportunity for you to know that you are special and special things are for you. Today I wish you all the best. Happy birthday.
-:Best compliments:-
Bapuni, Family & relative
D-17314

Birthday Wish

Janvi (Juhi)
May the Lord continue to shower you with happiness, good future, prosperity and good health all the days of your life.
-:Best wishes from:-
Papa, Mama, Chachu, Chachi, Mausa, Mausi, Jeet, Chintu, Pinu, Rishi, Maa, Aae
D-17317

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ରାଧାମୋହନ ଦଳାଇ
ପାଳଦା, ସାଲେପୁର, କଟକ
ଆବିର୍ଭାବ: ୦୫।୦୨।୧୯୪୭
ତିରୋଧାନ: ୨୦।୦୫।୨୦୧୯
ଅପୂରଣୀୟ ଶୂନ୍ୟତା ଚାହୁଁ ଚାହୁଁ ବର୍ଷେ ବିତିଗଲା, ତୁମର ସେ ନିଷ୍ପାପର ଆଦର୍ଶ, କର୍ତ୍ତବ୍ୟ ପରାୟଣତା, ତ୍ୟାଗ, ସାଧନା, ଅହରହ ଆମ ମାନସ ପଟରେ ଆଜି ମଧ୍ୟ ଉଜ୍ଜୀବିତ ରହିଛି ଏବଂ ରହିଥିବ। ତୁମେ ଆମ ଜୀବନରେ ସଦାସର୍ବଦା ପ୍ରେରଣାର ଉତ୍ସ ହୋଇ ରହିଥାଅ। ଆଜିର ଦିନରେ ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସ୍ତ୍ରୀ, ବଡ଼ ପୁଅ, ବଡ଼ ବୋହୂ, ସାନ ପୁଅ, ତିନି ଝିଅ, ମାମା, ଓ ନାତି ନାତୁଣୀ।
ଧ-୬୯୨୬୮

## ଟାଇସନ ଫ୍ୟୁରିଙ୍କ ଅଭିଳାଷ



**ଲଣ୍ଡନ, ୧୯।୫ (ଏଏଫପି):** ୟୁକ୍ରେନ୍‌ର ପୂର୍ବତନ ପ୍ରଫେସନାଲ ବକ୍ସର ଲାଡିମିର କ୍ଲିଟ୍‌କୋଙ୍କ ଆଦର୍ଶ ଅନୁକରଣ କରିବେ ବୋଲି କହିଛନ୍ତି ଟାଇସନ ଫ୍ୟୁରି। ଜଣେ ବ୍ରିଟିଶ ବକ୍ସର ହିସାବରେ ପ୍ରାଧାନ୍ୟ ବିସ୍ତାର କରି ଅବସର ପର୍ଯ୍ୟନ୍ତ ଜଣେ ବିଶ୍ୱ ଚାମ୍ପିୟନ ହେବାକୁ ଚାହାନ୍ତି। ଏକ ସାକ୍ଷାତ୍‌କାର ବେଳେ ସେ ଏକଥା ପ୍ରକାଶ କରିଛନ୍ତି। ୨୦୧୫ରେ ଫ୍ୟୁରିଙ୍କଠାରୁ ପରାସ୍ତ ହେବା ପୂର୍ବରୁ କ୍ଲିଟ୍‌କୋ ୪ବର୍ଷଧରି ନିର୍ବିବାଦୀୟ ବିଶ୍ୱ ଚାମ୍ପିୟନ ଥିଲେ। ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ଫ୍ୟୁରି କିନ୍ତୁ ସେହି ଟାଇଟଲଗୁଡ଼ିକ ବଜାୟ ରଖିପାରିଲେନି। ମାତ୍ର ପରେ ସେ ଜୋରଦାର୍ ପ୍ରତ୍ୟାବର୍ତ୍ତନ କରିଥିଲେ। ଫେବୃୟାରୀରେ ଡିଅନ୍‌ଟେ ୱାଇଲ୍ଡରଙ୍କ ବିପକ୍ଷରେ ଚମତ୍କାର ବିଜୟ ପରେ ୩୧ ବର୍ଷୀୟ ଫ୍ୟୁରି ବକ୍ସିଂରେ ଶୀର୍ଷରେ ରହିବାକୁ ଚାହୁଁଛନ୍ତି। କରୋନାଭାଇରସ୍ ସଙ୍କଟ ଦୂରୀଭୂତ ହେବା ପରେ ୱାଇଲ୍ଡର ତାଙ୍କ ସହିତ ପୁଣି ଲଢେଇ କରିବାକୁ ଚାହୁଁଛନ୍ତି। ଏହା ପରେ ୨୦୨୧ରେ ଏକ ବାଉଟ୍‌ରେ ସେ ବ୍ରିଟିଶ ପ୍ରତିଦ୍ୱନ୍ଦ୍ୱୀ ଆଣ୍ଟୋନୀ ଜୋଶୁଆଙ୍କ ସହିତ ମୁକାବିଲା କରିବେ। ଜୋଶୁଆ ଡବ୍ଲ୍ୟୁବିଏ, ଆଇବିଏଫ୍, ଡବ୍ଲ୍ୟୁବିଓ ଏବଂ ଆଇବିଓ ୱାର୍ଲ୍ଡ ଟାଇଟଲ ହାସଲ କରିଛନ୍ତି। ଫ୍ୟୁରି କହିଛନ୍ତି ମୁଁ ଅର୍ଥ, ସୁନାମ କିମ୍ବା ବେଲ୍ଟ ପାଇଁ ବକ୍ସିଂରୁ ନାହିଁ। ବରଂ ମୁଁ ବକ୍ସିଂକୁ ଖୁବ୍ ଭଲ ପାଏ। ଏଥିରୁ ମୋତେ ମାନସିକ ଶାନ୍ତି ମିଳେ।

## ଟ୍ରେନିଂ କ୍ୟାମ୍ପ୍ ବେଳେ କଟକଣା

**ନୂଆଦିଲ୍ଲୀ, ୧୯।୫ (ପି.ଟି.):** ଆଥଲେଟ ମାନଙ୍କ ଟ୍ରେନିଂ ଲାଗି ସରକାର ବିନା ଦର୍ଶକରେ ଷ୍ଟାଡିୟମ ଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଖୋଲିବାକୁ ଅନୁମତି ଦେଇଛନ୍ତି। ହେଲେ କୋଭିଡ୍-୧୯ ମହାମାରୀ ଯୋଗୁ ଖେଳାଳିମାନଙ୍କ ଲାଗି ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ତରଫରୁ ନିଜସ୍ୱ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁୟର (ଏସ୍ଓପି) ଜାରି କରାଯାଇଛି। ତଦାନୁସାରେ ଲକ୍‌ଡାଉନ୍ ବେଳେ ଖେଳାଳି ମାନେ ସେଲୁନ୍‌କୁ ଯାଇ ପାରିବେ ନାହିଁ। କହାସହିତ କରମର୍ଦ୍ଦନ ଅବା ଆଲିଙ୍ଗନ କରିପାରିବେ ନାହିଁ। ପଡ଼ିଆରେ ଛେପ ପକାଇବେ ନାହିଁ। ସୋସିଆଲ ଗାଇଡ୍‌ଲାଇନ୍ ସହ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଅତିରିକ୍ତ ନିୟମକୁ ମାନି ଚଳିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏସଓପିରେ ରହିଥିବା ବ୍ୟବସ୍ଥା ଅନୁସାରେ ଜ୍ୱର, କାଶ ହେବା, ଛିଙ୍କିବା ଲକ୍ଷଣ ସମେତ ଅବସନ୍ନତା ଅନୁଭବ କରୁଥିବା ଆଥଲେଟମାନଙ୍କୁ ଟ୍ରେନିଂରୁ ବାରଣ କରାଯାଇଛି। ଏହି ଲକ୍ଷଣ ପରିଲକ୍ଷିତ ହେବାମାତ୍ରେ ସମ୍ପୃକ୍ତ ଆଥଲେଟ୍ ତୁରନ୍ତ ଏ ବିଷୟରେ ମୁଖ୍ୟ କୋଚ୍ କିମ୍ବା ହାଇପରଫର୍ମାନ୍ସ ଡାଇରେକ୍ଟରଙ୍କୁ ଅବଗତ କରାଇବେ। ବାହାର ଖାଦ୍ୟ ଖାଇବାକୁ ମଧ୍ୟ ମନା ରହିଛି। ଆଥଲେଟ୍‌ମାନଙ୍କୁ ସେମାନଙ୍କ ନିଜସ୍ୱ ପାଣି ବୋତଲ, ଏନର୍ଜି ଡ୍ରିଙ୍କ୍ ବ୍ୟତୀତ ହ୍ୟାଣ୍ଡ ସାନିଟାଇଜର ଏବଂ ଟାୱେଲ ବ୍ୟବହାର କରିବା ଲାଗି କୁହାଯାଇଛି। ଟ୍ରେନିଂ ଆରମ୍ଭ ହେବା ସମୟର ୫ ମିନିଟ ପୂର୍ବରୁଆଥଲେଟମାନଙ୍କୁ ସେମାନଙ୍କ ରୁମ୍ ଛାଡ଼ିବାକୁ ହେବ। ଟ୍ରେନିଂ ଶେଷ ହେବା ମାତ୍ରେ ଏଣେତେଣେ ବୁଲାବୁଲି ନ କରି ତୁରନ୍ତ ନିଜ ହଷ୍ଟେଲ ରୁମ୍‌କୁ ଫେରିବା ଲାଗି ସେମାନଙ୍କୁ କୁହାଯାଇଛି।

BGU
BIRLA GLOBAL UNIVERSITY
Bhubaneswar
ADMISSION OPEN
FOR 2020 - 21
Log on : www.bgu.ac.in
Call : 9776129900
STAY HOME
STAY SAFE



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ